# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜୁଲାଇ ୨/୨୦୨୧ (୧୨ ପୃଷ୍ଠା) | Sambalpur, Friday, July 2/2021 | ★★

୧୭ଶ ଭାଗ ୧୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ବିଶ୍ୱର ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର**

ଭାରତୀୟ ବଂଶୋଦ୍ଭବ ଆମେରିକାର ଅଭିମନ୍ୟୁ ମିଶ୍ର ବିଶ୍ୱର ସର୍ବକନିଷ୍ଠ ଚେସ୍ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ଲାଭ କରିଛନ୍ତି।

୧୨

୧୦

**ବଲିଉଡ୍‌କୁ ଫେରିଲେ ଶିଳ୍ପା**

ଫିଲ୍ମ 'ହଙ୍ଗାମା-୨' ମାଧ୍ୟମରେ ଦୀର୍ଘ ୧୩ ବର୍ଷ ପରେ ବଲିଉଡ୍‌କୁ ଫେରିଛନ୍ତି ଅଭିନେତ୍ରୀ ଶିଳ୍ପା ସେଟ୍ଟୀ କୁନ୍ଦ୍ରା।



# ଦର ବଢ଼ିଲା



- ସିଲିଣ୍ଡର ପିଛା ୨୫.୫୦ ଟଙ୍କା ମହଙ୍ଗା
- ୬ ମାସରେ ୧୪୦ ଟଙ୍କା ବୃଦ୍ଧି
- ୭ ବର୍ଷରେ ଦର ଦୁଇ ଗୁଣ
- ପେଟ୍ରୋଲ, ଡିଜେଲ ପରେ ରନ୍ଧନ ଗ୍ୟାସ୍ ଚିନ୍ତା

ଭୁବନେଶ୍ୱର,୧।୭

କରୋନା ସଙ୍କଟ ସମୟରେ ପେଟ୍ରୋଲ ଏବଂ ଡିଜେଲ ଦର ଲଗାତର ବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇଛି। ରାଜ୍ୟରେ ୨୪ରୁ ଊର୍ଦ୍ଧ୍ୱ ଜିଲାରେ ପେଟ୍ରୋଲ ଲିଟର ପିଛା ଦର ୧୦୦ ଟଙ୍କା ଟପିଛି। ଲୋକମାନେ ଇନ୍ଧନ ଦର ବୃଦ୍ଧି ଜନିତ ସମସ୍ୟାକୁ ସାମ୍ନା କରୁଥିବା ବେଳେ ବର୍ତ୍ତମାନ ଏଲ୍‌ପିଜି ବା ରନ୍ଧନ ଗ୍ୟାସ୍ ଦରରେ ମଧ୍ୟ ଲଗାତର ବୃଦ୍ଧି ଘଟିବା ଲୋକଙ୍କ ପାଇଁ 'ବୋଝ ଉପରେ ନଳିତା ବିଡ଼ା' ଭଳି ସ୍ଥିତି ସୃଷ୍ଟି କରିଛି। ଗୁରୁବାର ଭୁବନେଶ୍ୱରରେ ୧୪.୨ କିଲୋ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୨୫.୫୦ ଟଙ୍କା ବୃଦ୍ଧି ଘଟି ୮୬୧ ଟଙ୍କାରେ ପହଞ୍ଚିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏହି ବର୍ଗର ଏଲ୍‌ପିଜି ୮୬୦ରୁ ୯୦୦ ଟଙ୍କା ହୋଇଛି। ସେହିଭଳି ୧୯ କିଲୋ ଗ୍ୟାସ୍ ସିଲିଣ୍ଡର ଦର ପ୍ରାୟ ୮୪ ଟଙ୍କା ବଢ଼ି ୧୬୫୫ ଟଙ୍କା ହୋଇଛି। କଟକରେ ଏହି ୨ ବର୍ଗରେ ଏଲ୍‌ପିଜି ସିଲିଣ୍ଡର ପିଛା ଦର ଯଥାକ୍ରମେ ୮୬୧.୫୦ ଟଙ୍କା ଏବଂ ୧୬୫୬ ଟଙ୍କା ଛୁଇଁଛି।

ଏଲ୍‌ପିଜି ବିତରକଙ୍କଠାରୁ ମିଳିଥିବା ସୂଚନା ମୁତାବକ, ଗତ ୬ ମାସରେ ଏଲ୍‌ପିଜି ୧୪୦ ଟଙ୍କାରୁ ଊର୍ଦ୍ଧ୍ୱ ବଢ଼ିଲାଣି। ଜୁନ୍‌ରେ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ତୈଳ ବିପଣନ କମ୍ପାନୀଗୁଡିକ ପ୍ରତି ମାସର ଆରମ୍ଭରେ ଏଲ୍‌ପିଜି ଦର ନେଇ ସମୀକ୍ଷା କରିଥାନ୍ତି। ଏହା ପରେ ଦର ହ୍ରାସ କିମ୍ବା ବୃଦ୍ଧି ହୋଇଥାଏ। ଲୋକମାନେ ବଜାର ଦର ଅନୁସାରେ ଏଲ୍‌ପିଜି ସିଲିଣ୍ଡର କ୍ରୟ କରୁଛନ୍ତି। ଏଲ୍‌ପିଜିର ଘରୋଇ ବ୍ୟବହାର କ୍ଷେତ୍ରରେ ସରକାର କିଞ୍ଚିତ ସବ୍‌ସିଡି ପ୍ରଦାନ କରୁଛନ୍ତି। ମାତ୍ର ମେଟ୍ରୋ ଏବଂ ଅନ୍ୟ ପ୍ରମୁଖ ସହରରେ ସରକାର ସବ୍‌ସିଡିକୁ ଧୀରେ ଧୀରେ ବାଦ୍ ଦେଉଥିବା ଦେଖାଯାଉଛି। ବିଶେଷ କରି ନୂଆଦିଲ୍ଲୀରେ ବିନା ସବ୍‌ସିଡି ସହାୟତାରେ ଲୋକମାନେ ଏଲ୍‌ପିଜି କ୍ରୟ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଜୁନ୍‌ରେ ସରକାର ବାଣିଜ୍ୟିକ ବ୍ୟବହାରରେ ଆସୁଥିବା ୧୯ କିଲୋ ସିଲିଣ୍ଡରର ଦର ୧୨୨ ଟଙ୍କା ହ୍ରାସ କରିଥିଲେ। ଅନ୍ୟପକ୍ଷରେ ଦେଖିଲେ ଗତ ୭ ବର୍ଷରେ ଗ୍ୟାସ୍ ସିଲିଣ୍ଡର ଦର ପ୍ରାୟ ୨ ଗୁଣ ବଢ଼ିଛି। ୨୦୧୪ ମାର୍ଚ୍ଚ ୧ରେ ନୂଆଦିଲ୍ଲୀରେ ୧୪.୨ କିଲୋ ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଦର ୪୧୦.୫ ଟଙ୍କା ରହିଥିଲା। ବର୍ତ୍ତମାନ ଏହା ୮୩୪.୫୦ ଟଙ୍କା ରହିଛି। ସାଧାରଣ ଲୋକଙ୍କ ପାଇଁ ପେଟ୍ରୋଲ ଏବଂ ଡିଜେଲ ଭଳି ଏଲ୍‌ପିଜି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହାର ଦର ବଢ଼ିବା ଦ୍ୱାରା ଲୋକଙ୍କ ପକେଟକୁ ଅତ୍ୟନ୍ତ ବାଧୁଛି। ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବର୍ତ୍ତମାନ ଉଚ୍ଚରେ ରହିଥିବା ବେଳେ ଏଲ୍‌ପିଜି ଦର ବଢ଼ିବା ଫଳରେ ଲୋକଙ୍କୁ ଚିନ୍ତା ଘାରିଛି। ☞ପୃଷ୍ଠା-୪

# ୩୦ରୁ ମାଟ୍ରିକ ଅଫ୍‌ଲାଇନ ପରୀକ୍ଷା

ଭୁବନେଶ୍ୱର, ୧।୭(ବ୍ୟୁରୋ)

**ଘୋଷଣା ହେଲା ପରୀକ୍ଷା ସୂଚୀ**
- ୫ରୁ ଆବେଦନ, ପରୀକ୍ଷା ଫି' ଛାଡ଼
- ଅବ୍‌ଜେକ୍ଟିଭ୍ ୫୦, ସବ୍‌ଜେକ୍ଟିଭ୍ ପାଇଁ ୩୦ ମାର୍କ
- ପ୍ରାକ୍ଟିକାଲ, ସପ୍ଲିମେଣ୍ଟାରି ପରୀକ୍ଷା ହେବନାହିଁ

ଆସନ୍ତା ୩୦ ତାରିଖରୁ ମାଟ୍ରିକ ଅଫ୍‌ଲାଇନ ପରୀକ୍ଷା ଆରମ୍ଭ ହେବ। ଚଳିତବର୍ଷ ବିନା ପରୀକ୍ଷାରେ ପ୍ରକାଶ ପାଇଥିବା ମାଟ୍ରିକ ରେଜଲ୍ଟରେ ଯେଉଁମାନେ ଅସନ୍ତୁଷ୍ଟ ଅଛନ୍ତି, ସେମାନେ ଅଫ୍‌ଲାଇନ୍ ପରୀକ୍ଷା ଦେଇପାରିବେ। ଅଗଷ୍ଟ ୫ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଏନେଇ ଗୁରୁବାର ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ପରୀକ୍ଷା କାର୍ଯ୍ୟସୂଚୀ ମଧ୍ୟ ଘୋଷଣା କରାଯାଇଛି।

ପ୍ରଥମ ଦିନ ପ୍ରଥମ ଭାଷା ଓଡ଼ିଆ ଥିବାବେଳେ ଶେଷଦିନ ତୃତୀୟ ଭାଷା ବିଷୟରେ ପରୀକ୍ଷା ଦେବେ ଛାତ୍ରୀଛାତ୍ର। ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷା ଗୋଟିଏ ସିଟିଂରେ ହେବ। ପ୍ରଥମ ଭାଷା, ଦ୍ୱିତୀୟ ଭାଷା, ତୃତୀୟ ଭାଷା ଓ ଗଣିତ ବିଷୟରେ ଉଭୟ ବର୍ଗର ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ସମାନ ରହିବ। କିନ୍ତୁ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟରେ ପ୍ରଶ୍ନପତ୍ର ଭିନ୍ନ ରହିବ। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ଶେଷ ହେବ। କେବଳ ଗଣିତ ପରୀକ୍ଷା ପାଇଁ ଅଧିକ ୧୫ ମିନିଟ୍ ସମୟ ଦିଆଯିବ ଓ ମଧ୍ୟାହ୍ନ ୧୨ଟା ପରିବର୍ତ୍ତେ ୧୨ଟା ୧୫ରେ ସରିବ। ପରୀକ୍ଷାର୍ଥୀମାନେ ସାଢ଼େ ୯ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ। ୯ଟା ୪୫ରେ ପ୍ରଶ୍ନପତ୍ର ଦିଆଯିବ। ଅବ୍‌ଜେକ୍ଟିଭ୍ ୫୦ ଓ ସବ୍‌ଜେକ୍ଟିଭ୍ ୩୦ ମାର୍କର ରହିବ। କୌଣସି ପ୍ରାକ୍ଟିକାଲ ପରୀକ୍ଷା କରାଯିବ ନାହିଁ। ପରୀକ୍ଷା ସମୟରେ ରାଜ୍ୟ ସରକାରଙ୍କ କୋଭିଡ୍-୧୯ ସମ୍ପର୍କିତ ସମସ୍ତ ଗାଇଡ୍‌ଲାଇନ ପାଳନ କରାଯିବ। ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିବେ। ଫର୍ମ ପୂରଣ ପ୍ରକ୍ରିୟା ୫ରୁ ଆରମ୍ଭ ହୋଇ ୧୪ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଚାଲୁ ରହିବ। ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଫି' ଛାଡ଼ କରାଯାଇଛି। ☞ପୃଷ୍ଠା-୪

# ବସ୍ ଭଡ଼ା ବୃଦ୍ଧି

- ଅର୍ଡିନାରି, ଏକ୍ସପ୍ରେସ୍ କିଲୋମିଟର ପିଛା ୪, ଡିଲକ୍ସ ଓ ଏସି ଡିଲକ୍ସ ୮ପଇସା ବୃଦ୍ଧି

ଭୁବନେଶ୍ୱର, ୧।୭ (ବ୍ୟୁରୋ): କରୋନା ମହାମାରୀ ସମୟରେ ଲୋକମାନଙ୍କର ଆର୍ଥିକ ଅବସ୍ଥା ଭଲ ନାହିଁ। ରାଜ୍ୟରେ ଏ ପର୍ଯ୍ୟନ୍ତ ବସ୍ ଚଳାଚଳ ମଧ୍ୟ ସ୍ୱାଭାବିକ ହୋଇନାହିଁ। ଡିଜେଲ ଦରବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବସ୍ ଭଡ଼ା ବୃଦ୍ଧି କରିଛନ୍ତି। ଗୁରୁବାର ଏ ନେଇ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅର୍ଡିନାରି ଓ ଏକ୍ସପ୍ରେସ୍ ବସ୍ କିଲୋମିଟର ପିଛା ୪ପଇସା ବୃଦ୍ଧି କରାଯାଇଥିବାବେଳେ ଡିଲକ୍ସ ଓ ଏସି ଡିଲକ୍ସ ୮ ପଇସା ଏବଂ ସୁପର ପ୍ରିମିୟମ୍ ବସ୍ କିଲୋମିଟର ପିଛା ୧୨ପଇସା ବୃଦ୍ଧି କରାଯାଇଛି। ଯାତ୍ରୀମାନଙ୍କୁ ଏଣିକି ଅଡିନାରି ବସ୍ କିଲୋମିଟର ପିଛା ୮୫ପଇସା ପରିବର୍ତ୍ତେ ୯୨ ଏବଂ ଏକ୍ସପ୍ରେସ୍ ବସ୍ କିଲୋମିଟର ପିଛା ୮୯ ପଇସା ପରିବର୍ତ୍ତେ ୯୩ ପଇସା ଅଧିକ ଦେବାକୁ ପଡିବ। ସେହିପରି ଡିଲକ୍ସ ବସ୍ କିଲୋମିଟର ପିଛା ୧ଟଙ୍କା ୨୧ପଇସା ପରିବର୍ତ୍ତେ ୧ଟଙ୍କା ୨୯ ପଇସା, ଏସି ଡିଲକ୍ସ ବସ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମହାମାରୀ ଓ ମହିଳା ନେତୃତ୍ୱ**

# ଜିସିଇ ହେବ ସେଣ୍ଟର ଅଫ୍ ଏକ୍ସିଲେନ୍ସ

ଭୁବନେଶ୍ୱର,୧।୭

- ଇକୋସିଷ୍ଟମ ସୃଷ୍ଟି ଲାଗି ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ
- ମାଇନିଂ, ମେଟାଲର୍ଜି, ମିନେରାଲ୍ସ କ୍ଷେତ୍ରରେ ଗବେଷଣା ଲକ୍ଷ୍ୟ

କେନ୍ଦୁଝରସ୍ଥିତ ଗଭର୍ନମେଣ୍ଟ କଲେଜ ଅଫ୍ ଇଞ୍ଜିନିୟରିଂ(ଜିସିଇ)କୁ ରାଜ୍ୟ ସରକାର ସେଣ୍ଟର ଅଫ୍ ଏକ୍ସିଲେନ୍ସ ବା ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ି ତୋଳିବେ। ମାଇନିଂ, ମେଟାଲର୍ଜି ଆଣ୍ଡ୍ ମିନେରାଲ୍ସ କ୍ଷେତ୍ରରେ ଏଠାରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ) ସ୍ଥାପନ କରାଯିବାକୁ ଯୋଜନା ରଖାଯାଇଛି। ଭୂତତ୍ତ୍ୱ ବିଜ୍ଞାନ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଗବେଷଣା ଲାଗି ଏହା ଯୋଗଦାନ ରଖିବ। ରାଜ୍ୟରେ ମାଇନିଂ ଏବଂ ମେଟାଲର୍ଜି ଭଳି କ୍ଷେତ୍ରରେ ଗବେଷଣା ଏବଂ ଦକ୍ଷତା ବିକାଶ ଦିଗରେ ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କୁହାଯାଉଛି। ଲୋକସେବା ଭବନରେ ଏ ନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ଦକ୍ଷତା ବିକାଶ ଏବଂ ଟେକ୍ନିକାଲ ଏଜୁକେଶନ ପ୍ରମୁଖ ଶାସନ ସଚିବ ☞ପୃଷ୍ଠା-୪

# ଗର୍ଭବତୀଙ୍କୁ ଖୁବ୍‌ଶୀଘ୍ର ଟିକା

ଭୁବନେଶ୍ୱର, ୧।୭(ବ୍ୟୁରୋ)

**ଆସିଲା ୧ଲକ୍ଷ ଡୋଜ୍ କୋଭିଶିଲ୍ଡ**

ରାଜ୍ୟରେ ଏଣିକି ଗର୍ଭବତୀଙ୍କୁ ଦିଆଯିବ ଟିକା। ଏ ନେଇ ଗୁରୁବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗର୍ଭବତୀଙ୍କୁ ଟିକାକରଣ ପାଇଁ ନିର୍ଦ୍ଦେଶ ଆସିଛି। ତେଣୁ ରାଜ୍ୟରେ ଖୁବ୍‌ଶୀଘ୍ର ତାହା ଆରମ୍ଭ କରାଯିବ। ସେପଟେ ଗୁରୁବାର ଆଉ ୧ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଭୁବନେଶ୍ୱରରେ ଆସି ପହଞ୍ଚିଛି। ଶୁକ୍ରବାର ଆଉ ୧୦ଲକ୍ଷ ଡୋଜ୍ ଟିକା ଆସିବାର ସମ୍ଭାବନା ରହିଛି। ସେହିପରି ସିରମ ଇନଷ୍ଟିଚ୍ୟୁଟ୍‌ରୁ ୮ ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଆସିପାରେ ବୋଲି ମହାପାତ୍ର କହିଛନ୍ତି।

ରାଜ୍ୟରେ ଟିକା ନ ଥିବାରୁ ଗୁରୁବାର ୧୬ ଜିଲାରେ ଟିକାକରଣ ବନ୍ଦ ରହିଥିଲା। ସରକାରଙ୍କ ପାଖରେ ମାତ୍ର ୧୯,୫୨୦ଡୋଜ୍ କୋଭିଶିଲ୍ଡ ଟିକା ଥିବାରୁ କେବଳ ୧୨୩ କେନ୍ଦ୍ରରେ ଟିକାକରଣ ହୋଇଥିଲା। ତେବେ ଗୁରୁବାର ୧ ଲକ୍ଷ ଟିକା ପହଞ୍ଚିଥିବାରୁ ବର୍ତ୍ତମାନ ରାଜ୍ୟରେ ୧,୧୪,୬୬୦ ଡୋଜ୍ କୋଭିଶିଲ୍ଡ ଏବଂ ୪,୪୨,୧୩୦ ଡୋଜ୍ କୋଭାକ୍ସିନ ଟିକା ଗଚ୍ଛିତ ରହିଛି। ଶୁକ୍ରବାର ରାଜ୍ୟର ୧୦୨ କେନ୍ଦ୍ରରେ ଟିକାକରଣ ହେବ, ଯେଉଁଥିରେ କେବଳ ଭୁବନେଶ୍ୱରରେ ୬୯ କେନ୍ଦ୍ର ରହିଛି। ତେବେ ୧୭ ଜିଲା ☞ପୃଷ୍ଠା-୪



ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ରାମେୟାପାଟଣାରେ ସମୁଦ୍ର ଢେଉରେ ଭାଙ୍ଗିଥିବା ଘର।




## ସଂକ୍ଷେପରେ

### ରୌଫ୍‌ଙ୍କ ଦଣ୍ଡ ହାଇକୋର୍ଟରେ କାଏମ
**ଗୁଲ୍‌ଶନ କୁମାର ହତ୍ୟା ମାମଲା**

**ମୁମ୍ବାଇ, ୧।୭:** ଟି-ସିରିଜ୍ ପ୍ରତିଷ୍ଠାତା ଗୁଲ୍‌ଶନ କୁମାର ହତ୍ୟା ମାମଲାରେ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମଙ୍କ ସହଯୋଗୀ ଅବଦୁଲ ରୌଫ୍ ମର୍ଚାଣ୍ଟଙ୍କ ଦଣ୍ଡକୁ ଗୁରୁବାର ବମ୍ବେ ହାଇକୋର୍ଟ କାଏମ ରଖିଛନ୍ତି। ୧୯୯୭ରେ ଗୁଲ୍‌ଶନଙ୍କୁ ହତ୍ୟା କରାଯାଇଥିଲା। ୨୦୦୨ରେ ତଳକୋର୍ଟ ଅବଦୁଲଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍‌ଦଣ୍ଡାଦେଶ ଦେଇଥିଲେ। ଉକ୍ତ ମାମଲାରେ ଅନ୍ୟତମ ଅଭିଯୁକ୍ତ ଟିପ୍ସ ଇଣ୍ଡଷ୍ଟ୍ରିଜ୍‌ର ରମେଶ ତୌରାନିଙ୍କୁ ଦୋଷମୁକ୍ତ କରାଯାଇଥିବାରୁ ଏହା ବିରୋଧରେ ରାଜ୍ୟ ସରକାର ଆବେଦନ କରିଥିଲେ। ଖଣ୍ଡପୀଠ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ତେବେ ଅନ୍ୟ ଅଭିଯୁକ୍ତ ଅବଦୁଲ ରଶିଦ୍, ଦାଉଦ ମର୍ଚାଣ୍ଟଙ୍କୁ ଦୋଷମୁକ୍ତ କରାଯାଇଥିବାରୁ ଏହା ବିରୋଧରେ ଆବେଦନକୁ ଅଦାଲତ ଅନୁମତି ଦେଇଥିଲେ। ଟି-ସିରିଜ ମାଲିକ ଗୁଲ୍‌ଶନ ୧୯୯୭ ଅଗଷ୍ଟ ୧୨ରେ ମୁମ୍ବାଇର ଏକ ମନ୍ଦିରରୁ ବାହାରୁଥିବାବେଳେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ତାଙ୍କୁ ହତ୍ୟା କରିବା ପାଇଁ ପ୍ରତିଦ୍ୱନ୍ଦ୍ୱୀ ସଂସ୍ଥା ଦୁବାଇ ଗ୍ୟାଙ୍ଗଷ୍ଟର ଅବୁ ସାଲେମ୍‌ଙ୍କୁ ସୁପାରି ଦେଇଥିଲା। ତେବେ ତଳକୋର୍ଟ କେବଳ ରୌଫ୍‌ଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ଅନ୍ୟମାନଙ୍କୁ ଦୋଷମୁକ୍ତ କରିଦେଇଥିଲେ।

### ଚାଇନାକୁ ଧମକାଅ ନାହିଁ



ଶି ଜିନ୍‌ପିଙ୍ଗ

**ବେଜିଂ, ୧।୭:** ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି) ଗୁରୁବାର ଏହାର ପ୍ରତିଷ୍ଠାର ଶତବାର୍ଷିକୀ ପାଳନ କରିଛି। ଏହି ଅବସରରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଟିଆନାନ୍‌ମେନ ସ୍କୋୟାରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଦେଶର ବିକାଶକୁ ସୁନିଶ୍ଚିତ କରିବା ଏବଂ ପ୍ରତିବନ୍ଧକ ସାଜୁଥିବା ଯେକୌଣସି ଶତ୍ରୁଙ୍କୁ ଚେତାବନୀ ଦେବାରେ ସିପିସି ଏକମାତ୍ର ଶକ୍ତି ବୋଲି କହିଥିଲେ। କମ୍ୟୁନିଷ୍ଟ ପାର୍ଟି ଏକ ରକ୍ଷକ ଭାବେ ବିଦେଶୀ ଓ ଘରୋଇ ଅତ୍ୟାଚାର ବିରୋଧରେ ଲଢ଼େଇ କରିଆସିଛି। ଚାଇନା ଧନୀ ଓ ଅଗ୍ରଣୀ ବିଶ୍ୱ ଶକ୍ତି ଭାବେ ରହିବାକୁ ହେଲେ ସିପିସି ଶାସନ ବଳବତ୍ତର ରହିବା ଜରୁରୀ। ଚାଇନାବାସୀ କଦାପି କୌଣସି ଦେଶର ଲୋକଙ୍କୁ ଭୟଭୀତ କିମ୍ବା ଅତ୍ୟାଚାରିତ କରିନାହାନ୍ତି କିମ୍ବା ଭବିଷ୍ୟତରେ କରିବେ ନାହିଁ ବୋଲି ରାଷ୍ଟ୍ରପତି କହିଥିଲେ। ତେବେ ଚାଇନାକୁ କେହି ଧମକାଇବାର ପରିଣତି ସମ୍ପର୍କରେ ସେ ଚେତାଇଦେଇଥିଲେ। ସିପିସି ପ୍ରତିଷ୍ଠାର ୧୦୦ ବର୍ଷ ପୂରଣ ଅବସରରେ ଅନୁଷ୍ଠିତ ଉତ୍ସବରେ ଜିନ୍‌ପିଙ୍ଗଙ୍କ ନେତୃତ୍ୱରେ ଦଳର କାର୍ଯ୍ୟକର୍ତ୍ତାମାନେ ଶପଥ ନେଇଥିଲେ।

### ଜାଇଡସ୍ କାଡିଲାକୁ ମଞ୍ଜୁରୀ ଲାଗି ଆବେଦନ

**ନୂଆଦିଲ୍ଲୀ, ୧।୭:** ଜାଇଡସ୍ କାଡିଲା ଏହାର କୋଭିଡ୍ ଟିକା ଜାଇକୋଭ୍-ଡିର ଜରୁରୀ ବ୍ୟବହାର ଅନୁମୋଦନ ଲାଗି ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ନିକଟରେ ଆବେଦନ କରିଥିବା ଗୁରୁବାର କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ମଞ୍ଜୁରୀ ମିଳିବା ପରେ ଦେଶରେ ୧୨ରୁ ୧୮ ବର୍ଷ ବୟସ ବର୍ଗଙ୍କୁ କୋଭିଡ୍ ଟିକାଦାନ ଆରମ୍ଭ ହେବ। ଭାରତରେ ଜାଇଡସ୍ କାଡିଲା ପ୍ରସ୍ତୁତ ଟିକାର ସବୁଠୁ ବଡ଼ କ୍ଲିନିକାଲ ପରୀକ୍ଷା ୫୦ରୁ ଉର୍ଦ୍ଧ୍ୱ ସେଣ୍ଟରରେ କରାଯାଇଛି। ଭାରତରେ ୧୨ରୁ ୧୮ ବର୍ଷ ବୟସ ବର୍ଗଙ୍କ ଠାରେ କୌଣସି କୋଭିଡ୍ ଟିକା ପରୀକ୍ଷା କରାଯିବାରେ ଜାଇକୋଭ୍-ଡି ପ୍ରଥମ। ଏହି ବୟସର ପ୍ରାୟ ହଜାରେ ଜଣଙ୍କୁ ପରୀକ୍ଷାରେ ଭାଗନେବାକୁ ପଞ୍ଜୀକୃତ କରାଯାଇଥିଲା। ପରୀକ୍ଷାରୁ ଟିକା ସୁରକ୍ଷିତ ସାବ୍ୟସ୍ତ ହୋଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ ଜାଇକୋଭ୍-ଡି ସୁରକ୍ଷିତ ଏବଂ ଇମ୍ୟୁନିଟି ବଢ଼ାଉଥିବା ଦେଖାଯାଇଥିଲା।

### ବ୍ରିଟେନ୍‌ରେ ସେପ୍ଟେମ୍ବରରୁ ତୃତୀୟ ଡୋଜ୍ ଟିକା

**ଲଣ୍ଡନ, ୧।୭:** କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇସାରିଥିବା ବ୍ରିଟେନ ଜନସାଧାରଣଙ୍କୁ ସେପ୍ଟେମ୍ବରରୁ ଆଉ ଏକ ବୁଷ୍ଟର ଡୋଜ୍ ଦେବା ଲାଗି ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଫଳରେ ଶୀତଦିନ ଆସିବା ପୂର୍ବରୁ କରୋନା ଭୂତାଣୁର ନୂଆ ଭାରିଆଣ୍ଟ ଦାଉରୁ ଲୋକଙ୍କୁ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ ବୋଲି ବ୍ରିଟିଶ ଗଣମାଧ୍ୟମରେ ପ୍ରକାଶ ପାଇଛି।



ଅନ୍‌ଲାଇନ୍ କ୍ରେତାମାନଙ୍କ ସୁଦିନ ଶେଷ ହୋଇଆସୁଛି। କାରଣ କେନ୍ଦ୍ର ସରକାର ସୋସିଆଲ ମିଡିଆ ଏବଂ ଓଭର ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମକୁ ଟାର୍ଗେଟ କରିବା ପରେ ଏବେ ଇ-କମର୍ସ କମ୍ପାନୀଗୁଡ଼ିକ ଉପରେ ଅଙ୍କୁଶ ଲଗାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜୁନ୍ ୨୧ରେ ପ୍ରକାଶିତ ଖାଉଟି ସୁରକ୍ଷା (ଇ-କମର୍ସ) ନିୟମ, ୨୦୨୦ର ଚିଠା କେବଳ ଭାରତରେ ନୁହେଁ, ବିଦେଶରେ ମଧ ଝଡ଼ ସୃଷ୍ଟି କରିଛି। ପ୍ରସ୍ତାବିତ ନିୟମରେ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ କ୍ଷେତ୍ରରେ ଫ୍ଲାଶ୍ ସେଲ୍ସକୁ ବାରଣ କରାଯାଇଛି। ସେହିପରି ଏହି କମ୍ପାନୀଗୁଡ଼ିକ ସେମାନଙ୍କ ସହ ଅନୁବନ୍ଧିତ ସଂସ୍ଥାଗୁଡ଼ିକୁ ସେଲର୍ସ ଭାବେ ତାଲିକାଭୁକ୍ତ କରିପାରିବେ ନାହିଁ। ଭାରତର ଇ-ରିଟେଲ ଶିଳ୍ପ ୨୦୨୬ ସୁଦ୍ଧା ୨୦୦ ବିଲିୟନ୍ ଡଲାର ବ୍ୟବସାୟ ଲକ୍ଷ୍ୟ ରଖିଥିବାବେଳେ କେନ୍ଦ୍ରର ନୂଆ ନିୟମ ଏହାକୁ ପୂରଣ କରିବାକୁ ଦେବ ନାହିଁ। ଫ୍ଲିପ୍‌କାର୍ଟ ଓ ଆମାଜନ ଭଳି ବଡ଼ କମ୍ପାନୀଗୁଡ଼ିକ ପାଇଁ ଏହାକୁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି। ଏହି ପ୍ରସ୍ତାବ ସମ୍ପର୍କରେ କମ୍ପାନୀଗୁଡ଼ିକୁ ଜୁଲାଇ ୬ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ରହିଛି। ଭାରତ ସରକାର ଏହି ନିୟମ ଏଭଳି ସମୟରେ ଆଣୁଛନ୍ତି, ଯେତେବେଳେ କି ନୀତି ସମ୍ପର୍କିତ ଅନେକ ପ୍ରସଙ୍ଗରେ ଆମେରିକାର ଟେକ୍ ଜାଏଣ୍ଟଗୁଡ଼ିକ ସହ ନୂଆଦିଲ୍ଲୀ ମୁହାଁମୁହିଁ ଅବସ୍ଥାରେ ରହିଛି। ସ୍ଥାନୀୟ ସାମଗ୍ରୀକୁ ପ୍ରୋତ୍ସାହନ ଦେବା ଯୋଜନା 'ମେକ୍-ଇନ୍-ଇଣ୍ଡିଆ' ଉତ୍ପାଦଗୁଡ଼ିକର ନିର୍ମାତାଙ୍କୁ ସୁହାଇପାରେ, କିନ୍ତୁ ଅନ୍‌ଲାଇନ୍ ପ୍ଲାଟଫର୍ମରେ ବ୍ୟବସାୟ କରୁଥିବା ବିଦେଶୀ କମ୍ପାନୀଗୁଡ଼ିକ ପାଇଁ ଏହା ଆର୍ଥିକ ବିପର୍ଯ୍ୟୟ ଆଣିଦେବ। ସେହିପରି ଗ୍ରାହକଙ୍କ ପାଇଁ ମଧ ପସନ୍ଦର ସାମଗ୍ରୀ ଖୋଜିବା ବିକଳ୍ପ ସୀମିତ ହୋଇଯିବ ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

# ଇ-କମର୍ସକୁ ଅବାଞ୍ଛିତ ଅଙ୍କୁଶ

**ଅନ୍‌ଲାଇନ୍ କିଣାବିକା**

- ନୂଆ ଆଇନ ଆଣୁଛି କେନ୍ଦ୍ର
- ବଢ଼ିବ ବଡ଼ କମ୍ପାନୀ ଅଡୁଆ
- ବିପର୍ଯ୍ୟସ୍ତ ହେବ ଯୋଗାଣ ଶୃଙ୍ଖଳ
- ଗ୍ରାହକ ହରାଇବେ ଚୟନ ବିକଳ୍ପ

ମୁମ୍ବାଇ/ନୂଆଦିଲ୍ଲୀ, ୧।୭

ଭାରତରେ ବ୍ୟବସାୟିକ ଧାରାକୁ ବଦଳାଇଦେଇଛି ଇ-କମର୍ସ। ଅନ୍‌ଲାଇନ୍‌ରେ ନିଜ ପସନ୍ଦର ସାମଗ୍ରୀ ଅର୍ଡର କରି ଘରକୁ ମଗାଇବାର ମଜା ଅଲଗା। ଏହା ସୁବିଧାଜନକ ଓ ଶସ୍ତା ମଧ। କରୋନା ମହାମାରୀ ସମୟରେ ଏହି ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକ କୋଟି କୋଟି ଲୋକଙ୍କ ଚାହିଦା ପୂରଣ କରିବା ସହ ବାହାରକୁ ବାହାରିବାରୁ ବଞ୍ଚାଇଛନ୍ତି। ଏହାସତ୍ତ୍ୱେ ସବୁଠୁ ଦ୍ରୁତଗତିରେ ବଢ଼ୁଥିବା ବଜାର ଭାରତରେ ଇ-କମର୍ସ କମ୍ପାନୀଗୁଡ଼ିକୁ ବିବାଦର ସାମ୍ନା କରିବାକୁ ପଡ଼ୁଛି।

ନୂଆ ନିୟମ ଅନୁସାରେ ଡେଲିଭରିରେ ବିକ୍ରେତାଙ୍କ ଅବହେଳା ବା ବିଫଳତା ପାଇଁ ଆମାଜନ, ଫ୍ଲିପ୍‌କାର୍ଟ, ବିଗ୍‌ବାସ୍କେଟ, ଜମାଟୋ, ସ୍ୱିଗି ଓ ପେଟିଏମ୍ ମଲ୍ ଭଳି ଇ-କମର୍ସ କମ୍ପାନୀଗୁଡ଼ିକୁ ଦାୟୀ କରାଯିବ। ସରକାରଙ୍କ ଏହି ପ୍ରସ୍ତାବ ସେବା ଓ ସାମଗ୍ରୀ ଯୋଗାଣକାରୀ କମ୍ପାନୀ ଏବଂ କେତ୍ରାଙ୍କ ମଧ୍ୟରେ ମଧ୍ୟସ୍ଥ ଭୂମିକାକୁ ହତ୍ୟା କରିବ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ସମୟରେ ଆମାଜନ ଓ ଫ୍ଲିପ୍‌କାର୍ଟ ଭଳି ଅଗ୍ରଣୀ ଇ-କମର୍ସ କମ୍ପାନୀ ନିଜ ପ୍ଲାଟ୍‌ଫର୍ମ ସାମଗ୍ରୀ ଉପଲବ୍ଧ କରାଇ ନ ପାରିଲେ ବିନା ଦ୍ୱିଧାରେ ଅର୍ଥ ଫେରସ୍ତ ଓ ଗ୍ରାହକ ସନ୍ତୁଷ୍ଟ ନ ହେଲେ ଏକ୍ସଚେଞ୍ଜ ସୁବିଧା ଦେଉଛନ୍ତି। ଏହା ସତ୍ତ୍ୱେ ଆଉ କେଉଁ କଥାରେ ସେମାନଙ୍କୁ ଉତ୍ତରଦାୟୀ କରାଯିବ ବୋଲି କମ୍ପାନୀଗୁଡ଼ିକ ମଧ ଏହି ନୂଆ ନିୟମକୁ ନେଇ ଚିନ୍ତିତ। ଷ୍ଟୋରରୁ ବିକ୍ରିକରାଯାଇଥିବା ଏକ ତ୍ରୁଟିଯୁକ୍ତ ଉତ୍ପାଦ ପାଇଁ ଜଣେ ଛୋଟ ମାଲିକଙ୍କୁ ଦାୟୀ କରାଯାଇପାରିବ ନାହିଁ ବୋଲି ବିଗ୍‌ବାସ୍କେଟ ଏଣ୍ଟରପ୍ରିନ୍ୟୁର୍ ତଥା ପ୍ରମୋଟର କେ. ଗଣେଶ କହିଛନ୍ତି। ସେହିପରି ଡିପାର୍ଟମେଣ୍ଟ ଫର୍ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟର୍ନାଲ ଟ୍ରେଡ୍ (ଡିପିଆଇଆଇଟି)ରେ ପଞ୍ଜୀକୃତ ହୋଇ ନ ଥିବା ବିଦେଶୀ କମ୍ପାନୀଗୁଡ଼ିକର ସାମଗ୍ରୀ ମଧ ଅନ୍‌ଲାଇନ୍‌ରେ ବିକ୍ରି କରାଯାଇପାରିବ ନାହିଁ। ଇ-କମର୍ସ କମ୍ପାନୀ ନିଜ ଗ୍ରାହକଙ୍କ ତଥ୍ୟ ନେଇ ସହଯୋଗୀ କମ୍ପାନୀକୁ ଦେଇ ପାରିବେ ନାହିଁ। ଅର୍ଡର କଲାବେଳେ ସ୍ଥାନୀୟ ବଜାରରେ କେଉଁ ସାମଗ୍ରୀ ଉପଲବ୍ଧ ଅଛି ତାହା ଗ୍ରାହକଙ୍କୁ ଜଣାଇବେ। ଉକ୍ତ ନିୟମ ଲାଗୁ ହେଲେ ଇ-କମର୍ସର ଯୋଗାଣ ଶୃଙ୍ଖଳ ବିପର୍ଯ୍ୟସ୍ତ ହେବ। ଇତିମଧ୍ୟରେ ଆମାଜନ ଓ ଫ୍ଲିପ୍‌କାର୍ଟ କେନ୍ଦ୍ରର ପ୍ରସ୍ତାବିତ ନିୟମକୁ ବିରୋଧ କରିବାକୁ ଯୋଜନା କରିଛନ୍ତି। ଏହି ଦୁଇ କମ୍ପାନୀ ଖାଉଟି ବ୍ୟାପାର ମନ୍ତ୍ରଣାଳୟକୁ ପତ୍ର ଲେଖି ଉକ୍ତ ପ୍ରସ୍ତାବ ପ୍ରତ୍ୟାହାର ପାଇଁ ଅନୁରୋଧ କରିବେ।

## ଫଟୋ ଉଠାଉଥିଲେ, ଏବେ ଖଳନାୟକ

୨-୪ ବର୍ଷ ତଳେ ମୋଦି ସରକାରଙ୍କ ମନ୍ତ୍ରୀମାନେ ଇ-କମର୍ସ କମ୍ପାନୀଗୁଡ଼ିକୁ ଭାରତରେ ଥିବା ଛୋଟ ଛୋଟ କମ୍ପାନୀର ତ୍ରାଣକର୍ତ୍ତା ବୋଲି ଅଭିହିତ କରୁଥିଲେ। ସେମାନେ ଆସିଗଲେ ଦେଶର ଅନେକ ଛୋଟ କମ୍ପାନୀ ଉପରକୁ ଉଠିଯିବେ ଏବଂ ଗ୍ରାହକଙ୍କୁ ମନପସନ୍ଦର ସାମଗ୍ରୀ ମିଳିଯିବ ବୋଲି ଯୁକ୍ତି ବାଢ଼ି ସ୍ୱାଗତ କରୁଥିଲେ। ଏହାସହ ସମ୍ପୃକ୍ତ କମ୍ପାନୀର ମାଲିକ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଫଟୋ ଉଠାଉଥିଲେ। ସେମାନେ ଡାକିଆଣିଥିବା କମ୍ପାନୀଗୁଡ଼ିକୁ ବ୍ୟବସାୟର ଏକପ୍ରକାର ଏକାଧିକାର ଦେଇଥିଲେ। ଏବେ ସରକାରଙ୍କ ଆଖିରେ ସେହି କମ୍ପାନୀଗୁଡ଼ିକ ହଠାତ୍ ଖଳନାୟକ ହୋଇଗଲେ। ନିକଟରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଦେଇଥିବା ମନ୍ତବ୍ୟରୁ ଏପରି ମନେହେଉଛି। ଇ-କମର୍ସ କମ୍ପାନୀଗୁଡ଼ିକ ପାଇଁ କେନ୍ଦ୍ରର କୌଣସି ନିର୍ଦ୍ଦିଷ୍ଟ ଆଇନ ନ ଥିବାରୁ ବିଗତ ୫ ବର୍ଷ ମଧ୍ୟରେ ସରକାର ୩-୪ ଥର ନିୟମ ବଦଳାଇଲେଣି। ସରକାରଙ୍କ ଦୃଷ୍ଟିକୋଣ ଓ ନିୟମରେ ବାରମ୍ବାର ପରିବର୍ତ୍ତନ କାରଣରୁ ଉଭୟ ଇ-କମର୍ସ ଓ ଭାରତୀୟ କମ୍ପାନୀ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଥରେ ସବୁ ପକ୍ଷଙ୍କ ସୁବିଧାକୁ ଦେଖି ସ୍ଥାୟୀ ନିୟମ ଗଢ଼ିବା ଦରକାର ବୋଲି ବଜାର ବିଶେଷଜ୍ଞମାନେ ମତ ଦେଉଛନ୍ତି।



-ପୀୟୂଷ ଗୋୟଲ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ

> ଭାରତକୁ ଆସିଥିବା ଇ-କମର୍ସ ଫାର୍ମଗୁଡ଼ିକ ଏଠାକାର ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ସେମାନଙ୍କ ଗର୍ବ ଅହଂକାର ବଢ଼ିଯାଇଛି। ଏଭଳି କମ୍ପାନୀଗୁଡ଼ିକ ଭାରତୀୟଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବାହୁ ଓ ଅର୍ଥ ବଳ ଦେଖାଇବା ପରିବର୍ତ୍ତେ ଭାରତର ଆଇନକୁ ମାନି ଚଳନ୍ତୁ।

## ମାର୍କେଟ ସାଇଜ୍





ଭାରତର ଇ-କମର୍ସ ମାର୍କେଟ ୨୦୨୬ ସୁଦ୍ଧା ୨୦୦ ବିଲିୟନ୍ ଡଲାର ଅଭିବୃଦ୍ଧି ଲକ୍ଷ୍ୟ ନେଇ ଆଗେଇ ଚାଲିଛି, ଯାହାକି ୨୦୧୭ରେ ୩୮.୫ ବିଲିୟନ୍ ଡଲାର ଥିଲା। ୨୦୧୯ରେ ଅନ୍‌ଲାଇନ୍ ଗ୍ରସେରି ମାର୍କେଟ ୧.୯ ବିଲିୟନ୍ ଡଲାର ଥିବାବେଳେ ୨୦୨୪ରେ ଏହା ୧୮.୨ ବିଲିୟନ୍ ଡଲାର ଛୁଇଁବ ବୋଲି ଆକଳନ କରାଯାଉଛି। ୨୦୨୦ ଶେଷ ଚତୁର୍ଥାଂଶରେ ଦେଶର ଇ-କମର୍ସ ଅର୍ଡର ୩୬% ବୃଦ୍ଧି ପାଇଥିଲା। ସେଥିରୁ ସର୍ବାଧିକ ପର୍ସନାଲ କେୟାର, ବ୍ୟୁଟି ଆଣ୍ଡ ୱେଲ୍‌ନେସ୍ (ପିସିବିଆଣ୍ଡଡବ୍ଲ୍ୟୁ) ସେଗ୍‌ମେଣ୍ଟର ସାମଗ୍ରୀ ଅର୍ଡର କରାଯାଇଥିଲା। ସ୍ମାର୍ଟ ଫୋନ୍ ବ୍ୟବହାର ବୃଦ୍ଧି, ୪ ଜି ନେଟ୍‌ୱର୍କ ଏବଂ ଉପଭୋକ୍ତାଙ୍କ ସମ୍ପତ୍ତି ବଢ଼ିବା ଯୋଗୁ ଏହି ବଜାର ଫୁଲିବାରେ ଲାଗିଛି। ଏପରି କି କୋଭିଡ୍-୧୯ ମହାମାରୀରେ ଲୋକେ ବାହାରକୁ ବାହାରି ପାରି ନ ଥିବାବେଳେ ଫ୍ଲିପ୍‌କାର୍ଟ, ଆମାଜନ ଇଣ୍ଡିଆ ଓ ପେଟିଏମ୍ ମଲ୍ ଭଳି କମ୍ପାନୀ ଗ୍ରାହକଙ୍କୁ ସେମାନଙ୍କ ମନପସନ୍ଦର ସାମଗ୍ରୀ ଯୋଗାଇ ଇ-କମର୍ସ ମାର୍କେଟକୁ ଏକ ଉଚ୍ଚତର ସ୍ଥାନରେ ପହଞ୍ଚାଇପାରିଛନ୍ତି। ଉଦାହରଣ ସ୍ୱରୂପ ଗତବର୍ଷ ଲକ୍‌ଡାଉନ ଜାରି ହେବା ପରେ ୧୫୦ ନିୟୁତ ସ୍ମାର୍ଟଫୋନ୍ ଏବଂ ୪ ନିୟୁତ ୫ଜି ଫୋନ୍ ବିକ୍ରି ହୋଇଛି। ୨୦୨୦ ପାର୍ବଣ ଋତୁରେ ୮୮ ନିୟୁତ ୟୁଜର୍ସ ଇ-କମର୍ସ କମ୍ପାନୀଗୁଡ଼ିକ ଉପରେ ନିର୍ଭରଶୀଳ ଥିଲେ। ୨୦୧୯ ପାର୍ବଣ ଋତୁଠାରୁ ଏହି ସଂଖ୍ୟା ୮୭% ଅଧିକ। ଏହା ଭାରତରେ ଇ-ମାର୍କେଟ ପ୍ରତି ଗ୍ରାହକଙ୍କ ଉଚ୍ଚ ଚାହିଦାକୁ ଦର୍ଶାଉଛି। ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍ ଏହି ଶିଳ୍ପର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛି। ୨୦୨୦ ସେପ୍ଟେମ୍ବର ବେଳକୁ ଦେଶରେ ଇଣ୍ଟରନେଟ୍ ସଂଯୋଗ ସଂଖ୍ୟା ୭୭୬.୪୫ ନିୟୁତ ଥିଲା, ଯାହା ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଯୋଗୁ ସମ୍ଭବ ହୋଇଥିବା କେନ୍ଦ୍ର ସରକାର ଦାବିକରୁଛନ୍ତି।

## ପ୍ରସ୍ତାବିତ ନିୟମ

ପ୍ରତିବର୍ଷ ଲକ୍ଷ ଲକ୍ଷ ଭାରତୀୟ ଅନ୍‌ଲାଇନ୍ ସହ ଯୋଡ଼ିହେଉଥିବାବେଳେ ଇ-କମର୍ସ କମ୍ପାନୀଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ବିକ୍ରେତାଙ୍କୁ ସୁଯୋଗ ଦେଇ ଅବଶିଷ୍ଟଙ୍କୁ ଉପେକ୍ଷା କରୁଛନ୍ତି। ସରକାରଙ୍କ ନିୟନ୍ତ୍ରଣରେ ନ ଥିବା ଇ-କମର୍ସ କମ୍ପାନୀ ୱେବ୍‌ସାଇଟ୍‌ଗୁଡ଼ିକ ପାରମ୍ପରିକ ଦୋକାନୀଙ୍କୁ କାରବାରରୁ ବାହାରକୁ ଠେଲିଦେଉଥିବା ନେଇ ଛୋଟ ବ୍ୟବସାୟୀମାନେ ଅଭିଯୋଗ ଆଣୁଛନ୍ତି। ତେଣୁ ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଇ-କମର୍ସକୁ ନେଇ ବର୍ତ୍ତମାନର ନୀତିଗୁଡ଼ିକରେ ପରିବର୍ତ୍ତନର ପ୍ରସ୍ତାବ ଦିଆଯାଇଥିଲା। ଏଥିରେ ଉତ୍ପାଦର ସେଲ୍ ବିକ୍ରି ଉପରେ କଟକଣା ଜାରି କରିବା ନେଇ ଏକ ପ୍ରସ୍ତାବ ରହିଛି, ଯେତେବେଳେ କି ଇ-କମର୍ସ ୱେବ୍‌ସାଇଟ୍‌ଗୁଡ଼ିକରେ ପର୍ବପର୍ବାଣି ସମୟରେ ଏପରି ସେଲ୍‌ର ଲୋକପ୍ରିୟତା କାହିଁରେ କ'ଣ। ପ୍ରସ୍ତାବିତ ନୂଆ ନିୟମ ଅନୁସାରେ ଇ-କମର୍ସ ସଂସ୍ଥାଗୁଡ଼ିକ ଅନୁଚିତ ବ୍ୟବସାୟିକ ଲାଭ ପାଇଁ ନିଜ ମଞ୍ଚ ଜରିଆରେ ସମ୍ପୃକ୍ତ ପକ୍ଷମାନଙ୍କୁ ଓ ସମ୍ପର୍କିତ ଉଦ୍ୟମରେ ସଂଗୃହୀତ କୌଣସି ତଥ୍ୟର ବ୍ୟବହାର ନ କରିବା ନେଇ ସୁନିଶ୍ଚିତ କରିବେ। ନୂଆ ପ୍ରସ୍ତାବ ଜରିଆରେ ସରକାର ରିଟେଲ ଏବଂ ଇ-କମର୍ସ ବଜାରରେ ସନ୍ତୁଳିତ ସ୍ଥିତି ଆଣିବା ପାଇଁ ଚାହୁଁଥିବା କହୁଛନ୍ତି। ଏହି ପ୍ରସ୍ତାବ ଉପରେ ଜୁଲାଇ ୬ ପର୍ଯ୍ୟନ୍ତ ବିଚାରବିମର୍ଶ କରାଯିବ। କନ୍‌ଫେଡେରେଶନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ ସରକାରଙ୍କ ପ୍ରସ୍ତାବକୁ ସ୍ୱାଗତ କରି କହିଛନ୍ତି, ନୂଆ ନିୟମ ଜରିଆରେ ଇ-କମର୍ସ କମ୍ପାନୀଗୁଡ଼ିକୁ ଉତ୍ତରଦାୟୀ କରାଯାଇପାରିବ।

## ଜୀବନ ବଞ୍ଚାଇବାରେ ଡାକ୍ତରଙ୍କ ଅବଦାନ ପ୍ରଶଂସନୀୟ

ନୂଆଦିଲ୍ଲୀ, ୧।୭(ପି.ଟି.)

କରୋନାରୁ ଜୀବନ ବଞ୍ଚାଇବାରେ ଡାକ୍ତରମାନଙ୍କ ଅବଦାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚ ପ୍ରଶଂସା କରିଛନ୍ତି। ମହାମାରୀ ମୁକାବିଲା ପାଇଁ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ବିକାଶ ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରାଯାଇପାରିଥିବାବେଳେ ଏହାର ସର୍ବାଧିକ ଶ୍ରେୟ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ଓ ସମ୍ମୁଖ ଯୋଦ୍ଧାମାନଙ୍କୁ ଯାଉଛି ବୋଲି ଜାତୀୟ ଚିକିତ୍ସକ ଦିବସ ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିପାଇଁ ୧୩୦ କୋଟି ଦେଶବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଡାକ୍ତରମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଗତବର୍ଷ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ଲାଗି ୧୫,୦୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବାବେଳେ ଚଳିତ ବର୍ଷ ବଜେଟରେ ୨ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଛି। ୨୦୧୪ ପର୍ଯ୍ୟନ୍ତ ଦେଶରେ ମାତ୍ର ୬ଟି ଏମ୍ସ ଥିଲା। ଗତ ୭ ବର୍ଷରେ ୧୫ଟି ନୂଆ ଏମ୍ସ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି।

## ତୃତୀୟ ଲହର ଆସି ନ ପାରେ

**ନୂଆଦିଲ୍ଲୀ, ୧।୭:** ଲୋକେ ସତର୍କ ରହିଲେ ଏବଂ ସରକାର ସର୍ବାଧିକ ଟିକାକରଣ କରାଇପାରିଲେ, ତୃତୀୟ ଲହର ଆସି ନ ପାରେ କିମ୍ବା ସାମାନ୍ୟ ହୋଇପାରେ ବୋଲି ଏମ୍ସ ନିର୍ଦ୍ଦେଶକ ଡ. ରଣଦୀପ୍ ଗୁଲେରିଆ ଗୁରୁବାର କହିଛନ୍ତି। ତୃତୀୟ ଲହର ଆସିବା କିମ୍ବା ନ ଆସିବା କୋଭିଡ୍ ନିୟମ ପାଳନ ଉପରେ ନିର୍ଭର କରୁଛି। ଦୁଇ ପ୍ରକାର ଟିକାକୁ ମିଶାଇ ଦିଆଗଲେ ଅଧିକ ସୁଫଳ ମିଳିବ କି ବୋଲି ଏକ ପ୍ରଶ୍ନରେ ଗୁଲେରିଆ କହିଥିଲେ, ଏଥିପାଇଁ ଅଧିକ ତଥ୍ୟର ଆବଶ୍ୟକତା ରହିଛି। ଏହା ଫଳପ୍ରଦ ହୋଇପାରେ ବୋଲି କେତେକ ଅଧ୍ୟୟନରୁ ଜଣାପଡ଼ିଛି।

## ରାଷ୍ଟ୍ରପତି ଶାସନ ପାଇଁ କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା**

ନୂଆଦିଲ୍ଲୀ, ୧।୭(ପି.ଟି.)

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସେଠାରେ ହିଂସାକାଣ୍ଡ ଲାଗି ରହିବା ସହ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ସେଠାରେ ରାଷ୍ଟ୍ରପତି ଶାସନ ଜାରି ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ଆବେଦନର ଶୁଣାଣି ପାଇଁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି। ଏଥିସହ ରାଜ୍ୟରେ ସ୍ୱାଭାବିକ ସ୍ଥିତି ଆଣିବା ଏବଂ ଏହାକୁ ଆଭ୍ୟନ୍ତରୀଣ ବିଶୃଙ୍ଖଳାରୁ ରକ୍ଷା କରିବା ଲାଗି ସଶସ୍ତ୍ର/ଅର୍ଦ୍ଧସାମରିକ ବଳ ନିୟୋଜିତ କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେବା ନିମନ୍ତେ ମଧ ଆବେଦନ କରାଯାଇଥିଲା। ସେହିପରି ନିର୍ବାଚନ ପରବର୍ତ୍ତୀ ହିଂସାର କାରଣ ଖୋଜିବା ଲାଗି ଏସ୍‌ଆଇଟି ଗଠନ ନିମନ୍ତେ ମଧ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଜଷ୍ଟିସ ବିନୀତ ସରଣ ଏବଂ ଦିନେଶ ମାହେଶ୍ୱରୀଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର, ପଶ୍ଚିମବଙ୍ଗ ସରକାର ଏବଂ ଭାରତର ନିର୍ବାଚନ କମିଶନଙ୍କୁ ନୋଟିସ ଜାରି କରିଛନ୍ତି। ହିଂସାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବା ପାଇଁ ମଧ ଆବେଦନ କରାଯାଇଥିଲା।

ଆଇନଜୀବୀ ରଞ୍ଜନା ଅଗ୍ନିହୋତ୍ରୀ ଏବଂ ସାମାଜିକ କର୍ମୀ ଜିତେନ୍ଦ୍ର ସିଂଙ୍କ ତରଫରୁ ଆଇନଜୀବୀ ହରିଶଙ୍କର ଜୈନ କୋର୍ଟରେ ଉପସ୍ଥିତ ରହି ନିର୍ବାଚନ ପରବର୍ତ୍ତୀ ହିଂସା ସମ୍ପର୍କରେ ଖଣ୍ଡପୀଠଙ୍କୁ ଜଣାଇଥିଲେ। ଅଦାଲତ ୩ ପ୍ରତିବାଦୀ କେନ୍ଦ୍ର ସରକାର, ପଶ୍ଚିମବଙ୍ଗ ସରକାର ଓ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି କରିଥିଲେ ହେଁ ଚତୁର୍ଥ ପ୍ରତିବାଦୀ ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ମମତା ବାନାର୍ଜୀଙ୍କୁ ନୋଟିସ ପଠାଇ ନାହାନ୍ତି।

## ବାପାଙ୍କଠୁ ହାରିଗଲେ ବ୍ରିଟ୍‌ନି

ଲସ୍ ଏଞ୍ଜେଲ୍ସ, ୧।୭

ନିଜ ଜୀବନରେ ବାପାଙ୍କ ହସ୍ତକ୍ଷେପଠାରୁ ମୁକ୍ତି ଚାହୁଁଥିବା ଆମେରିକାର ପପ୍ ସିଙ୍ଗର୍, ଡ୍ୟାନ୍ସର ତଥା ଅଭିନେତ୍ରୀ ବ୍ରିଟ୍‌ନି ସ୍ପିୟର୍ସ ଆଇନଗତ ଲଢ଼େଇରେ ହାରିଯାଇଛନ୍ତି। ୧୩ ବର୍ଷ ଧରି ଏକପ୍ରକାର ବନ୍ଦୀ ଜୀବନ ବିତାଉଥିବା ବ୍ରିଟ୍‌ନି ପୂର୍ବଭଳି ପିତା ଜେମ୍ସ 'ଜେମି' ପରନେଲ୍ ସ୍ପିୟର୍ସଙ୍କ 'କଞ୍ଜରଭେଟରଶିପ୍'ରେ ରହିବେ ବୋଲି ଲସ୍ ଏଞ୍ଜେଲ୍ସର ଏକ କୋର୍ଟ ରାୟ ଦେଇଛନ୍ତି। ଫଳରେ ସ୍ୱାଧୀନ ଭାବେ ବଞ୍ଚିବାକୁ ଚାହୁଁଥିବା ୩୯ ବର୍ଷୀୟା ବ୍ରିଟ୍‌ନିଙ୍କ ଆଶା ଏବେ ମଉଳିଯାଇଛି।

୨୦୦୮ରେ ସ୍ୱାମୀ କେଭିନ ଫେଡର୍‌ଲାଇନ୍‌ଙ୍କୁ ଛାଡ଼ପତ୍ର ଦେବା ପରେ ବ୍ରିଟ୍‌ନିଙ୍କ ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି ତାଙ୍କ ସମ୍ପତ୍ତି ଉପରେ ବାପା ଜେମି ସ୍ପିୟର୍ସ ଆଇନଗତ ଅଧିକାର ଜମାଇଆସିଛନ୍ତି। ଏହା ବିରୋଧରେ ବ୍ରିଟ୍‌ନି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଜୀବନ ଓ ସମ୍ପତ୍ତି ଜଡ଼ିତ ସମସ୍ତ ନିଷ୍ପତ୍ତି ସେ ନିଜେ ନେବାକୁ ଚାହାନ୍ତି ବୋଲି ଅଦାଲତଙ୍କୁ କହିଥିଲେ। ଏହା ସତ୍ତ୍ୱେ ଅଦାଲତ ତାଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ଜୁନ୍ ୨୩ରେ ଅଦାଲତଙ୍କୁ ବ୍ରିଟ୍‌ନି କହିଥିଲେ, ଇଚ୍ଛା ବିରୋଧରେ ତାଙ୍କୁ କାମ ପାଇଁ ଯିବାକୁ ବାପା ଜେମି ବାଧ କରୁଛନ୍ତି। ତାଙ୍କୁ ଜବରଦସ୍ତି କିଛି ଔଷଧ ଖାଇବାକୁ ଦିଆଯାଉଛି। ଏପରି କି ପୁନଃ ବିବାହ କିମ୍ବା ସନ୍ତାନ ଜନ୍ମ ଇଚ୍ଛା ପୂରଣ କରିବାକୁ ଦିଆଯାଉନାହିଁ। ତେଣୁ ତାଙ୍କୁ ମୁକ୍ତ କରି ସ୍ୱାଧୀନ ସାମାଜିକ ଜୀବନ ବଞ୍ଚିବା ଏବଂ ନିଜ ଅର୍ଜିତ ଅର୍ଥ ଇଚ୍ଛା ଅନୁସାରେ ବ୍ୟୟ କରିବା ଅଧିକାର ଦେବାକୁ ସେ ଏକ ଭିଡିଓ ମାଧ୍ୟମରେ ଅଦାଲତଙ୍କୁ ଗୁହାରି କରିଥିଲେ। ବ୍ରିଟ୍‌ନିଙ୍କ ବାପା ମଧ ଜଣେ ପପ୍ ସେନ୍‌ସେସନ୍। ତାଙ୍କ ସଂରକ୍ଷଣରୁ ମୁକ୍ତି ନ ପାଇବା ପର୍ଯ୍ୟନ୍ତ ସେ କୌଣସି କାର୍ଯ୍ୟକ୍ରମ କରିବେ ନାହିଁ ବୋଲି ବ୍ରିଟ୍‌ନି ୨୦୧୯ରେ ଘୋଷଣା କରିଥିଲେ।

> ଆମେରିକାରେ କୌଣସି ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇ ଅଭିଭାବକଙ୍କ ଭଳି ତାଙ୍କ ସମସ୍ତ ନିଷ୍ପତ୍ତି ନେବା ଲାଗି ଅନ୍ୟ କାହାକୁ ଅଧିକାର ଦିଆଯିବାକୁ 'କଞ୍ଜରଭେଟରଶିପ୍' କୁହାଯାଏ। ଏହି ଅଧିକାର ସାଧାରଣତଃ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ସଦସ୍ୟ କିମ୍ବା ଏକ ଅନୁଷ୍ଠାନକୁ ଦିଆଯାଇଥାଏ।



ଜେମି ସ୍ପିୟର୍ସ

### କ'ଣ ଘଟିଥିଲା

୨୦୦୮ରେ ବ୍ରିଟ୍‌ନି ୨୭ ବର୍ଷର ହୋଇଥିବାବେଳେ ସ୍ୱାମୀ କେଭିନ ଫେଡର୍‌ଲାଇନ୍‌ଙ୍କଠାରୁ ଅଲଗା ହୋଇଯାଇଥିଲେ। କେଭିନଙ୍କୁ ନିଜ ସନ୍ତାନଙ୍କୁ ହସ୍ତାନ୍ତର କରିବାକୁ ମନା କରିବା ପରେ ବ୍ରିଟ୍‌ନି ମାନସିକ ରୋଗରେ ପୀଡ଼ିତ ଥିବା କହି ତାଙ୍କୁ ରାତିଅଧରେ ହସ୍ପିଟାଲ ନିଆଯାଇଥିଲା। ବ୍ରିଟ୍‌ନିଙ୍କ ମାନସିକ ସ୍ଥିତି ଭଲ ନ ଥିବା ଏବଂ ସେ ଡ୍ରଗ୍ସ ବ୍ୟବହାର କରୁଥିବା ନେଇ ପୋଲିସ କହିବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏଥିଯୋଗୁ ସେ ନିଜ ୨ ପିଲାଙ୍କ ଦାୟିତ୍ୱ ନେବାରୁ ବଞ୍ଚିତ ହୋଇଥିଲେ। ପରେ ବାପା ଜେମି ସାମୟିକ ଭାବେ ତାଙ୍କ କଞ୍ଜରଭେଟର ହେବା ପାଇଁ କୋର୍ଟରେ ଆବେଦନ କରିଥିଲେ। ଏହି ଘଟଣା ପରେ ବ୍ରିଟ୍‌ନି କାମକୁ ଫେରିଥିଲେ ହେଁ ପୁଣି ହସ୍ପିଟାଲ ଯାଇଥିଲେ। ବ୍ରିଟ୍‌ନି ମେଡିସିନ ଖାଇବାକୁ ମନା କରୁଥିବା ଦର୍ଶାଇ ବାପା ଜେମି କୋର୍ଟକୁ ଯାଇଥିଲେ। ୨୦୨୦ ନଭେମ୍ବରରେ କୋର୍ଟ ବେସେମେର୍ ଟ୍ରଷ୍ଟକୁ ବ୍ରିଟ୍‌ନିଙ୍କ କୋ-କଞ୍ଜରଭେଟର ଦାୟିତ୍ୱ ଦେଇଥିଲେ। କଞ୍ଜରଭେଟର ହେବା ପରେ ଜେମି ତାଙ୍କ ଉପରେ ଅତ୍ୟାଚାର କରୁଥିବା ବ୍ରିଟ୍‌ନି ଅଭିଯୋଗ ଆଣିଥିଲେ।



- କଞ୍ଜରଭେଟରଶିପ୍‌ରେ ୧୩ ବର୍ଷ
- ମୁକ୍ତି ପାଇଁ କୋର୍ଟ ଯାଇଥିଲେ

### ଝୁଲନ୍ତା ମୃତଦେହ ଜବତ

ସମ୍ବଲପୁର(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ଥାନା ଡଙ୍ଗାପାଲ ଗ୍ରାମର ମୋତିଲାଲ ଝାଙ୍କର (୪୫)ଙ୍କ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ଜବତ ହୋଇଛି। ଘର ସମ୍ମୁଖରେ ଥିବା ସଜନା ଗଛରେ ବେକରେ ରଶି ଲଗାଇ ସେ ଆତ୍ମହତ୍ୟା କରିଛନ୍ତି। ମାନସିକ ଚାପରେ ଆସି ମୋତିଲାଲ ଏଭଳି ପଦକ୍ଷେପ ନେଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଜଣାପଡିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ମୋତିଲାଲ ସମ୍ବଲପୁର ସହରରେ ସ୍ତ୍ରୀ ସହିତ ରହି କାମ କରୁଥିଲେ। ଏକ ସପ୍ତାହ ପୂର୍ବରୁ ସେ ଡଙ୍ଗାପାଲକୁ ଯାଇ ରହୁଥିଲେ।

## ସଂକ୍ଷେପରେ

### ଗାଁମୁହାଁ ହାତୀପଲ, ଭୟରେ ଅଞ୍ଚଳବାସୀ



ବୌଦ୍ଧ/ବଘିଆପଡା,୧୭(ସ୍ୱ.ପ୍ର/ଡି.ଏନ.ଏ.): ଦିନକୁ ଦିନ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଥିବା ବେଳେ ବନ୍ୟଜନ୍ତୁ ଜଙ୍ଗଲ ଛାଡି ଜନବସତି ମୁହାଁ ହେବାରେ ଲାଗିଛନ୍ତି। ଗତ ମଙ୍ଗଳବାର ବୌଦ୍ଧ ରେଞ୍ଜ ଅନ୍ତର୍ଗତ ବଘିଆପଡାଠାରୁ ମାତ୍ର ୪ କିଲୋମିଟର ଭୁକ୍ତାପଡା ଗ୍ରାମ ନିକଟରେ ଏକ ହାତୀ ପଲ ଦେଖିବାକୁ ମିଳିଥିଲା। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଏହି ସୂଚନା ପାଇ ବୌଦ୍ଧ ବନ ବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚି ହାତୀପଲଙ୍କୁ ଜଙ୍ଗଲ ଭିତରକୁ ଘଉଡାଇ ଦେଇଥିଲେ। ଏହି ହାତୀ ପଲରେ ୧୮ ଗୋଟି ହାତୀ ଥିବା ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି। ସେମାନେ କୌଣସି ପ୍ରକାର କ୍ଷତି ଘଟାଇ ନ ଥିବା ଜଣାପଡିଛି। ଏହି ହାତୀ ପଲ ଘଉଡାଇବା ପାଇଁ ଏସିଏଫ ଜିତେନ୍ଦ୍ର ବେହେରା, ଡେପୁଟି ରେଞ୍ଜର ପ୍ରଦୋଷ କୁମାର ମହାରଣା, ବନପାଳ ଏମପି ରାଓ, ଫରେଷ୍ଟ ଗାର୍ଡ ଶରତ ଚନ୍ଦ୍ର ନାଏକ, ରମାକାନ୍ତ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

### ସହର ମଝିରେ ବୃଦ୍ଧାଙ୍କୁ ଚାପିଦେଲା କ୍ରେନ

ଟିଟିଲାଗଡ଼,୧୭(ଡି.ଏନ.ଏ): ବଲାଙ୍ଗୀର ଜିଲା ଟିଟିଲାଗଡ ସହରର ସର୍ଗିଗୁଡା ପଡା ନିକଟରେ କ୍ରେନ ଚାପାରେ ଗୁରୁବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଉକ୍ତ ପଡାର ଦେବକୀ ହରପାଲ(୭୫)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୂଳ ଲାଗି ଗୁଜୁରାଣ ମେଣ୍ଟାଉ ଥିବା ଦେବକୀଙ୍କ ପରିବାରକୁ ଉପଯୁକ୍ତ ସହାୟତା ପ୍ରଦାନ କରିବା ପାଇଁ ପଡାବାସୀ ଦାବି କରିଥିଲେ। ଘଟଣାସ୍ଥଳରେ ଟିଟିଲାଗଡ ଥାନା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଟିଟିଲାଗଡ ଗରିବ ସେନା ସଭାପତି ବୀରେନ୍ଦ୍ର ବାଗ, ଆମ୍ବେଦକର ଯୁବକ ସଂଘ ସଭାପତି ବୈକୁଣ୍ଠ ନାଗ ପ୍ରମୁଖ ପହଞ୍ଚି ମୃତାଙ୍କ ପରିବାରକୁ ସହାୟତା ଦେବାକୁ ଦାବି କରିଛନ୍ତି। ଗାଡି ମାଲିକ ସହାୟତା ପ୍ରଦାନ କରିବାକୁ ସମ୍ମତି ପ୍ରଦାନ ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଏକ କ୍ରେନ(ନଂ. ଓଡି ୦୩ଟି ୬୫୮୨) ସହରକୁ ଆସୁଥିବା ବେଳେ ସର୍ଗିଗୁଡାପଡା ବଜାଜ ଶୋରୁମ ସମ୍ମୁଖରେ ନିକଟସ୍ଥ ବୈଷ୍ଣୋଦେବୀ ମନ୍ଦିରରୁ ଦର୍ଶନ ସାରି ଫେରୁଥିବା ଦେବକୀଙ୍କ ଉପରେ ମାଡି ଯାଇଥିଲା। ଖବର ପାଇ ଟିଟିଲାଗଡ ଥାନା ଆଇଆଇସି ରଞ୍ଜନ ବରିହା ଘଟଣାସ୍ଥଳରେ ପହଞ୍ଚିଥିଲେ। ଆମ୍ବୁଲାନ୍ସକୁ ଅପେକ୍ଷା ନକରି ଗୁରୁତର ଅବସ୍ଥାରେ ମହିଳାଙ୍କୁ ପୋଲିସ ଗାଡିରେ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସହରରେ ସକାଳ ୮ରୁ ରାତି ୧୦ଟା ପର୍ଯ୍ୟନ୍ତ ଭାରିଯାନ ପ୍ରବେଶ ଉପରେ କଟକଣା ଥିଲେ ହେଁ, କିଭଳି ଏକ କ୍ରେନ ପ୍ରବେଶ କଲା ସେ ନେଇ ପ୍ରଶ୍ନ ଉଠିଛି।

### ପୁଅ, ବୋହୂ ଆକ୍ରମଣରେ ମା' ଗୁରୁତର

ଦେବଗଡ଼,୧୭(ଡି.ଏନ.ଏ): ପାରିବାରିକ କଳହକୁ କେନ୍ଦ୍ରକରି ଗୁରୁବାର ଜଣେ ମହିଳାଙ୍କୁ ତାଙ୍କ ପୁଅ ଓ ବୋହୂ ଆକ୍ରମଣ କରିଛନ୍ତି। ଆକ୍ରମଣରେ ମହିଳା ଜଣକ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଭଳି ଏକ ଘଟଣା ଘଟିଛି ଦେବଗଡ଼ ଜିଲା ବାରକୋଟ ଥାନା ଅଧୀନ ମାଦଳିଆ ଗ୍ରାମରେ। ସୂଚନା ଅନୁସାରେ, ଗତ ୨୮ ତାରିଖ ରାତି ୯ଟା ସମୟରେ ମାଦଳିଆ ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ସ୍ତ୍ରୀ କନକ ଓ ତାଙ୍କ ବଡପୁଅ ରମଣୀ ରଞ୍ଜନଙ୍କ ମଧ୍ୟରେ ଘରୋଇ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ହୋଇ ରମଣୀ ଓ ତାଙ୍କ ସ୍ତ୍ରୀ ସୁଲୋଚନା କନକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ କନକ ଗୁରୁତର ହେବା ସହ ଅଚେତ ହୋଇ ପଡିଯାଇଥିଲେ। ଏହା ଦେଖି ସାନପୁଅ ଯଦୁମଣି ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଅନୁଗୋଳ ଜିଲା ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁବାର ଏ ନେଇ ଯଦୁମଣି ବାରକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ବିଳମ୍ବ ହେଉଛି କାର୍ଯ୍ୟାନୁଷ୍ଠାନ

ସୋନପୁର,୧୭(ନି.ପ୍ର.)

**ବୀରମହାରାଜପୁର ବ୍ଲକ**

- ପିଏମ୍‌ଏୱାଇ-ଜି, ଏମ୍‌ଜିଏନଆରଇଜିଏସ୍‌ରେ ଦୁର୍ନୀତି

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ(ପିଏମ୍‌ଏୱାଇ-ଜି) ଓ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନଆରଇଜିଏସ୍)ରେ ଦୁର୍ନୀତି ହୋଇଛି। ପ୍ରଶାସନିକ ଅଧିକାରୀଙ୍କ ତଦାରଖ ଅଭାବରୁ ବ୍ଲକରେ ଦୁର୍ନୀତି ସୀମା ଟପିଛି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଓ ଏପିଡି ଗ୍ରାମୀଣ ଆବାସଙ୍କ ତଦନ୍ତ ପରେ ଦୁର୍ନୀତିର ସମସ୍ତ ପ୍ରମାଣ ମିଳିଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପିଡି ଡିଆରଡିଏ ମଧ୍ୟ କ୍ଷେତ୍ରୀୟ ତଦନ୍ତ କରିଛନ୍ତି। ତେବେ ତଦନ୍ତର ୨ମାସ ପରେ ବି ଦୋଷୀ ଅଧିକାରୀଙ୍କ ବିରୋଧରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନ ନେବା ଅଞ୍ଚଳବାସୀଙ୍କୁ ବିସ୍ମିତ କରିଛି। ସଂଗ୍ରାମପୁର ପଞ୍ଚାୟତରେ ସରକାରୀ ଯୋଜନାରେ ଅନିୟମିତତା ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଡିଆରଡିଏ ଏପିଡି(ଗ୍ରାମୀଣ ଆବାସ) ଆଲୋକରଶ୍ମି ମିଶ୍ର ଗତ ଏପ୍ରିଲ ୧୨ ତାରିଖରେ ଉକ୍ତ ପଞ୍ଚାୟତକୁ ଅଭିଯୋଗର ତଦନ୍ତରେ ଯାଇଥିଲେ। ଜିପିଟିଏ ଭରତ ଚନ୍ଦ୍ର ଭୋଇ ସରକାରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଜଣାପଡିଥିଲା। ଏସଇସିସି ପ୍ରାଓରିଟି ୱେଟିଂଲିଷ୍ଟରେ ନାମ ଥିଲେ ମଧ୍ୟ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିଲେ। ବିନା ଛାତରେ ଆବାସ ଯୋଜନାର ଘର ସମ୍ପୂର୍ଣ୍ଣ ହୋଇଥିବା ଦର୍ଶା ଯାଇଥିଲା। ଟ୍ୟାଗ୍ ଅଫିସରଙ୍କ ମିଥ୍ୟା ରିପୋର୍ଟ ଆଧାରରେ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ମିଳିଥିଲା। ପଞ୍ଚାୟତର ଟାମକିଆଦାଦର ଗାଁ ହଗରିଆମୁଣ୍ଡା ପୋଖରୀ ଖୋଳାରେ ଦୁର୍ନୀତି ହୋଇଥିଲା। ଆଦୌ କାମ ନ ହୋଇ ଏମଜିଏନଆରଇଜିଏସ୍ ଓ ଏସଏଫସିରେ ପୋଖରୀ ଖୋଳା ନାମରେ ୧୭ଲକ୍ଷ ଟଙ୍କା ମିଥ୍ୟା ବିଲ୍ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ।

ସରକାରଙ୍କ ଅନ୍ୟ ଯୋଜନାରେ ରାସ୍ତା କାମ କରୁଥିବା ଜନୈକ ଠିକାଦାର ଏହି ପୋଖରୀରୁ ଜେସିବି ଦ୍ୱାରା ମୋରମ ଖୋଳି ନେଇ ରାସ୍ତାରେ ପକାଇଥିଲେ ବୋଲି ତଦନ୍ତରୁ ଜଣାପଡିଛି। ଏପିଡିଙ୍କ ତଦନ୍ତ ରିପୋର୍ଟକୁ ନେଇ ପିଡି ଡିଆରଡିଏ ଡୋଲାମଣି ପଟେଲ ବୀରମହାରାଜପୁର ବିଡିଓ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ(ଏଇଇ), ଏପିଓ, ସଂଗ୍ରାମପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ), ଜିପିଟିଏ ଓ ଜିଆରଏସ୍‌ଙ୍କୁ ପୂର୍ବରୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏପ୍ରିଲ ୨୭ତାରିଖରେ ବିଡିଓ, ଏଇଇ ଓ ଜିପିଟିଏ ସମାନ ପ୍ରକାରର ୩ଟି କୈଫିୟତ ପିଡିଙ୍କୁ ପ୍ରଦାନ କରିଥିଲେ। ବିଡିଓ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଜିପିଟିଏ ଭରତ ଭୋଇଙ୍କ ଭୁଲ ଯୋଗୁ ଆବାସ ଯୋଜନାରେ ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ ଦର୍ଶାଯାଇଛି। ସଂଗ୍ରାମପୁରର ଦୀନେଶ କର୍ମୀଙ୍କ ଭଳି ହିତାଧିକାରୀ ସରକାରଙ୍କ ନିକଟରୁ ପ୍ରୋତ୍ସାହନ ରାଶି ପାଇଥିବା ବିଡିଓ ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ପିଡି ଡିଆରଡିଏ ପଟେଲ କୁହନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କ୍ଷେତ୍ରୀୟ ତଦନ୍ତ ପାଇଁ ସଂଗ୍ରାମପୁର ଗ୍ରାମକୁ ଯାଇଥିଲି। ସବିଶେଷ ତଥ୍ୟ ସଂଗ୍ରହ କରିଛି। ରିପୋର୍ଟ ପ୍ରସ୍ତୁତ କରି ଖୁବଶୀଘ୍ର ଜିଲାପାଳଙ୍କୁ ପ୍ରଦାନ କରିବି ବୋଲି କହିଥିଲେ।

# ଅରୁନ୍ଧତୀ ଜୁଏଲର୍ସର ଫ୍ଲାଗ୍‌ଶିପ୍ ଗହଣା ଶୋ'ରୁମ୍ ଶୁଭାରମ୍ଭ ଆଜି



ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏମ୍‌ଡି ବ୍ରହ୍ମାନନ୍ଦ ମେହେର ଓ ଡାଇରେକ୍ଟର ଅଚ୍ୟୁତାନନ୍ଦ ମେହେର ସୂଚନା ଦେଉଛନ୍ତି।

ବଲାଙ୍ଗୀର ଅଫିସ, ୧୭

- ସାମାଜିକ କ୍ଷେତ୍ରରେ ଉନ୍ନତି ପାଇଁ ଅରୁନ୍ଧତୀ ଫାଉଣ୍ଡେଶନ୍ ଗଠିତ
- ନିଆରା ଗ୍ରାହକ ସେବା ପାଇଁ ୫ ଷ୍ଟାର ପ୍ରମିଜ୍‌ର ଶୁଭାରମ୍ଭ

ଓଡ଼ିଶାର ପ୍ରମୁଖ ସୁନାଗହଣା ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସର ଅତ୍ୟାଧୁନିକ ଫ୍ଲାଗ୍‌ଶିପ୍ ଗହଣା ଶୋ'ରୁମ୍ ବଲାଙ୍ଗୀରଠାରେ ଶୁକ୍ରବାର ଶୁଭାରମ୍ଭ ହେବ। ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଏନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ଅରୁନ୍ଧତୀ ଜୁଏଲର୍ସର ଗତ ଦୁଇ ଦଶନ୍ଧିର ସଫଳ ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ବଲାଙ୍ଗୀର ମାଟିରୁ ପ୍ରାୟ ୨୧ ବର୍ଷ ତଳେ ଅରୁନ୍ଧତୀ ଜୁଏଲର୍ସର ଅୟମାରମ୍ଭ। ସମ୍ପ୍ରତି ସମଗ୍ର ରାଜ୍ୟର ଏହା ଏକ ପ୍ରମୁଖ ନିର୍ଭରଯୋଗ୍ୟ ଓ ଅତ୍ୟାଧୁନିକ ବ୍ରାଣ୍ଡ ହେବାର ଯାତ୍ରା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଅରୁନ୍ଧତୀ ନିଜର ଶୁଦ୍ଧତା ଓ ଗ୍ରାହକ ସେବା ପାଇଁ ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଲାଭ କରି ସମସ୍ତଙ୍କ ପାଇଁ ଗୌରବ ଆଣିପାରିଛି। ବଲାଙ୍ଗୀର ସହର ପାଟଣେଶ୍ୱରୀ ମନ୍ଦିର ନିକଟରେ ୫ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ଅରୁନ୍ଧତୀର ନୂତନ ଓ ଅତ୍ୟାଧୁନିକ ଫ୍ଲାଗଶିପ୍ ଶୋ'ରୁମ୍‌କୁ ଶୁକ୍ରବାର ଆନୁଷ୍ଠାନିକ ଉଦ୍‌ଘାଟନ କରାଯିବ। ଉକ୍ତ ଶୋ'ରୁମ୍‌ରେ ସର୍ବୋତ୍ତମ ଡିଜାଇନ୍, ସମ୍ପୂର୍ଣ୍ଣ ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନା, ହୀରା, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପା ଗହଣା ଓ କଳାକୃତି, ପ୍ରିମିୟମ ବ୍ରାଣ୍ଡ ହାତଘଣ୍ଟାର ସମ୍ଭାର ରଖାଯିବ। ଏଥିସହ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ରାଜ୍ୟର ସର୍ବପ୍ରଥମ ଗହଣା ବ୍ରାଣ୍ଡ ଭାବରେ ଏକ ନିଆରା ଗ୍ରାହକ ସେବା '୫ ଷ୍ଟାର ପ୍ରମିଜ୍'ର ଶୁଭାରମ୍ଭ କରାଯାଉଛି। ଶୋ'ରୁମ୍ ଶୁଭାରମ୍ଭ ଅବସରରେ ଆଗାମୀ ରଥଯାତ୍ରା ପର୍ଯ୍ୟନ୍ତ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଆର୍କଷଣୀୟ ଅଫର ଯଥା: ରେଗୁଲାର ହଲ୍‌ମାର୍କ ସୁନାଗହଣା ଉପରେ ଫ୍ଲାଟ୍ ୩୯୯ ଗଢ଼ା ମଜୁରି ଓ ପ୍ରତ୍ୟେକ କ୍ରୟରେ ଆକର୍ଷଣୀୟ ଉପହାର ରଖାଯାଇଛି। ଏହି ବିଶେଷ ମୁହୂର୍ତ୍ତକୁ ଅବିସ୍ମରଣୀୟ କରିବା ପାଇଁ ଅରୁନ୍ଧତୀ ଗ୍ରୁପ୍ ତରଫରୁ 'ଅରୁନ୍ଧତୀ ଫାଉଣ୍ଡେଶନ୍'ର ପରିକଳ୍ପନା କରାଯାଇଥିବା ଏମ୍‌ଡି ମେହେର ସୂଚନା ଦେଇଥିଲେ। ଅରୁନ୍ଧତୀ ଫାଉଣ୍ଡେଶନ୍ ଜରିଆରେ ଆଗାମୀ ଦିନରେ ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କୁ ବିଭିନ୍ନ ନିଃଶୁଳ୍କ ସେବା ଯୋଗାଇ ଦିଆଯିବ ବୋଲି ଏମ୍‌ଡି ମେହେର ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀକୁ ଅରୁନ୍ଧତୀ ଜୁଏଲର୍ସର ଡାଇରେକ୍ଟର ଅଚ୍ୟୁତାନନ୍ଦ ମେହେର ପରିଚାଳନା କରିଥିଲେ।

# ଚାଲୁନି ଟ୍ରଲିରିକ୍ସା, ଜଳୁନି ଚୁଲି



ବୀରମହାରାଜପୁର ବସ୍‌ଷ୍ଟାଣ୍ଡରେ ଟ୍ରଲି ଚାଳକମାନେ ହାତବାନ୍ଧି ବସି ରହିଛନ୍ତି।

ଅମରପାଲି,୧୭ (ଡି.ଏନ.ଏ.)

**ବେରୋଜଗାରୀ ହୋଇପଡ଼ିଛନ୍ତି ଟ୍ରଲିରିକ୍ସା ଚାଳକ**

ଯଜ୍ଞ ବେହେରା। ବୟସ ୬୨। ଦୀର୍ଘ ୩୦ବର୍ଷ ହେଲା ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ରିକ୍ସା ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ଏବେ କରୋନା ଯୋଗୁଁ ଚାଲୁନି ଗାଡି ମୋଟର। ତେଣୁ ମାଲ ନେବାଆଣିବା ପାଇଁ ଟ୍ରଲିରିକ୍ସା ବି ଚାଲୁନି। ତେଣୁ ଘରେ ଜଳୁନି ଚୁଲି। ୧୦ ପ୍ରାଣୀ କୁଟୁମ୍ବ ଚଳାଇବା କଷ୍ଟକର ହୋଇପଡୁଛି। କେବଳ ଯଜ୍ଞ ନୁହନ୍ତି, ବୀରମହାରାଜପୁରର ପ୍ରାୟ ୩୫ ଜଣ ରିକ୍ସାଚାଳକ ଏବେ ବେରୋଜଗାରୀ ହୋଇପଡିଛନ୍ତି। ପ୍ରତିଦିନ ରିକ୍ସା ଧରି ବସ୍‌ଷ୍ଟାଣ୍ଡକୁ ଆସି ହାତବାନ୍ଧି ବସି ରହୁଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ପିଡିଏସ୍ ଚାଉଳ ସମୁଦ୍ରକୁ ଶଙ୍ଖେ ସଦୃଶ। ବୀରମହାରାଜପୁରର ସବୁ ରିକ୍ସାଚାଳକ ଭୂମିହୀନ। କିଏ ୨୦ ବର୍ଷ ତ କିଏ ୩୦ ବର୍ଷ ହେଲା ରିକ୍ସା ଚଳାଉଛନ୍ତି। ଦୈନିକ ୨୦୦ରୁ ୩୦୦ ଟଙ୍କା ରୋଜଗାର କରି ଘର ଖର୍ଚ୍ଚ ଚଳାଉଥିଲେ। ଏବେ ରୋଜଗାର ବନ୍ଦ। ଏଭଳି ସ୍ଥିତିରେ ଘର ଚଳାଇବା କଷ୍ଟକର ହୋଇପଡୁଥିବା କହିଛନ୍ତି ୫୪ବର୍ଷୀୟ ରିକ୍ସାଚାଳକ ବିନାୟକ ନାଏକ। କାଳେ କେଉଁ ଦିନ କାମ ମିଳିଯିବ ଏଇ ଆଶାରେ ଅନ୍ୟ କାମ ନ କରି ବସ୍‌ଷ୍ଟାଣ୍ଡକୁ ଆସି ଅପେକ୍ଷା କରୁଛୁ। ସଞ୍ଜ ପର୍ଯ୍ୟନ୍ତ ଅପେକ୍ଷା କଲେ ମଧ୍ୟ କାମ ମିଳୁନି। ଖାଲି ହାତରେ ଘରକୁ ଫେରୁଛୁ ବୋଲି କହିଛନ୍ତି ରାମଚନ୍ଦ୍ର ବଗର୍ତ୍ତି। ବୀରମହାରାଜପୁର ଉପଖଣ୍ଡର ଟାଙ୍ଗରସାହି, ଗୌଡକେଲା, ଉଫୁଲା, କାନପୁର, ଉଲିଆପଦର, ରାଣୀପୁର, ବାଘମାରୀ ଆଦି ଗ୍ରାମର ଏହି ରିକ୍ସା ଚାଳକମାନେ ଦୂରଗାମୀ ବସ୍ ଯୋଗେ ଆସୁଥିବା ବିଭିନ୍ନ ସାମଗ୍ରୀକୁ ଦୋକାନୀମାନଙ୍କ କହିବା ମୁତାବକ ନିକଟବର୍ତ୍ତୀ ସ୍ଥାନକୁ ନେଉଥିଲେ। ମାତ୍ର ଏବେ ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସରକାର ବିଭିନ୍ନ ବର୍ଗର ଅସହାୟ ଲୋକଙ୍କୁ ସହାୟତା ଘୋଷଣା କରିଛନ୍ତି। ମାତ୍ର ରିକ୍ସା ଚାଳକଙ୍କ ପାଇଁ ସେମିତି କୌଣସି ସହାୟତା ଘୋଷଣା କରିନାହାନ୍ତି। ତେଣୁ ଏମାନଙ୍କୁ ଏହି ସମୟରେ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

### ଦୁଇ ନାବାଳିକାଙ୍କୁ ବିବାହ ଉଦ୍ୟମ ବିଫଳ

ଦେବଗଡ, ୧୭ (ଡି.ଏନ.ଏ)

ଗତ ଦୁଇଦିନ ମଧ୍ୟରେ ଗ୍ରାମ୍ୟ ଶିଶୁ ସୁରକ୍ଷା କମିଟିର ବିରୋଧ ବଳରେ ଦେବଗଡ ଜିଲାରେ ଦୁଇଟି ବାଲ୍ୟ ବିବାହକୁ ରୋକା ଯାଇପାରିଛି। ବାଲ୍ୟ ବିବାହକୁ ବିରୋଧ ହେଉଥିବାରୁ ଦେବଗଡ ଜିଲାରେ ବିବାହ ନ କରାଇ ପଡୋଶୀ ଜିଲାକୁ ଝିଅ ଜାଇଁକୁ ନେଇ ବିବାହ ପାଇଁ ଉଦ୍ୟମ କରାଯାଉଛି। ଏଭଳି ଘଟଣା ନଜରକୁ ଆସିଲେ ଗ୍ରାମ୍ୟସ୍ତରୀୟ ବାଲ୍ୟ ବିବାହ ଟାସ୍କଫୋର୍ସ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସ୍ତରୀୟ ଟାସ୍କ ଫୋର୍ସ ଜିଲା ଶିଶୁ ସୁରକ୍ଷା ବିଭାଗ, ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ଓ ଚାଇଲ୍ଡ ଲାଇନକୁ ସୂଚନା ଦେଉଛନ୍ତି। ସୂଚନା ଅନୁଯାୟୀ, ଗତ ୨୯ ତାରିଖରେ ଝାରସୁଗୁଡାର ସୁଶାନ୍ତ ପଟେଲ ଓ ତାଙ୍କ ପୁତ୍ର ସୁମନ୍ତ ପଡୋଶୀ ଦେବଗଡ଼ ଜିଲା ଖରାଗଗୁଆ ଅଞ୍ଚଳର ଜଣେ ନାବାଳିକାଙ୍କୁ ସେଠାକୁ ନେଇ ବିବାହ ପାଇଁ ନିର୍ବନ୍ଧ ଆୟୋଜନ କରୁଥିଲେ। ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଝାରସୁଗୁଡା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଚାଇଲ୍ଡ ଲାଇନ ତଥା ତିଳେଇବାଣୀର ବାଲ୍ୟ ବିବାହ ଅଧିକାରିଣୀଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସୂଚନା ଦେଇଥିଲେ। ଉଭୟ ଜିଲାରେ ତିଳେଇବଣୀ ବାଲ୍ୟ ବିବାହ ଅଧିକାରିଣୀ ମାନବୀ ରାୟ ଓ ଝାରସୁଗୁଡା ଚାଇଲ୍ଡ ଲାଇନ ସଂଯୋଜକ ଆଶିଷ ପଣ୍ଡା ପୋଲିସ ସହାୟତାରେ କାର୍ଯ୍ୟାନୁଷ୍ଠାନ ନେଇ ବାଲ୍ୟ ବିବାହ ନିର୍ବନ୍ଧକୁ ରୋକିଥିଲେ। ସେହିପରି ଗତ ବୁଧବାର ଦଣ୍ଡାସିଙ୍ଗା ଅଞ୍ଚଳର ଜଣେ ନାବାଳିକାଙ୍କୁ ସଦାଶିବ ସାହୁ ଓ ତାଙ୍କ ପୁଅ ଧରଣୀଧର ଖୋର୍ଦ୍ଧା ଜିଲାକୁ ନେଇ ବିବାହ କରାଇବାକୁ ଉଦ୍ୟମ କରିଥିଲେ। ବାରକୋଟ ବାଲ୍ୟ ବିବାହ ନିଷେଧ ଅଧିକାରୀ ପ୍ରବୀଣ ମିଶ୍ରଙ୍କ ନିର୍ଦ୍ଦେଶରେ ଅଧିକାରୀମାନେ ଝିଅ ଘରକୁ ଯାଇ ବାଲ୍ୟ ବିବାହକୁ ବିରୋଧ କରିଥିଲେ। ସୂଚନା ପାଇ ବରପକ୍ଷ ଘଟଣାସ୍ଥଳରୁ ପଳାଇଥିଲେ।

### ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

ବରଗଡ଼ ଅଫିସ୍,୧୭:

**୩.୫ କୋଟି ଡୋଷରପାତ ମାମଲା**

କୃଷି ଯନ୍ତ୍ରପାତି ବିକ୍ରି ଆଳରେ ପ୍ରାୟ ସାଢ଼େ ୩କୋଟି ଟଙ୍କା ହଡ଼ପ୍ ଅଭିଯୋଗରେ କ୍ରାଇମବ୍ରାଞ୍ଚ ଗିରଫ କରିଥିବା କମଳଜିତ୍ ସିଂଙ୍କ ଜାମିନ ଆବେଦନ ଖାରଜ ହୋଇଛି। ବୁଧବାର ଆବେଦନର ଶୁଣାଣି କରି ବରଗଡ଼ ସେସନ୍ସ ଜଜ୍‌ଙ୍କ କୋର୍ଟରେ ବିଚାରପତି ଏହି ରାୟ ଦେଇଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଗିରଫ ଅଭିଯୁକ୍ତ କମଳଜିତଙ୍କ ଭାଇ ହରପାଲ୍ ସିଂଙ୍କୁ ଏପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଗିରଫ କରି ପାରିନାହିଁ। ସୂଚନାଯୋଗ୍ୟ, ବରଗଡ଼ର ଦୁଇଭାଇ କମଳଜିତ୍ ଓ ହରପାଲ୍ କେରଳରେ ଥିବା ରେଡ୍ ଲାଣ୍ଡସ ଆସଲିନ୍ ମୋଟର୍ସ ନାମକ କୃଷି ଯନ୍ତ୍ରପାତି ନିର୍ମାଣକାରୀ କମ୍ପାନୀ ନାମରେ ଜାଲ୍ କାଗଜାତ ଓଡ଼ିଶା ରାଜ୍ୟ କୃଷି ବିଭାଗ ନିକଟରେ ଦାଖଲ କରିଥିଲେ ଏବଂ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି) ମାଧ୍ୟମରେ କୃଷି ଯନ୍ତ୍ରପାତି ବିକ୍ରି ଆଳରେ ପ୍ରାୟ ସାଢ଼େ ୩କୋଟି ଟଙ୍କାର ରିହାତି ହଡ଼ପ୍ କରିଥିଲେ। ଏ ନେଇ କମ୍ପାନୀର ମ୍ୟାନେଜର (ଜନସମ୍ପର୍କ) ରିଗିନ ବେନେଟ୍ କ୍ରାଇମବ୍ରାଞ୍ଚ ଅପରାଧ ଶାଖାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି କ୍ରାଇମବ୍ରାଞ୍ଚ ଦଫା ୪୧୯, ୪୨୦, ୪୦୬, ୪୬୭, ୪୬୮, ୪୭୧, ୨୦(ବି) ଆଇପିସି ଏବଂ ଆଇଟି ଆକ୍ଟର ଧାରା ୬୬କ୍ରମେ ଏକ ମାମଲା (ନଂ.୭/୨୧) ରୁଜୁ କରିଥିଲା। ଗତ ଜୁନ୍ ୨୨ରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ଦେବେନ୍ଦ୍ର ନାରାୟଣ ଦାଶ, ଡିଏସ୍‌ପି ଆଶିଷ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ବରଗଡ଼ ଆସି ଅଭିଯୁକ୍ତ କମଳଜିତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମୁଖ୍ୟ ଅଭିଯୁକ୍ତ ହରପଲଙ୍କୁ ଏ ପର୍ଯ୍ୟନ୍ତ ଧରିପାରିନାହିଁ।

### ଗଛରେ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ

ସୁନ୍ଦରଗଡ,୧୭(ଡି.ଏନ୍.ଏ.): ସୁନ୍ଦରଗଡ-ପୋଡାଜଲଙ୍ଗା ରାସ୍ତା ପାର୍ଶ୍ୱ ଏକ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଛି। ରାସ୍ତାରେ ଯାଉଥିବା ଲୋକେ ଏହା ଦେଖି ଗୁରୁବାର ଅପରାହ୍ନରେ ପୋଲିସକୁ ଖବର ଦେଇଛନ୍ତି। ମୃତ ଯୁବକ ଏକ ନୀଳରଙ୍ଗର ଜିନ୍ସ ଓ ମାଟିଆ ରଙ୍ଗର ଗଞ୍ଜି ପିନ୍ଧିଥିବା ଦେଖିବାକୁ ମିଳିଛି।

# ଏସ୍‌ଏମ୍‌ସିରେ ନିର୍ମାଣ ହେବ ୧୮୨ ଅଙ୍ଗନୱାଡି କେନ୍ଦ୍ର

ସମ୍ବଲପୁର,୧୭(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)ଅଞ୍ଚଳରେ ଜମି ସମସ୍ୟା ଓ ଅନ୍ୟ କାରଣରୁ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇପାରୁ ନ ଥିଲା। ଏବେ ଏହି ସମସ୍ୟା ଦୂର ହେବାକୁ ଯାଉଛି। ଏସ୍‌ଏମ୍‌ସିର ହୀରାକୁଦ, ବୁର୍ଲା, ଧନକଉଡା, ମାନେଶ୍ୱର ଅଞ୍ଚଳରେ ମୋଟ ୧୮୨ କେନ୍ଦ୍ର ନିର୍ମାଣ କରାଯିବ। ମହାନଗର ନିଗମ ପକ୍ଷରୁ କାମରେ ବିଳମ୍ବ କରାଯାଉଥିବାରୁ ଜିଲାପାଳ ଶୁଭମ୍ ସକ୍‌ସେନା କେନ୍ଦ୍ର ନିର୍ମାଣ ପାଇଁ ମାନେଶ୍ୱର ଓ ଧନକଉଡା ବ୍ଲକକୁ ଦାୟିତ୍ୱ ଦେଇଛନ୍ତି। ବ୍ଲକ ପକ୍ଷରୁ ନିର୍ମାଣ କାମ ଆରମ୍ଭ ହୋଇଯାଇଥିବା ଧନକଉଡା ବିଡିଓ ବସନ୍ତ ହାତୀ କହିଛନ୍ତି। ସେ ଆହୁରି କହିଛନ୍ତି, ବ୍ଲକରେ ୯୪ କେନ୍ଦ୍ର ନିର୍ମାଣ କରିବା ଦାୟିତ୍ୱ ଦିଆଯାଇଛି। ମାନେଶ୍ୱର ବ୍ଲକ ପକ୍ଷରୁ ୮୮ କେନ୍ଦ୍ର ନିର୍ମାଣ କରାଯିବ। ଧନକଉଡା ବ୍ଲକ ପକ୍ଷରୁ ପ୍ରାୟ ୫୦ କେନ୍ଦ୍ରର ନିର୍ମାଣ କାମ ଆରମ୍ଭ ହୋଇଯାଇଛି। କେତେକ ସ୍ଥାନରେ ଛାତ ପଡିଗଲାଣି। ଅଧିକ ଶ୍ରମିକ ନିୟୋଜିତ କରି କିଭଳି କାମ ଶୀଘ୍ର ସମ୍ପୂର୍ଣ୍ଣ କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଉଛି। ୨ମାସ ଭିତରେ କେନ୍ଦ୍ରଗୁଡିକର କାମ ସମ୍ପୂର୍ଣ୍ଣ କରି ଆଇସିଡିଏସ୍ ବିଭାଗକୁ ହସ୍ତାନ୍ତର କରାଯିବ। ଅଳ୍ପ କେତେକ ସ୍ଥାନରେ



ଜମି ସମସ୍ୟା ରହିଛି। ସେ ନେଇ ତହସିଲଦାରଙ୍କୁ ଅବଗତ କରାଯାଇଛି। ତହସିଲ ପକ୍ଷରୁ ଜମି ଯୋଗାଇ ଦିଆଗଲେ କାମ ଆରମ୍ଭ କରାଯିବ। ଏଥିରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟ ସହଯୋଗର ଆବଶ୍ୟକ ରହିଛି। ନିଜ ପିଲାମାନଙ୍କ ସୁବିଧା ପାଇଁ ସ୍ଥାୟୀ କେନ୍ଦ୍ର ନିର୍ମାଣକୁ ବିରୋଧ ନ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଗୋଟିଏ କେନ୍ଦ୍ର ପାଇଁ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏଥିରେ ବାରଣ୍ଡା, କ୍ଲାସ ରୁମ୍, ଷ୍ଟୋର, ରୋଷେଇ ଘର ରହିଛି।

# ସପକ୍ଷବାଦୀ-ବିପକ୍ଷବାଦୀ ମୁହାଁମୁହିଁ

ଝାରସୁଗୁଡ଼ା ଅଫିସ,୧୭

ମାନବାଧିକାରୀ କର୍ମୀ ସତ୍ୟ ନାରାୟଣ ରାଓଙ୍କ ଗିରଫଦାରିକୁ ନେଇ ଝାରସୁଗୁଡ଼ାରେ ଜୋର ଧରିଛି ରାଜନୀତି। ତାଙ୍କ ଗିରଫଦାରିକୁ ସପକ୍ଷବାଦୀ ନିନ୍ଦା କରୁଥିବାବେଳେ ବିପକ୍ଷବାଦୀ ତାଙ୍କୁ ଏନ୍‌ଏସ୍‌ରେ ଗିରଫ ପାଇଁ ଦାବି କରିଛନ୍ତି। ଏ ନେଇ ଉଭୟପକ୍ଷ ମୁହାଁମୁହିଁ ହୋଇଛନ୍ତି। ଝାରସୁଗୁଡା ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଅଭିଯୋଗକୁ ଭିତ୍ତିକରି ଟାଉନ ଥାନା ପୋଲିସ ମାନବାଧିକାର କର୍ମୀ ରାଓଙ୍କୁ ଗତ ଶୁକ୍ରବାର ଗିରଫକରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ଏହାର ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଙ୍ଗଠନକୁ ନେଇ ସ୍ୱାଭିମାନ ମଞ୍ଚ ଗଠନ କରାଯାଇଥିଲା। ମଞ୍ଚ ତରଫରୁ ୫ଦଫା ଦାବିନେଇ ଗତ ସୋମବାରରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଗାନ୍ଧୀଛକରେ ପ୍ରତୀକ ଧର୍ମଘଟ ଜାରି ରହିଛି। ଏଭଳି ସ୍ଥିତିରେ ବିପକ୍ଷବାଦୀମାନେ ସ୍ୱାଭିମାନ କମିଟି ନାମରେ ସଙ୍ଗଠନ କରି ମାନବାଧିକାର କର୍ମୀ ରାଓଙ୍କୁ ଏନ୍‌ଏସ୍‌ରେ ଗିରଫ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।





ସପକ୍ଷବାଦୀଙ୍କ ପ୍ରତୀକ ଧର୍ମଘଟ (ବାମ) । ମାନବାଧିକାରୀ କର୍ମୀଙ୍କୁ ଏନ୍‌ଏସ୍‌ରେ ଗିରଫ ଦାବିରେ ବିପକ୍ଷବାଦୀଙ୍କ ବୈଠକ।

**ମାନବାଧିକାରୀ କର୍ମୀ ଗିରଫ ପ୍ରସଙ୍ଗ**

ଏହାସହ କମିଟି ତରଫରୁ ଗୁରୁବାର ଗାନ୍ଧୀ ଛକରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମାନବାଧିକାର କର୍ମୀ ରାଓଙ୍କ ବେଆଇନ କାର୍ଯ୍ୟକୁ ନେଇ ତାଙ୍କୁ ଏନ୍‌ଏସ୍‌ରେ ଗିରଫ କରିବା ପାଇଁ ଦାବି ହୋଇଥିଲା। ବୈଠକରେ କମିଟି ସଭାପତି ପ୍ରତାପ ନନ୍ଦ, ସାଧାରଣ ସମ୍ପାଦକ ମଦନ ହାତୀ, ଉପସଭାପତି ସିଦ୍ଧାର୍ଥ ସରକାର, ଆଞ୍ଚଳିକ ବିସ୍ଥାପିତ ମଞ୍ଚ ସଭାପତି ବେଣୁଗୋପାଳ ପାଣିଗ୍ରାହୀ, ଝାରସୁଗୁଡା ସଚେତନ ନାଗରିକ ମଞ୍ଚର ରଘୁମଣି ପଟେଲ, ମେହେର ସମାଜ ସଭାପତି ପ୍ରମୋଦ କୁମାର ମେହେର, ଖିଦ୍ମତ ମହିଳା କମିଟି ସଭାପତି ରୁବିନା ଖାନ ପ୍ରମୁଖ ଉପସ୍ଥିତ ଥିଲେ।

### ଜେଲ୍‌ରୁ ମୁକୁଳିଲେ ମାନବାଧିକାର କର୍ମୀ

ଝାରସୁଗୁଡ଼ା ପୌର ପରିଷଦ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଜେଲ୍ ଯାଇଥିବା ମାନବାଧିକାରୀ କର୍ମୀ ସତ୍ୟ ନାରାୟଣ ରାଓ ଗୁରୁବାର ଜେଲ୍‌ରୁ ମୁକୁଳିଛନ୍ତି। ଗତ ଶୁକ୍ରବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏସ୍‌ଡିଜେଏମ୍ କୋର୍ଟରେ ତାଙ୍କ ଜାମିନ ଖାରଜ ହୋଇଥିଲା। ପରେ ତାଙ୍କ ଓକିଲ ସୀତାରାମ ଦାସ ଜାମିନ ପାଇଁ ଜିଲା ଜଜ୍‌ଙ୍କ ନିକଟରେ ଆବେଦନ କରିଥିଲେ। ଜିଲା ଜଜ୍ ଏହାର ବିଚାରକରି ୩ଗୋଟି ସର୍ତ୍ତରେ ତାଙ୍କୁ ଜାମିନ ଦେଇଛନ୍ତି। ଏଥିମଧ୍ୟରେ ରହିଛି ଏଭଳି ଅପରାଧ ଆଉ କରିବେ ନାହିଁ, ଆବଶ୍ୟକବେଳେ କୋର୍ଟରେ ହାଜର ହେବେ ଓ ମାମଲାରେ କୌଣସି ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ।

**ଆଜିର ମନ୍ତବ୍ୟ**

“କୋଭିଡ୍‌ରୁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରାଯାଇପାରିବାର ଶ୍ରେୟ ଡାକ୍ତର କର୍ମଚାରୀଙ୍କୁ ଯାଉଛି। ସେମାନଙ୍କ ନିରାପତ୍ତା ପ୍ରତି ସରକାର ପ୍ରତିଶ୍ରୁତିବଦ୍ଧ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳୀ ମାଇ;**
**ଚୂନ ବୋଳିଲେ କି ଘଷି ମାଜିଲେ,**
**ଗୋରୀ ହୋଇ।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳି ପାରି ନ ଥାଏ। ଶ୍ୟାମଳ ଦେହକୁ ଘଷି ମାଜିଲେ ବି ସେ କେବେ ଗୌରବର୍ଣ୍ଣ ହୋଇପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ବୃଥା ବୋଲି ପ୍ରମାଣିତ ହୋଇଥାଏ। ଗୋରୀ ହେବା ପାଇଁ ପ୍ରୟାସରତ ମହିଳା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଳା କମ୍ବଳ, ନୁହେଁ ଉଜ୍ଜ୍ୱଳ;**
**ଶାଶୁଙ୍କର ଆଜି ମଙ୍ଗଳବାର।**

ସାଧାରଣତଃ କମ୍ବଳ ଦେଖିବାକୁ କଳା। ପରୋକ୍ଷରେ ଯିଏ ଯାହା ସିଏ ତାହା, ସ୍ୱଭାବ କେବେ ବଦଳି ପାରି ନ ଥାଏ। ଯାହାର ଗୁଣ ବା ପ୍ରକୃତି ମନ୍ଦ ତାହାକୁ ପରିବର୍ତ୍ତନ କରିବା କଷ୍ଟସାଧ୍ୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ‘ଧାନକ୍ରୟ ସମୟ ସୀମା ୧୫ ଦିନ ବଢ଼ାଅ’

- ରାଜ୍ୟବ୍ୟାପୀ ଭାଜପାର ବିକ୍ଷୋଭ, ପ୍ରତିବାଦ
- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଭାଜପା ବିଧାୟକ
- ବିବୃତ୍ତିରେ ତିଷ୍ଠି ରହିବାକୁ ପ୍ରୟାସ: ବିଜେଡି

ଭୁବନେଶ୍ୱର, ୧୭(ବ୍ୟୁରୋ)

ଚାଷୀଙ୍କ ଧାନ କ୍ରୟ ସମସ୍ୟା ନେଇ ପୂର୍ବ ଘୋଷଣା ଅନୁଯାୟୀ ଭାଜପା ପକ୍ଷରୁ ଗୁରୁବାର ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟର ସମସ୍ତ ଧାନମଣ୍ଡି ଏବଂ ସିଏସ୍‌ଓ କାର୍ଯ୍ୟାଳୟ ଆଗରେ ଦଳୀୟ କର୍ମୀମାନେ ଧାରଣା ଦେଇଥିବାବେଳେ କେତେକ ସ୍ଥାନରେ ରାସ୍ତା ଅବରୋଧ କରିଥିଲେ। ଏହି ଅବସରରେ ଚାଷୀଙ୍କ ଧାନକ୍ରୟ ସମୟସୀମା ଆଉ ୧୫ଦିନ ବୃଦ୍ଧି କରିବାକୁ ଦାବି କରି ଭାଜପା ବିଧାୟକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ସରକାର ପ୍ରସ୍ତାବ ଗ୍ରହଣ ନ କଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାନକିଣା ପ୍ରସଙ୍ଗରେ କଂଗ୍ରେସ ମଧ୍ୟ ପ୍ରତିବାଦ କରିଛି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟରେ ରବି ଧାନ ପ୍ରୋକ୍ୟୋରମେଣ୍ଟ ଅତ୍ୟନ୍ତ ଅବ୍ୟବସ୍ଥିତ ହୋଇଛି। ଖରିଫ୍ ଫସଲ ଅମଳ ବେଳେ ସରକାରଙ୍କ ପରିଚାଳନାଗତ ତ୍ରୁଟିରୁ ବିଭିନ୍ନ ସମସ୍ୟା ଦେଖାଦେଇଥିଲା। ବିଧାନସଭାରେ ଭାଜପା ବିଧାୟକମାନ ଏହି ପ୍ରସଙ୍ଗ ଉଠାଇବା ସତ୍ତ୍ୱେ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ନାହିଁ। ସେଣ୍ଟ୍ରାଲାଇଜଡ୍ ଟୋକନ ବ୍ୟବସ୍ଥା, ଯୋଗାଣ ନିଗମ ତଥା ଜିଲା ପ୍ରୋକ୍ୟୋରମେଣ୍ଟ ବ୍ୟବସ୍ଥାରେ ତାଳମେଳ ନ ଥିବାରୁ ଚାଷୀଙ୍କଠାରୁ ଧାନ କିଣାଯାଇ ପାରୁନାହିଁ। ଧାନ କିଣା ମିଲରଙ୍କ ଦ୍ୱାରା ପରିଚାଳିତ ହେଉଛି। ପଞ୍ଜୀକୃତ ଚାଷୀଙ୍କୁ ଟୋକନ ମିଳୁନାହିଁ। ଟୋକନ ପାଇଥିବା ଚାଷୀ ଧାନ ବିକ୍ରି କରିପାରୁନାହାନ୍ତି। କେନ୍ଦ୍ର ସରକାର ପଠାଉଥିବା ଅର୍ଥ ଚାଷୀଙ୍କ ପାଖରେ ପହଞ୍ଚୁ ନାହିଁ। ଏସବୁ ସମସ୍ୟାର ସମାଧାନ କରିବା ସହିତ ରାଜ୍ୟର ସମସ୍ତ ଚାଷୀଙ୍କଠାରୁ ସରକାର ଧାନ କିଣିବାକୁ ପୃଥ୍ୱୀରାଜ ଦାବି କରିଛନ୍ତି।

ଅପରପକ୍ଷେ ଭାଜପାର ଅଭିଯୋଗକୁ ବିରୋଧ କରି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ପାଖାପାଖି ବର୍ଷେ ହେଲା ଭାଜପା ଶାସିତ ଉତ୍ତରପ୍ରଦେଶ ଓ ହରିୟାଣାର ସରକାର ବିରୋଧରେ କୃଷକ ଆନ୍ଦୋଳନ ଚାଲିଛି। ଏହା ଉପରୁ ସାଧାରଣ ଲୋକଙ୍କ ନଜର ହଟାଇବା ପାଇଁ ଓଡ଼ିଶାର ଭାଜପା ନେତାମାନେ ପ୍ରୟାସ କରୁଛନ୍ତି। କୃଷକଙ୍କ ପାଇଁ ଭାଜପାର ଏହା କୁମ୍ଭୀର କାନ୍ଦଣା। କେନ୍ଦ୍ରର ଭାଜପା ସରକାର ଧାନକିଣା ସବ୍‌ସିଡି ଆକାରରେ ବାକିଥିବା ୬,୬୨୦ କୋଟି ଟଙ୍କା ଓଡ଼ିଶାକୁ ଦେଇନାହାନ୍ତି। ରାଜ୍ୟରୁ ୧୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନ ଉଠାଇବା ଘଟଣାକୁ ଲୁଚାଇବାକୁ ଅପଚେଷ୍ଟା କରୁଛନ୍ତି। ଧାନର ଏମ୍‌ଏସ୍‌ପି ୧.୫ ଗୁଣା ବୃଦ୍ଧି କିମ୍ବା ସ୍ୱାମୀନାଥନ କମିଶନ ରିପୋର୍ଟ ସୁପାରିସକୁ କାର୍ଯ୍ୟକାରୀ କରାଯାଉନାହିଁ। ରାଜନୈତିକ ଦୃଷ୍ଟିରୁ ଗଣମାଧ୍ୟମରେ ତିଷ୍ଠି ରହିବା ପାଇଁ ଏଭଳି ବିବୃତି ଦେବା ଭାଜପା ନେତାଙ୍କ ଏକ ଅଭ୍ୟାସରେ ପରିଣତ ହୋଇଗଲାଣି ବୋଲି ଲେନିନ୍ କହିଛନ୍ତି।

# ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**ରାଜ୍ୟରେ ନକଲି ଔଷଧ କାରବାର ଘଟଣା**

କଟକ ଅଫିସ, ୧୭

ରାଜ୍ୟରେ ନକଲି ଔଷଧ କାରବାର ଘଟଣାର ସିବିଆଇ ତଦନ୍ତ ଦାବିକରି ଆମ୍ ଜନତା ଅଧିକାର ଟ୍ରଷ୍ଟର ଆବାହକ ବାସୁଦେବ ଭଞ୍ଜ ଗୁରୁବାର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଆବେଦନକାରୀ ଭଞ୍ଜ ଏହି ମାମଲାରେ ସିବିଆଇ ନିର୍ଦ୍ଦେଶକ, ରାଜ୍ୟ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବଙ୍କ ସମେତ ୫ଜଣଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଏହି ମାମଲାରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ତଦନ୍ତ ଫଳପ୍ରଦ ହେବ ନାହିଁ ବୋଲି ପିଟିଶନରେ ଦର୍ଶାଯାଇଛି। ଆଇନଜୀବୀ ବିଭୂତି ଭୂଷଣ ଚୌଧୁରୀ ଏହି ମାମଲା ପରିଚାଳନା କରୁଛନ୍ତି।

ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ ନକଲି ଫାଭିପିରାଭିର ଓ ଅନ୍ୟ ଔଷଧ ବିକ୍ରି ହେଉଥିଲା। ଏ ସମ୍ପର୍କରେ ଜଣାପଡିବା ପରେ କିଛିଦିନ ତଳେ ରାଜ୍ୟର କେତେକ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ନକଲି ଔଷଧ ଜବତ କରାଯାଇଥିଲା। ଏପରିସ୍ଥଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା, ନକଲି ଔଷଧ କାରବାରକୁ ବରଦାସ୍ତ କରାଯିବ ନାହିଁ। ଏଭଳି କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ପ୍ରଥମ କୁଳସଚିବ ଭାବେ ଦାୟିତ୍ୱ ନେଲେ ନିରୁପମା ସ୍ୱାଇଁ



**ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ**

କଟକ ଅଫିସ,୧୭

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳସଚିବ ଭାବେ ଓଏଏସ୍ ଅଫିସର ନିରୁପମା ସ୍ୱାଇଁ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର କମଳଜିତ ସିଂ ତାଙ୍କୁ ସ୍ୱାଗତ କରିଥିଲେ। ନିରୁପମା ଦାୟିତ୍ୱ ଗ୍ରହଣ କରିବାବେଳେ ଡ. ସୁଶାନ୍ତ ନନ୍ଦ, ଡ. ସତ୍ୟନାରାୟଣ ମଲ୍ଲିକ ଓ ଛାତ୍ର ସୁମନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନିରୁପମା କହିଛନ୍ତି, ବିଶ୍ୱବିଦ୍ୟାଳୟ ଭିତ୍ତିଭୂମିର ବିକାଶ ସହ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଯୋଗାଇବା ମୂଳ ଲକ୍ଷ୍ୟ। ସୂଚନାଥାଉ କି, ଗତ ଏପ୍ରିଲ ୨୮ରେ ମଧୁସୂଦନ ଆଇନ କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ସହ ପ୍ରଫେସର ସିଂ ପ୍ରଥମ କୁଳପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଗତ ମାସ ୨୪ରେ ରାଜ୍ୟ ସରକାର ନିରୁପମାଙ୍କୁ ବିଶ୍ୱବିଦ୍ୟାଳୟର କୁଳସଚିବ ଭାବରେ ନିଯୁକ୍ତି ଦେଇଥିଲେ। ସେ ପୂର୍ବରୁ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମରେ ଡିଜିଏମ୍ ଭାବରେ କାର୍ଯ୍ୟରତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ୩୦ରୁ ମାଟ୍ରିକ...

ସ୍ୱତନ୍ତ୍ର ଅଫ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହେଉଥିବାରୁ ଚଳିତବର୍ଷ ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା କରାଯିବ ନାହିଁ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ମାଟ୍ରିକ ପରୀକ୍ଷା ହୋଇ ନ ଥିଲା। ବିନା ପରୀକ୍ଷାରେ ନବମ ଓ ଦଶମର ପୂର୍ବ ପରୀକ୍ଷା ଫଳ ଆଧାରରେ ମୂଲ୍ୟାୟନ କରାଯାଇଥିଲା। ଗତ ୨୫ ତାରିଖରେ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଏଥର ରେକର୍ଡ ପାସ୍ ହାର ୯୭.୮୯% ରହିଥିଲା। କିନ୍ତୁ ବହୁ ମେଧାବୀଙ୍କ ଫଳାଫଳ ଭଲ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ପରୀକ୍ଷା ମୂଲ୍ୟାୟନରେ ତ୍ରୁଟି ରହିଥିବା ଅଭିଯୋଗ ଆଣି ଛାତ୍ରୀଛାତ୍ର, ଅଭିଭାବକମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ପରିଷଦ କାର୍ଯ୍ୟାଳୟ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଧାରଣା ଓ ବିକ୍ଷୋଭ କରିଥିଲେ। ତେବେ ମୂଲ୍ୟାୟନରେ କୌଣସି ତ୍ରୁଟି ନ ଥିବା ପରିଷଦ ସଭାପତି ରାମାଶିଷ ହାଜରା ସ୍ପଷ୍ଟ କରିଥିଲେ। ଯେଉଁମାନେ ପରୀକ୍ଷା ଫଳରେ ଅସନ୍ତୁଷ୍ଟ ଅଛନ୍ତି, ସେମାନଙ୍କ ପାଇଁ ଅଫ୍‌ଲାଇନ୍ ପରୀକ୍ଷା କରାଯିବ ବୋଲି ସେ କହିଥିଲେ। ସେପଟେ ବର୍ତ୍ତମାନ ସମୟରେ ପରୀକ୍ଷା ଦେବାକୁ ରାଜି ନାହାନ୍ତି ଛାତ୍ରୀଛାତ୍ର। ଛାତ୍ରୀଛାତ୍ରଙ୍କ କହିବାନୁଯାୟୀ, ଏବେ ଯୁକ୍ତ୨ ପାଇଁ ଆମେ ପାଠପଢ଼ା ଆରମ୍ଭ କରିସାରିଲୁଣି। ତେଣୁ ପରୀକ୍ଷା ଦେଇପାରିବୁ ନାହିଁ। ତେଣୁ ପରୀକ୍ଷା ନ କରି ଆମର ମାର୍କ ବଢ଼ାଯାଉ ବୋଲି ବିଭିନ୍ନ ଛାତ୍ରୀଛାତ୍ର ଦାବି କରିଛନ୍ତି।

### ଗର୍ଭବତୀଙ୍କୁ ଖୁବ୍‌ଶୀଘ୍ର...

ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୟାଗଡ଼, ରାୟଗଡ଼ା ଓ ସୋନପୁରରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେପଟେ ଟିକାକରଣକୁ ନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ତୃତୀୟ ଲହର ପୂର୍ବରୁ ଟିକାକରଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। କିନ୍ତୁ କେନ୍ଦ୍ର ସରକାର ଟିକା ଯୋଗାଣରେ ବିଳମ୍ବ କରୁଥିବାରୁ ଲକ୍ଷ୍ୟ ଅନୁଯାୟୀ ଦୈନିକ ୩ଲକ୍ଷ ଟିକାକରଣ ହୋଇପାରୁନାହିଁ ବୋଲି ସେ କହିଛନ୍ତି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟରେ ୩,୦୮୭ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୪୫ଜଣଙ୍କ ମୃତ୍ୟୁ ଘଟିଛି।

### ଜିସିଇ ହେବ...

ହେମନ୍ତ କୁମାର ଶର୍ମା ଏହି ପ୍ରସ୍ତାବ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏଥିପାଇଁ ଇକୋସିଷ୍ଟମ ପ୍ରସ୍ତୁତ କରିବା ସହ ପ୍ରତିଭାଧାରୀ ବ୍ୟକ୍ତିବିଶେଷଙ୍କୁ ଆକୃଷ୍ଟ କରିବାକୁ ମୁଖ୍ୟ ଶାସନ ସଚିବ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାରେ ଖଣି କ୍ଷେତ୍ରରେ ସମ୍ଭାବନା ଥିବାରୁ ଆଇଏସ୍‌ଏମ୍, ଧାନବାଦ ଭଳି ପ୍ରତିଷ୍ଠାନ ରାଜ୍ୟରେ ସ୍ଥାପନ କରିବା ଲାଗି ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି। ସାରା ବିଶ୍ୱର ପ୍ରତିଭାମାନେ ଯେଭଳି ଏହି ଅନୁଷ୍ଠାନ ପ୍ରତି ଆକୃଷ୍ଟ ହେବେ ସେ ନେଇ ଆନୁଷଙ୍ଗିକ ଭିତ୍ତିଭୂମି ଏବଂ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଖଣି, ଇଞ୍ଜିନିୟରିଂ ଏବଂ ଜିଓ ଫିଜିକ୍ସରେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଆମାନଙ୍କୁ ଏଠାରେ କାମ କରିବାର ସୁଯୋଗ ମିଳିବ। ପ୍ରତିଷ୍ଠାନ ସ୍ଥାପନ ଲାଗି ଏକ ବିସ୍ତୃତ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ସରକାର ପ୍ରସ୍ତାବକୁ ଆବଶ୍ୟକ ମଞ୍ଜୁରୀ ପ୍ରଦାନ କରିବେ।

ଏଠାରେ ଏକ ସ୍ୱତନ୍ତ୍ର ଜିଓଲୋଜି ଡିଭିଜନ ରଖିବା ସହ ଏଠାରେ ଆପ୍ଲାଏଡ୍ ଜିଓଲୋଜି, ଜିଓ ଫିଜିକ୍ସ ଏବଂ ଜିଓ ଇଞ୍ଜିନିୟରିଂରେ ୫ବର୍ଷିଆ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମ ରଖିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପରାମର୍ଶ ଦେଇଛନ୍ତି। ଗବେଷଣା ଏବଂ ଉନ୍ନତୀକରଣ କାର୍ଯ୍ୟକୁ ଉତ୍ସାହିତ କରିବା ଲାଗି ଏକ ଦୃଢ଼ କର୍ପସ ପାଣ୍ଠି ଗଠନ ନେଇ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି।

ଜିସିଇରେ ନୂଆ ବ୍ୟବସ୍ଥା ଲାଗି ୪୨.୫୦ କୋଟି ଖର୍ଚ୍ଚ କରିବା ପାଇଁ ଆକଳନ କରାଯାଇଛି। ଏଠାରେ ରକ୍ ମେକାନିକ୍ସ, ରକ୍ ଏକ୍ସାଭେସନ, ମିନେରାଲ ପ୍ରୋସେସିଂ, ଏକ୍ସଟ୍ରାକ୍ଟିଭ ମେଟାଲର୍ଜି, ମ୍ୟାଟେରିଆଲ ଟେଷ୍ଟିଂ, କ୍ୟାରେକ୍ଟରାଇଜେଶନ, ଜିଓଲୋଜି, ଏନ୍‌ଭାଇରମେଣ୍ଟାଲ ଇଞ୍ଜିନିୟରିଂ, ମାଇନିଂ ପ୍ଲାନିଂ ଏବଂ ଡିଜାଇନ ଭଳି କ୍ଷେତ୍ରରେ ଆଡଭାନ୍ସ ଡିଭିଜନ ସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଜିସିଇ ଅଧ୍ୟକ୍ଷ ପ୍ରଫେସର ଡି.ଡି. ମିଶ୍ର, ଟେକ୍ନିକାଲ ଏଜୁକେଶନ ନିର୍ଦ୍ଦେଶକ ରେଘୁ ଜି., କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ, ଦକ୍ଷତା ବିକାଶ ଅତିରିକ୍ତ ସଚିବ ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବସ୍ ଭଡ଼ା...

କିଲୋମିଟର ପିଛା ୧ଟଙ୍କା ୪୯ପଇସା ପରିବର୍ତ୍ତେ ୧ଟଙ୍କା ୫୭ ପଇସା ଏବଂ ସୁପର ପ୍ରିମିୟମ୍ ବସ୍ କିଲୋମିଟର ପିଛା ୨ଟଙ୍କା ୩୨ ପରିବର୍ତ୍ତେ ୨ଟଙ୍କା ୪୪ପଇସା ଅଧିକ ଦେବାକୁ ହେବ। ଏହି ବସ୍ ଭଡ଼ା ବୃଦ୍ଧିକୁ ନେଇ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଆଦୌ ଖୁସି ନୁହେଁ। ରାଜ୍ୟ ସରକାର ବସ୍ ଭଡ଼ା ବୃଦ୍ଧି ପରିବର୍ତ୍ତେ ଡିଜେଲ ଉପରୁ ଭାଟ୍ ଏବଂ କେନ୍ଦ୍ର ସରକାର ଆଦାୟ କରୁଥିବା ଟିକସ ହ୍ରାସ କରିଥିଲେ ଏହି ବୋଝ ଯାତ୍ରୀମାନଙ୍କ ଉପରେ ପଡି ନ ଥାନ୍ତା ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। କରୋନା ସଂକ୍ରମଣ ଯୋଗୁ ୨୦୨୧ ମେ ୫ତାରିଖଠାରୁ ରାଜ୍ୟରେ ବସ୍ ଚଳାଚଳ ବନ୍ଦ ରହିଛି। ଜୁଲାଇ ୧ରୁ ୨୦ଟି ଜିଲାରେ ବସ୍ ଚଳାଚଳ କରିବା ପାଇଁ ସରକାର ଅନୁମତି ଦେଇଛନ୍ତି। ସମଗ୍ର ରାଜ୍ୟରେ ବସ୍ ଚଳାଚଳ ସ୍ୱାଭାବିକ ହୋଇ ନଥିବା ବେଳେ ବସ୍ ଭଡ଼ା ବୃଦ୍ଧି ପରିବହନ ସେବାକୁ ଆହୁରି ବିପର୍ଯ୍ୟସ୍ତ କରିବା ନେଇ ସଂଘ ଆଶଙ୍କା କରିଛି। ଅନ୍ୟପକ୍ଷରେ ତୈଳ ଦର ବୃଦ୍ଧି ଯୋଗୁ ବାରମ୍ବାର ବସ୍ ଭଡ଼ା ବୃଦ୍ଧି ଯାତ୍ରୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି।

### ଦର ବଢ଼ିଲା...

ଏଲ୍‌ପିଜି ଦର ବୃଦ୍ଧିକୁ ନେଇ କଂଗ୍ରେସ ନେତା ପି.ଚିଦାମ୍ବରମ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ‘ମୋଦି ହେ ମୁମ୍‌କିନ୍ ହୈ’ (ମୋଦି ଥିଲେ ସବୁ ସମ୍ଭବ)। ୨୦୨୦ ନଭେମ୍ବରରୁ ଅଦ୍ୟାବଧି ଏଲ୍‌ପିଜି ଦର ୫୯୪ ଟଙ୍କାରୁ ୮୩୪ ଟଙ୍କାକୁ ବୃଦ୍ଧି ଘଟିଥିବା ସେ ମତ ପ୍ରକାଶ କରିଛନ୍ତି। ତୈଳ ବିପଣନ କମ୍ପାନୀଗୁଡିକ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ନୂଆଦିଲ୍ଲୀ ଏବଂ ମୁମ୍ବାଇରେ ୧୪.୨ ଲିଟର ଏଲ୍‌ପିଜି ସିଲିଣ୍ଡର ୮୦୯ରୁ ୮୩୪.୫୦ ଟଙ୍କା ଛୁଇଁଛି। ସେହିଭଳି ଚେନ୍ନାଇରେ ୮୨୫ରୁ ୮୫୦.୫୦ ପଇସାକୁ ବଢ଼ିଛି। କୋଲକାତାରେ ୮୩୫.୫୦ ରୁ ୮୬୧ ଟଙ୍କା ରହିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ମଧ୍ୟ ବଢ଼ିଚାଲିଛି। ଏହା ଗୁରୁବାର ୨୦୧୮ ପରଠାରୁ ସର୍ବାଧିକ ସ୍ତର ବ୍ୟାରେଲ ପିଛା ୭୫ ଡଲାର ଛୁଇଁଛି। ଫଳରେ ପେଟ୍ରୋଲ ଓ ଡିଜେଲ ଦର ମଧ୍ୟ ଆହୁରି ବଢ଼ିବ ବୋଲି ବଜାର ବିଶେଷଜ୍ଞ ଆଶଙ୍କା ପ୍ରକଟ କରିଛନ୍ତି।

**ଦର ବୃଦ୍ଧି ଖାଉଟିଙ୍କ ଦେହସୁଆ ହୋଇଯାଇଛି**

ଗତ କିଛି ବର୍ଷ ହେଲା ଗ୍ୟାସ୍ ଓ ଇନ୍ଧନ ଦର ବୃଦ୍ଧିକୁ ନେଇ ସାଧାରଣ ଖାଉଟିଙ୍କ ଠାରୁ ଆରମ୍ଭ କରି ବିତରକଙ୍କ ପର୍ଯ୍ୟନ୍ତ ସମସ୍ତେ ହନ୍ତସନ୍ତ ହେଉଛନ୍ତି। ହାତଗଣତି ଲୋକଙ୍କୁ ଛାଡ଼ିଦେଲେ ବାକି ସବୁ ଲୋକଙ୍କର ଏହା ଦେହସୁଆ ହୋଇଯାଇଛି। ଆଗରୁ ଦର ବୃଦ୍ଧି ହେଲେ ଦିନ ଦିନ ଧରି ଆନ୍ଦୋଳନ ଓ ବିକ୍ଷୋଭ ଏବଂ ପ୍ରତିବାଦ ହେଉଥିଲା କିନ୍ତୁ ବର୍ତ୍ତମାନ ସେ ସବୁ ଆଉ ହେଉନାହିଁ। ଭାଗ୍ୟ ଓ ଭଗବାନଙ୍କ ଉପରେ ସବୁ ଛାଡି ଦେଇ ଖାଉଟି ଯାହା ଦର ରହିଛି ସେହି ଅନୁସାରେ କ୍ରୟ କରୁଛି। ସେହିପରି ବିତରକ ମଧ୍ୟ ଏହାକୁ ନେଇ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

**– ବିଶ୍ୱନାଥ ମୁଖାର୍ଜୀ, ସଭାପତି, ଓଡ଼ିଶା ଗ୍ୟାସ୍ ବିତରକ ମହାସଂଘ**

**ଖାଉଟିଙ୍କ ପକେଟକୁ ଭାରି ପଡୁଛି**

ବର୍ତ୍ତମାନ ସମୟରେ ଦରବୃଦ୍ଧି ଖାଉଟିଙ୍କ ପାଇଁ ଏକ ସମସ୍ୟା ପାଲଟିଯାଇଛି। ସରକାର ଦର ବୃଦ୍ଧି କରି ନିଜର ଆବଶ୍ୟକତା ପୂରଣ ସହ ରାଜନୈତିକ କାର୍ଯ୍ୟକ୍ରମ କରୁଛନ୍ତି। ହେଲେ ଏହି ଦରବୃଦ୍ଧି ଯୋଗୁ ଜଣେ ସାଧାରଣ ଖାଉଟିର ପକେଟକୁ କେତେ ଭାରି ପଡୁଛି ତାହା କେବଳ ଖାଉଟି ହିଁ ଜାଣିପାରୁଛି। ଗତ କିଛି ମାସ ହେଲା ସରକାର ସବ୍‌ସିଡି ଏକପ୍ରକାର ଦେବା ବନ୍ଦ କରି ଦେଇଛନ୍ତି। ପରିବା ଠାରୁ ପେଟ୍ରୋଲ ପର୍ଯ୍ୟନ୍ତ ସବୁ ଦର ଆକାଶଛୁଆଁ ରହିଛି।

**– ଅକ୍ଷୟ ଦାସ, ଆଇନଜୀବୀ**


# classifieds

**Everyday**
0674-2580101, 2549302

**REAL ESTATE**

**SALE**

Twincityର ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16 ଠାରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 9078699286. D-70855

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road sqft. 700/-ରେ ମିଳୁଛି। Contact: 7008045582, 7749800648. D-20926

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71112

**PURCHASE**

Land required in Bhubaneswar & Puri for outright/ share basis for apartment/duplex and ploted scheme. Interested land owner please Contact:9438109040/ 8144658008. D-20970

**to-let**

2BHK Ground Floor, Gandamunda. All Modern facilities, 24hr Water. 9437195452. D-67795

**healthcare**

Newly open Spa offer @ 699/-, Positively health benefits, Jaydevvihar. 7846814019. D-59994

**business**

Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20906

Offering business proposal for Law parctitioners, Law firms. 8260052422, 9337358992. D-20993

Offering long term business proposal for Coaching Institutes. 8260052422, 9337358992. D-20994

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–**
classifieddharitri@gmail.com

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ମାନସିକ ଅସ୍ଥିରତା କାରଣରୁ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ଚଳାଇ ପାରିବେ ନାହିଁ। ବିଶେଷ ସମସ୍ୟା ସୃଷ୍ଟି ନ ହେଲେ ମଧ୍ୟ କଳହର ସମ୍ମୁଖୀନ କିମ୍ବା ଅସୁସ୍ଥତା ଅନୁଭବ କରିବେ। ବହୁତ ଦିନରୁ ଅଟକି ରହିଯାଇଥିବା କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ। କୃଷି, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ**
ବନ୍ଧୁଙ୍କ ସହାୟତାରେ ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଆଗାମୀ ଆନୁଷ୍ଠାନିକ କାମ କିମ୍ବା ଗୃହ ନିର୍ମାଣରେ ବ୍ୟସ୍ତ ରହିବେ। ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ବିରୁଦ୍ଧାଚରଣ କରିପାରନ୍ତି। ମହିଳାମାନଙ୍କ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମିଥୁନ**
ବନ୍ଧୁଙ୍କ ସହାନୁଭୂତିର ସୁଯୋଗ ଲଭି କାମ ହାସଲ କରିବେ। ଯେଉଁ କାମଟିକୁ ଆଜି ଯାଏ ଆପଣ କରି ପାରୁ ନ ଥିଲେ ଆଜି ମଧ୍ୟାହ୍ନ ପରେ ତାହା ସୁବିଧାରେ ହୋଇଯିବ। ପଡ଼ୋଶୀଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଦେବ ଦର୍ଶନ ସାଙ୍ଗକୁ ନୂତନ ଦର୍ଶନୀୟ ସ୍ଥାନ ପରିଭ୍ରମଣର ସୁଯୋଗ ଜୁଟିପାରେ।

**କର୍କଟ**
ଗତକାଲିଠାରୁ ଯେଉଁ କାମ ଅଟକି ରହିଯାଇଥିଲା ସେଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। କାର୍ଯ୍ୟବ୍ୟସ୍ତତା ଯୋଗୁଁ ଖାଦ୍ୟପେୟ ଠିକ୍ ରହିବ ନାହିଁ କିମ୍ବା ଘରର କଥା ବୁଝିବାକୁ ସମୟ ମଧ୍ୟ ପାଇପାରିବେ ନାହିଁ।

**ସିଂହ**
ଆଜି ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ଘରେ ସରଗରମ ଆଲୋଚନା ହୋଇପାରେ। ସହକର୍ମୀଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ର କରି ଟଣା ଓଟରା ଲାଗିପାରେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଆକସ୍ମିକ ଯାନ୍ତ୍ରିକ ତ୍ରୁଟି କାରଣରୁ ବିଳମ୍ବିତ ସମୟରେ ଲକ୍ଷ୍ୟସ୍ଥଳକୁ ଯିବାକୁ ବାଧ୍ୟ ହୋଇପାରନ୍ତି।

**କନ୍ୟା**
ସମସ୍ୟାଗୁଡ଼ିକ କମିବା ବଦଳରେ ବୃଦ୍ଧି ପାଉଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ। ଦୀର୍ଘଦିନ ହେଲା ଯେଉଁ କାମଟିକୁ ଆରମ୍ଭ କରିବାକୁ ମନ ବଳାଇଥିଲେ ଆଜି ତାହା କରିବା କାରଣରୁ ମନ ଉଚ୍ଚାଟ ରହିବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା**
ମନ କଥା ମନରେ ରଖି କାମକୁ ବାହାରି ପଡିବେ ଓ କାମ କରିବାରେ କୌଣସି ଅସୁବିଧା ହେବ ନାହିଁ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଲୋକସମ୍ପର୍କ ବୃଦ୍ଧି ପାଇବା ସଙ୍ଗକୁ କଳା, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା**
ଦୀର୍ଘଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟଗତ କେତେକ ସମସ୍ୟା ମନକୁ ନିରୁତ୍ସାହିତ କରିବ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ମନ ଭଲ ରହିବ ନାହିଁ। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ପ୍ରାୟତଃ ଭଲ ହେବ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**ଧନୁ**
କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଅଫିସରଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ରୋଗପୀଡା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସାଧାରଣ ଘଟଣାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କରେ ଅବନତି ଦେଖା ଦେଇପାରେ।

**ମକର**
ପରୋକ୍ଷ ଶତ୍ରୁତା, ଧାର କରଜ, ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଆନୁଷ୍ଠାନିକ କାମରେ ଆଦୌ ପଡୁ ନ ଥିବା ଲୋକମାନେ ନିନ୍ଦା ରଟନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ସଭାସମିତି, ଆନୁଷ୍ଠାନିକ କାମ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।

**କୁମ୍ଭ**
ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୂର୍ବବନ୍ଧୁ କିଛି ଖବର ନେଇ ଆସିବେ। କର୍ମକ୍ଷେତ୍ରରେ ବହୁତ ଦିନର ନୂଆ ଯୋଜନା ଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ। ନୀଚସଂସର୍ଗରୁ ଦୂରେଇ ରହନ୍ତୁ, ଅନ୍ୟଥା ସମାଲୋଚିତ ହେବାକୁ ପଡିବ।

**ମୀନ**
ଗୋଟିଏ ସମସ୍ୟା ଶେଷ ହେଉ ହେଉ ଅନ୍ୟ ଏକ ସମସ୍ୟାରେ ମନ ପୂରାପୂରି ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

ଆଷାଢ଼ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଶୁକ୍ରବାର, ଜୁଲାଇ ୨ ତାରିଖ, ଅନ୍ତର୍ଜାତୀୟ କ୍ରୀଡ଼ା ସାମ୍ବାଦିକତା ଦିବସ, ହାନିମ୍ୟାନଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୨.୧୭ମି. ଗତେ ଘ.୦୨.୫୫ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୬.୦୮ମି. ଗତେ ଘ.୦୭.୦୦ମି. ମଧ୍ୟେ, ଘ.୦୯.୩୮ମି. ଗତେ ଘ.୧୦.୩୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୧ମି. ଗତେ ଘ.୧୧.୫୦ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୩୧,୮୯,୭୫୯ | ୩୯,୬୬,୦୪୪ | ୧୬,୭୭,୧୨,୦୯୬ |
| ଭାରତ | ୩,୦୪,୫୩,୫୨୬ | ୪,୦୦,୨୬୫ | ୨,୯୫,୩୫,୪୦୩ |
| ଓଡ଼ିଶା | ୯,୧୨,୮୮୭ | ୪୦୬୩(+୫୩) | ୮,୮୦,୯୯୭ |

ଗୁରୁବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୫ରୁ କଟକଣା ମଧ୍ୟରେ ଚାଲିବ ହାଇକୋର୍ଟ

ଭୁବନେଶ୍ୱର, ୧।୭(ବ୍ୟୁରୋ): ସରକାର ଜୁଲାଇ ୧ରୁ ୧୬ ପର୍ଯ୍ୟନ୍ତ ରାଜ୍ୟରେ କୋଭିଡ୍ କଟକଣାକୁ କୋହଳ କରିଛନ୍ତି। ଏହାକୁ ବିଚାର କରି ଆସନ୍ତା ୫ରୁ ୧୭ତାରିଖ ପର୍ଯ୍ୟନ୍ତ କଟକଣା ମଧ୍ୟରେ ହାଇକୋର୍ଟ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସମୟ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଗୋଟିଏ ଡିଭିଜନ ବେଞ୍ଚ ଏବଂ ୭ଟି ସିଙ୍ଗଲ ବେଞ୍ଚ ପୂର୍ବାହ୍ନ ସାଢ଼େ ୧୦ଟାରୁ ଭିଡିଓ କନ୍‌ଫରେନ୍ସ ଜରିଆରେ କାର୍ଯ୍ୟ କରିବ। ହାଇକୋର୍ଟର କାର୍ଯ୍ୟାଳୟ ଶତପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ ଏବଂ ସମସ୍ତ କର୍ମଚାରୀ ନିଜର ପରିଚୟ ସହ ଆସିବାକୁ ନିର୍ଦ୍ଦେଶ ରହିଛି। ହାଇକୋର୍ଟର ଅଧିକାରୀ ଏବଂ କର୍ମଚାରୀଙ୍କ ବ୍ୟତୀତ କୋର୍ଟ ପରିସରକୁ ଅନ୍ୟ କାହାର ପ୍ରବେଶକୁ ବାରଣ କରାଯାଇଛି। ମାମଲା ଫାଇଲ ପରେ ଯଦି କୌଣସି ତ୍ରୁଟି ସଂଶୋଧନ କରିବାକୁ ପଡ଼େ ତେବେ ସମ୍ପୃକ୍ତ ଆଇନଜୀବୀ ଡେପୁଟି ରେଜିଷ୍ଟ୍ରାରଙ୍କ ପୂର୍ବ ଅନୁମତି ନେଇ ତ୍ରୁଟି ସଂଶୋଧନ କରିପାରିବେ। ମାମଲା ରୁଜୁ ପାଇଁ ଉଦ୍ଦିଷ୍ଟ ଡ୍ରପ୍ ବକ୍ସରେ ପୂର୍ବାହ୍ନ ସଢ଼େ ୧୦ରୁ ସାଢ଼େ ୧୨ଟା ମଧ୍ୟରେ ଆବେଦନ କରାଯିବ। ନଚେତ ଇ-ଫାଇଲିଂ ପୋର୍ଟାଲରେ ମାମଲା ରୁଜୁ କରାଯାଇ ପାରିବ। ସମସ୍ତ ନିର୍ଦ୍ଦେଶକୁ କୋଭିଡ କଟକଣା ମଧ୍ୟରେ ପାଳନ କରିବାକୁ ରେଜିଷ୍ଟ୍ରାର(ଜୁଡିସିଆଲ) ପତ୍ର ମାଧ୍ୟମରେ ଜଣାଇଛନ୍ତି।

### ବେଆଇନ ଭାବେ ବନ୍ଧୁକ ରଖି ୨ ଗିରଫ

ଜୟପୁର,୧।୭(ନି.ପ୍ର.): ବେଆଇନ ଭାବେ ଦେଶୀ ବନ୍ଧୁକ ରଖିଥିବା ଅଭିଯୋଗରେ ଜୟପୁର ଟାଉନ ଥାନା ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବି.ସିଂପୁର ଟାଙ୍ଗନିଗୁଡା ଗ୍ରାମର ଡମ୍ବୁରୁ ପାଙ୍ଗିଆ ଓ ବି.ସିଂପୁର କନ୍ଦୁଲୁଖୁଣ୍ଟି ଗ୍ରାମର ଶଙ୍କର କମାର। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଜୟନଗର ନିକଟରେ ୨ ଜଣ ବ୍ୟକ୍ତି ଦେଶୀ ବନ୍ଧୁକ ଧରି ଶିକାର କରି ବାଇକ୍ (ଓଡି୧୦ପି-୭୧୬୮) ଯୋଗେ ଫେରୁଥିଲେ । ପୋଲିସ ସେମାନଙ୍କୁ ଅଟକାଇ ବନ୍ଧୁକର ଲାଇସେନ୍ସ ମାଗିଥିଲା। ସେମାନେ ପୋଲିସକୁ ଲାଇସେନ୍ସ ଦେଖାଇପାରି ନ ଥିଲେ। ବିନା ଲାଇସେନ୍ସରେ ବନ୍ଧୁକ ରଖିବା ଅପରାଧରେ ଉଭୟଙ୍କୁ ଆର୍ମସ ଆକ୍ଟରେ ଗିରଫ କରାଯାଇଥିଲା ବୋଲି ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ କହିଛନ୍ତି।

# କୋଭିଶିଲ୍ଡକୁ ୯ ଦେଶର ଅନୁମୋଦନ

**ଇୟୁ ସଦସ୍ୟ ରାଷ୍ଟ୍ରଙ୍କ ଟିକାକୁ ମଞ୍ଜୁରୀ**



ନୂଆଦିଲ୍ଲୀ, ୧।୭

କୋଭିଡ୍ ଟିକା ପାଇଁ 'ଗ୍ରୀନ୍ ପାସ୍'କୁ ନେଇ ଭାରତ ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ୯ ୟୁରୋପୀୟ ଦେଶ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ)ର କୋଭିଶିଲ୍ଡ ଟିକାକୁ ସେମାନଙ୍କର ଅନୁମୋଦିତ ଭାକ୍ସିନ ତାଲିକାରେ ସାମିଲ କରିଛନ୍ତି। କୋଭିଶିଲ୍ଡକୁ ମଞ୍ଜୁରୀ ପ୍ରଦାନ କରିଥିବା ଇୟୁ ସଦସ୍ୟ ରାଷ୍ଟ୍ର ମଧ୍ୟରେ ଜର୍ମାନୀ, ସ୍ଲୋଭେନିଆ, ଅଷ୍ଟ୍ରିଆ, ଗ୍ରୀସ୍, ଆୟର୍ଲାଣ୍ଡ, ଇଷ୍ଟୋନିଆ ଏବଂ ସ୍ପେନ୍ ରହିଥିବାବେଳେ ଅଣସଦସ୍ୟ ରାଷ୍ଟ୍ର ଆଇସ୍‌ଲାଣ୍ଡ ଏବଂ ସୁଇଜରଲାଣ୍ଡ ମଧ୍ୟ ଉକ୍ତ ଟିକାକୁ ଅନୁମୋଦନ କରିଛନ୍ତି। ଫଳରେ ଉକ୍ତ ଟିକା ନେଇଥିବା ବ୍ୟକ୍ତିଙ୍କୁ ଏହିସବୁ ଦେଶକୁ ଯିବାରେ କୌଣସି ଭ୍ରମଣ କଟକଣା ରହିବ ନାହିଁ।

ୟୁରୋପୀୟ ସଂଘ ଭାରତୀୟ ଟିକା କୋଭାକ୍ସିନ ଓ କୋଭିଶିଲ୍ଡକୁ ମଞ୍ଜୁରୀ ନ ଦେଲେ ଭାରତ ମଧ୍ୟ ଇୟୁର ଡିଜିଟାଲ କୋଭିଡ୍ ସାର୍ଟିଫିକେଟକୁ ସ୍ୱୀକୃତି ଦେବ ନାହିଁ ବୋଲି ବୁଧବାର ସ୍ପଷ୍ଟ କରିଦେଇଥିଲା। ନୂଆଦିଲ୍ଲୀ ଏହି ପ୍ରସଙ୍ଗକୁ ୟୁରୋପୀୟ ମେଡିସିନ ଏଜେନ୍ସି ଏବଂ ଫ୍ରାନ୍ସ ନିକଟରେ ଉଠାଇବା ସହ ୟୁରୋପୀୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଅଲଗା ଅଲଗା ଭାବେ ଏହା ଉପରେ ବିଚାର କରିବା ଲାଗି ମଧ୍ୟ ଅନୁରୋଧ କରିଥିଲା।

ୟୁରୋପୀୟ ସଂଘର ଟିକା ପାସ୍‌ପୋର୍ଟ କାର୍ଯ୍ୟକ୍ରମ ଅନୁଯାୟୀ ଯେଉଁମାନେ ଫାଇଜର/ବାୟୋଏନ୍‌ଟେକ୍ କମ୍ପାନୀର କୋମିର୍‌ନାଟି, ମଡର୍ନା, ଆଷ୍ଟ୍ରାଜେନିକାର ଭାକ୍ସଜେରଭ୍ରିଆ ଏବଂ ଜନ୍‌ସନ ଆଣ୍ଡ ଜନ୍‌ସନ କମ୍ପାନୀର ଜାନସେନ୍ ଟିକା ନେଇଥିବେ ସେମାନେ ଜୁଲାଇ ୧ରୁ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ବିନା ବାଧାରେ ଯାଇପାରିବେ। କାରଣ ଏହିସବୁ ଟିକାକୁ ୟୁରୋପୀୟ ମେଡିସିନ୍ ଏଜେନ୍ସି (ଇଏମ୍‌ଏ) ଅନୁମୋଦନ କରିଛି। ଅକ୍ସଫୋର୍ଡ ଏବଂ ଆଷ୍ଟ୍ରାଜେନିକା ଦ୍ୱାରା ବିକଶିତ ତଥା ଭାରତରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କରିଥିବା କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ ଉକ୍ତ ତାଲିକାରେ ନ ଥିବାରୁ ଏହାକୁ ବିଚାରକୁ ନେବା ଲାଗି ନୂଆଦିଲ୍ଲୀ ଇଏମ୍‌ଏକୁ ଆବେଦନ କରିଥିଲା। ତେବେ ଅନ୍ୟ ଟିକା ନେଇଥିବା ଲୋକେ ୟୁରୋପ ଗସ୍ତରେ ଆସିବେ କି ନାହିଁ ସେ ନେଇ ସଦସ୍ୟ ରାଷ୍ଟ୍ରଗୁଡ଼ିକ ନିଷ୍ପତ୍ତି ନେଇପାରିବେ ବୋଲି ଇୟୁ କହିଥିଲା। ନିୟମ ଅନୁଯାୟୀ ଭାରତୀୟ ଟିକା କୋଭିଶିଲ୍ଡ ଏବଂ କୋଭାକ୍ସିନକୁ ଅନୁମୋଦନ ନ ମିଳିବା ପର୍ଯ୍ୟନ୍ତ ଏହି ଟିକା ନେଇଥିବା ବ୍ୟକ୍ତି ଉକ୍ତ ଦେଶକୁ ଗଲେ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ।

# ଜୁନ୍‌ରେ ଦେଢ଼କୋଟି ଲୁଟିଛନ୍ତି ସାଇବର ଠକ



- କେବଳ ରାଜଧାନୀରୁ ୮୩ ଲକ୍ଷ
- ୧,୬୫,୮୦୦ ଟଙ୍କା ଫେରାଇ ଆଣିଛି ପୋଲିସ

ଭୁବନେଶ୍ୱର,୧।୭(ବ୍ୟୁରୋ

ଲକ୍‌ଡାଉନ୍ ସମୟରେ ପ୍ରତିମାସରେ ସାଇବର ଠକମାନେ ରାଜ୍ୟରୁ ବହୁ କୋଟି ଟଙ୍କା ଲୁଟିନେଉଛନ୍ତି। ଲୁଟ୍‌ର ଶିକାର ଲୋକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ରାଜଧାନୀବାସୀ। ଭୁବନେଶ୍ୱର ସାଇବର ସେଲ୍‌ର ରିପୋର୍ଟ ଅନୁଯାୟୀ, କେବଳ ଜୁନ୍ ମାସରେ ରାଜ୍ୟରେ ୧ କୋଟି ୫୩ଲକ୍ଷ ୨୯ ହଜାର ଟଙ୍କାର ସାଇବର ଠକେଇ ଅଭିଯୋଗ ଆସିଛି। ଏଥିମଧ୍ୟରୁ ସାଇବର ଠକମାନେ କେବଳ ଭୁବନେଶ୍ୱରରୁ ୮୩ ଲକ୍ଷ ୮ହଜାର ୬୬୨ ଟଙ୍କା ଠକି ନେଇଛନ୍ତି। ଠକେଇ ନେଇ ମୋଟ ୪୬୩ କଲ୍ ସାଇବର ସେଲକୁ ଆସିଥିବାବେଳେ ଭୁବନେଶ୍ୱରରୁ ୨୨୯ଟି କଲ୍ ରହିଛି। ବିଶେଷକରି ୟୁପିଆଇ ମାଧ୍ୟମରେ ସାଇବର ଅପରାଧୀମାନେ ଅଧିକ ଠକେଇ କରିଛନ୍ତି, ଯେଉଁଥିରେ ଭୁବନେଶ୍ୱରରୁ ୯୩ ଠକେଇ ହୋଇଛି। ସେହିପରି କ୍ରେଡ଼ିଟ, ଡେବିଟ କାର୍ଡ଼ ଓ ଉପହାର ପ୍ରଲୋଭନ ଦେଖାଇ ୭୭ ଠକେଇ ହୋଇଛି। ଏ ନେଇ ସାଇବର ସେଲ୍‌ରେ ୧୪ ମାମଲା ପଞ୍ଜୀକୃତ ହୋଇଥିବାବେଳେ ସାଇବର ସେଲ୍ ହେଲ୍ପ ଡେସ୍କ ୬୭ଟି ନମ୍ବର ବ୍ଲକ୍ କରିଛି। ତେବେ ସମ୍ପୃକ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବା ସାଇବର ସେଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଜୁନ୍‌ରେ ପୋଲିସ ସାଇବର ଅପରାଧୀଙ୍କ ଆକାଉଣ୍ଟରୁ ୧୬ ଲକ୍ଷ ୫ ହାଜର ୮୦୦ ଟଙ୍କା ଫେରାଇ ଆଣିବାରେ ସକ୍ଷମ ହୋଇଛି, ଯାହା ପୂର୍ବ ମାସଗୁଡ଼ିକ ତୁଳନାରେ ସର୍ବାଧିକ ବୋଲି ରିପୋର୍ଟରେ ଦର୍ଶାଯାଇଛି।




# ନାବାଳକଙ୍କୁ ଗୋଇଠା ମାରି ପୋଲିସ କର୍ମଚାରୀ ନିଲମ୍ବିତ

ଭୁବନେଶ୍ୱର,୧।୭(ବ୍ୟୁରୋ)

ଲକ୍‌ଡାଉନ୍‌ରେ ଚା' ଦୋକାନ ଖୋଲିଥିବା ଜଣେ ନାବାଳକଙ୍କୁ ଗୋଇଠା ମାରିବା ପୋଲିସ ପାଇଁ ମହଙ୍ଗା ପଡ଼ିଛି। ଗୁରୁବାର ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ଡିସିପି ନିଲମ୍ବିତ କରିଛନ୍ତି। ସେ ହେଲେ ବଡ଼ଗଡ଼ ଥାନା ୨୯ ନଂ. ପିସିଆର ଭ୍ୟାନ୍ ଡ୍ରାଇଭର ତଥା ହୋମ୍‌ଗାର୍ଡ ଅଜୟ କୁମାର ବିଶ୍ୱାଳ। ଏଥିସହ ଏହିଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟାସତ୍ୟ ରହିଥିଲେ ନିଲମ୍ବିତ ହୋମ୍‌ଗାର୍ଡଙ୍କୁ ବହିଷ୍କୃତ କରାଯିବ ଓ ଅନ୍ୟ ଦୁଇଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।

ରାଜଧାନୀ ଭୁବନେଶ୍ୱରରେ ଏହି ସମ୍ବେଦନଶୀଳ ଘଟଣା ଘଟିଥିଲା। ମଙ୍ଗଳବାର ଦିନ ପ୍ରାୟ ଗୋଟାଏରେ ଶହୀଦନଗର ଥାନା ଅନ୍ତର୍ଗତ କେଶୁରା ଅଞ୍ଚଳରେ ଏକ ଚା' ଦୋକାନ ଖୋଲା ରହିଥିଲା। ଲକ୍‌ଡାଉନବେଳେ ଧାର୍ଯ୍ୟ ସମୟ ପରେ ଦୋକାନ ଖୋଲା ରହିଥିବାରୁ ପାଟ୍ରୋଲିଂରେ ଥିବା ପିସିଆର୍ କର୍ମଚାରୀମାନେ ଦୋକାନ ନିକଟରେ ପହଞ୍ଚିଥିଲେ। ପୋଲିସ ଗାଡ଼ିକୁ ଦେଖି ଦୋକାନରେ ଥିବା ନାବାଳକ ଜଣକ ଭୟରେ ଲୁଚି ଯାଇଥିଲେ। ତେବେ କେହି ନ ଥିବା ଦେଖି ପିସିଆର୍ କର୍ମଚାରୀ ଦୋକାନ ଭିତରେ ପଶି କ୍ଷୀର, ବ୍ରେଡ୍ ଆଦି ବିଭିନ୍ନ ଜିନିଷ ବସ୍ତାରେ ପୂରାଇ ନେଇଯାଉଥିଲେ। ଏହା ଦେଖି ନାବାଳକ ଜଣକ ବାହାରକୁ ଆସି ଦୋକାନରୁ କାହିଁକି ଜିନିଷ ନେଇ ଯାଉଛ ବୋଲି କହିଥିଲେ। ଏହା ଶୁଣି ପିସିଆର୍ ଡ୍ରାଇଭର ଅଜୟ ଉକ୍ତ ନାବାଳକଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ବାପାଙ୍କ ଦେହ ଅସୁସ୍ଥ ଥିବାରୁ ଘର ଚଳାଇବା ପାଇଁ ଦୋକାନ ଖୋଲିଛି ବୋଲି ନାବାଳକ ଜଣକ କହିବା ସହ ଜିନିଷପତ୍ର ନ ନେବାକୁ ନେହୁରା ହୋଇଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ଗୋଇଠା ପରେ ଗୋଇଠା ମାରି ଜିନିଷ ନେଇ ପଳାଇଥିଲେ। ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ ପୋଲିସର ଏଭଳି ଅମାନବୀୟ କାଣ୍ଡ କଏଦ ହୋଇଥିଲା। ଗୁରୁବାର ଉକ୍ତ ଭିଡିଓ ଭାଇରାଲ ହୋଇଥିଲା। ପ୍ରାୟ ୨୦ ସେକେଣ୍ଡରେ ହୋମ୍‌ଗାର୍ଡ ଅଜୟ ନାବାଳକଙ୍କୁ ୧୦ରୁ ଅଧିକ ଥର ଗୋଇଠା ମାରିଛନ୍ତି ଓ ଅନ୍ୟ ଦୁଇ ପୋଲିସ ଏହାକୁ ଦେଖୁଥିବା ଦୃଶ୍ୟ ରହିଛି। ଏହାକୁ ବିଭିନ୍ନ ମହଲରୁ ନିନ୍ଦା କରାଯିବା ପରେ ଡିସିପି ପଦକ୍ଷେପ ନେଇଛନ୍ତି।


ଚା' ଦୋକାନରୁ ପୋଲିସ କର୍ମଚାରୀ ଜିନିଷପତ୍ର ଲୁଟି ନେଉଥିବାର ଭିଡିଓ ଫୁଟେଜ।

# ଚାଷ କରୁଛନ୍ତି ଅତିରିକ୍ତ ତହସିଲଦାର


ଜମିରେ ହଳ କରୁଛନ୍ତି ଅତିରିକ୍ତ ତହସିଲଦାର ଅଶୋକ କୁମାର ମୁଦୁଲି।

ମାଲକାନଗିରି/ଚିତ୍ରକୋଣ୍ଡା, ୧।୭(ଡି.ଏନ.ଏ.)

ସେ ଯେତେବେଳେ ସମୟ ପାଆନ୍ତି ଗାଁକୁ ଚାଲିଯାନ୍ତି। ଆଉ ଗାଁରେ ନିଜ ଚାଷଜମିରେ ଚାଷ କରନ୍ତି। ଚାଷ କାମ ଯାହାର କି ଆନନ୍ଦ ତାହାର ଉକ୍ତିକୁ ଅନୁଭବ କରି ନିଜ ଜୀବନରେ ତା'ର ପ୍ରୟୋଗ କରିଛନ୍ତି ଏହି ବ୍ୟକ୍ତି ଜଣକ। ସେ ଜଣେ ସାଧାରଣ ଲୋକ ନୁହନ୍ତି। ସେ ହେଉଛନ୍ତି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ତହସିଲର ଅତିରିକ୍ତ ତହସିଲଦାର ଅଶୋକ କୁମାର ମୁଦୁଲି। ଜଣେ ପ୍ରଶାସନିକ ଅଧିକାରୀ ହୋଇ ମଧ୍ୟ ଅଶୋକ ଯେତେବେଳେ ନିଜ ଗାଁ କୋରାପୁଟ ଜିଲାର ରାଇସିଂହକୁ ଯାଆନ୍ତି ଜମିକୁ ଯାଇ ଚାଷ କାମରେ ଲାଗିପଡନ୍ତି।

ଚାଷୀ ପରିବାରରେ ଜନ୍ମ ହୋଇଥିବା ଅଶୋକ ପିଲାବେଳୁ ବାପା ବିଭୀଷଣ ମୁଦୁଲି ଚାଷ କରୁଥିବା ଦେଖିଛନ୍ତି। ଚାଷ ପ୍ରତି ତାଙ୍କର ରହିଛି ଦୁର୍ବଳତା। ଚାକିରି ତାଙ୍କର ପେସା ଆଉ ଚାଷ କରିବା ଏକ ନିଶା। ଚାଷରୁ ତାଙ୍କୁ ବହୁତ ଆନନ୍ଦ ମିଳେ। ଯିଏ ଯେଉଁଠି ଯେଉଁ ସ୍ଥିତିରେ ଥିଲେ ମଧ୍ୟ ଚାଷକୁ ଭୁଲିବା ଉଚିତ ନୁହେଁ ବୋଲି କହନ୍ତି ଏହି ପ୍ରଶାସନିକ ଅଧିକାରୀ। ଏତେବଡ ପଦବୀରେ ଥାଇ ଚାଷ କରିବା ବର୍ତ୍ତମାନର ଯୁବପିଢ଼ିଙ୍କ ପାଇଁ ଆଗାମୀ ଦିନରେ ନିଶ୍ଚିତ ପ୍ରେରଣା ସୃଷ୍ଟି କରିବ।

# ବୀର ଶହୀଦ ଆଦିବାସୀଙ୍କ ନାମରେ ବୃକ୍ଷରୋପଣ

ମାଲକାନଗିରି,୧।୭(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ୍ ଏମ୍‌ଭି-୫ ଗ୍ରାମରେ ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ବୀର ସିଦ୍ଧୁ କାନୁ ହୁଲଙ୍କ ସ୍ମୃତିଦିବସ ଅବସରରେ ଆଦିବାସୀ ମହାସଂଘ ପକ୍ଷରୁ ବିଭିନ୍ନ ଆଦିବାସୀ ଶହୀଦଙ୍କ ନାମରେ ବୃକ୍ଷରୋପଣ କରାଯାଇଛି। ବୀର ସିଦ୍ଧୁ କାନୁ ହୁଲ ସାନ୍ତାଳ ଆଦିବାସୀ ସଂଘ ସଭାପତି ବାବୁଲ ମୁର୍ମୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଦିବାସୀ ନେତା ଦଶରଥ ପଡ଼ିଆମି ଉପସ୍ଥିତ ଥିଲେ। ଦେଶ ସ୍ୱାଧୀନତାରେ ନିଜ ଜୀବନକୁ ବାଜି ଲଗାଇଥିବା ଆଦିବାସୀଙ୍କ ଭୂମିକା ସମ୍ପର୍କରେ ସେ ଆଲୋପାତ କରିଥିଲେ। ପରେ ପ୍ରଥମେ ଶହୀଦ ଲକ୍ଷ୍ମଣ ନାଏକଙ୍କ ନାମରେ ବୃକ୍ଷରୋପଣ କରି ପରେ ଜିଲା ଏବଂ ରାଜ୍ୟର ସମସ୍ତ ଶହୀଦ ବୀର ଆଦିବାସୀଙ୍କ ନାମରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ମୁଖ୍ୟ ସଚେତକ ରବୀନ୍ଦ୍ରନାଥ ମାଢ଼ି, ସମ୍ପାଦକ ମୁନା ମୁର୍ମୁ ଉପସ୍ଥିତ ଥିଲେ।

# ୧୫ ଫାଷ୍ଟଟ୍ରାକ୍ କୋର୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୧।୭(ବ୍ୟୁରୋ)

ରାଜ୍ୟରେ ବିଚାରାଧୀନ ମାମଲାଗୁଡ଼ିକର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ମାମଲାଗୁଡ଼ିକର ତ୍ୱରିତ ଫଇସଲା ପାଇଁ ୧୫ଟି ନୂଆ ଫାଷ୍ଟଟ୍ରାକ୍ କୋର୍ଟ ଉଦ୍‌ଘାଟିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ରାଜ୍ୟରେ ୧୫ ସ୍ୱତନ୍ତ୍ର କୋର୍ଟ ଭର୍ଚୁଆଲ୍ ମାଧ୍ୟମରେ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି କୋର୍ଟଗୁଡ଼ିକ ପୋକ୍‌ସୋ ଆଇନ ଏବଂ ବଳାତ୍କାର ସମ୍ବନ୍ଧୀୟ ମାମଲାଗୁଡ଼ିକର ବିଚାର କରିବେ। କଟକ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କୋରାପୁଟ, କନ୍ଧମାଳ, ରାୟଗଡ଼ା, ସମ୍ବଲପୁରରେ ଏହି କୋର୍ଟ କାର୍ଯ୍ୟ କରିବ। ସେହିପରି ଜଗତ୍‌ସିଂହପୁର ସିଭିଲ୍ ଜଜ୍‌ଙ୍କ ଅଧୀନ ଏରସମାଠାରେ ଜୁନିଅର ଡିଭିଜନ୍ ତଥା ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଫାଷ୍ଟ ଟ୍ରାକ୍ କୋର୍ଟ ଖୋଲା ଯାଇଥିବାବେଳେ ଗଞ୍ଜାମ ସିଭିଲ୍ ଜଜ୍‌ଙ୍କ ଅଧୀନରେ ପୋଲସରାଠାରେ ଜୁନିଅର ଡିଭିଜନ୍ ତଥା ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଫାଷ୍ଟ ଟ୍ରାକ୍ କୋର୍ଟ ଖୋଲାଯିବ। ଭର୍ଚୁଆଲ୍‌ରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଚାରପତି ସଞ୍ଜୁ ପଣ୍ଡା, ଏସ୍.କେ. ମିଶ୍ର, ସି.ଆର୍. ଦାସ, ବିଶ୍ୱଜିତ ମହାନ୍ତି, ବି.ଆର୍. ଷଡ଼ଙ୍ଗୀ, ଏସ୍. ପୂଜାରୀ, ବିଶ୍ୱନାଥ ରଥ, ଏସ୍.କେ. ସାହୁ, କେ. ଆର୍. ମହାପାତ୍ର, ବି.ପି. ରାଉତରାୟ, ଏସ୍.କେ. ପାଣିଗ୍ରାହୀ ଏବଂ ବିଭିନ୍ନ ଜିଲାର ଜିଲାଜଜ୍ ପ୍ରମୁଖ ଉପସ୍ଥିତ ଥିଲେ।



ଭର୍ଚୁଆଲରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଯୋଗଦେଇଥିବା ବିଚାରବିଭାଗୀୟ ଅଧିକାରୀ।




> ଆମ ପକ୍ଷରେ ଆଉ କୌଣସି ଆଧ୍ୟାତ୍ମିକ ପୁନରାବୃତ୍ତିର ପ୍ରଶ୍ନ ନାହିଁ। କାରଣ ସେ ସବୁ ଆମର ପୂର୍ବସୂରୀମାନେ କରି ଯାଇଛନ୍ତି। ଆମର ଆଧ୍ୟାତ୍ମିକ ଅଭିଯାନ ତାହା ପରଠାରୁ ଆରମ୍ଭ ହେବ। ଏହା ଏକ ନୂତନ ସର୍ଜନାର ପ୍ରଶ୍ନ। —ଶ୍ରୀମା



# ମହାମାରୀ ଓ ମହିଳା ନେତୃତ୍ୱ




ମିସେଲ୍ ବ୍ୟାରୀ
ପ୍ରଫେସର, ମେଡିସିନ ଆଣ୍ଡ ଟ୍ରପିକାଲ ଡିଜିଜ୍, ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି

ଗୀତା ରାଓ ଗୁପ୍ତା
ସିନିୟର ଫେଲୋ, ୟୁନାଇଟେଡ୍ ନେଶନ୍ସ ଫାଉଣ୍ଡେଶନ

କୋଭିଡ୍ -୧୯ ମହାମାରୀରେ ଏବେ ସାରା ବିଶ୍ୱ ପ୍ରଭାବିତ। ଏହା କୋଟି କୋଟି ଲୋକଙ୍କ ରୋଜଗାର ଛଡ଼ାଇ ନେଇଛି। ମହିଳାମାନଙ୍କ କ୍ୟାରିୟର ଉପରେ ପ୍ରଚଣ୍ଡ ଆଘାତ ଦେଇଛି ଯାହା ଆମେରିକାରେ ସ୍ପଷ୍ଟ ପ୍ରତୀୟମାନ ହୋଇଛି। ମହାମାରୀ ଯାଗୁ ୪ ଜଣରେ ଜଣେ, ଏହି ଅନୁପାତରେ ଆମେରିକୀୟ ମହିଳାମାନେ ସେମାନଙ୍କ କ୍ୟାରିୟରର ଅଧୋଗତି ହେଉଥିବା ମନେକରୁଛନ୍ତି କିମ୍ବା ସେମାନଙ୍କୁ କର୍ମସ୍ଥଳୀ ଛାଡିବାକୁ ପଡୁଛି। କେବଳ ଗୋଟିଏ ବର୍ଷରେ ମହାମାରୀ ଯୋଗୁ ଆମେରିକାରେ ୨ ମିଲିୟନ ବା ୨୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା କର୍ମସ୍ଥଳୀ ଛାଡି ଦେଇଛନ୍ତି, ଅର୍ଥାତ ରୋଜଗାର ହରାଇଛନ୍ତି। ଏହାଦ୍ୱାରା ବେରୋଜଗାରୀରେ ରହିଥିବା ପୁରୁଷ ଓ ମହିଳାଙ୍କ ଅନ୍ତର ଢେର ବୃଦ୍ଧି ପାଇଛି ଓ ଏହା ବିଗତ ଦୁଇ ଦଶନ୍ଧିରେ ସବୁଠାରୁ ଅଧିକ। କର୍ମଜୀବୀ ମା'ମାନେ ମଧ୍ୟ ରୋଜଗାର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ୪୦%ରୁ ଅଧିକ ଯେଉଁମାନେ ପରିବାରର ରୋଜଗାରର ମୁଖ୍ୟ ମାଧ୍ୟମ ସେମାନେ ମଧ୍ୟ ଅତ୍ୟନ୍ତ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଘରେ ଦାୟିତ୍ୱ ଅତ୍ୟଧିକ ବଢିଯିବା ଯୋଗୁ ଅନେକ ମଧ୍ୟ ସେମାନଙ୍କ କ୍ୟାରିୟରରେ ସମନ୍ୱୟ ରକ୍ଷା କରିପାରୁନାହାନ୍ତି। କେବଳ ଆମେରିକା ନୁହେଁ,ସାରା ବିଶ୍ୱରେ ଏଭଳି ସମାନ ଧାରା ପ୍ରତିଫଳିତ ହୋଇଛି। ସବୁ ଦେଶରେ ମହିଳାମାନେ ଚାକିରି ହରାଇଛନ୍ତି। ଜଣାପଡ଼ିଛି ଯେ, ୨୦୨୦ରେ ପୁରୁଷଙ୍କ ତୁଳନାରେ ଅଧିକ ପ୍ରତିଶତ ମହିଳାଙ୍କ ଚାକିରି ଚାଲିଯାଇଛି। ଅନ୍ୟ ପକ୍ଷରେ ଏହି ସମୟରେ ସେମାନେ ଗୋଟିଏ ସପ୍ତାହରେ ହାରାହାରି ୩୦ ଘଣ୍ଟାରୁ ଅଧିକ ସମୟ ଶିଶୁ ଯତ୍ନ ନେବାରେ କଟାଇଛନ୍ତି।

କୋଭିଡ୍-୧୯ ମହାମାରୀ କାରଣରୁ ବିଭିନ୍ନ କମ୍ପାନୀ ଓ ଫ୍ୟାକ୍ଟ୍ରିରୁ ଅତ୍ୟଧିକ ମହିଳା ଚାକିରି ଛାଡୁଛନ୍ତି। ବିଶ୍ୱର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମେତ ସବୁ କ୍ଷେତ୍ରରେ ମହିଳାମାନଙ୍କ ମଧ୍ୟରୁ ଅନେକଙ୍କୁ ନେତୃତ୍ୱ ପଦବୀକୁ ଉଠାଇବାକୁ ଆମେ ଜରୁରୀ ଆବଶ୍ୟକ ବୋଲି ମନେ କରୁଥିବାବେଳେ ଏଭଳି ସ୍ଥିତି ବାସ୍ତବିକ ଚିନ୍ତାଜନକ। ବାସ୍ତବରେ ମହିଳାମାନଙ୍କ ଅଧିକାର କ୍ଷେତ୍ର ବା ଦକ୍ଷତା, ନେତୃତ୍ୱ ପରାକାଷ୍ଠା ଏବଂ ନିଆରା ଦୃଷ୍ଟିକୋଣ ପରିସ୍ଥିତିକୁ ସୁଧାରିବାରେ ନୂଆ ପଥ ଦେଖାଏ। ତେବେ ଏସବୁ ବିନା କୌଣସି କ୍ଷେତ୍ରରେ ସୁଧାର ଅପହଞ୍ଚ ହୋଇଯିବ ଏବଂ ପରବର୍ତ୍ତୀ ସ୍ୱାସ୍ଥ୍ୟ ସଙ୍କଟକୁ ସମ୍ମୁଖୀନ ହେବାକୁ ଆମେ ଅପ୍ରସ୍ତୁତ ରହି ବିପଦକୁ ଆମନ୍ତ୍ରଣ କରିବା ହିଁ ସାର ହେବ। ବିଶେଷକରି ଏହି ବିପର୍ଯ୍ୟୟ ସମୟରେ ମହିଳାମାନଙ୍କ ନେତୃତ୍ୱ ଅଭାବ ଯୋଗୁ ଲିଙ୍ଗଗତ ପ୍ରଭାବ ବି ସ୍ପଷ୍ଟ ହୋଇଛି। ମହିଳାମାନେ ନେତୃତ୍ୱ ସ୍ଥାନରେ ରହି ଅଧିକ ନୀତି ବା ଯୋଜନାରେ ଭଲ ପରିଣାମ ସାମ୍ନାକୁ ଆଣିପାରିଛନ୍ତି। ମୁଖ୍ୟତଃ ସେମାନେ ଲୋକଙ୍କ ଗୁଣବତ୍ତା ଜୀବନଶୈଳୀରେ ଉନ୍ନତି କରିବାରେ ଭଲ କାମ କରିବା ଲକ୍ଷ୍ୟ କରାଯାଇଛି। ଏପରି କି ଏହି ମହାମାରୀରେ ପରିବାର ଓ ଭୀଷଣ ଭାବେ ପ୍ରଭାବିତ ହୋଇଥିବା ଅସହାୟ ବର୍ଗଙ୍କ ପାଇଁ ପ୍ରାଥମିକତାଭିତ୍ତିରେ କାର୍ଯ୍ୟ କରିବା ବି ସେମାନଙ୍କ ନେତୃତ୍ୱରେ ପ୍ରତିଫଳିତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ପ୍ରତୀୟମାନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକର ସମାଧାନ ଦିଗରେ ତ୍ୱରିତ କାର୍ଯ୍ୟ କରିବାର କୌଶଳ ଏବଂ ସାମଗ୍ରିକ ପଦକ୍ଷେପ ନେବାରେ ମହିଳାଙ୍କ ସ୍ୱର ବା ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। କିନ୍ତୁ ନୀତିନିର୍ଦ୍ଧାରକ ଭାବେ ଅତ୍ୟଧିକ ପୁରୁଷ ରହିଥିବାରୁ ଅନେକ ସମୟରେ ମହିଳାଙ୍କ ନେତୃତ୍ୱକୁ ଆମେ ହରାଉଛୁ।

ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ନ ରହିବା ଯୋଗୁ ପରିଣାମ ଗମ୍ଭୀର ହେଉଛି। ଦେଖିବାକୁ ଗଲେ ଏହି ମହାମାରୀରେ ଘରୋଇ ହିଂସା ବୃଦ୍ଧି ପାଇଛି। ସେକ୍ସୁଆଲ ଆଣ୍ଡ୍ ରିପ୍ରଡକ୍ଟିଭ ବା ଯୌନ ଏବଂ ପ୍ରଜନନୀୟ ସ୍ୱାସ୍ଥ୍ୟ ସେବା ବିଳମ୍ବ ହୋଇଛି କିମ୍ବା ସ୍ଥଗିତ ରଖାଯାଇଛି। ବହୁ ସମୟରେ ସରକାର ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିବା କିମ୍ବା କାର୍ଯ୍ୟ କରିବାରେ ସମ୍ପୂର୍ଣ୍ଣ ଅପ୍ରସ୍ତୁତ ରହିଥିବା ଦେଖାଯାଇଛି। ଦୀର୍ଘଦିନ ଧରି ଆମେ ପୁରୁଷ ଏବଂ ମହିଳାମାନଙ୍କ ଉପରେ ଅଲଗା ସଂଗୃହୀତ ତଥା ବିଶ୍ଳେଷିତ ତଥ୍ୟ ପାଉନାହୁଁ। ଏପରି କି ଉଭୟ କୋଭିଡ୍-୧୯ ସଂକ୍ରମଣ ଏବଂ ଟିକାକରଣ କିଭଳି ଗର୍ଭବତୀ ମହିଳାଙ୍କୁ ପ୍ରଭାବିତ କରିଛି ସେ ସମ୍ପର୍କିତ ତଥ୍ୟ ମଧ୍ୟ ଆମେ ପାଇପାରୁନାହୁଁ। ଏହି ସବୁ ତଥ୍ୟ ନ ମିଳିବାର କାରଣ ହେଉଛି, ଏହା ଉପରେ ଗବେଷକମାନେ ନିୟମିତ ଅନୁଧ୍ୟାନ କରୁନାହାନ୍ତି। ତେବେ ନୀତିନିର୍ଦ୍ଧାରଣ କ୍ଷେତ୍ରରେ ମହିଳାମାନେ ଉତ୍ତମ ନେତୃତ୍ୱ ବା ପ୍ରତିନିଧିତ୍ୱ ନ ପାଇବା ଯାଏ ଆମେ ଏସବୁ ତଥ୍ୟ ପାଇବା ଲାଗି ସଂଗ୍ରାମ ଜାରି ରଖିବୁ। ଏହା ସହ ଅନ୍ୟ ସମସ୍ୟା ଦୂର କରିବା ଲାଗି ଲଢ଼େଇ କରିଚାଲିବୁ। କୋଭିଡ୍-୧୯ର ବିଧ୍ୱଂସକ ପରିସ୍ଥିତିରୁ ମୁକୁଳି ଆମେ ଅଣ୍ଟାସଳଖୁ ଥିବାରୁ କାର୍ଯ୍ୟ ତଥା ରୋଜଗାରର ନୂତନ ଏବଂ ଉତ୍ତମ ପଥ ଆପଣାଇବା ପାଇଁ ଆମ ପାଖରେ ଏକ ସୁଯୋଗ ରହିଛି, ଯେଉଁଥିରେ ଜଣଙ୍କ ମାତା କିମ୍ବା ପିତାଙ୍କୁ ସେମାନଙ୍କ କ୍ୟାରିୟର ଏବଂ ପରିବାର ଦାୟିତ୍ୱ ମଧ୍ୟରେ ବାଛିବାର ଆବଶ୍ୟକତା ପଡିବ ନାହିଁ। ଏହାଦ୍ୱାରା ମହିଳାମାନେ ସଫଳତାପୂର୍ବକ ଆଗକୁ ବଢ଼ିପାରିବେ ଏବଂ ନେତୃତ୍ୱ ନେଇ ପାରିବେ। ଅନ୍ୟ କ୍ଷେତ୍ର ଭଳି ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଥିବା ବାଧାଗୁଡ଼ିକୁ ଠାବ କରି ତାହାକୁ ଭାଙ୍ଗି ଆମକୁ ଏଭଳି ନେତୃତ୍ୱ ଯାତ୍ରା ଆରମ୍ଭ କରିବାକୁ ହେବ। ଯେଉଁମାନେ କ୍ଷମତାର ଆସନରେ ରହିଛନ୍ତି ସେମାନଙ୍କୁ ନୀତିରେ ଆବଶ୍ୟକ ପରିବର୍ତ୍ତନ, ସଂସାଧନର ଆବଣ୍ଟନ ଏବଂ ସାଂସ୍କୃତିକ ମାନକକୁ ଆଗ୍ରହର ସହ ଗ୍ରହଣ କରିବାକୁ ବାଧ୍ୟ କରିବାକୁ ପଡ଼ିବ।

ଷ୍ଟାର୍ଟର ବା କାର୍ଯ୍ୟ ଆରମ୍ଭ କରୁଥିବା ମହିଳାମାନଙ୍କ ପାଇଁ ଆମେ ଆମ କର୍ମକ୍ଷେତ୍ରକୁ ଅଧିକ ପରିବାର ଅନୁକୂଳ କରିବା ଉଚିତ୍। ଯେମିତିକି କର୍ମକ୍ଷେତ୍ରରେ ସମୟ ସାରଣୀକୁ ପରିସ୍ଥିତି ଅନୁଯାୟୀ ପରିବର୍ତ୍ତନ କରିବା, ପିଲାଙ୍କ ଯତ୍ନ ନିମନ୍ତେ କିଛି ସୁବିଧା ଦେବା ଏବଂ ପାରିବାରିକ ଛୁଟି ମଧ୍ୟ ଯୋଗାଇ ଦେବା ଉଚିତ୍। ତା'ଛଡା ମହିଳାମାନଙ୍କ କ୍ୟାରିୟରର ପ୍ରଗତିରେ ବାଧା ଆଣୁଥିବା ଲିଙ୍ଗଗତ ବୈଷମ୍ୟ, ବାଛବିଚାର ସହ ମା'ମାନଙ୍କ ନିଯୁକ୍ତି ବା ପଦୋନ୍ନତି ନିଷ୍ପତ୍ତି କ୍ଷେତ୍ରରେ ଥିବା ଭ୍ରାନ୍ତ ଏବଂ ନକାରାତ୍ମକ ଧାରଣାକୁ ଦୂରେଇ ଦେବା ଉଚିତ୍। ଏସବୁବାଦ୍ ଆମକୁ ଏକଥା ମଧ୍ୟ ବୁଝିବାକୁ ହେବ ଯେ,ମହାମାରୀର ପ୍ରଭାବ ସବୁ ମହିଳାଙ୍କ ଉପରେ ସମାନ ଭାବରେ ପଡିନାହିଁ। ଅନ୍ୟଦେଶଗୁଡିକ ଭଳି ଆମେରିକାରେ ମହିଳା ଅଧିକ ଅସୁବିଧାର ସାମ୍ନା କରିଛନ୍ତି। କଳା, ସ୍ପେନୀୟ କିମ୍ବା ଏକାକୀ ମାତୃତ୍ୱଲାଭ କରିଥିବା କାରଣରୁ ସେମାନଙ୍କୁ ଅଧିକ ବୋଝ ସମ୍ଭାଳିବାକୁ ପଡିଛି। ଏଭଳି ଅସମାନତା ଦୂର କରିବା ଲାଗି ନୀତି ପ୍ରଣୟନ ଉପରେ ଆମକୁ ଜୋର ଦେବାକୁ ହେବ। ବିଶେଷଭାବରେ ବିଶ୍ୱ ସ୍ତରରେ ପିଲାମାନଙ୍କର ଯତ୍ନ ନେବା ଆଦି ବିଷୟରେ ଆମକୁ ସ୍ୱତନ୍ତ୍ର ନୀତି ଲାଗି ସ୍ୱର ଉଠାଇବାକୁ ପଡିବ। ଏପରି ହେଲେ ଅବହେଳିତ ମହିଳାମାନେ ସାମ୍ନା କରୁଥିବା ଅସମାନତାକୁ ଦୂର କରାଯାଇପାରିବ।

ଜୀବନ-ଜୀବିକାର ଦ୍ୱାହି ଦେଇ ମହିଳାମାନେ ସେମାନଙ୍କର ସ୍ୱାସ୍ଥ୍ୟ, ବୃତ୍ତି ବା ନେତୃତ୍ୱ ଦକ୍ଷତାକୁ ଜଳାଞ୍ଜଳି ଦେବା ଉଚିତ୍ ନୁହେଁ। କେବଳ ୫୦ ପ୍ରତିଶତରୁ ନୁହେଁ,ବରଂ ସାରା ମନୁଷ୍ୟ ସମାଜରୁ ହିଁ ଉତ୍ତମ ନେତୃତ୍ୱ ସୃଷ୍ଟି କରିବା ଲାଗି ଆମେ ସାହସ ଓ ସମର୍ଥନ ଜୁଟାଇ ପାରିବା। ଏଥିପାଇଁ ସାରା ବିଶ୍ୱରେ ଏକ ଉତ୍ତମ ସ୍ୱାସ୍ଥ୍ୟ ଓ ନୀରୋଗ ସମାଜ ଆବଶ୍ୟକ। ଏହି ମହାମାରୀ ସମୟରେ ଲକ୍ଷ ଲକ୍ଷ ମହିଳା ନିଜ କର୍ମକ୍ଷେତ୍ର ଛାଡି ସାରିଲେଣି। ଅନେକେ ମଧ୍ୟ ଏପରି କରିବା ଲାଗି ଚିନ୍ତା କରୁଛନ୍ତି। ଯଦି ଆମେ ଉକ୍ତ ଧାରାକୁ ଏବେ ବଦଳାଇବା ଲାଗି ଉଦ୍ୟମ ନ କରିବା ତା'ହେଲେ ଏହି ପ୍ରଭେଦ ଦୂର କରିବା ଅସମ୍ଭବ ହୋଇଯିବ। ଏହି ମହାମାରୀ ଓ ଭବିଷ୍ୟତରେ ଆସିବାକୁ ଥିବା ସମସ୍ତ ସ୍ୱାସ୍ଥ୍ୟଗତ ଦୁଃସ୍ଥିତିରୁ ଆମକୁ ଯିଏ ନେତୃତ୍ୱ ପ୍ରଦାନ କରିବ ଆମେ ତାକୁ ଏଭଳି ଛାଡି ଦେଇପାରିବା ନାହିଁ।

## ଏଇ ଭାରତରେ

ମହାମାରୀ କରୋନା ସମୟରେ ସୁରକ୍ଷିତ ରହିବା ଲାଗି ଆମେ ଘରେ ରହୁଥିବାବେଳେ ପୁଡୁଚେରୀର ମଣିକନ୍ଦନ କିନ୍ତୁ ଦିନରାତି କୋଭିଡ୍ ସଂକ୍ରମିତଙ୍କ ସେବାରେ ଲାଗିଛନ୍ତି। ସେ ରୁହନ୍ତି ରାମନାଥପୁରମ୍‌ରେ ଓ ପ୍ରତିଦିନ କୋଭିଡ୍ ପୀଡ଼ିତଙ୍କୁ ଆମ୍ବୁଲାନ୍ସ ଯୋଗେ ମାଗଣାରେ ହସ୍ପିଟାଲ ନେଉଛନ୍ତି। ଏଭଳି ମାଗଣା ସେବା ଯୋଗାଇ ଦେବା ପାଇଁ ତାଙ୍କୁ ଜଣେ କାର୍ ସେଲ୍ସମ୍ୟାନ୍ ଭାବେ କାମ କରିବାକୁ ପଡୁଛି। ଏଥିରୁ ସେ ଯାହା ରୋଜଗାର କରୁଛନ୍ତି, ତାହାକୁ ଆମ୍ବୁଲାନ୍ସ ସେବାରେ ଲଗାଉଛନ୍ତି। ସେ କାହାଠାରୁ କିଛି ଆର୍ଥିକ ସାହାଯ୍ୟ ନେଉନାହାନ୍ତି। ମହାମାରୀ ଦେଖାଦେବା ପରଠାରୁ ଘର ଲୋକେ ସଂକ୍ରମିତ ହେବାର ଆଶଙ୍କା ଥିବାରୁ ସେ ଆଦୌ ଘରକୁ ଯାଉନାହାନ୍ତି। ଆମ୍ବୁଲାନ୍ସରେ ଶୋଉଛନ୍ତି ଓ ଖାଦ୍ୟ ପାଇଁ ସ୍ଥାନୀୟ ପୋଲିସ ଉପରେ ନିର୍ଭର କରୁଛନ୍ତି। ଏବେ ସୁଦ୍ଧା ସେ ୨୪ ଜଣ ଗର୍ଭବତୀ ମହିଳାଙ୍କ ସମେତ ୬୫ ଜଣ କୋଭିଡ୍ ପୀଡ଼ିତଙ୍କୁ ହସ୍ପିଟାଲକୁ ନେଇସାରିଲେଣି। ତାଙ୍କ ସାନଭାଇଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେବା ପରେ ମଣିକନ୍ଦନ ଏହି ମାଗଣା ଆମ୍ବୁଲାନ୍ସ ସେବା ଆରମ୍ଭ କରିଥିଲେ। ଏହି ସେବା ପାଇଁ ତାଙ୍କୁ ଲୋକେ ଶ୍ରଦ୍ଧାରେ ଡାକନ୍ତି ଆମ୍ବୁଲାନ୍ସ ମଣି। କୋଭିଡ୍ ପୀଡ଼ିତଙ୍କ ମୃତଦେହକୁ ମଧ୍ୟ ମଣି ଶ୍ମଶାନକୁ ନେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨ ଜୁଲାଇ ୧୯୯୬**

- ମିଳିତ ଜାତିସଂଘର ମହାସଚିବ ପଦ ପାଇଁ ଦ୍ୱିତୀୟବାର ପ୍ରାର୍ଥୀ ହେବା ପାଇଁ ବୁଟ୍ରୋସ ବୁଟ୍ରୋସ ଘାଲିଙ୍କ ଉଦ୍ୟମକୁ ମାଲୟେସିଆ ପକ୍ଷରୁ ଦୃଢ଼ ବିରୋଧ।
- ଡେରାଶଠାରେ ୩୫୦ ଏକର ଜମିରେ ୧୨୦ କୋଟି ଟଙ୍କା ବ୍ୟୟରେ ଆଗ୍ରୋ ପାର୍କ ପ୍ରତିଷ୍ଠା ଲାଗି ଗାଡ଼ଗିଲ ୱେଷ୍ଟର୍ଣ୍ଣ କମ୍ପାନୀର ୱାଇଜ ଏବଂ କୃଷି ବିକାଶ ଓ ଅର୍ଥ ଲଗାଣ ନିଗମ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।

## ଚିରନ୍ତନୀ

ଦମ୍ଭ ତା'ର ଯାଏ ତୁଟି, କଣ୍ଠେ ତା'ର ଶୁଖିଯାଏ ଗାନ
ସୃଜନ ବ୍ୟଥାରେ ତା'ର ଅନ୍ତର ଲଭଇ ମ୍ରିୟମାଣ।
ସକଳ କଳା-ଶିଳିପୀ ପାରେ ଅନୁଭବି
ଚିତ୍ରେ ଯେହ୍ନେ ତୁଳିକାରେ ଛବି।

-(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 8 | | 1 | | | | 2 | |
| | 2 | | | | | | | 5 |
| | | 6 | 2 | | | | 3 | |
| | | 9 | | | | | | |
| 3 | | | | 7 | | | 4 | |
| 7 | | 1 | | 9 | 5 | | | |
| | 7 | | | 2 | | | | 9 |
| | | 8 | | | 3 | | 7 | |
| | | | | | | | 1 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 5 | 2 | 7 | 3 | 6 | 8 | 9 |
| 6 | 7 | 9 | 5 | 1 | 8 | 2 | 3 | 4 |
| 3 | 2 | 8 | 4 | 6 | 9 | 7 | 1 | 5 |
| 5 | 8 | 7 | 6 | 2 | 4 | 3 | 9 | 1 |
| 9 | 1 | 2 | 3 | 5 | 7 | 8 | 4 | 6 |
| 4 | 6 | 3 | 9 | 8 | 1 | 5 | 7 | 2 |
| 2 | 3 | 1 | 7 | 4 | 5 | 9 | 6 | 8 |
| 8 | 9 | 6 | 1 | 3 | 2 | 4 | 5 | 7 |
| 7 | 5 | 4 | 8 | 9 | 6 | 1 | 2 | 3 |

ଗତକାଲିର ଉତ୍ତର

# ଚଳନ୍ତି ଈଶ୍ୱର



ଡ. ପ୍ରଫୁଲ୍ଲ କୁମାର ସାହୁ

ବାପା କେବଳ ଏକ ଶବ୍ଦ ନୁହେଁ, ଅନୁଭବ। ସ୍ୱପ୍ନର ଝଲକାଏ ଆତ୍ମପ୍ରକାଶ। ଆମ ମୁଗ୍ଧ ଅନୁଭବର ଏକ ଅମୃତମୟ ସତ୍ତା; ଯାହାକୁ ବୁଝେଇ ହୁଏ ନାହିଁ କୌଣସି ସଂଜ୍ଞାରେ। ନିଅଣ୍ଟ ପଡ଼େ ଶବ୍ଦ। ସେ ପିଲାଙ୍କୁ ଗଢ଼ନ୍ତି ଅତି ଆଦର ଓ ଯତ୍ନରେ। ନିଜ ଆଖି ଲୁହ ନିଜେ ପିଇ ପିଲାଙ୍କୁ ହସିବା ଶିଖାନ୍ତି ଏବଂ ବତେଇ ଦିଅନ୍ତି ମୁଠାଏ ମାଟିକୁ ଚନ୍ଦନରେ ପରିଣତ କରିବାର ମନ୍ତ୍ର। ତାଙ୍କର ଏହି ସକଳ ଶ୍ରମ ଓ ସାଧନା ଫୁଲ ହୋଇ ଫୁଟିଲା ମାତ୍ରେ ଖୁସିରେ ଫାଟି ପଡ଼େ ବାପାଙ୍କ ଛାତି। ମାତ୍ର ଜୀବନ୍ୟାସ ପାଇଥିବା କଣ୍ଢେଇଟା ଯଦି ମା' ପାଲଟି ଯାଏ, ତେବେ ଅତି ଦୟନୀୟ ଭାବରେ ନିଜ ପାଖରେ ନିଜେ ହାରିଯାଏ ପିତୃତ୍ୱ।

ପିତାଙ୍କ ପ୍ରତି ଭକ୍ତି ଓ ସମ୍ମାନ ଆମ ସଂସ୍କୃତିର ଏକ ବିଶେଷତ୍ୱ, ଯା'ର ମୂଳ ଆଧାର ହେଉଛି ଏକାନ୍ନବର୍ତ୍ତୀ ପରିବାର ପରମ୍ପରା। ଦିନ ଥିଲା ପୁଅ, ବୋହୂ, ନାତି, ନାତୁଣୀ ଓ ଅଣନାତି ପ୍ରମୁଖ ବହୁକୁଟୁମ୍ବଙ୍କୁ ନେଇ ସକାଳୁ ରାତିଯାଏ କମ୍ପୁଥିଲା ଘର। ବାପା ଥିଲେ ସେ ଘରର ମେରୁଖୁଣ୍ଟ। ପିଲାମାନେ ଯିଏ ଯେତେ ଉପରକୁ ଗଲେ ବି ପରିବାରରେ କେବେ ଅଚଳ ହେଉ ନ ଥିଲା ବାପାଙ୍କ ମୁରବିପଣିଆ। ଏହା ହିଁ ଦିନେ ପାଶ୍ଚାତ୍ୟ ଲୋକଙ୍କ ପାଇଁ ଥିଲା ବିସ୍ମୟ ଓ ଅବୋଧ୍ୟ। ସେମାନେ ଖୋଜି ପାଉ ନ ଥିଲେ ଜଣେ ଅଶୀ ନବେ ବର୍ଷର ବୁଢ଼ା ବଙ୍କୁଲି ବାଡ଼ି ଖଣ୍ଡେ ଧରି ଏତେ ବଡ଼ ପରିବାରକୁ ଚଳେଇ ପାରିବାର ଅସଲ ରହସ୍ୟ।

ଆମ ପାରିବାରିକ ଜୀବନବୋଧର ସେ ମହତ୍ତ୍ୱ ଆଜି ନିରୁଦ୍ଦିଷ୍ଟ। ଏକ ବିକୃତ ଆଧୁନିକ ରୁଚିବୋଧ ଲୁଟି ନେଇଛି ଆମ ଯୌଥ ପରିବାରର ମୂଲ୍ୟବୋଧ। ବୈଷୟିକ ସଂସ୍କୃତିର ପରୋକ୍ଷ ପୀଡ଼ନରେ ଲୋଚାକୋଚା ହୋଇଯାଇଛି ବାପାଙ୍କ ମୁରବିପଣିଆ। ପରିଣତ ବୟସରେ ପହଞ୍ଚିବା ପରେ ବାପାମାନେ ଏବେ ପିଲାଙ୍କ ଆଖିରେ ପାଲଟି ଯାଉଛନ୍ତି ପରିବାରର ବୋଝ। ସେ ଜଞ୍ଜାଳ ହଟେଇବା ପାଇଁ ପୁଅ ଉପରେ ଅଜାଡ଼ି ହୋଇପଡୁଛି ବୋହୂର ଗାଳି। ଦିନ ଥିଲା ବୋହୂର କାନକୁହା କଥାକୁ ପୁଅ ଏ କାନରେ ପୂରେଇ ସେ କାନରେ ବାହାର କରି ଦେଉଥିଲା । ସେତେବେଳେ ଯେ ପୁଅ ବୋହୂକୁ ଭଲ ପାଉ ନ ଥିଲା ତା' ନୁହେଁ, କିନ୍ତୁ ସେ ଭଲ ପାଇବାର ଫାଇଦା ଉଠାଇ ବାପାଙ୍କ ମୁହଁ ଉପରେ ଜବାବ ଦେଇପାରୁ ନ ଥିଲା ବୋହୂ। ଏବେ କିନ୍ତୁ ବୋହୂ କଥାରେ ଉଠ ବସ ହେଉଥିବା ପୁଅଙ୍କ ସଂଖ୍ୟା ଶତକ ନବେରୁ ଅଧିକ। ସେମାନଙ୍କର ନିର୍ଲଜ୍ଜପଣ ପାଇଁ ଭୂଲୁଣ୍ଠିତ ହେଲାଣି ବାପାଙ୍କ ଟାଣପଣ। ତାଙ୍କ ଦିନ ଏବେ କଟୁଛି ବୋହୂର ଫିଙ୍ଗା ଫୋପଡ଼ା, ହତାଦର ଓ ବେଖାତିର ଭିତରେ। ଜୀବନର ସାୟାହ୍ନରେ ସବୁ ବାପା ମା' ଚାହାନ୍ତି ବାକି ଜୀବନଟା ପୁଅବୋହୂ ନାତି ନାତୁଣୀଙ୍କ ଗହଣରେ କଟେଇ ଦେବେ ହସଖୁସିରେ। ବର୍ତ୍ତମାନ ସମୟରେ ପିଲାମାନଙ୍କଠାରୁ ଦୂରରେ ରହି ସେମାନେ ଅଭିଶପ୍ତ ଜୀବନ କାଟୁଛନ୍ତି ନିଜ ଭିଟାମାଟିରେ କିମ୍ବା କେଉଁ ଜରା ନିବାସରେ।

ସହର ହେଉ କି ଗାଁ ହେଉ, ଉତ୍ପୀଡ଼କ ନିଃସଙ୍ଗତା ଭିତରେ କାଳ କାଟୁଛନ୍ତି ଅନେକ ଅସହାୟ ବାପା। ପର ଲାଗିଲା କ୍ଷଣି ପିଲାମାନେ ଯିଏ ଯୁଆଡ଼େ ଉଡ଼ି ଯାଉଛନ୍ତି ନିଜ ଇଚ୍ଛାରେ। ଏ ଜାତି କ'ଣ ଆଗରୁ ବଣିଜ ବେପାର ପାଇଁ ବାହାରକୁ ଯାଉ ନ ଥିଲା? ହେଲେ ଯିଏ ଯୁଆଡ଼େ ଗଲେ ବି କେବେ ଭୁଲି ଯାଉ ନ ଥିଲା ଗାଁ ମାଟିକୁ। ଏବେ କିନ୍ତୁ ସହରରେ ଘର ତୋଳି ରହୁଥିବା ପିଲାଙ୍କର ଆଉ ମନେ ପଡୁନି ଗାଁର ଭିଟା ମାଟିକୁ ଜାବୁଡ଼ି ଧରି ପଡ଼ିଥିବା ବାପାଙ୍କ କଥା, ଯେଉଁ ବାପା ଦିନେ ନିଜେ ଭୋକର ଉହ୍ନେଇରେ ଜଳି ଜଳି ଦେଖୁଥିଲେ ତାକୁ ହାକିମ କରି ଗଢ଼ି ତୋଳିବାର ସ୍ୱପ୍ନ। ପୁଅକୁ ବେଶି ପାଠ ପଢ଼ାଇବା ଜିଦ୍‌ରେ କେବେ ତା' ମା'ର କାନଫୁଲ ବନ୍ଧା ପକାଇ ଦେଇଥିଲେ ତ କେବେ ବିକ୍ରି କରି ଦେଇଥିଲେ ଜମିବାଡ଼ି। ଅଥଚ ସେହି ବାପା ଆଜି ଏକୁଟିଆ ବସି ଗୁମୁରି ଗୁମୁରି କାନ୍ଦୁଛି । କିଏ ଅଛି ବୁଝିବାକୁ ତାଙ୍କ ଅନ୍ତରର କୋହ? ପୁଅ ତା' ପିଲା ଛୁଆଙ୍କୁ ନେଇ ରହୁଛି ସହରରେ। ନିୟମିତ ଗାଁକୁ ଆସି ବାପାଙ୍କ ଭଲ ମନ୍ଦ ବୁଝିବା ତ ଦୂରର କଥା ଟେଲିଫୋନରେ କଥାପଦେ ହେବାକୁ ବି ତା' ପାଖରେ ସମୟ ନାହିଁ। ଏହି ନିଃସଙ୍ଗତାକୁ ଡରି କେତେକ ବାପା ବି ଗାଁର ସମ୍ପତ୍ତି ବାଡ଼ି ବିକି ଦେଇ ସହରରେ ଯାଇ ରହୁଛନ୍ତି ପୁଅ ପାଖରେ। ହେଲେ ସେମାନେ ଯେ ସମସ୍ତେ ଭଲରେ ଅଛନ୍ତି, ତାହା ଭାବିବା ଭୁଲ୍।

ଗାଁ ହେଉ କି ସହର, ସବୁଠି ଆଜି ଦୁର୍ବିଷହ ହୋଇ ପଡ଼ିଛି ପରିଣତ ବୟସରେ ପହଞ୍ଚିଥିବା ବାପାଙ୍କ ଜୀବନ। ସମ୍ପତ୍ତି ବାରି ଭାଗ ହେଲା ପରି ବାପା ବି ଏଠି ଭାଗ ହେଉଛନ୍ତି ଭାଇ ଭାଇ ଭିତରେ। ବାପାଙ୍କୁ ବି ଏ ଘର ସେ ଘର ହେବାକୁ ପଡୁଛି ଦୁଇ ଓଳି ଦି' ମୁଠା ଖାଇବା ପାଇଁ। ପନ୍ଦର ଦିନ ବଡ଼ ବୋହୂ ହାତ ଟେକାକୁ ଚାହିଁଛନ୍ତି ତ ବାକି ପନ୍ଦର ଦିନ କଟୁଛି ସାନ ବୋହୂ ଦୟାରେ। ବାପାଙ୍କର ପେନ୍‌ସନ କିମ୍ବା ଅନ୍ୟ କିଛି ସ୍ଥାୟୀ ରୋଜଗାର ଥିଲେ ରକ୍ଷା। ସେତକ ହାତେଇବା ପାଇଁ ଅନ୍ତତଃ ଅଜାଡି ହୋଇ ପଡ଼େ କିଛି କୃତ୍ରିମ ଭକ୍ତି ଓ ଭଲ ପାଇବା।

ଯିଏ ଯାହା ହତାଦର କଲେ ବି କାହାରି ପ୍ରତି କମିଯାଏନି ବାପାଙ୍କ ସ୍ନେହ। ହଜାର ହତାଦର ସତ୍ତ୍ୱେ ବି ପିଲାଙ୍କୁ ନିଜ ସ୍ନେହ ଡୋରିରେ ବାନ୍ଧି ରଖିବାକୁ ଚାହାନ୍ତି ବାପା। କେବଳ ସନ୍ତାନ ବତ୍ସଳତା ନୁହେଁ, ଅନାବିଳ ପିତୃଭକ୍ତି ବି ଥିଲା ଆମ ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଅଥଚ ପିତୃଭକ୍ତିର ଅବକ୍ଷୟ ଧାରାକୁ ନେଇ ଏବେ ବଢୁଛି ସାଂସ୍କୃତିକ ସଙ୍କଟ। ବାପା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କଥା ଜାଣିବା ପରେ ବି ତତ୍କାଳ ଆସି ବାପାଙ୍କ ରୋଗଶଯ୍ୟା ପାଖରେ ପହଞ୍ଚିବା ପରିବର୍ତ୍ତେ ପୁଅ ଖୋଜୁଛି ନ ଆସିବାର ବାହାନା। କିଏ ବି ଆସୁଛି ସବୁ ସରିଗଲା ପରେ, ବାପା ଅର୍ଜିଥିବା ଜମିବାଡ଼ି ଓ ଗଛବୃକ୍ଷ ବିକିଭାଙ୍ଗି ନେଇଯିବା ପାଇଁ । ଏମାନଙ୍କ ଭିତରୁ ଅନେକେ ଅଛନ୍ତି, ଯିଏ ବାପାଙ୍କ ଏକାଦଶ କର୍ମରେ ଆଡ଼ମ୍ବରପୂର୍ଣ୍ଣ ଭୋଜି ଭାତର ଆୟୋଜନ କରନ୍ତି କେବଳ ମିଛ ପିତୃଭକ୍ତି ପ୍ରଦର୍ଶନ ପାଇଁ। ବାସ୍ତବରେ ଏହା କିଛି ସିନେମାର କାହାଣୀ ନୁହେଁ, ଆମ ସମୟର ନଗ୍ନ ବାସ୍ତବତା। ବିଂଶ ଶତାବ୍ଦୀରୁ ଆରମ୍ଭ ହୋଇଥିବା ଏହି ଅବକ୍ଷୟକୁ କଥାସମ୍ରାଟ ଫକୀର ମୋହନ ହିଁ ପ୍ରଥମେ ଠାବ କରିପାରିଥିଲେ ନିଜ ସୂକ୍ଷ୍ମ ଦୃଷ୍ଟି ବଳରେ। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ସମ୍ପର୍କରେ ସଚେତନ କରାଇ ଦେବା ପାଇଁ ସେ ଡାକ ମୁନ୍‌ସୀ ଗଳ୍ପ ଲେଖି ଇଂଲିଶ ପଢୁଆ ବାବୁମାନଙ୍କୁ ମାରିଥିଲେ ଡେରଛା ବାଣ। ହେଲେ ଏବେ ଦିନକୁ ଦିନ ସେହି ଗୋପାଳମାନଙ୍କ ସଂଖ୍ୟା ବଢୁଛି ଓ ସେମାନେ ହରି ସିଂମାନଙ୍କୁ ଦେଖାଇ ଚାଲିଛନ୍ତି ଜରା ନିବାସ ଆଡ଼କୁ ରାସ୍ତା।

କୁହାଯାଏ ଯିଏ ଆନନ୍ଦ ଦିଏ ସେ ନନ୍ଦନ। କିନ୍ତୁ ନନ୍ଦନମାନେ ଯଦି ମାତାପିତା ସେବାକୁ ପରମ କର୍ତ୍ତବ୍ୟ ବୋଲି ନ ଭାବିବେ, ତେବେ କିଏ ଦେବ ତାଙ୍କୁ ଆନନ୍ଦ? କହିଲେ ଦେଖି ପୁଅ ଯଦି ବାପାର ଶେଷ ବେଳରେ ପାଖରେ ରହିବନି, ଶୁଦ୍ଧିକ୍ରିୟାକୁ ଆସିବନି, ତେବେ କେଡେ ଦୁର୍ବିଷହ ହୋଇପଡ଼ିବ ଏ ସୁନ୍ଦର ପୃଥିବୀ! ଏହି ପରିପ୍ରେକ୍ଷୀରେ ଆମେ ମନେରଖିବା ଉଚିତ ପ୍ରତ୍ୟେକ ବାପା ଅନେକ ସାଉଣ୍ଟା ଅଭିଜ୍ଞତାରେ ପରିପୂର୍ଣ୍ଣ ଜଣେ ଜଣେ ଚଳନ୍ତି ଈଶ୍ୱର। ଈଶ୍ୱର ଆଉ କିଏ କି? ତେଣୁ ମନ୍ଦିରରେ ପାଷାଣ ଅବା ଧାତୁ ନିର୍ମିତ ପ୍ରତିମା ପାଖରେ ଭୋଗ ଲଗାଇବା ଅପେକ୍ଷା ଏହି ଚଳନ୍ତି ଈଶ୍ୱରଙ୍କ ଯତ୍ନ ନେଲେ ଅଜାଡ଼ି ହୋଇପଡ଼ିବ ଆଶୀର୍ବାଦର ଫୁଲ, ଯାହା କେବେ ଦେଇପାରନ୍ତି ନାହିଁ କୌଣସି ମନ୍ଦିରର ଦେବଦେବୀ।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ, ପଡ଼ିଆବେଡ଼ା, ମୟୂରଭଞ୍ଜ,
ମୋ:୯୪୩୮୮୫୫୦୮୮

# ଆକର୍ଷଣ ମୋହ-ବିସ୍ମୟର



ଡ.ବାସୁଦେବ ମିଶ୍ର

ଈଶ୍ୱର ତାଙ୍କ ସୃଷ୍ଟିରେ ନିଜ ହାତରେ ଗଢ଼ିଥିବା ପ୍ରାଣୀମାନଙ୍କୁ ସେମାନଙ୍କ ଜୀବନକାଳ ମଧ୍ୟରେ ସୁଖଦୁଃଖ ନେଇ ବଞ୍ଚିବାର ପୂର୍ଣ୍ଣ ସୁଯୋଗ ଦିଅନ୍ତି। ପ୍ରାଣୀମାନେ ମଧ୍ୟ ଜୀବନକାଳ ମଧ୍ୟରେ ସେପରି ସୁଯୋଗର ପୂର୍ଣ୍ଣ ଉପଯୋଗ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ସେହି ସୁଯୋଗର ଉପଯୋଗ କରିବା ଭିତରେ ପ୍ରାଣୀଟି ପ୍ରତି ମୁହୂର୍ତ୍ତରେ ବିଭିନ୍ନ ବାଟରେ ଈଶ୍ୱରଙ୍କର ପରୀକ୍ଷାର ସମ୍ମୁଖୀନ ହେଉଥାଏ, ସେ କଥା ତାକୁ ଜଣା ନଥାଏ। ଚାଲିବା ପାଇଁ ପ୍ରାଣୀଟିକୁ ପାଦ ଦେବା ସହିତ ତା'ର ଚଲାବାଟକୁ କେଉଁଠି ନା କେଉଁଠି ପିଚ୍ଛିଳ କରି ଦେଇଥାଆନ୍ତି ସେ। ଆଖି ଦେଇଥାଆନ୍ତି ଦେଖିବାକୁ ସତ, କିନ୍ତୁ ତା' ସହିତ ଖରାପ ଦୃଶ୍ୟ ତା' ଆଖି ସମ୍ମୁଖକୁ ମଧ୍ୟ ଆଣିଥାଆନ୍ତି ସେ। ଏମିତି ବଞ୍ଚିବାର ପୂର୍ଣ୍ଣ ସୁଯୋଗ ଦେବା ସହିତ ଶରୀରରେ ଯୁକ୍ତ ହୋଇଥିବା କର୍ମେନ୍ଦ୍ରିୟଗୁଡ଼ିକର ଦୁରୁପଯୋଗ ନିମିତ୍ତ ବିଭିନ୍ନ ବାଟରେ ସୁଯୋଗ ସୃଷ୍ଟି କରିବା ତାଙ୍କ ପରୀକ୍ଷାର ଅନ୍ତର୍ଗତ ହୋଇଥାଏ। ମନ୍ଦିରକୁ ଯାଇ ଦିଅଁଦର୍ଶନ କରିବାକୁ ତୁମେ ଯେପରି ମୁକ୍ତ, ମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ଅଥବା ଦିଅଁ ଦର୍ଶନ ପରେ ମନ୍ଦିର ଗାତ୍ରରେ ଥିବା ମନମତାଣିଆ ଚିତ୍ର ଅଥବା ମୂର୍ତ୍ତିଗୁଡ଼ିକୁ ଦେଖିବାକୁ ତୁମେ ସେହିପରି ସ୍ୱାଧୀନ। ଦିଅଁଦର୍ଶନ କରି ଅନ୍ତର ମନକୁ ପବିତ୍ରିତ କରିବ କି ଅନ୍ୟ ଚିତ୍ର ମୂର୍ତ୍ତିଗୁଡ଼ିକୁ ଦେଖି ମନ-ହୃଦୟକୁ କଳୁଷିତ କରିବ, ତାହା ତୁମ ବିଚାର, ଚିନ୍ତା ଚେତନାର କଥା। ଶରୀରଟିକୁ ବଞ୍ଚାଇ ରଖିବାକୁ ଯେଉଁ ଖାଦ୍ୟ ଆବଶ୍ୟକ, ତା'ର ସ୍ୱାଦର ଉପଲବ୍ଧି ନ ହେଲେ ଖାଦ୍ୟ ପ୍ରତି ଆଗ୍ରହ ଆସିବ ନାହିଁ। ଖାଦ୍ୟ ପ୍ରତି ଆଗ୍ରହ ନ ଆସିଲେ ଶରୀର ପୁଷ୍ଟ ହେବା ସମ୍ଭବ ହେବନାହିଁ। ଏହି କଥାଟିକୁ ଦୃଷ୍ଟିରେ ରଖି ଜିହ୍ୱାଟିଏ ଶରୀର ଭିତରେ ରଖିଛନ୍ତି ସେ। କିନ୍ତୁ ଖାଦ୍ୟ ପ୍ରତି ଯେତିକି ଆଗ୍ରହ ରହିବା କଥା, ତା'ଠାରୁ ଅଧିକ ଆଗ୍ରହ ରଖିଲେ ଶରୀର ତ ଅସୁସ୍ଥ ହେବ, ତା'ଛଡ଼ା ଗୁଡ଼ାଏ ଭୁଲ କାମ କରିବାର ପରିସ୍ଥିତି ସୃଷ୍ଟିହେବ। ପୁଣି ସେଇ ଜିହ୍ୱା ଉପରେ ଆଉ ଗୋଟିଏ ମହାନ୍ ଦାୟିତ୍ୱ- କଥା କହିବା। କଥା କହିବା ତ ମଧୁର ବଚନ ନ କହି କର୍କଶ କହିବା କାହିଁକି? ଭାଗବତ କହିଛନ୍ତି- 'ମଧୁର ବିନୟ ବଚନ, କହି ତୋଷିବ ଜନ ମନ।' ନା, ସେସବୁ କଥା ଆମର ଶୁଣିବାର ନାହିଁ। ଆମେ କହୁଜହୁ ଗୁଡ଼ାଏ ଆବୁରୁଜାବୁରୁ କହୁ। ତଦ୍ୱାରା ଆମେ ନିଜର ମନ, ଆତ୍ମାକୁ କଳୁଷିତ କରିବା ସହିତ ଆମର ଚାରିପାଖର ପରିବେଶକୁ ମଧ୍ୟ କଳୁଷିତ କରିଦେଉ। ଏଣୁତେଣୁ ଆବୁରୁଜାବୁରୁ ଆଲୋଚନାରୁ କିଛି ମଜା ମିଳେ ବୋଲି ସେଇଟା ଯେଉଁଠି ସେଇଠି ଚାଲେ। ଚାଲେ ତ ଚାଲେ, ପୁଣି ତାହା ଶାଖା ପ୍ରଶାଖା ଦେଇ କେଉଁଠୁ ଯାଇ କେଉଁଠି ପହଞ୍ଚେ, ତା'ର କିଛି ଠିକଣା କି ହିସାବ ନଥାଏ। ଏସବୁ ହେଉଛି ପରୀକ୍ଷାର ବେଳ। କାହାର ବଞ୍ଚିବା ନ ବଞ୍ଚିବାକୁ ଖାତିର ନ କରି ସଂସାରରେ ନିଜେ କେବଳ ସୁଖଶାନ୍ତିରେ ବଞ୍ଚିଲ ଅବା ନିଜେ ବଞ୍ଚିବା ସହିତ ଆଉ କାହାକୁ ବଞ୍ଚିବାର କିଛି ସୁବିଧା ସୁଯୋଗ ଯୋଗାଇଦେଲ କି କାହାର ବଞ୍ଚିବାର ଯତ୍‌ସାମାନ୍ୟ ସମ୍ବଳକୁ ଅପହରଣ ତଥା ଆତ୍ମସାତ୍ କରି ତାକୁ ନିଃସ୍ୱ କରିଦେଲ, ସେ ସମସ୍ତ ବିଷୟ ପରୀକ୍ଷାର ପରିସରଭୁକ୍ତ ହୋଇଥାଏ। ତୁମେ ପ୍ରକୃତରେ ତୁମର କାର୍ଯ୍ୟପାଇଁ ପୁରସ୍କାର ପାଇବା ପାଇଁ ଯୋଗ୍ୟ କି ତିରସ୍କାର, ତାହା ସେହି ପରୀକ୍ଷାଫଳ ଉପରେ ନିର୍ଭର କରେ।

ମନୁଷ୍ୟମାନଙ୍କର ମଧ୍ୟ ଦରବାର ଥାଏ। ସେମାନେ ନିଜେ ସମ୍ମାନ ପାଇବା ପାଇଁ ସେପରି ଦରବାରଟିଏ ତିଆରି କରିଥାଆନ୍ତି। ସେପରି ଦରବାରରେ ମିଳିଥିବା ସମ୍ମାନର ପ୍ରକୃତରେ କିଛି ମୂଲ୍ୟ ନଥାଏ। ସେଇଠି ମିଳେ କାଗଜପଟିରେ ଲେଖା ହୋଇଥିବା ମାନପତ୍ରଟିଏ। ନ ହେଲେ ତା' ସହିତ କିଛି ଅର୍ଥ, ଯାହାକୁ ସେମାନେ ଟଙ୍କା ଅବା ଡଲାର ଅଥବା ଫ୍ରାଙ୍କ୍ ବୋଲି କହନ୍ତି। ତାଙ୍କର ଦରବାର କିନ୍ତୁ ସମ୍ପୂର୍ଣ୍ଣ ଅଲଗା। ସେଇଠି ରଙ୍ଗିନ୍ ଆଖିଝଲସା ଆଲୋକମାଳା ନ ଥାଏ, କି ଝୀନ ବସ୍ତ୍ରର ସାଜସଜ୍ଜା ନଥାଏ। ଦୋଷଗୁଣର ବିଚାର କିନ୍ତୁ ଥାଏ ଖୁବ୍ ସ୍ୱଚ୍ଛ ଏବଂ ଉଜ୍ଜ୍ୱଳ, ସୂର୍ଯ୍ୟଚନ୍ଦ୍ରଙ୍କର ଆଲୋକ ପରି। ସେଇଠି ବିଚାରର ଯେଉଁ ରାୟ ମିଳେ, ତାକୁ ସଂସାରର କେଉଁ କୋର୍ଟ ଖାରଜ କରିପାରେ ନାହିଁ। ସେହି ଦରବାରରେ ଯେଉଁ ସମ୍ମାନ ମିଳେ, ପୃଥିବୀର ଯେକୌଣସି ଦେଶର ଯେ କୌଣସି ସମ୍ମାନ ତା' ସହିତ ସମକକ୍ଷ ହୋଇପାରେ ନାହିଁ।

କାଗଜ ଉପରେ କଲମ ମୁନରେ ସୃଷ୍ଟି କରିଥିବା ରେଖାପରି ଆମର ଏ ଜୀବନ। ଆରମ୍ଭରୁ ଶେଷଯାଏ ଅସଂଖ୍ୟ ବିନ୍ଦୁର ସମାହାର ଏଇ ରେଖାଟି। ବିନ୍ଦୁଟିଏ- ଯାହାର ଲମ୍ବ ନ ଥାଏ, ପ୍ରସ୍ଥ ନ ଥାଏ କି ଉଚ୍ଚତା ମଧ୍ୟ ନ ଥାଏ। ମୁହୂର୍ତ୍ତଟିଏ ସେମିତି। ତାହା କାଳର ପ୍ରତିନିଧିରୂପେ ଆମ ପାଖକୁ ଆସୁଥାଏ ପ୍ରତିଦିନ, ପ୍ରତି ସକାଳ ସନ୍ଧ୍ୟାରେ, ପ୍ରତିଟି ସମୟରେ। ଯାହାର ଲମ୍ବ, ପ୍ରସ୍ଥ କି ଉଚ୍ଚତାକୁ ମାପିବା ସମ୍ଭବ ନୁହେଁ। ଜୀବନ ସେମିତି ରେଖାଟିଏ ପରି। ଅନେକ ମୁହୂର୍ତ୍ତର ସମଷ୍ଟିରେ ଏଇ ଜୀବନର ସୃଷ୍ଟି। କ୍ଷୁଦ୍ରରେଖା, ଲମ୍ବ ରେଖା ପରି କେଉଁଠି ଜୀବନରେ ମୁହୂର୍ତ୍ତର ପ୍ରାଚୁର୍ଯ୍ୟ ତ କେଉଁଠି କମ୍ ମୁହୂର୍ତ୍ତର ସମାବେଶରେ ଜୀବନଟିଏ। ତେବେ ସେହି ମୁହୂର୍ତ୍ତମାନଙ୍କର ଉଚିତ ଉପଯୋଗ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ସୁଖଦୁଃଖ ଦୃଷ୍ଟିରୁ। ଜୀବନର କେତେ ମୂଲ୍ୟବାନ ମୁହୂର୍ତ୍ତ କିପରି ସୁଖ ଅଥବା ଦୁଃଖ ମଧ୍ୟଦେଇ ଅଥବା ସୁଯୋଗ ଆଉ ଦୁର୍ଯୋଗର ସହାୟତା ନେଇ ତୁମେ ବ୍ୟତୀତ କଲ, ତାହା ହିଁ ବିଚାରଯୋଗ୍ୟ ବିଷୟ ହୋଇଥାଏ।

ବାସ୍ତବ କଥାଟା ହେଲା, ଜୀବନରେ ଆମକୁ ଏଇ କେତୋଟି ମୁହୂର୍ତ୍ତ ବଞ୍ଚିବାର ପୂର୍ଣ୍ଣ ସୁଯୋଗ ଦେବା ଭିତରେ ଈଶ୍ୱର ଆମ ସମ୍ମୁଖରେ ମୋହ ଦୃଶ୍ୟମାନ କରିଦିଅନ୍ତି। ଖୁବ୍ କମ୍ ଲୋକଙ୍କର ଏଥିପ୍ରତି ନିଘା ନଥାଏ ସିନା, ଏଇଠି କିନ୍ତୁ ଦେଖାଯାଏ ଭୀଷଣ ଭିଡ଼ ଅନବରତ। ଏଇ ଭିଡ଼ ଭିତରେ ଧନୀ, ମାନୀ, ଜ୍ଞାନୀ ସମସ୍ତଙ୍କୁ ଦେଖିବାକୁ ମିଳେ। ଏଠା ରାସ୍ତାଟା ମଧ୍ୟ କିଛି ମାତ୍ରାରେ ଖସଡ଼ା। ଏଇଠୁ ମଦିରା ପାନ କରିବା ପରେ ଖସଡ଼ା ରାସ୍ତାରେ ଗୋଡ଼ ଅବା ନ ଖସିବ କେମିତି? ଗୋଡ଼ ଖସୁଥାଏ ସିନା, ଏହି ମଦିରା ପାନ କରି ସାରା ସଂସାର ଉନ୍ମତ୍ତପ୍ରାୟ ଟଳମଳ ହେଉଥାଏ ଅହରହ। କେହି ସେଥିପାଇଁ ନିଜକୁ ଭାଗ୍ୟବାନ ମଣୁଥାଏ ତ କେହି ଅହଂକାରରେ ଫାଟି ପଡୁଥିବା ଦେଖାଯାଏ। ଆୟୁର ମୁହୂର୍ତ୍ତଗୁଡିକ କେତେବେଳେ କିପରି ବିତିଯାଏ, ଜାଣିହୁଏ ନାହିଁ। ନିଶା ଛାଡ଼ିବା ବେଳକୁ ଦେଖାଯାଏ, ସବୁ ଶେଷ ହୋଇଯାଇଛି। ନିଶାରେ ମସ୍‌ଗୁଲ୍ ଥିବାବେଳେ ଜନ୍ମହେବା ସମୟର ଦୁଃଖ, ବିପତ୍ତିର ଦୁଃଖ, ମୃତ୍ୟୁର ଭୟ କିଛି ନଥାଏ। ନିଶା ଛାଡ଼ିବା ପରେ ସବୁ ଆସି ମାଡ଼ିବସେ ଏକାବେଳକେ। ଏଇସବୁ ଭିତରେ ତାଙ୍କର ବିଚାର କାମଟା ସରିଯାଏ, ରାୟ ମଧ୍ୟ ପ୍ରକାଶ ପାଇଯାଏ।

ଦଶରଥପୁର, ଯାଜପୁର
ମୋ: ୯୪୩୮୩୨୮୭୫୫

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଯୋଜନାରୁ ବଞ୍ଚିତ

ମହାଶୟ,

ସରକାର ଜନସାଧାରଣଙ୍କ ଉନ୍ନତି ନିମନ୍ତେ ଯୋଜନା ପରେ ଯୋଜନା କରିଚାଲିଛନ୍ତି। ପୁରୀ ଜିଲା ପାଇଁ ବଡ଼ ବଡ଼ ଯୋଜନା ହେଉଛି, କିନ୍ତୁ କାର୍ଯ୍ୟକାରୀ ହେଉନାହିଁ। ଏହି ଜିଲାର ୧୧ଗୋଟି ବ୍ଲକ୍‌ରେ ମୋଟାଅଙ୍କର ଦରମା ହାତଉଥିବା ସରକାରୀ ବାବୁମାନେ ଯେତେ ଦୁର୍ନୀତି କଲେ ବି ତାଙ୍କୁ ସବୁ ମାଫ୍। ସରକାର ଗରିବ ଶ୍ରମିକଙ୍କ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରିଥିବାବେଳେ, ସତ୍ୟବାଦୀ ବ୍ଲକର ଅଧିକାଂଶ ପଞ୍ଚାୟତରେ ମେସିନ ମାଧ୍ୟମରେ କାର୍ଯ୍ୟ କରାଯାଇ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଚଳୁ କରାଯାଉଛି। ବିଭିନ୍ନ ପଞ୍ଚାୟତକୁ ଆସୁଥିବା ଅନୁଦାନରେ ବିକାଶମୂଳକ ଯୋଜନା ବାଟବଣା ହେବାରେ ଲାଗିଛି। ପୁରୀ ଜିଲାର ଅନେକ ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ଆଦିର ମଧ୍ୟ ଯଥେଷ୍ଟ ସୁବିଧା ନାହିଁ। ଏଣୁ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ସମୀକ୍ଷା କରିବା ସହ ଲୋକଙ୍କ ରୋଜଗାର ବୃଦ୍ଧି ପାଇଁ ବାସ୍ତବବାଦୀ ଯୋଜନା ହାତକୁ ନେବାକୁ ପଡ଼ିବ।

-ଦେବତ୍ତି ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସୁନାଚେନ ଲୁଟ୍ ଘଟଣା: ୨ ଗିରଫ**

କେନ୍ଦୁଝର, (ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ସହର ଉପକଣ୍ଠ ନେଙ୍କଡାଘର ନିକଟ ଜାତୀୟ ରାଜପଥ ୨୦ରୁ ଜଣେ ମହିଳାଙ୍କ ବେକରୁ ୨୭ ତାରିଖରେ ୨ ଜଣ ଲୁଟେରା ବାଇକ୍‌ରେ ଆସି ସୁନା ଚେନ ଝାମ୍ପି ନେଇ ଫେରାର୍ ହୋଇ ଯାଇଥିଲେ। ଏହି ଘଟଣାରେ ଟାଉନ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁନିଲ କୁମାର ପ୍ରଧାନ, ବିଜୟ କୁମାର ପ୍ରଧାନ। ଗିରଫ ୨ଜଣଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୧୦ରୁ ଅଧିକ ଛିନତାଇ ମାମଲା ରହିଛି।

## ସଂକ୍ଷେପରେ

### ୫୦ ପ୍ରତିଶତ କର୍ମଚାରୀରେ ଚାଲିବ ସରକାରୀ ଅଫିସ

**ଭୁବନେଶ୍ୱର, ୧୭(ବ୍ୟୁରୋ):** ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଏବଂ ଏହାର ଅଧୀନ ସରକାରୀ କାର୍ଯ୍ୟାଳୟଗୁଡ଼ିକ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ। ଉଚ୍ଚପଦସ୍ଥ ଅଧିକାରୀ ଏବଂ ଡେପୁଟି ସେକ୍ରେଟାରି ପାହ୍ୟାର କର୍ମଚାରୀମାନେ ପ୍ରତିଦିନ ଅଫିସ ଆସିବେ। ୧୫ ଜୁଲାଇ ପର୍ଯ୍ୟନ୍ତ ଏହି ନିୟମ ଚାଲିବ। ଯେଉଁ କର୍ମଚାରୀମାନେ ସମ୍ପୂର୍ଣ୍ଣ ୨ଟି ଯାକ ଡୋଜ୍ ଟିକା ନେଇ ସାରିଛନ୍ତି ସେମାନେ ଦୈନିକ ଅଫିସ ଆସିବେ। ଭୁବନେଶ୍ୱର ଏବଂ କଟକର ସମସ୍ତ ସରକାରୀ ମୁଖ୍ୟାଳୟ ଓ ବିଭାଗରେ କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ କରି ଯେଉଁମାନେ ସମ୍ପୂର୍ଣ୍ଣ ଟିକା ନେଇନାହାନ୍ତି ସେମାନେ ରୋଷ୍ଟର ବେସିସ୍‌ରେ କାମ କରିବେ। ରାଜ୍ୟର ସମସ୍ତ ଜରୁରୀ କାର୍ଯ୍ୟାଳୟ ଯେପରି, ଏସ୍‌ଆର୍‌ସି, ଓଏସ୍‌ଡିଏମ୍‌ଏ, ପୋଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ ଓ ମ୍ୟୁନିସିପାଲ ଅଫିସଗୁଡ଼ିକ ୧୦୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ। ଯେଉଁ କର୍ମଚାରୀମାନେ ରୋଷ୍ଟରରେ ପଡୁ ନ ଥିବେ ସେମାନେ ୱାର୍କ ଫର୍ମ ହୋମ୍‌ରେ କାମ କରିବେ। ଯଦି କୌଣସି ଆବଶ୍ୟକତା ପଡେ ଏବଂ ସେମାନଙ୍କୁ ଟେଲିଫୋନ ଯୋଗେ ଡକାଯାଏ ସେମାନେ ତୁରନ୍ତ ଆସି କାର୍ଯ୍ୟାଳୟରେ ପହଞ୍ଚିବେ। ଶାରୀରିକ ଅକ୍ଷମ ଏବଂ ଗର୍ଭବତୀଙ୍କୁ ଅଫିସ ଆସିବା ଏବଂ ୱାର୍କ ଫର୍ମ ହୋମ୍ କାର୍ଯ୍ୟରୁ ନିବୃତ୍ତ ରହିପାରିବେ।

### ପ୍ରଫେସର ସଂଘମିତ୍ରା ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର, ୧୭(ବ୍ୟୁରୋ):** ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସଂଘମିତ୍ରା ମହାନ୍ତିଙ୍କ ଗୁରୁବାର ପରଲୋକ ଘଟିଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ସେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ୧୯୫୩ ଏପ୍ରିଲ ୧ରେ ଜନ୍ମଗ୍ରହଣ କରିଥିବା ସଂଘମିତ୍ରା ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନରେ ଥିବା ଓଡ଼ିଶା ବିଜ୍ଞାନ ଏକାଡେମୀର ପୂର୍ବତନ ସଭାପତି ଓ ଉତ୍କଳ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତି ପଦବୀରୁ ଅବସର ନେବାପରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବିଜ୍ଞାନ ବିଭାଗରେ ସିନିୟର ପ୍ରଫେସର ତଥା ଡିନ୍ ଭାବେ ଯୋଗଦେଇଥିଲେ। ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ସରକାର ପ୍ରଫେସର ମହାନ୍ତିଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପ୍ରଦାନ କରିଥିଲେ।



# ୫୬ ବରିଷ୍ଠ ଇକୋନୋମିକ୍ ଇନ୍‌ଭେଷ୍ଟିଗେଟରଙ୍କୁ ନିଯୁକ୍ତି

**ଭୁବନେଶ୍ୱର, ୧୭(ବ୍ୟୁରୋ)**

ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧି ଲାଗି ବିକାଶମୂଳକ ଯୋଜନାରେ ଗୋଷ୍ଠୀଗତ ସମ୍ପୃକ୍ତି ଅତ୍ୟନ୍ତ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଯୋଜନା ଓ ସଂଯୋଜନ ବିଭାଗରେ ସଦ୍ୟ ନିଯୁକ୍ତ ୫୬ ବରିଷ୍ଠ ଇକୋନୋମିକ୍ ଇନ୍‌ଭେଷ୍ଟିଗେଟରଙ୍କ ଯୋଗଦାନ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଗୁରୁବାର ଏହା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ତଥା ମାନବ ସମ୍ବଳ ବିକାଶ ମାନକଗୁଡ଼ିକ ନିମନ୍ତେ ପ୍ରମାଣ ଆଧାରିତ ଏବଂ ଲକ୍ଷ୍ୟ ସମ୍ବଳିତ ଯୋଜନା ପ୍ରଣୟନ ଉପରେ ଗୁରୁତ୍ୱ ଦେବା ଜରୁରୀ। ଯୁବ ଅଧିକାରୀଙ୍କୁ ପ୍ରଶଂସା କରିବା ସହ ସେମାନଙ୍କୁ ସଦ୍ୟତମ ବୈଷୟିକ ଜ୍ଞାନକୌଶଳ ବିକାଶ ଏବଂ ଜ୍ଞାନ ପରିସର ସମ୍ପ୍ରସାରଣ ନିମନ୍ତେ ପରାମର୍ଶ ଦେଇଛନ୍ତି। ସେମାନଙ୍କୁ ବୈଷୟିକ ଜ୍ଞାନକୌଶଳ, ଦଳଗତ କାର୍ଯ୍ୟ, ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆଧାରିତ ରୂପାନ୍ତରଣ ସମ୍ବଳିତ ୫-ଟି ରଣନୀତି ଆପଣେଇବା ସହ ସଶକ୍ତ ଓଡ଼ିଶା ନିମନ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି ନବନିଯୁକ୍ତ ଅନୁସନ୍ଧାନକାରୀମାନେ ସ୍ଥାନୀୟ ଅଞ୍ଚଳର ବିକାଶ ଯୋଜନାରେ ସମ୍ପୃକ୍ତ ରହିବେ। ସ୍ଥାନୀୟ ଅଞ୍ଚଳ ବିକାଶ ଯୋଜନାର ତଦାରଖ କରିବା ସହ ଜିଲାର ଯୋଜନା ପ୍ରସ୍ତୁତିରେ ସାହାଯ୍ୟ କରିବେ ଏବଂ ଜିଲା ଯୋଜନା ଏବଂ ତଦାରଖ ୟୁନିଟ୍‌କୁ ସହାୟତା ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀ ଏହି ନବନିଯୁକ୍ତ ଅନୁସନ୍ଧାନକାରୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ରାଜ୍ୟର ଯୋଜନା ପ୍ରକ୍ରିୟାରେ ଆପଣ ସମସ୍ତେ ଏବେ ଏକ ଅଂଶ। ଆପଣମାନଙ୍କ ପ୍ରତିଭା ଏବଂ ଉର୍ଜା ରାଜ୍ୟ ପାଇଁ ଏକ ସମ୍ପଦ ହେବ। ଯୋଜନା ଏବଂ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ବିକାଶ ଯୋଜନାର ତଦାରଖ ଏବଂ ଯୋଜନାର ବିକେନ୍ଦ୍ରୀକରଣରେ ବିଭାଗର ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ, ନିରନ୍ତର ବିକାଶ ଲାଗି ଯୋଜନା ପ୍ରସ୍ତୁତିରେ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉନ୍ନୟନ କମିଶନର ପି.କେ. ଜେନା ତାଙ୍କ ସ୍ୱାଗତ ଭାଷଣରେ କହିଛନ୍ତି, ସ୍ଥାନୀୟ ସ୍ତରରେ ଯୋଜନାର ବିଭିନ୍ନ ଦିଗ ଉପରେ ଏହି ନବନିଯୁକ୍ତ ଅଧିକାରୀଙ୍କୁ ୩ ମାସିଆ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମରେ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ଉପରେ ଏକ କ୍ଷୁଦ୍ର ଭିଡିଓ ପ୍ରଦର୍ଶିତ ହୋଇଥିଲା।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ନବନିଯୁକ୍ତ ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀଙ୍କୁ ନିଯୁକ୍ତି ଦେଉଛନ୍ତି। ନିକଟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ।

# ପୋଲିସ-ମାଓବାଦୀ ଗୁଳି ବିନିମୟ

**ମାଲକାନଗିରି, ୧୭(ଡି.ଏନ.ଏ.)**

## ଜଣେ ମାଓବାଦୀ ନିହତ

ମାଲକାନଗିରି ଜିଲା ସୀମାନ୍ତରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଛତିଶଗଡ଼ର ବସ୍ତର ଜିଲାର ଏଲାଙ୍ଗନାର ଅଞ୍ଚଳରେ କଟେକଲ୍ୟାଣ ଓ କାଙ୍ଗେର ଘାଟି ମାଓବାଦୀ ସଙ୍ଗଠନର ମାଓବାଦୀମାନେ ନିକଟସ୍ଥ ଜଙ୍ଗଲରେ ଏକାଠି ହୋଇଥିବା ଖବର ପାଇ ଡିଆର୍‌ଜି ଏବଂ ସିଆର୍‌ପିଏଫ୍ ବାହିନୀ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଥିଲା। ଜଙ୍ଗଲରେ ପୋଲିସ ପହଞ୍ଚିଥିବା ଜାଣିବା ପରେ ମାଓବାଦୀମାନେ ପ୍ରଥମେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ଏହାର ଜବାବରେ ପୋଲିସ ମଧ୍ୟ ପାଲଟା ଗୁଳି ଚଳାଇଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିର ସାମ୍ନା କରି ନ ପାରି ଶେଷରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଜଙ୍ଗଲରେ ତଲାସି ବେଳେ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା। ଏଥିସହ ଗୋଟିଏ ଥ୍ରୀ ନଟ୍ ଥ୍ରୀ ବନ୍ଧୁକ, ଗୋଟିଏ ପିସ୍ତଲ ସହ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜବତ କରିଥିଲା। ମାଓବାଦୀ ସଙ୍ଗଠନରେ ମୃତ ମାଓବାଦୀ ଜଣେ ଡେପୁଟି କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ପୂର୍ବରୁ ତାଙ୍କ ନାମରେ ଛତିଶଗଡ଼ ସରକାର ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ। ସମ୍ପୃକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଜାରି ରହିଛି।


ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

# ପିହୁଙ୍କୁ ଉଦ୍ଧାର ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ମା'

**ଯାଜପୁର ଟାଉନ, ୧୭(ଡି.ଏନ.ଏ.)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ୨ ବର୍ଷୀୟ ନିଖୋଜ ଶିଶୁକନ୍ୟା ପିହୁଙ୍କୁ ଉଦ୍ଧାର ପାଇଁ ତାଙ୍କ ମା'ମୋନାଲିସା ନାୟକ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଆକୁଳ ନିବେଦନ କରିଛନ୍ତି। ଏଥିସହିତ ସେ ଯାଜପୁର ଏମ୍‌ପି ଓ ବରୀ ବିଧାୟିକାଙ୍କୁ ମଧ୍ୟ ଚିଠି ଲେଖି ସାହାଯ୍ୟ ଲୋଡ଼ିଛନ୍ତି। ୨୦୨୦ ଅଗଷ୍ଟ ୯ରେ ଗାଁ ଦାଣ୍ଡରେ ପିହୁ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ପିହୁଙ୍କ ବାପା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଦୀର୍ଘଦିନ ପରେ ଏକ ନିଖୋଜ ମାମଲା(ନଂ.୨୨୮/୨୦) ରୁଜୁ କରି ଚୁପ୍ ବସି ରହିଥିଲା। ଫଳରେ ମୋନାଲିସା ବିଭିନ୍ନ ଗଣମାଧ୍ୟମରେ ତାଙ୍କ ଝିଅକୁ ଉଦ୍ଧାର କରିବା ପାଇଁ ନିବେଦନ କଲାପରେ ପୋଲିସ ତତ୍ପରତା ଦେଖାଇଥିଲା। ମାତ୍ର କୌଣସି ସୁରାକ ପାଇ ନ ଥିଲା ବରଂ ତାଙ୍କ ପରିବାରକୁ ବାରମ୍ବାର ଥାନାକୁ ଡାକି ନିର୍ଯାତନା ଦେଉଥିଲା। ଏ ସମ୍ପର୍କରେ ମୋନାଲିସା ଯାଜପୁର ଏସ୍‌ପି, ଜିଲାପାଳ, ପୋଲିସ ଡିଜି ଓ କ୍ରାଇମ୍‌ବ୍ରାଞ୍ଚକୁ ଲିଖିତ ଅଭିଯୋଗ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଏହାପରେ ମୋନାଲିସା ରାଜ୍ୟ ଓ ଜାତୀୟ ମାନବାଧିକାର କମିଶନଙ୍କୁ ଚିଠି ଲେଖି ପିହୁଙ୍କୁ ଉଦ୍ଧାର ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ପିହୁଙ୍କ ସନ୍ଧାନ ମିଳିପାରିନାହିଁ। ଯାହାକୁ ନେଇ ମୋନାଲିସାଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି।

# ୮.୫୭ କି.ମି. ରାସ୍ତା କାମକୁ ପ୍ରଶାସନିକ ଅନୁମୋଦନ

**ଭୁବନେଶ୍ୱର, ୧୭(ବ୍ୟୁରୋ)**

୨୦୨୦-୨୧ ବର୍ଷ ପାଇଁ ପିଡବ୍ଲୁଡି- ଓଡିଶାର ରାଜ୍ୟ ଯୋଜନା ଅଧିନରେ ଖୋର୍ଦ୍ଧା ଜିଲାରେ ଦୟା ୱେଷ୍ଟ କେନାଲର ଦକ୍ଷିଣ ପାର୍ଶ୍ୱ ବନ୍ଧ କଡରେ ଏକ ୨ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣକୁ ରାଜ୍ୟ ସରକାର ପ୍ରସାସନିକ ଅନୁମୋଦନ ପ୍ରଦାନ କରିଛନ୍ତି। ୧୮.୭୩ କୋଟି ଟଙ୍କାର ବ୍ୟୟ ଅଟକଳରେ ଏହି ୮.୫୭ କିଲୋମିଟର ଦୀର୍ଘ ସମାନ୍ତରାଳ ରାସ୍ତା ବ୍ୟସ୍ତବହୁଳ ଜୟଦେବ ବିହାର-ନନ୍ଦନକାନନ ରାସ୍ତାରେ ଟ୍ରାଫିକ ଓ ଭିଡ ହ୍ରାସ କରିବାରେ ସହାୟକ ହେବ ବୋଲି ପୂର୍ତ୍ତ ବିଭାଗର ଟୁଇଟର ଆକାଉଣ୍ଟ ଜରିଆରେ ସୂଚନା ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ପିଆର୍‌ଓଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା

**ଭୁବନେଶ୍ୱର, ୧୭(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ ସମ୍ପର୍କ ଅଧିକାରୀ(ପିଆର୍‌ଓ) ସୁକାନ୍ତ ପଣ୍ଡାଙ୍କ କାର୍ଯ୍ୟକାଳକୁ ଅଧିକ ଗୋଟିଏ ବର୍ଷ ବୃଦ୍ଧି କରାଯାଇଛି। ପଣ୍ଡା ଡେପୁଟି ଡାଇରେକ୍ଟର ପଦରୁ ଜୁନ୍ ୩୦ ତାରିଖରେ ଅବସର ନେଇଥିବା ବେଳେ ତାଙ୍କ କାର୍ଯ୍ୟକାଳ ଗୁରୁବାର ବୃଦ୍ଧି କରାଯାଇଛି। ଏନେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଗୁରୁବାରଠାରୁ ଆସନ୍ତା ବର୍ଷେ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀଙ୍କ ପିଆର୍‌ଓ ଦାୟିତ୍ୱରେ ରହିବେ।


**GOVERNMENT OF ODISHA** No.C-478:-
**OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR**
**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) Dtd.25.06.2021**

| SN | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | Improvement of Water Supply to Berhampur Town by Replacing PVC Distribution Pipelines with DI Pipes. | EICPH-01/ 2021-22 | 830.18 | 6 (Six) Months | 11.00 Hrs. of 02.07.2021 | 17.00 Hrs. of 22.07.2021 |

Name & Address of Officer Inviting Bid: The Chief Engineer, PH (Urban), Office of The Engineer-in-Chief, PH, 1st Floor, Unnati Bhawan, Satyanagar, Bhubaneswar, Odisha - 751007. Phone : #91-674-2575309, email : eicphodisha@gmail.com
❖ Further details can be seen from the e-Procurement portal "https://www.tendersodisha.gov.in".
❖ All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
OIPR-13068/11/0001/2122 Sd./- CHIEF ENGINEER, PH (URBAN)

**GOVT. OF ODISHA** No. O-397:-
**OFFICE OF THE SUPERINTENDING ENGINEER RURAL WORKS CIRCLE, BHAWANIPATNA**
Ph.: 06670-235504, E-mail: serwbpt@yahoo.com
**Bid Identification No.:- BPT/Online-04/2021-22 Date 29.06.2021**
**NOTICE INVITING TENDERS FOR ROAD WORKS IN ODISHA NATIONAL COMPETITIVE BIDDING THROUGH e-Procurement**
1. Name of the Work : Periodical maintenance of five year completed PMGSY works in the District of Kalahandi.
2. No. of Works : 1 No.
3. Location details : Kalahandi District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 07.07.2021 11.00 A.M. | 26.07.2021 5.00 P.M. | 23.07.2021 | 27.07.2021 at 11.00 A.M. |

Further details can be seen from the website: "www.tendersorissa.gov.in"
Sd./- Superintending Engineer
OIPR-25102/11/0004/2122 Rural Works Circle, Bhawanipatna

**ODISHA HYDRO POWER CORPORATION LTD.**
OHPC
O/o. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.-5, BURLA-768017, DISTRICT: SAMBALPUR (ODISHA),
PHONE: 0663-2430197 (O), 2430741 (R), FAX: 0663-2430712
E-mail: srgmhps_burla@yahoo.co.in, CIN: U40101OR1995SGC003963
No.: HHEP/WK-27/1(Vol-II)/2893 Date: 29.06.2021
**NOTICE INVITING TENDER No. HHEP-35/2021**
No.: CAD-532: Sealed tenders are invited in Single Part in sealed envelopes from the reputed manufacturers/authorized dealers/channel partners/reputed suppliers for supply of the following material as mentioned below.

| Description | Cost of tender paper (Non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|
| Procurement of high pressure SS Pipe (38 & 16mm) with other accessories for replacement of Unit No. 7 hoist gate hydraulic piping system of Burla Power House | Rs.472/- (Rs.400/- + GST @ 18%) | NIL Bid security declaration form to be submitted |

Period of availability of tender at OHPC website : Dt.01.07.2021 to 13.07.2021 upto 05.00 P.M.
Last date & time of receipt of tender : Dt.14.07.2021 upto 01.00 P.M.
Date & time of opening of Bids : Dt.14.07.2021 at 04.00 P.M.
For details of the tender documents, terms and conditions please visit our website www.ohpcltd.com.
Sd./- C&P Head, HHEP, Burla
OIPR-04007/11/0010/2122

See Career Appointment on every Wednesday & Saturday

**WORKS DEPARTMENT** No. B-188:-
**OFFICE OF THE EXECUTIVE ENGINEER, ROURKELA (R&B) DIVISION, UDITNAGAR , ROURKELA**
E-Mail Id – eepwdrkl@gmail.com
Government of Orissa "e" Procurement Notice
**Bid Identification No.: 17/ 2021-2022 Dated:28.06.2021**
1. Number of works: 15 (Fifteen) number of works
2. Estimated cost: Rs.8.12 Lakhs to 41.08 Lakhs
3. Period of completion: 3(Three) to 6 (Six) calendar months
4. Date & Time of availability of bid document in the portal: Dt 13.07.2021 at 11.00 A.M.
5. Last date/ Time for receipt of bids in the portal: Dt 26.07.2021 up to 05.00 P.M.
6. Date of opening of Bid: Dt. 27.07.2021 at 11.00A.M.
7. Name and Address of the Officer Inviting Bid: Executive Engineer (R & B) Division, Rourkela, Udit Nagar.
Further details can be seen from the e-procurement portal http//tendersorissa.gov.in"
**Sd./- Executive Engineer, R & B Division , Rourkela**
OIPR-34068/11/0007/2122

idco Your power to grow | ODISHA NEW OPPORTUNITIES
File No. IDCO/HO-P&A/A-10242/01/2021/V-1 10592 Dt. 29.06.2021
**ADVERTISEMENT**
No. CAD-530:- Applications are invited from interested retired Officers in the rank of DFO or above at the time of retirement having good service records and physical fitness for engagement as Chief General Manager (Environment) in IDCO on the basis of Resolution No.23750 dtd.27.8.2014 of General Administration Department and he will be entitled to get monthly remuneration as fixed by the Finance Department Govt. of Odisha in their Memorandum No.7022 Dtd. 17.03.2018 in IDCO.
Eligible & interested candidates may submit their applications in the prescribed proforma with copies of the testimonials in support of their service records on or before 22.07.2021 at 5.00 P.M. within office hours by registered post/ Speed post/courier to the Chief General Manager (P&A), IDCO, Head Office, IDCO Towers, Janpath, Bhubaneswar-751022.
The details of advertisement along with prescribed application and terms & conditions of engagement can be seen from our website **http://www.idco.in**.
By order of CMD
Sd./- Chief General Manager (P&A)
OIPR-14003/11/0036/2122

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
(District Central Store)
**RE-TENDER CALL NOTICE**
**Bid Notification No. CDM & PHO/08/WODC/2021-22**
No. E-188:- Sealed tenders are invited from registered Firms / Suppliers / Manufacturers / Authorised Distributors for supply of **URINE ANALYSER & ICROMA** to the undersigned. Details regarding items with terms and conditions may be downloaded from district website **www.nuapada.nic.in**. The tenders should reach the office of the undersigned by Date. 21.07.2021 upto 05 PM through Speed Post/ Registered Post/ Courier only. The Tender paper cost is mentioned in the term & conditions of the tender.
The undersigned reserves the right to reject any or all the tenders without assigning any reason thereof.
Sd./- Chief District Medical
OIPR-10055/11/0007/2122 & Public Health Officer, Nuapada

**OFFICE OF THE CDM&PHO-cum-DISTRICT MISSION DIRECTOR, DHENKANAL**
(Department of Health and Family Welfare, Govt. of Odisha)
No. 2311 Date: 30.06.21
**AUCTION SALE NOTICE**
No. E-190: The CDM&PHO, Dhenkanal invites sealed quotations from the interested parties/ companies/individuals having GST registration, PAN Card to sale of 10 Nos. of Old and unserviceable 108 Ambulance "as is where is basis". The last date of receipt of quotation by Registered Post/Speed Post on or before 15.07.2021. All other terms & conditions along with application form will be available in the Dhenkanal district website **(www.dhenkanal.nic.in)** from 01.07.2021 to 15.07.2021.
**Sd./- Chief District Medical & Public Health Officer, Dhenkanal**
OIPR-10059/11/0002/2122

**GOVT. OF ODISHA**
**INFORMATION AND PUBLIC RELATIONS DEPARTMENT**
**ADVERTISEMENT**
RFP No.: 6621 (IPR-AVP-MISC-0016-2021) Dated: 30.06.2021
**REQUEST FOR PROPOSAL**
**Name of the Assignment: Empanelment of Agencies for Production of Audio Visual Contents.**
No. Z-02:- Information & Public Relations Department, Government of Odisha invites "Request for Proposal (RFP) from the eligible bidders to submit their applicaiton for Empanelment of Agencies for Production of Audio Visual Contents.
For overview of the objective & scope of the assignment, guideline and other terms and conditions please visit website https://inpr.odisha.gov.in/. Interested bidders who meet the specified criteria other terms and conditions may furnish their "Request for Proposal" complete in all respect by SPEED POST / REGISTERED POST / COURIER in a sealed cover superscribing "Empanelment of Agencies for Production of Audio Visual Contents" on or before 16.07.2021 by 5.00 P.M. in the address specified below. The authority reserves all rights.
**Address for Submission of Proposal:**
The Director
Information & Public Relations Department,
Government of Odisha, Lok Sampark Bhawan, Unit-V,
Bhubaneswar, Odisha - 751001
Telephone No.- 2394890/2398610 (Fax), Email- iprenews@gmail.com
**Name of the Contact Person:-**
Shri Pramod Kumar Mallick, Joint Director,
Mobile No.- 9437136320/8249250766
Sd./- Director (Technical)
Information & Public Relations Department
Government of Odisha, Telephone No.-2394890/ 2398610 (Fax), Email: iprenews@gmail.com
OIPR-15001/11/0015/2122

**ODISHA PUBLIC SERVICE COMMISSION**
**NOTICE**
No. 4305/PSC, IR-4-2020-2021, DR-V dt.30.6.21
**Corrigendum to Advertisement No.08 of 2020-21 for recruitment to the posts of Assistant Professors in different State Public Universities under the administrative control of the Higher Education Department.**
**No. D-44:** Whereas, the Govt. vide its Notification No. 20756/ HE, Dt.18.05.2021 have amalgamated Khallikote University with Berhampur University and the same has been conveyed by Department to OPSC vide No.24947/HE, dt.25.06.2021;
Whereas, Khallikote University is to be removed along with the entries made there under in the Annexure-II of the Advertisement No. 08 of 2020-21 containing consolidated vacancy position in the rank of Assistant Professors in State Public Universities;
Whereas, the PwD wise vacancies against Khallikote University under Annexure-III has to be erased from the Advertisement No. 08 of 2020-21containing consolidated PwD vacancies in the rank of Assistant Professors in State Public Universities;
Whereas, requisitions against subject wise vacancies as reflected in Annexure-I of the Advertisement No. 08 of 2020-21 is to be modified;
This corrigendum is issued modifying the requisition of vacancies as reflected under Annexure-I, Annexure-II & Annexure-III of Advertisement No. 08 of 2020-21.
Consequently, the Programme of verification and interview as notified earlier vide this office Notification No. 4038/PSC. Dt.22.06.2021 for "**Travel Tourism**" and Notification No. 4068/PSC. Dt.22.06.2021 for "**Mass Communication & Media Technology**" is hereby rescinded.
OIPR-12002/11/0025/2122 **Sd./- Secretary**

**OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., BOUDH**
(1st Floor, District Museum, At/P.O./Dist.- Boudh, PIN - 762014)
Dist. Website: www.boudh.nic.in
**No. 2147/2021 Date: 28.06.21**
No. CAD-533: District Manager, Odisha State Civil Supplies Corporation Ltd., Boudh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of **Level-I** Transport Contractor for transportation of foodgrains from FSD, FCI to RRCs in Boudh district of the State of Odisha |
| 2 | Availability of bid document in the portal | From Dt.29.06.2021 |
| 3 | Last date/time for receipt of bids in the portal | Dt.15.07.2021 upto 5.00 P.M. |
| 4 | Date/time of opening of Technical Bid | Dt.16.07.2021 at 11.30 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Boudh |

Further, the e-tender floated for Handling & Level-II Transport Contractor vide this office Letter No. 1662 Dt.18.05.2021 has been extended upto 02.07.2021.
Tender documents & other details can be seen from the e-procurement portal **www.oscsc.in, www.foododisha.in, www.tenderodisha.gov.in** and district website **www.boudh.nic.in**. Amendments/corrigendum/ cancellation/re-tenders etc. if any shall be published only in above websites.
**Sd./- District Manager OSCSC Ltd., Boudh**
**OIPR-07042/11/0001/2122**

**BHUBANESWAR DEVELOPMENT AUTHORITY**
**AKASH SHOVA BUILDING**
**SACHIVALAYA MARG, BHUBANESWAR - 751001**
**Visit us at: https://www.bda.gov.in**
**INVITATION FOR BIDS**
**Bid Identification No. 666/EM/BDA/2021-22 Date: 29.06.2021**
No. CAD-528: The Chief Engineer-cum-Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in Double Cover System in ONLINE MODE from eligible contractors for electrical work as mentioned below:

| | | | |
|---|---|---|---|
| 1. | Total No. of work | : | 02 (Two) Nos. |
| 2. | Estimated Cost | : | Rs.59.93 lakh to Rs.166.81 lakh |
| 3. | Class of Contractor | : | "HT" |
| 4. | Period of Completion | : | 02 (Two) Months each |
| 5. | Cost of Bid documents for each work | : | Rs.10,000.00 + 12%GST = Rs.11,200.00 |
| 6. | Earnest Money Deposit (EMD) | : | Bid Security Declaration |
| 7. | Availability of Tender in the website | : | From 06.07.21 to 5.00 P.M. of 15.07.21 |
| 8. | Date of time of opening of tender | : | Dt.19.07.21 at 11.30 A.M. |
| 9. | Place of opening of tender | : | O/o. The C.E.-cum-E.M., BDA, Bhubaneswar |

Further details can be seen from the website: **https://tendersodisha.gov.in**. Any addendum / corrigendum / cancellation of tender cal also be seen in the said website.
**Sd./- Chief Engineer-cum-Engineer Member, BDA, Bhubaneswar**
**OIPR-13033/11/0010/2122**

**ଡେପୁଟେଶନ ରଦ୍ଦ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ଜମନକିରା ବ୍ଲକ ଟିକିଲିପଡା ଆଶ୍ରମ ସ୍କୁଲ ଶିକ୍ଷକ ନେତ୍ରାନନ୍ଦ ନାୟକ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଅଭିଯୋଗ କରିଛନ୍ତି, ତାଙ୍କୁ ଉଚ୍ଚ ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ବାରମ୍ବାର ଗୋଟିଏ ସ୍କୁଲରୁ ଅନ୍ୟ ସ୍କୁଲକୁ ଡେପୁଟେଶନ୍‌ରେ ପଠାଉଛନ୍ତି। ୨୦୧୮ରୁ ୨୦୨୧ ମସିହା ଭିତରେ ୩ଟି ସ୍କୁଲକୁ ଡେପୁଟେଶନ୍ କରାଯାଇଛି। ଏହା ଦ୍ୱାରା ସେ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ପରିବାର ବର୍ଗଙ୍କୁ ମଧ୍ୟ ସମସ୍ୟା ହେଉଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରି ଡେପୁଟେଶନ୍ ରଦ୍ଦ କରାଯାଉ ବୋଲି ସେ ଦାବି କରିଛନ୍ତି।



## ସଂକ୍ଷେପରେ

### କରୋନାରେ ନର୍ସିଂ ଛାତ୍ରଙ୍କ ମୃତ୍ୟୁ ନେଇ ଶୋକ

ସୁନ୍ଦରଗଡ,୧୭ (ଡି.ଏନ୍.ଏ.): ସୁନ୍ଦରଗଡ ମାହେଶ୍ୱରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ ର ୨ଜଣ ନର୍ସିଂ ଛାତ୍ର କରୋନାରେ ମୃତ୍ୟୁବରଣ କରିଛନ୍ତି। ଏହି ଅନୁଷ୍ଠାନର ରାଉରକେଲା ସିନିୟର ନର୍ସିଂ କଲେଜର ବିଏସସି ନର୍ସିଂ ଚତୁର୍ଥ ବର୍ଷର ଛାତ୍ର ସବ୍ୟସାଚୀ ପାର୍ଥସାରଥୀ ସାହାଣୀ ଗତ ମେ ୮ ତାରିଖରେ ଏବଂ ଜିଏନଏମ ଟ୍ରେନିଂ ସ୍କୁଲର ପ୍ରଥମ ବର୍ଷ ଛାତ୍ର ସିପୁନ୍ ଓଝାଙ୍କ ଜୁନ ୩୦ ତାରିଖରେ କରୋନାରେ ପରଲୋକ ଘଟିଛି । ଏ ନେଇ ଅନୁଷ୍ଠାନର ଛାତ୍ରୀଛାତ୍ର ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ଗୁରୁବାର ଅନୁଷ୍ଠାନର ନିର୍ଦ୍ଦେଶକ ଫକୀର କର୍ଣ୍ଣଙ୍କ ଅଧକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇ ପରଲୋକଗତ ଦୁଇ ଛାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା ।

### ନିମୋକୋକାଲ କଞ୍ଜୁଗେଟ୍ ଟିକାର ଶୁଭାରମ୍ଭ

ସମ୍ବଲପୁର,୧୭ (ବ୍ୟୁରୋ): ଶିଶୁଙ୍କୁ ନିମୋକୋକାଲ ନିମୋନିଆ ଓ ମସ୍ତିଷ୍କ ସଂକ୍ରମଣରୁ ସୁରକ୍ଷା ଦେବା ସକାଶେ ନିମୋକୋକାଲ କଞ୍ଜୁଗେଟ୍ ଟିକା (ପିସିଭି) ସମ୍ବଲପୁରରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ଜିଲାପାଳ ଶୁଭମ୍ ସକ୍‌ସେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶଶିଭୂଷଣ ପଟେଲ, ଏଡିଏମ୍‌ଓ ମେଡିକାଲ ଡା. ଅଲେଖ ମହାପାତ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ ଦାଶ, ଡିପିଏମ୍ ମୌସୁମୀ ମିଶ୍ର, ଡିଏମ୍‌ଆର୍‌ସିଏସ୍ ଅଶ୍ୱିନୀ ମହାନନ୍ଦ ଉପସ୍ଥିତ ଥିଲେ। ମୁଖ୍ୟ ଚିକିତ୍ସାଳୟ ଓ ଡା. ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳଠାରେ ପ୍ରଥମ ଦିନରେ ଦେଢ଼ମାସର ୨୦ଜଣ ଶିଶୁଙ୍କୁ ଟିକା ଦିଆଯାଇଥିଲା। ଏହି ଟିକା ଶିଶୁଙ୍କୁ ମୋଟ ୩ଥର ଦିଆଯିବ। ଦେଢ଼ ମାସରେ ପ୍ରଥମ, ସାଢ଼େ ୩ ମାସରେ ଦ୍ୱିତୀୟ ଓ ୯ ମାସରେ ତୃତୀୟ ଟିକା ଦିଆଯିବ।

### ରବି ଦାସ ସମାଜର ଗ୍ରାମ୍ୟ କମିଟି ଗଠନ

କୁଚିଣ୍ଡା,୧୭ (ଡି.ଏନ.ଏ.): କୁଚିଣ୍ଡା ବ୍ଲକ ରବି ଦାସ ସମାଜ ପକ୍ଷରୁ କୁସୁମୀ, ଝାରମାଲ, ଲଇଗୁରା ଓ ତେଲିତିଲେଇମାଲ ଗ୍ରାମରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବି ଦାସ ସମାଜର ବିଭିନ୍ନ କାର୍ଯ୍ୟ ବିଶେଷ କରି ଶିକ୍ଷାରେ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ସହଯୋଗ କରିବା, ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରିଆସୁଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ସମାଜର ବ୍ଲକସ୍ତରୀୟ ନୂତନ କମିଟି ଗଠନ ହୋଇଥିଲା। ସଭାପତି ବିରବଲ ରୋହିଦାସ, ଉପସଭାପତି ସୁରେଶ ମେହେର, ସମ୍ପାଦକ ସୁରତ ରୋହିଦାସ, ସହସମ୍ପାଦକ ନିଲାଦ୍ରୀ ରୋହିଦାସ, କୋଷାଧ୍ୟକ୍ଷ ସୁନୀଲ ମେହେର, ଉପଦେଷ୍ଟା ହୃଦାନନ୍ଦ ମେହେର, କଭୋଲା ରୋହିଦାସ, ରେବତିମୋହନ ଦେହୁରି, ସୁରତ ରୋହିଦାସ, ମଦନ ମେହେର ପ୍ରମୁଖ ମନୋନୀତ ହୋଇଥିଲେ।

### ଟ୍ରାଫିକ ସଚେତନତାର ଆବଶ୍ୟକତା ରହିଛି

ସମ୍ବଲପୁର,୧୭ (ବ୍ୟୁରୋ): ଟ୍ରାଫିକ ଓ କରୋନା ସଚେତନତାର ଆବଶ୍ୟକତା ରହିଛି। ଲୋକେ ସଚେତନ ହେଲେ ସଡକ ଦୁର୍ଘଟଣା ହ୍ରାସ ପାଇବ। କରୋନା ସଂକ୍ରମଣ ମଧ୍ୟ କମିବ। ଏ ଦିଗରେ ପଦକ୍ଷେପ ନେବାକୁ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଦୀପକ କୁମାର ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ଏସ୍‌ପିମାନଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମଧ୍ୟ ଟ୍ରାଫିକ ଓ କରୋନା ସମ୍ପର୍କରେ ସଚେତନତା କରିଆସୁଛନ୍ତି।

### ରେଳ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୧୭ (ବ୍ୟୁରୋ): ସମ୍ବଲପୁର ରେଳ ମଣ୍ଡଳ ମେକାନିକାଲ ବିଭାଗର କ୍ୟାରେଜ ଓ ୱାଗନ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କୁ ଗୁରୁବାର ପୁରସ୍କୃତ କରାଯାଇଛି। କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ଲାଗି ସମ୍ବଲପୁରରେ ଜୁନିୟର ଇଞ୍ଜିନିୟର ସୁଶାନ୍ତ ନାଏକ ଓ ଟେକ୍ନିସିଆନ୍-୧ ରାଣା ପାଲ, ବଲାଙ୍ଗୀର ଇଞ୍ଜିନିୟରିଂ ବିଭାଗ ଟ୍ରାକ ମେଣ୍ଟେନର୍- ୩ ଗୋପାଳ ଛତ୍ରିଆ, ଦେଓଗାଁ ରୋଡରେ କାର୍ଯ୍ୟରତ କରୁଣା ବାଗଙ୍କୁ ସାର୍ଟିଫିକେଟ ଓ ଅର୍ଥରାଶି ସହ ପୁରସ୍କୃତ କରାଯାଇଛି। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର କର୍ମଚାରୀମାନଙ୍କୁ ପୁରସ୍କୃତ କରିଥିଲେ। ମଣ୍ଡଳ ନିରାପତ୍ତା ଅଧିକାରୀ ପୀତବାସ ପଣ୍ଡା, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ ଜୟନ୍ତ କୁମାର ଖମାରୀ ଉପସ୍ଥିତ ଥିଲେ ।

# ଧାନ ବିକ୍ରି ସମସ୍ୟା: ରାସ୍ତାକୁ ଓହ୍ଲାଇଲା ଭାଜପା

ସମ୍ବଲପୁର,୧୭(ବ୍ୟୁରୋ)





ସମ୍ବଲପୁରରେ ଆନ୍ଦୋଳନ ଯୋଗୁ ଗାଡ଼ିମୋଟର ଅଟକି ରହିଛି(ବାମ) । ବଡମାଲ ଛକରେ ରାଜ୍ୟ ରାଜପଥ ଅବରୋଧ କରାଯାଇଛି ।

ଚାଷୀଙ୍କ ଧାନ ବିକ୍ରି ସମସ୍ୟା ନେଇ ସମ୍ବଲପୁରରେ ଭାଜପା ରାସ୍ତାକୁ ଓହ୍ଲାଇଛି। ଭାଜପା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁଙ୍କ ନେତୃତ୍ୱରେ ଅଇଁଠାପାଲି ଛକରେ ୨ଘଣ୍ଟା ଧରି ୫୫ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ଭାରିଯାନ ଅଟକି ରହିଥିଲା। ଯାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଆନ୍ଦୋଳନରେ ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ଜିଲା ସଭାପତି ଗିରିଶ ପଟେଲ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାଏକ, ଅନ୍ନପୂର୍ଣ୍ଣା ବାରିକ, ଅଶ୍ୱିନୀ ମାଝି, ଦେବେନ୍ଦ୍ର ମହାପାତ୍ର, ଧନକଉଡା ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେମାନେ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତିକୁ ବିରୋଧ କରିଥିଲେ। ଚାଷୀଙ୍କ ପାଖରେ ଧାନ ରହିଥିଲେ ମଧ୍ୟ ସରକାର ଜୁନ୍ ୩୦ ତାରିଖଠାରୁ ଧାନ ସଂଗ୍ରହ ବନ୍ଦ କରିଦେଇଛନ୍ତି। ଅନେକ ଚାଷୀ ଟୋକନ ଲାପ୍ସ ଯୋଗୁ ଧାନ ବିକ୍ରି କରିପାରି ନାହାନ୍ତି। ଏବେ ଦଲାଲ ଓ ବେପାରୀମାନେ ସେମାନଙ୍କ ପାଖରୁ କମ୍ ଦରରେ ଧାନ କିଣୁଛନ୍ତି। ଏହା ଦ୍ୱାରା ଚାଷୀ ଶୋଷଣର ଶିକାର ହେଉଛି। ତେଣୁ ଶୀଘ୍ର ଧାନ କିଣାଯିବା ବ୍ୟବସ୍ଥା କରାଯାଉ ବୋଲି ଦାବି କରିଥିଲେ। ସୁରକ୍ଷା ଦୃଷ୍ଟିରୁ ସେଠାରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

### ୩୦ ପର୍ଯ୍ୟନ୍ତ ଧାନକିଣା ଅବଧି ବୃଦ୍ଧି ଦାବି

ଝାରସୁଗୁଡ଼ା ଅଫିସ,୧୭: ଝାରସୁଗୁଡା ଜିଲା କୃଷକ ମୋର୍ଚ୍ଚା ତରଫରୁ ଗୁରୁବାର ଜିଲା ସଭାପତି ମୁରାରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ବଡମାଲ ଛକ ବିଜୁ ଏକ୍ସପ୍ରେସ୍ ରାଜ୍ୟ ରାଜପଥକୁ ୨ଘଣ୍ଟା ଅବରୋଧ କରାଯାଇଥିଲା। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବଡମାଲ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ଆନ୍ଦୋଳନରେ ଜିଲା ଭାଜପା ସଭାପତି ମଙ୍ଗଳ ସାହୁ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ପ୍ରେମସେନ ରଏ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ମହେଶ୍ୱର ନାୟକ, ରାଜ୍ୟ ସମ୍ପାଦକ ବିଶ୍ୱଜିତ ଷଡଙ୍ଗୀ, ଜିଲା ଉପସଭାପତି ସୁନିଲ ଦାଶ, ଜିଲା ସମ୍ପାଦକ ଡମ୍ବରୁଧର କଣ୍ଟା, ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା, ମହିଳା ମୋର୍ଚ୍ଚା ସଭାପତି ରୀନା ପଟେଲ, ଏସ୍‌ଟି ମୋର୍ଚ୍ଚା ସଭାପତି ନୀଳାମ୍ବର ଡନ୍‌ସେନା, ସଂଖ୍ୟାଲଘୁ ମୋର୍ଚ୍ଚା ଖୁର୍ସିଦ୍ ଆଲମ୍ ପ୍ରମୁଖ ସାମିଲ ହୋଇଥିଲେ। ଜିଲା ଭାଜପା କୃଷକ ମୋର୍ଚ୍ଚା ଦର୍ଶାଇଛି ଯେ, ଜିଲାରେ ଚଳିତ ରବିଋତୁରେ ୯୭୨ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଏଥିରୁ ୯୧୨ ଚାଷୀଙ୍କ ନିକଟରୁ ୩୭,୭୦୪ କୁଇଣ୍ଟାଲ ଧାନ କିଣାଯାଇଛି। ବାକି ଚାଷୀଙ୍କ ନିକଟରୁ ଧାନ କିଣିବା ସହ ଅବଧି ଜୁଲାଇ ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ। ଲଖନପୁର ବ୍ଲକ୍ ହୀରାକୁଦ ବୁଡିଅଞ୍ଚଳରେ ଜମିପଟ୍ଟା ନ ଥିବା ୬୬୪ ଚାଷୀଙ୍କ ୪୨ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଜିଲା ଡିଏଲ୍‌ପିସି ବୈଠକରେ ଉପସ୍ଥାପନା କରାଯାଇଥିଲା। ହେଲେ ଏମାନଙ୍କ ନିକଟରୁ ଧାନ କିଣା ଯାଇନାହିଁ। ଏ ଦିଗରେ ସରକାର ତୁରନ୍ତ ବିଚାର କରିବାକୁ ଭାଜପା ଦାବି କରିଛି।

# ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ସୁନ୍ଦରଗଡ,୧୭ (ଡି .ଏନ୍.ଏ.)

**ରାଜସ୍ୱ ଅମଲାଙ୍କୁ କରୋନା ଯୋଦ୍ଧା ଘୋଷଣା ଦାବି**

ରାଜସ୍ୱ ଅମଲାମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସୁନ୍ଦରଗଡ ଜିଲାପାଳଙ୍କୁ ଗୁରୁବାର ପ୍ରଦାନ କରାଯାଇଛି । ଓଡିଶା ରାଜସ୍ୱ ଅମଲା ସଂଘ , ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, କରୋନା ସମୟରେ ସମସ୍ତେ ନିଜ ଘରେ ଥିବା ବେଳେ ରାଜସ୍ୱ ଅମଲାମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଜର ସେବା ଜାରି ରଖିଛନ୍ତି। ବିଭିନ୍ନ ରେଳ ଷ୍ଟେଶନ, ବସଷ୍ଟାଣ୍ଡ, ରାଜ୍ୟ ସୀମା ତନଖି ଫାଟକରେ ପ୍ରବାସୀ ଓଡିଆଙ୍କୁ ପଞ୍ଜୀକୃତ କରିବା, ଜିଲା କୋଭିଡ କେୟାର ସେଣ୍ଟରରେ ଥିବା କଣ୍ଟ୍ରୋଲ ରୁମ୍ ,ଜିଲା, ବ୍ଲକ /ତହସିଲ କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ ରୁମ ଆଦି କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ତୁଲାଇ ଅନେକ ରାଜସ୍ୱ ଅମଲା କରୋନା ଆକ୍ରାନ୍ତ ହୋଇ ଅକାଳରେ ପ୍ରାଣ ହରାଇଛନ୍ତି। ଏଭଳି ସ୍ଥିତିରେ ରାଜସ୍ୱ ଅମଲାମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଜିଲା ଶାଖା ସଭାପତି ସୁଧାଂଶୁ ଶେଖର ମହାପାତ୍ର, ସଂପାଦକ ଦେବେନ୍ଦ୍ର କୁମାର ପତି, ନବୀନ ଚନ୍ଦ୍ର ଚୌଧୁରୀ, ଦେବାଶିଷ ସାହୁ, ଧର୍ମଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମଣ୍ଡିରୁ ଧାନ ନ ଉଠିବା ପ୍ରତିବାଦରେ ରାଜପଥ ଅବରୋଧ



ଭାଜପା ପକ୍ଷରୁ ୧୪୩ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଛି ।

କୁଆଁରମୁଣ୍ଡା,୧୭(ଡି.ଏନ.ଏ.)

ସରକାରୀ ମଣ୍ଡିରୁ ଧାନ ନ ଉଠି ମାସାଧିକ କାଳ ପଡି ରହିବା ଯୋଗୁ ଧାନ ଗଜା ହୋଇଯାଉଛି । ଏପରି କି ଯେଉଁ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଟୋକନ ପାଇଛନ୍ତି ସେମାନେ ମଧ୍ୟ କେତେକ କାରଣରୁ ଧାନ ବିକି ପାରୁନାହାନ୍ତି । ଫଳରେ ଚାଷୀ ଚିନ୍ତାରେ ରହି ଆତ୍ମହତ୍ୟା ପନ୍ଥା ଆପଣାଇବାକୁ ବାଧ୍ୟ ହେଉଛନ୍ତି । ଗୁରୁବାର ପାନପୋଷ ଭାଜପା ଶାଖା ପକ୍ଷରୁ କୁଆଁରମୁଣ୍ଡା ଚେକ୍‌ଗେଟ୍ ଛକ ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବା ବେଳେ ଭାଜପା ରାଜ୍ୟ ସମ୍ପାଦକ ଧୀରେନ୍ ସେନାପତିଙ୍କ ସହ ଉପସ୍ଥିତ ଅନ୍ୟ ନେତୃମଣ୍ଡଳୀ ଏଥିନେଇ ରାଜ୍ୟ ସରକାରଙ୍କୁ ଦୋଷାରୋପ କରିଛନ୍ତି । ଏହି ସମୟରେ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ ପ୍ରତାପ ସିଂଦେଓ, ଜଗବନ୍ଧୁ ବେହେରା, ଲତିକା ପଟ୍ଟନାୟକ, ରୀନା ମେହେର, ଶଙ୍କର ପୂଝାରୀ, ବୁଲୁ ଚାନ୍ଦ, ମନୋଜ ବାର୍ଲା, ଦିଲିପ ପଟେଲ, ବଲୁ ତିୱାରୀ, ଘନଶ୍ୟାମ ଦେବତା,ଜୀବନ ପ୍ରଦୀପ ଦାଶଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ସିଆଇଟିୟୁ ପକ୍ଷରୁ ରେଳରୋକୋ

ଲହୁଣୀପଡା, ୧୭(ଡି.ଏନ.ଏ.)




ଆନ୍ଦୋଳନରତ ଶ୍ରମିକ ଓ ନେତା ।

ମିଳିତ ଟ୍ରେଡ ୟୁନିୟନର ଡାକରାରେ ବିଭିନ୍ନ ଦାବି ନେଇ ବୁଧବାର ସିଆଇଟିୟୁ ପକ୍ଷରୁ ସୁନ୍ଦରଗଡ ଜିଲା କେବଲାଙ୍ଗ ଥାନା ଅନ୍ତର୍ଗତ ରକ୍ସି ରେଳୱେ ସାଇଡିଂ ଠାରେ ରେଳରୋକୋ ଆନ୍ଦୋଳନ କରାଯାଇଥିଲା । ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିଆଇଟିୟୁ ରାଜ୍ୟ ଉପସଭାପତି ପ୍ରମୋଦ ସାମଲଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିବା ବେଳେ ଉପସ୍ଥିତ ଶ୍ରମିକମାନଙ୍କୁ ଦାବି ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଦାବିଗୁଡିକ ମଧ୍ୟରେ ବିନା ସିଲିଂରେ ଗ୍ରାଚ୍ୟୁଇଟି ବ୍ୟବସ୍ଥା ଚାଲୁ ରଖିବା, ଶ୍ରମିକ କର୍ମଚାରୀମାନଙ୍କୁ ୧ ଜାନୁୟାରୀ, ୨୦୧୭ ଠାରୁ ସମ୍ପୂର୍ଣ୍ଣ ଏରିୟର ପ୍ରଦାନ, ଠିକା ଶ୍ରମିକଙ୍କ ମଜୁରି ଚୁକ୍ତିନାମା ଏନଜେସିଏସରେ କରାଯିବା, ଠିକା ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଏବଂ କ୍ଷତିପୂରଣ ରାଶି ଦିଆଯିବା ଆଦି ରହିଛି। ଏହି ଆନ୍ଦୋଳନରେ ପ୍ରାୟ ଦୁଇ ହଜାରରୁ ଅଧିକ ଶ୍ରମିକ ସାମିଲ ଥିବା ଦେଖିବାକୁ ମିଳିଥିଲା। ଶ୍ରମିକ ନେତା ଓ ଶ୍ରମିକମାନେ ମେଘାତବୁରୁ ଓ କିରିବୁରୁ ଖଣିରୁ ଲୁହାପଥର ନେଇ ଯାଉଥିବା ଟ୍ରେନକୁ ଅଟକ ରଖିଥିଲେ। ଏହି ରେଳରୋକ ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ଆନନ୍ଦ ମାସିହରୋ, ଗୋପୀନାଥ ମାହାନ୍ତ, ନେଲସନ ମୁଣ୍ଡା, କରମପାଲ ସିଂ, ଧିରେଶ ବଳ, ସାରିନ ସୁରିନ, ଶାନ୍ତି ହରୋ, ବିଲକାନ ମାନକି, ଓମନ୍ତ ମାହାନ୍ତ ପ୍ରମୁଖ ସାମିଲ ଥିଲେ। ଅନୁରୂପ ଭାବେ କାଲଟା ଲୌହ ଖଣିରେ ଧର୍ମଘଟ ହୋଇଥିଲା। ଏଥିରେ ଶ୍ରମିକ ନେତା ହରିଶ ଚନ୍ଦ୍ର ରାୟ, କୃଷ୍ଣଚନ୍ଦ୍ର ବାରିକ, ସହଦେବ ନାଏକ, ସୁରେଶ ମୁଦୁଲି, ଦେବବ୍ରତ ଦାସ, ସୁରେଶ ନାଏକ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଶ୍ରମିକ ଉପସ୍ଥିତ ଥିଲେ।

### ଶିଶୁ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୧୭ (ବ୍ୟୁରୋ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବକେନ୍ଦ୍ର ଆୟୋଜିତ ଶିଶୁ ସୁରକ୍ଷା ଓ କରୋନା ମୁକାବିଲା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ୍ ସହଯୋଗରେ ଭର୍ଚୁଆଲ ଜରିଆରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସମ୍ବଲପୁର, ବରଗଡ ଓ ଦେବଗଡ ଜିଲାର ୪୫୦ ଯୁବତୀଯୁବକ ସାମିଲ ହୋଇଥିଲେ। ନେହେରୁ ଯୁବକେନ୍ଦ୍ର ସଂଗଠନ ରାଜ୍ୟ ନିର୍ଦ୍ଦେଶିକା ରୀତା ଭଗତ ଏଥିରେ ଅଧ୍ୟକ୍ଷତା କରିଥିଲେ। ବରଗଡ ଏମ୍‌ପି ସୁରେଶ ପୂଜାରୀ ଯୋଗଦେଇ କରୋନା ମୁକାବିଲା ନିମନ୍ତେ ବିଭିନ୍ନ ସତର୍କମୂଳକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ନେହେରୁ ଯୁବକେନ୍ଦ୍ର ଆଞ୍ଚଳିକ ନିର୍ଦ୍ଦେଶକ ନବୀନ କୁମାର ନାୟକ, ୟୁନିସେଫ୍‌ର ନେହା ନାଇଡୁ, ରୋଶନ ତଣ୍ଡନ୍, ରୀତାଶାନ୍ତି ଡୁଙ୍ଗଡୁଙ୍ଗ ଯୋଗଦେଇ ଶିଶୁ ସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସହର ସମସ୍ୟା ସମାଧାନ ପାଇଁ ସ୍ମାରକପତ୍ର



ସେବାଦଳ ପକ୍ଷରୁ ସ୍ମାରକପତ୍ର ଦିଆଯାଉଛି।

ରାଜଗାଙ୍ଗପୁର,୧୭ (ଡି.ଏନ.ଏ.)

ରାଜଗାଙ୍ଗପୁର ସେବା ଦଳ ପକ୍ଷରୁ ସହରର ବିଭିନ୍ନ ସମସ୍ୟାକୁ ନେଇ ଗୁରୁବାର ଏକ ସ୍ମାରକପତ୍ର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ପଣ୍ଡାଙ୍କୁ ଦିଆଯାଇଛି। ରାଜଗାଙ୍ଗପୁର ସହରର କୁମ୍ଭାରପଡା, ବାବାତଲାବର ସୌନ୍ଦର୍ଯ୍ୟକରଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ତାହା ଆଜି ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ଉନ୍ନତୀକରଣ, ବଗିଚାପଡାରେ ଶ୍ମଶାନର ଉନ୍ନତି ପାଇଁ ସରକାର ଦେଇଥିବା ୫୦ ଲକ୍ଷ ଟଙ୍କା ଅନୁଦାନର ବିନିଯୋଗ, ସହରର ନାଳଗୁଡିକ ସଫେଇ କରିବା ଓ ସହରରେ ପାନୀୟ ଜଳ ବ୍ୟବସ୍ଥା ଠିକ କରିବା ପାଇଁ ପଦକ୍ଷେପ ନିଆଯିବା ଆଦି ଦାବି ରହିଛି। ସେବା ଦଳ ଏହି କରୋନା ସମୟରେ ଲୋକଙ୍କ ପାଖରେ ପହଞ୍ଚି ବହୁ ସହଯୋଗ କରିଛି। ସ୍ମାରକପତ୍ର ପ୍ରଦାନ ବେଳେ ସେବା ଦଳର ଅମରେଶ ପଣ୍ଡା, ଗାନ୍ଧି ସାହା, ଅମୀୟ ଦାସ, ଜୟନ୍ତ ମହାନ୍ତି, କପିଳ ସାହା ଓ ଅନ୍ୟମାନେ ରହିଥିଲେ।

# ସିଏସ୍‌ଓ ଅଫିସ ଆଗରେ କଂଗ୍ରେସର ବିକ୍ଷୋଭ



ସିଏସଓ ଅଫିସ ଆଗରେ କିଷାନ କଂଗ୍ରେସର ବିକ୍ଷୋଭ ।

ସମ୍ବଲପୁର,୧୭(ବ୍ୟୁରୋ)

ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଆହ୍ୱାନ କ୍ରମେ ଜିଲା ଶାଖା ପକ୍ଷରୁ ଗୁରୁବାର ଜିଲା ଯୋଗାଣ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା କିଷାନ କଂଗ୍ରେସ ସଭାପତି ଗୋବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ସଦସ୍ୟମାନେ ସାମିଲ ହୋଇଥିଲେ। ସେମାନେ ଦର୍ଶାଇଥିଲେ, ଟୋକନ୍ ସମସ୍ୟା ଯୋଗୁ ଚାଷୀଙ୍କ ପାଖରେ ବହୁ ପରିମାଣରେ ଧାନ ରହିଛି। ଧାନ ସଂଗ୍ରହ ଦାୟିତ୍ୱ ସରକାରଙ୍କର। ଏବେ ଜୁନ୍ ୩୦ ତାରିଖଠାରୁ ଧାନ ସଂଗ୍ରହ ବନ୍ଦ କରି ଦିଆଯାଇଛି। ତେଣୁ ଧାନ ସଂଗ୍ରହ ସମୟସୀମା ଜୁଲାଇ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ। ରାଜ୍ୟ ସରକାର ଚାଷୀଙ୍କୁ କୁଇଣ୍ଟାଲ ପିଛା ୫ ଶହ ଟଙ୍କା ବୋନସ ପ୍ରଦାନ ସହ କେନ୍ଦ୍ର ସରକାର ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି କରନ୍ତୁ ବୋଲି ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶଫ ଅଲ୍ଲୀ ଖାନ, ରାଜ୍ୟ ଯୁବ ପର୍ଯ୍ୟବେକ୍ଷକ ରିଆଜ ଅନସାରୀ, ସୁଧୀର ପଣ୍ଡା, ବିଜୟ ଭୂୟାଁ, ଆଶୁତୋଷ ସ୍ୱାଇଁ, ପ୍ଲାବନ ବହିଦାର, ସୁରଙ୍ଗିନୀ ବାରିକ, ସଞ୍ଜୟ ମିଶ୍ର, ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ଲାୟନ୍ସ କ୍ଲବର କାର୍ଯ୍ୟକାରିଣୀ ସଦସ୍ୟ ଚୟନ

ସମ୍ବଲପୁର,୧୭ (ବ୍ୟୁରୋ)

ବୁର୍ଲା ଲାୟନ୍ସ କ୍ଲବର ନୂତନ କାର୍ଯ୍ୟକାରିଣୀ ସଦସ୍ୟ ଚୟନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆତ୍ମିକ ପ୍ରସାଦ ସାହୁ ସଭାପତି, ମମତା ଚୌଧୁରୀ ସମ୍ପାଦିକା, ସୀମା ଶତପଥି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଜାତୀୟ ଚିକିତ୍ସକ ଦିବସରେ ଡା. ଅରବିନ୍ଦ ମହାକୁଡ, ଡା. ରଶ୍ମିରେଖା ମହାକୁଡ, ଡା. ରବୀନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବୃକ୍ଷରୋପଣ କରାଯାଇଥିଲା। ସନ୍ତୋଷ କୁମାର ଶତପଥି, ନାଗେଶ୍ୱର ଚୌଧୁରୀ, ପିକେ ମିଶ୍ରା, ଏସ୍‌କେ ତ୍ରିପାଠୀ, ଏଲ୍‌ଏନ୍ ମହାନ୍ତି, ନମିତାରାଣୀ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର,୧୭ (ବ୍ୟୁରୋ)

ସମ୍ବଲପୁର ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ସଭାପତି ପ୍ଲାବନ ବହିଦାରଙ୍କ ଅଧ୍ୟକ୍ଷତାରେ କ୍ଷେତରାଜପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଯୁବ କଂଗ୍ରେସ ସହପ୍ରଭାରୀ ରିୟାଜୁଲ ଅଂଶାରୀ ଯୋଗଦେଇ କହିଥିଲେ, ଦଳରେ ଯୁବ ସଂଗଠନର ଗୁରୁତ୍ୱ ରହିଛି। ତୃଣମୂଳସ୍ତରରେ କାର୍ଯ୍ୟ କରିବାର ଦକ୍ଷତା ରହିଛି। କୋଭିଡ୍ ସମୟରେ ଲୋକଙ୍କ ସହ ମିଶି ସେମାନଙ୍କ ସମସ୍ୟା ଦୂର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ସେହିପରି ଚାଷୀ ସମସ୍ୟା, ଦରଦାମ ବୃଦ୍ଧି ବିରୋଧରେ ଆନ୍ଦୋଳନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଆଶୁତୋଷ ସ୍ୱାଇଁ, ଯୁବ କଂଗ୍ରେସ ଉପସଭାପତି ନିଖତ୍ ପରୱିନ୍, ଉପସଭାପତି ସୁମିତ ଷଡଙ୍ଗୀ, ଯୁବ କଂଗ୍ରେସ ଟାଉନ ସଭାପତି ମୋହନ ସାହା, ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ନେହା ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

# ୪ ମାସରେ ଅଧାପନ୍ତରିଆ କାମ ହେବ

ରାଉରକେଲା ଅଫିସ୍,୧୭



ଆଲୋଚନାରେ ଅଂଶଗ୍ରହଣ କରିଥିବା ବୋର୍ଡ ଅଧିକାରୀ ଓ କଂଗ୍ରେସ ପ୍ରତିନିଧି।

**କଂଗ୍ରେସ ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଲା ସ୍ୱେରେଜ ବୋର୍ଡ**

ରାଉରକେଲାରେ ସ୍ୱରେଜ୍ କାମକୁ ନେଇ ଗୁରୁବାର ସ୍ୱରେଜ ବୋର୍ଡ କାର୍ଯ୍ୟାଳୟରେ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସ୍ୱରେଜ ପ୍ରକଳ୍ପ ନିର୍ମାଣର ଠିକା ନେଇଥିବା ଏଲ୍‌ଆଣ୍ଡଟି ଅଧିକାରୀ ଏବଂ ସୁନ୍ଦରଗଡ଼ ଜିଲା କଂଗ୍ରେସ ପ୍ରତିନିଧି ଦଳର ପ୍ରତିନିଧିଙ୍କ ମଧ୍ୟରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଂଗ୍ରେସ ନେତୃବୃନ୍ଦ ସହରର ମୁଖ୍ୟରାସ୍ତାର ତାରିଣୀ ମନ୍ଦିର ନିକଟରୁ ରଘୁନାଥପାଲ୍ଲୀ ଥାନା ଏବଂ ଏସ୍‌ଟିଆଇ ଛକଠାରୁ ବିରଜାପାଲ୍ଲୀ ଓଭରବ୍ରିଜ୍ ପର୍ଯ୍ୟନ୍ତ ସ୍ୱରେଜ୍ ପାଇପ୍ ବିଛା ନ ଯିବା ନେଇ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ସେହିପରି ଛେଣ୍ଡ ଭିଏସ୍‌ଏସ୍ ଛକଠାରୁ ବିଏସ୍‌ଏନ୍‌ଏଲ୍ ଛକ ଓ ବାସନ୍ତୀ କଲୋନୀ ପାଣିଟାଙ୍କି ନିକଟସ୍ଥ ରାସ୍ତାରେ ପାଇପ୍ ବିଛା ନ ଯିବାର କାରଣ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ତେବେ ସ୍ୱରେଜ୍ ବୋର୍ଡ ଅଧିକାରୀ ମୁଖ୍ୟରାସ୍ତାର ଅଧିକ ଗଭୀର ପର୍ଯ୍ୟନ୍ତ ଖୋଳିବାକୁ ପଡିବ ବୋଲି ମୂଳ ଅନୁମୋଦିତ ନକ୍ସାରୁ ସମ୍ପୃକ୍ତ ଅଞ୍ଚଳକୁ ବାଦ୍ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। ସେହିପରି ତାରିଣୀ ମନ୍ଦିର ନିକଟ ସରକାରୀ ହସ୍ପିଟାଲ, ଭେଟେରିନାରୀ ହସ୍ପିଟାଲ ଏବଂ ତତ୍‌ସଂଲଗ୍ନ ଅଞ୍ଚଳର ମଇଳା ଜଳ କେଉଁଆଡେ ନିଷ୍କାସିତ ହେବ ବୋଲି କଂଗ୍ରେସ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ବୋର୍ଡ ଅଧିକାରୀମାନେ ସେ ସମ୍ପର୍କରେ ସ୍ପଷ୍ଟ ଉତ୍ତର ଦେଇପାରି ନ ଥିଲେ । ତେବେ ବାସନ୍ତୀ କଲୋନୀ ପାଣିଟାଙ୍କି ସଂଲଗ୍ନ ରାସ୍ତା ଓ ଛେଣ୍ଡ ଭିଏସ୍‌ଏସ୍ ଛକଠାରୁ ବିଏସ୍‌ଏନ୍‌ଏଲ୍ ଛକ ପର୍ଯ୍ୟନ୍ତ ରାସ୍ତାରେ ପାଇପ୍ ବିଛା କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ। ଆସନ୍ତା ୪ ମାସ ମଧ୍ୟରେ ଏସବୁ ସମସ୍ୟାର ସମାଧାନ କରି ସ୍ୱରେଜ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଯିବ ବୋଲି ବୋର୍ଡ ଅଧିକାରୀ ଓ ଏଲ୍‌ଆଣ୍ଡଟି କମ୍ପାନୀର ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସହରର ଅନ୍ୟ ରାସ୍ତା ସମସ୍ୟା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସ୍ୱେରେଜ ବୋର୍ଡର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ବସନ୍ତ ପ୍ରସାଦ ଡାକୁଆ, ଏଲ୍‌ଆଣ୍ଡଟିର ସିନିୟର ଇଞ୍ଜିନିୟର ସକୀର ଅହମ୍ମଦ, ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ, ପୂର୍ବତନ ସଭାପତି ବିରେନ ସେନାପତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ନିରୁପମା ବଳିୟାରସିଂ, ଛେଣ୍ଡ ବ୍ଲକ ସଭାପତି ବିଜୟ କୁମାର ଆପଟ, ବରିଷ୍ଠ କଂଗ୍ରେସ ନେତା ଇଂ. ଆର୍. ପି. ସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଭାଜପାକୁ ଫେରିଲେ ସମିତିସଭ୍ୟା

ରେମୁଣା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ରେମୁଣା ବ୍ଲକ ଚଷାଖଣ୍ଡ ପଞ୍ଚାୟତର ସମିତିସଭ୍ୟା ବାସନ୍ତୀ ମାରାଣ୍ଡି ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ସେ ବୁଧବାର ରେମୁଣା ବିଧାୟକଙ୍କ ବାସଭବନରେ ବିଜେଡିରେ ସାମିଲ ହେବାର ଗୋଟିଏ ଦିନ ପରେ ପୁଣି ଭାଜପାକୁ ଫେରିଛନ୍ତି। ଏ ନେଇ ଭାଜପା ପକ୍ଷରୁ ବାଲିଆସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଜଣାଯାଇଛି। ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ଶୋଭନା ମହାନ୍ତି, ଜିଲା ପରିଷଦ ସଭ୍ୟ ବିପିନ ମାରାଣ୍ଡି, ସରପଞ୍ଚ ସଞ୍ଜିତ ପ୍ରଧାନ, ମଣ୍ଡଳ ସଭାପତି କ୍ରିଷ୍ଣା ସାହା ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ସୃଷ୍ଟିଧର ଦାସ ଧନ୍ୟବାଦ ଦେଇଥିଲେ।

# ରାଜଭବନର ନବୀକରଣ ଭବନ ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏବଂ ଅନ୍ୟମାନେ।

## ପୁରୀରେ ରାଜ୍ୟପାଳ

ପୁରୀ ଅଫିସ,୧।୭

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଗୁରୁବାର ତିନିଦିନିଆ ପୁରୀ ଗସ୍ତରେ ଆସିଛନ୍ତି। ସେ ଏଠାରେ ଥିବା ରାଜଭବନର ନବୀକରଣ ଭବନକୁ ଉଦ୍‌ଘାଟନ କରିଛନ୍ତି। ପରେ ରାଜଭବନ ପରିସରସ୍ଥ ଶୀଳା ଉପବନରେ ରାଜ୍ୟପାଳ ଚାରାରୋପଣ କରି ବନୀକରଣର ଶୁଭାରମ୍ଭ କରିଛନ୍ତି। ଏହି ଉପବନକୁ ସେ ତାଙ୍କର ସହଧର୍ମିଣୀ ସ୍ୱର୍ଗତା ଶୁଶୀଳା ଦେବୀଙ୍କ ସ୍ମୃତିରେ ଉତ୍ସର୍ଗ କରିଛନ୍ତି। ତେବେ ରାଜ୍ୟପାଳ ଏହି ଗସ୍ତ ସମୟରେ କୌଣସି ସ୍ଥାନ ଭ୍ରମଣ କରିବେ ନାହିଁ, କେବଳ ରାଜଭବନରେ ରହିବେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଗତ ଫନୀ ବାତ୍ୟାରେ ପୁରୀ ରାଜଭବନ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ପୂର୍ତ୍ତ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ କରିଛି। ଏଥିପାଇଁ ସେ ପୂର୍ତ୍ତବିଭାଗକୁ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ରାଜ୍ୟପାଳଙ୍କ ସହ ତାଙ୍କର ପ୍ରମୁଖ ସଚିବ ପ୍ରମୋଦ ମେହେର୍ଦ୍ଧା, ଜିଲାପାଳ ସମର୍ଥ ବର୍ମା, ଆରକ୍ଷୀ ଅଧୀକ୍ଷକ କନୱର ବିଶାଲ ସିଂ, ଗୃହ ନିର୍ମାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଗିରୀଶ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍ ଚଳାଚଳ ପାଇଁ ଆସିବ ଗାଇଡ୍‌ଲାଇନ୍

■୨୦ ଜିଲାରେ କଟକଣାରେ ଗଡ଼ିବ ଗାଡ଼ି
■ଆର୍‌ଟିଓଙ୍କୁ ଖୁବ୍‌ଶୀଘ୍ର ଅବଗତ କରାଯିବ
■ସହଜ ହେବନି ସେବା ପ୍ରଦାନ: ସଂଘ

ଭୁବନେଶ୍ୱର, ୧।୭(ବ୍ୟୁରୋ)

ରାଜ୍ୟରେ ସୁଧୁରୁଛି କରୋନା ସ୍ଥିତି। ରାଜ୍ୟ ସରକାର ଜୁଲାଇ ପହିଲାରୁ କଟକଣାକୁ ଆହୁରି କୋହଳ କରିଛନ୍ତି। ୫%ରୁ ସଂକ୍ରମଣ ହାର କମ୍ ଥିବା ୨୦ ଜିଲାରେ ଯାତ୍ରୀବାହୀ ବସ୍ ଚଳାଚଳକୁ ଅନୁମତି ମିଳିଛି। ତେବେ ଏଥିଲାଗି ଖୁବ୍‌ଶୀଘ୍ର ଗାଇଡ୍‌ଲାଇନ ଜାରି ହେବ ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ସୂଚନା ଦେଇଛନ୍ତି। ଅନ୍ୟପଟେ ବର୍ତ୍ତମାନର ସ୍ଥିତିରେ ସରକାରୀ କଟକଣା ଅନୁପାଳନ କରି ବସ୍ ଚଳାଚଳ କରିବା ସହଜ ହେବନି ବୋଲି ଆଶଙ୍କା ବ୍ୟକ୍ତ କରିଛି ବସ୍ ମାଲିକ ସଂଘ।

ମନ୍ତ୍ରୀ ବେହେରା କହିଛନ୍ତି, ବସ୍ ଚଳାଚଳ ନେଇ ପରିବହନ ବିଭାଗ ପକ୍ଷରୁ ଆର୍‌ଟିଓ ଏବଂ ବସ୍ ସଂଘଗୁଡ଼ିକୁ ଗାଇଡ୍‌ଲାଇନ ମିଳିବ। ବସ୍‌ରେ ଥିବା ସିଟ୍ କ୍ଷମତା ଅନୁଯାୟୀ ଯାତ୍ରୀମାନେ ଯାତାୟାତ କରିପାରିବେ। ବସ୍ କର୍ମଚାରୀ, ଯାତ୍ରୀଙ୍କୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯିବ। କେବଳ ଅନୁମତି ଦିଆଯାଇଥିବା 'ଏ' କାଟେଗୋରି ଅନ୍ତର୍ଭୁକ୍ତ ଜିଲାଗୁଡ଼ିକରେ ବସ୍ ଚଳାଚଳ କରିପାରିବ। 'ବି' କାଟେଗୋରିରେ ଥିବା ଜିଲାଗୁଡ଼ିକରେ ବସ୍ ଚଳାଚଳ ଲାଗି ବର୍ତ୍ତମାନ ଅନୁମତି ଦିଆଯିବ ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ଅପରପକ୍ଷେ ରାଜ୍ୟ ବସ୍ ଆସୋସିଏଶନ ସଂଘର ଟ୍ରେଜେରର ବରଦା ଆଚାର୍ଯ୍ୟ କହିଛନ୍ତି, ସରକାରଙ୍କ ଗାଇଡ୍‌ଲାଇନ୍ ଆଧାରରେ ଗାଡ଼ି ଚଳାଇବା କଷ୍ଟକର। କାରଣ କରୋନା କଟକଣା ପାଇଁ ଗାଡ଼ି ମାଲିକଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସେମାନଙ୍କ ଉପରେ ଋଣ ଭାର ବଢ଼ିଚାଲିଛି। ଅଧିକାଂଶ ମାଲିକ ଗାଡ଼ି ଚଳାଇବା ଅବସ୍ଥାରେ ନାହାନ୍ତି। ଦୀର୍ଘଦିନ ଧରି ଛିଡ଼ା ହୋଇଥିବା ଗାଡ଼ିରେ ଅନେକ କାର୍ଯ୍ୟ ହେବ। ସିଟିଂ କ୍ଷମତା ଅନୁଯାୟୀ ଗାଡ଼ି ଚଳାଇବା ଅସମ୍ଭବ। ଅନ୍ୟପଟେ କାଟେଗୋରି 'ବି' ଜିଲାରୁ କାଟେଗୋରି 'ଏ' ଜିଲାକୁ ଗାଡ଼ି ଯାଇପାରିବ ନାହିଁ। ଲୋକମାନଙ୍କ ମନରୁ ଏଯାଏ ଭୟ ଦୂର ହୋଇନାହିଁ। ତେଣୁ ଗାଡ଼ିରେ ଯାତ୍ରୀ ହେବନାହିଁ। ଏସବୁକୁ ଦେଖିଲେ ଆଗକୁ ମାତ୍ର ୫ ପ୍ରତିଶତ ଗାଡ଼ି ଗଡ଼ିବ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ମାଲିକମାନେ ମଧ୍ୟ ସେବା ବନ୍ଦ କରିବାକୁ ବାଧ ହୋଇଯିବେ। ବସ୍ ମାଲିକ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ରଖାଯାଇଥିବା ଦାବି ଅଦ୍ୟାବଧି ପୂରଣ କରାଯାଇନାହିଁ। ଗାଡ଼ି ମାଲିକମାନେ କିଭଳି ଋଣ ପରିଶୋଧ କରିବେ ସେଥିଲାଗି ସରକାର ଗୁରୁତ୍ୱ ଦେବାକୁ ବରଦା ଦାବି କରିଛନ୍ତି। କରୋନା ସମୟରେ ଯଦି ଟ୍ରେନ୍ ଚାଲିପାରୁଛି, ତେବେ ବସ୍ ଯାତାୟାତରେ ଅସୁବିଧା କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଇନ୍‌ସ୍ୟୁରାନ୍ସ ଅବଧି ବଢ଼ାଇବାକୁ ସଂଘର ଅନ୍ୟ କେତେଜଣ ସଦସ୍ୟ ଦାବି କରିଛନ୍ତି।



## PARADIP PORT TRUST

**e-TENDERING NOTICE**

No. EM/MM/P/PHD(M)-CHEM-02/2021/110 Date: 01/07/2021

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturer or authorized representative of manufacturer of **Bleaching Powder**. The last date and time of submission of the tender is 17.15 Hours on **Dt.21-07-2021**. For details, log on to website https://eprocure.gov.in/eprocure/app.

Sr. Dy. Materials Manager, PPT

PPT/PR/50/21-22 Dt. 01/07/2021

## ZILLA SWASTHYA SAMITI, GANJAM

Advt. No. 9895 Date: 01.07.2021

Applications are invited from eligible candidates for the post of **Block Programme Manager under NHM**.

The eligibility Criteria, Vacancy & monthly remuneration & application form for the above post can be downloaded from district website. Interested candidates may log on to https://ganjam.nic.in for detail. Eligible candidates fulfilling the eligibility criteria are to apply in the prescribed application form to the undersigned by Regd. Post/ Speed Post on or before 15.07.2021 by 5.00 P.M. with all relevant self attested documents. The undersigned is not responsible for any postal delay. Application received after due date will be rejected. The undersigned reserves the right to cancel/ reject any or all the applications without assigning any reason thereof.

Sd./- CDM & PHO, Ganjam

## The Odisha Small Industries Corporation Ltd.

(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in

No. CAD-537 OSIC GST No. 21AAACO2101M1Z1

### TENDER CALL NOTICE

Tender Notice No.2848 Dt.30.06.2021

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for "supply and installation of High Max light projects under MLALAD 2020-21of Laxmipur A/C (General Component) in the District of Koraput".

Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

OIPR-14073/11/0020/2122 Sd/- MANAGING DIRECTOR

## The Odisha Small Industries Corporation Ltd.

(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in

No. CAD-535 OSIC GST No. 21AAACO2101M1Z1

### NOTICE FOR CANCELLATION OF TENDER

Tender Notice No.2843 Dt.30.06.2021

It is notified that the tender invited vide reference No-2710, dt:-23.06.2021 for "Construction of Anwesha Hostel Boundary wall and Road at Rourkela and Kerai, Sundergarh & Construction of Anwesha Hostel Boundary wall and Road at Banarpal, Angul " is hearby cancelled

OIPR-14073/11/0022/2122 Sd/-MANAGING DIRECTOR

## OFFICE OF THE REGULATED MARKET COMMITTEE NABARANGPUR

The Sub Collector cum Chairman, RMC, Nabarangpur invited seald quotations from the reputed firms for supply & installation of Closed Circuit Television Systems (CCTVs) for the Market Yards under RMC, Nabarangpur vide Tender Call Notice No. 1566 dated 30.06.2021 along with terms & conditions respectively may be seen and downloaded from the District Web Portal **http://www.nabarangpur.nic.in**

By orders of Sub Collector cum Chairman
**Sd./- Secretary, RMC, Nabarangpur**

## ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ୍, ସମ୍ବଲପୁର, ଓଡ଼ିଶା

ପିନ୍- ୭୬୮୦୦୧, ଦୂରଭାଷ / ଫାକ୍ସ- ୦୬୬୩-୨୫୪୮୭୪୩
ଇମେଲ୍- hirakudwildlife1@gmail.com

### ସୂଚନା

No.MM-118:- ଏତଦ୍ୱାରା ସର୍ବସାଧାରଣ / ପର୍ଯ୍ୟଟକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ବନ୍ୟପ୍ରାଣୀଙ୍କ ପ୍ରଜନନ ପ୍ରକ୍ରିୟା ନିମନ୍ତେ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଦେବ୍ରିଗଡ଼ ଅଭୟାରଣ୍ୟ ତା୦୧।୦୭।୨୦୨୧ରିଖଠାରୁ ତା୩୦।୦୯।୨୦୨୧ରିଖ ପର୍ଯ୍ୟନ୍ତ ବନ୍ଦ ରହିବ। କିନ୍ତୁ ଏହି ବନଖଣ୍ଡର ବାରଖଣ୍ଡିଆଠାରେ ଥିବା ପ୍ରକୃତି ନିବାସ (Eco-Tourism Cottage) ପାଇଁ ଅନ୍‌ଲାଇନ ମାଧ୍ୟମରେ ଅଗ୍ରିମ ସଂରକ୍ଷଣ କରିଥିବା ବ୍ୟକ୍ତିମାନଙ୍କୁ ପ୍ରକୃତି ନିବାସ ପର୍ଯ୍ୟନ୍ତ ଯିବା ପାଇଁ ଅନୁମତି ପ୍ରଦାନ କରାଯିବ।

ଏଣୁ ଦେବ୍ରିଗଡ଼ ଅଭୟାରଣ୍ୟ ଆସିବା ପାଇଁ ଇଚ୍ଛୁକ ପର୍ଯ୍ୟଟକ / ପରିଦର୍ଶକମାନେ ଏହି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନ ଆସିବାକୁ ଅନୁରୋଧ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣଙ୍କର ସହଯୋଗ ଏକାନ୍ତ ଆବଶ୍ୟକ।

ସ୍ୱା./- ବନଖଣ୍ଡ ଅଧିକାରୀ
ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ
ସମ୍ବଲପୁର

OIPR-08078/11/0003/2122

## Expression of Interest

**"Expression of Interest"** in sealed cover is hereby invited from interested agency to be engaged for **diagnostic study & detailed project plan creation** for Urban haats in Puri & Konark implemented by SIDAC.

For details of EoI, ToR, etc. please visit the website: **www.sidacodisha.org.in.** The last date for submission of EoI at the Office of SIDAC, Handicrafts Complex, Gandamunda, Khandagiri, Bhubaneswar. **Ph: 0674-2350318 is up to 05:00 P.M. on 23.07.2021**. The details of EoI will be available on the website **w.e.f. 02.07.2021.**

**Sd/- Member Secretary, SIDAC**

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar - 751030
SIDAC Tel No. +91 (0) 674 2350318, E-mail: sidacorissa@gmail.com, www.sidacodisha.org.in

## CT & GST TERRITORIAL RANGE

**SUNDARGARH (AT: ROURKELA)**
**(Under Commissionerate of CT & GST, Finance Department, Government of Odisha)**

### TENDER CALL NOTICE

**Bid Reference No: 1119 /CT&GST** **Dated: 01.07.2021**

No. S-07: Bids in sealed cover are invited under two-bid systems from reputed and experienced Manpower Service Providers to provide services of **06 (Six) Nos.** of outsource personnel for engagement as **i) Cleaner-cum Sweeper for Guest House (01 No.), ii) Watchman-cum-Sweeper for Office (01 No.), iii) Office Peons (02 Nos.) and iv) Housekeeping Personnel (02 Nos)** for a period of 01(one) year from the date of actual engagement in terms of Finance Department Circular No-49134/F dated 29.11.2010, No-28090/F dated 22.09.2017 & No-11835/F dated 31.03.2018 in the o/o the CT & GST Territorial Range Head, Sundargarh (At: Rourkela).

Bidders are required to submit the Technical and Financial Bids separately. The bids in sealed Cover- I containing **"Technical Bid"** and sealed Cover-II containing **"Financial Bid"** should be placed in a third sealed cover super-scribed **"Bid for Outsource Personnel"** must reach the undersigned on or before 20.07.2021 by Speed Post/Registered Post/ Courier only.

The bid documents containing eligibility criteria, scope of the work, terms and conditions of the tender and draft agreement may be obtained from O/o. **The CT & GST Territorial Range Head, Sundargarh (At: Rourkela)** on payment of non-refundable amount of Rs 500/- in form of **Demand Draft** in favour of **"The CT & GST Territorial Range Head, Sundargarh (At: Rourkela)"**, drawn in any scheduled commercial bank and payable at **Rourkela** on any working day with in 20.07.2021 between 10.00 A.M. to 5.30 P.M.

The Authority reserves the right to reject any or all bids and terminate the tender process without assigning any reason thereof

**Sd./- Addl. Commissioner of CT & GST**
**Territorial Range, Sundargarh (At- Rourkela)**
**OIPR-05024/11/0001/2122**

## DISTRICT MINERAL FOUNDATION, JAJPUR

**Ph.: 06728-222227**
**E-mail: dmfjajpur@gmail.com**
**Website: https://jajpur.nic.in**

### REQUEST FOR PROPOSAL (RFP)

No. CAD-538: District Mineral Foundation (DMF), Jajpur invites RFP in the prescribed format from agencies/NGOs for the project namely "To Set-up and running of Rescue & Rehabilitation Centre for Vulnerable/Destitute Mentally ill Persons (Female) and a Child Care Institute for Homeless Children in Sukinda Block of Jajpur District".

The details of the RFP is available in the district website, i.e. **www.jajpur.nic.in**.

**Sd./- Collector & Managing Trustee, DMF Trust, Jajpur**
**OIPR-24163/11/0013/2122**

## GOVERNMENT OF ODISHA DEPARTMENT OF SCHOOL & MASS EDUCATION

### NOTICE

No. n-20: Advertisement for obtaining Certificate of Recognition (COR) for the Academic Session 2021-22 to 2025-26 by Privately Managed Elementary Schools and opening permission for new Private Elementary Schools for the Academic Session 2022-23 as per RTE Act, 2009 and Rules, 2010.

| Sl. No. | Item of Work | Date |
|---|---|---|
| 1 | Publication of Advertisement | 01.07.2021 |
| 2 | Opening of Private School Management Portal for online application for obtaining COR/ Permission for opening of New Private School by Private School Authorities | 09.07.2021 |
| 3 | Last date for submission of online application by Private School authorities | 09.09.2021 |
| 4 | The date of closure of Private School Management portal for Private School | 09.09.2021 |
| 5 | Submission of online Inspection Report for COR/Permission for opening of New Private School by DEO's to DEE(O) | 05.11.2021 |
| 6 | Issue of approval order by D.E.E. to DEO's | 15.12.2021 |
| 7 | Last date for issue of COR/Opening permission by DEOs | 31.12.2021 |

**Sd./- Director, Elementary Education Odisha, Bhubaneswar**
**OIPR-27005/11/0003/2122**

## MSME DEPARTMENT

GOVERNMENT OF ODISHA

### DIRECTORATE OF EXPORT PROMOTION & MARKETING

**RAPTANI BHAWAN, 1ST FLOOR, NAYAPALLI, BBSR-751015**
**Tel. No. 0674-2552675, E-mail: depmodisha@gmail.com**
**Contact No.- 9438397956 / 9437488244**

### EXTENSION OF DATE FOR SUBMISSION OF APPLICATION FOR STATE EXPORT AWARD FOR THE YEAR 2019-20

No. h-09: Online applications are invited from the exporters of Odisha for consideration of State Export Award for the year 2019-20.

(1) **Eligibility:** All exporters of Odisha including Micro, Small, Medium and Large scale Enterprises, Export Houses, Merchant Exporters, Government of India undertakings based in Odisha as well as State Government undertakings, Start-up Units and Women Entrepreneurs are eligible to participate in the above competition furnishing the required information in the prescribed format available in the website **"www.depmodisha.nic.in"**.

(2) Interested exporters are required to fill up the online application as per the State Export Award Scheme available in the website **"www.depmodisha.nic.in"**.

(3) Due to COVID-19 pandemic situation and receipt of less number of applications from the exporters of Odisha, the last date of submission of online application for State Export Award for the year 2019-20 which was dt.30.06.2021 is further extended upto dt.20.07.2021.

**Sd./- DIRECTOR**
**Export Promotion & Marketing, Odisha, Bhubaneswar**
**OIPR-14007/11/0003/2122**

No. C-487:-

## WATCO

## OFFICE OF THE MANAGING DIRECTOR, WATCO

Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2391444; E-mail- mail@watcoodisha.in; md@watcoodisha.in

### INVITATION FOR BID (IFB)

**BID Identification No. WATCO (W) - 04/2021-22 Dtd. 30.06.2021**

**No. 5217/ Dt.30.06.2021**

1. Name of the work :- **Supply, Installation, Testing & Commissioning of 1x750 KVA 3.3 KV HT & 2x500 KVA 415V LT SILENT DG set at 83 MLD WTP MUNDALI constructed by MEIL.**
2. Estimated Cost :- Rs.346.82 Lakh
3. Period of completion :- 3 (Three) Months.
4. Date & time of availability of bid document in the portal :- From 11.00 AM of Dt.09.07.2021 to 5.00 PM of 23.07.2021
5. Last date/time of receipt of bids in the portal :- 5.00 PM of 23.07.2021
6. Date & time of opening of technical bids :- 12.30 PM of 26.07.2021
7. Name and address of the Officer Inviting Bid :- Managing Director, WATCO Telefax:- 0674-2391444 E-mail: mail@watcoodisha.in md@watcoodisha.in
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in

**Sd./- Managing Director, WATCO**
**OIPR-13083/11/0014/2122**

## OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., NAYAGARH

**Phone: 06753-253942**
**District website: www.nayagarh.nic.in**

Tender No. 2781 Dt.01.7.2021

District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor for transportation of foodgrains from FCI, FCI to RRCs |
| 2 | Availability of bid document in the portal | From 02.07.2021 |
| 3 | Last date / time for receipt of bids in the portal | 13.07.2021 upto 05.00 P.M. |
| 4 | Date / time of opening of technical bid | 14.07.2021 at 11.00 A.M. |
| 5 | Date / time of opening of financial bid | 15.07.2021 at 11.00 A.M. |
| 6 | Name and address of the Officer Inviting Tender | C.S.O.-cum-District Manager, O.S.C.S.C. Ltd., Nayagarh |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation/ retenders etc. if any shall be published only in above websites.

**Sd./-District Manager, O.S.C.S.C. Ltd., Nayagarh**



See Career Appointment on every **Wednesday & Saturday**



## ତହସିଲଦାରଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର, ମୟୂରଭଞ୍ଜ

### ଲିଜ୍ ଇସ୍ତାହାର (ବିଜ୍ଞାପନ)

ସଂଖ୍ୟା ୨୦୬୮ ତା୨୪।୬।୨୦୨୧

No.F-53:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ରାଇରଙ୍ଗପୁର ତହସିଲ ଅଧୀନସ୍ଥ ନିମ୍ନଲିଖିତ ସୈରାତର ୨୦୨୧-୨୦୨୨ ଆର୍ଥିକବର୍ଷ ନିମନ୍ତେ ରାଇରଙ୍ଗପୁର ତହସିଲ କାର୍ଯ୍ୟାଳୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ। ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ଧାର୍ଯ୍ୟମୂଲ୍ୟର ଶତକଡା ୧୦ ପ୍ରତିଶତ ଅର୍ଥ ଅମାନତ ସ୍ୱରୂପ ତହସିଲଦାର, ରାଇରଙ୍ଗପୁରଙ୍କ ସପକ୍ଷରେ A/C Payee Demand Draft payable at S.B.I., Rairangpur ସହ ଦରଖାସ୍ତ ସଂଲଗ୍ନ କରି ସାଦା କାଗଜରେ ନାମ, ଠିକଣା ସହିତ ଉତ୍ସର ନାମ ଏବଂ ଉତ୍ସଟିକୁ କେତେ ଟଙ୍କାରେ ଲିଜ୍ ନେବାକୁ ଚାହାନ୍ତି ଉଲ୍ଲେଖକରି ନିଜର ଦସ୍ତଖତ ସହ ଜଉମୁଦ ଲଫାପାରେ ରେଜିଷ୍ଟ୍ରି ଡାକ ଦ୍ୱାରା ତହସିଲଦାର, ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜଙ୍କ ଠିକଣାରେ ଅଥବା ନିଜେ ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦଦିଆ ଟେଣ୍ଡର ବାକ୍ସରେ ପକାଇବେ, ଯାହା ନିଲାମ ଧାର୍ଯ୍ୟ ତାରିଖରେ ଦିନ ୯ ଘଟିକା ପୂର୍ବରୁ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ସମୟ ପରେ ଦରଖାସ୍ତଗୁଡିକ ଗ୍ରହଣ କରାଯିବ ନାହିଁ। ଜଉମୁଦ ଲଫାପା ଉପରେ ଉତ୍ସର ନାମ ସ୍ପଷ୍ଟ ଭାବେ ଲେଖିଥିବା ଦରକାର। ଲିଜ୍ ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ରାଇରଙ୍ଗପୁର ତହସିଲ କାର୍ଯ୍ୟାଳୟରେ ଦେଖିପାରିବେ। ନିଲାମ ପରେ ସର୍ବୋଚ୍ଚ ନିଲାମଧାରୀ ଉକ୍ତ ଦିବସରେ ସମସ୍ତ ବିଡ୍ ଟଙ୍କା ଅତ୍ର କାର୍ଯ୍ୟାଳୟରେ ପଇଠ କରିବେ। ଲିଜ୍‌ଧାରୀ ଲିଜ୍ ମୂଲ୍ୟର ୨ ପ୍ରତିଶତ ଆୟକର ବାବଦକୁ ପଇଠ କରିବେ। ଲିଜ୍ ଅବଧି ପୂର୍ଣ୍ଣ ହେବାପରେ ସମସ୍ତ ସର୍ତ୍ତର ଯଥାର୍ଥ ପରିଚାଳନା କରିଥିବା ଲିଜ୍‌ଧାରୀଙ୍କ ଅମାନତ ଟଙ୍କା ଫେରସ୍ତ ଦିଆଯିବ। କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ଲିଜ୍ ଅର୍ଥ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ ସେ କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିପାରିବେ। ଜଉମୁଦ ଦିଆ ଲଫାପା ତା୨୭।୦୭।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ ଖୋଲାଯିବ। ସେହିଦିନ ଉତ୍ସଗୁଡିକ ନିଲାମ ହୋଇ ନ ପାରିଲେ ତା୦୩।୦୮।୨୦୨୧ରିଖ ଦ୍ୱିତୀୟ ଓ ତା୧୪।୦୮।୨୦୨୧ରିଖ ତୃତୀୟ ପର୍ଯ୍ୟାୟରେ ନିଲାମ କରାଯିବ। ଜଉମୁଦ ଲଫାପା ଖୋଲା ସମୟରେ ଲିଜ୍ ପାଇଁ ଆବେଦନ କରିଥିବା ବ୍ୟକ୍ତି ବା ଅନୁଷ୍ଠାନ ଉପସ୍ଥିତ ରହିପାରିବେ।

| କ୍ର.ସଂ. | ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (ଏକରରେ) | ଧାର୍ଯ୍ୟ ମୂଲ୍ୟ (ଟଙ୍କାରେ) | ଅମାନତ ରାଶି (ଟଙ୍କାରେ) |
|---|---|---|---|---|---|---|---|---|
| ୧ | କୁଚେଇବୁଡି କୋର୍ଟ କ୍ୟାଣ୍ଟିନ | କୁଚେଇବୁଡି | ୧୯୯ | ୧୨୦୪ | ଘରବାରି-୧ | ୦.୦୩୦ | ୩୧୪୧୨.୦୦ | ୩୧୪୧.୦୦ |
| ୨ | କୁଚେଇବୁଡି ପାନ ଦୋକାନ | କୁଚେଇବୁଡି | ୧୯୯ | ୧୨୦୪ | ଘରବାରି-୧ | ୦.୦୦୫ | ୨୧୦୩୦.୦୦ | ୨୧୦୩.୦୦ |

ସ୍ୱା./-ତହସିଲଦାର, ରାଇରଙ୍ଗପୁର
OIPR-24100/11/0003/2122

## OFFICE OF THE CHIEF ENGINEER AND BASIN MANAGER, SUBARNAREKHA AND BUDHABALANGA BASIN, LAXMIPOSI

**Tel No. (Mobile No. 9437297041),**
**Mail: cebmsbb2019@gmail.com**

### Government of Odisha "e" Procurement Notice

**Bid Identification No. 03/21-22 of CEBM, SBB, Laxmiposi**

No. A-247:- Online tenders are invited for EPC Contract for Construction of Sono Barrage across river Sono near village Puradihi in District Mayurbhanj of State of Odisha including hydro-mechanical works, Power connectivity works, road connectivity, staff quarters including survey, investigation, Planning, design and estimate of all components with operation and maintenance of the project for a period of five years or five flood seasons whichever is more after successful commissioning of the project from perspective bidders.

| | | |
|---|---|---|
| 1. | Name of Work | Construction of Sono Barrage across river Sono near village Puradihi in District Mayurbhanj of State of Odisha including hydro-mechanical works, Power connectivity works, road connectivity, staff quarters including survey, investigation, Planning, design and estimate of all components with operation and maintenance of the project for a period of five years or five flood seasons whichever is more after successful commissioning of the project. |
| 2. | Period of completion | 30 (Thirty) calendar months including rainy season. |
| 3. | Date & time of availability of bid document in the portal | Dt.05.07.2021 from 10.00 A.M. to Dt.18.08.2021 upto 5.00 P.M. |
| 4. | Last date/Time for receipt of bids in the portal | Dt.18.08.2021 upto 5 P.M. |
| 5. | Name & address of the officer inviting Bid | CE & BM, S & B Basin, Laxmiposi |

Further details can be seen from the e-procurement portal **"https://tendersodisha.gov.in"**

**Sd./- Chief Engineer & Basin Manager**
**Subarnarekha & Budhabalanga Basin, Laxmiposi, Mayurbhanj**

**OIPR-32074/11/0003/2122**

## TPNODL TP NORTHERN ODISHA DISTRIBUTION LIMITED

### NOTICE INVITING TENDER (NIT)

**The TP Northern Odisha Distribution Limited** invites tenders (2 part bidding) from eligible vendors for the following packages to be done for TPNODL

| S. No. | Tender Enquiry No. | Work Description | Last Date of FEE Submission | Tender Fee/ EMD Amount (Rs.) | Last Date of Bid Submission |
|---|---|---|---|---|---|
| 1. | TPNODL/OT/2021-22/ 015 Dtd.01.07.2021 | RC for SITC Lead Acid Battery & Charger 24V/48V, 100AH. | 05.07.2021 | Rs. 5000/- Rs. 3,35,000 | 19.07.2021 |
| 2. | TPNODL/OT/2021-22/ 016 Dtd.01.07.2021 | RC for Supply of 33kV & 11kV, Outdoor type Vacuum circuit breaker along with CB & CT structure. | 07.07.2021 | Rs. 5000/- Rs. 5,00,000 | 23.07.2021 |
| 3. | TPNODL/OT/2021-22/ 017 Dtd.01.07.2021 | Implementation of Enterprise GIS at TPNODL | 09.07.2021 | Rs. 5000/- Rs. 5,50,000 | 26.07.2021 |
| 4. | TPNODL/OT/2021-22/ 018 Dtd.01.07.2021 | Civil, Plumbing & Architecture Work with Supply & Installation of Electrical work & AC(In Corporate Office) | 08.07.2021 | Rs. 5000/- Rs. 1,80,000 | 15.07.2021 |
| 5. | TPNODL/OT/2021-22/ 019 Dtd.01.07.2021 | Supply Of Vehicle Mounted Aerial Tower Wagon | 07.07.2021 | Rs. 5000/- Rs. 90,000 | 16.07.2021 |

For detailed tender documents, please visit Tender section on website: https://www.tpnodl.com (Tender).

Interested bidders to submit Tender Participation Fee and Authorization Letter through email **before tabulated timings above**, after which link from TPNODL e-tender shall be shared. All future communication regarding the tender, bid submission, Corrigendum / Amendment etc. will be done with participating bidders only, through TPNODL E- Tender system.

**Sd/- VIPIN CHAUHAN -H.O.D. (Contracts)**

# ତେଲ ଟିକସରୁ ମାଲାମାଲ

**ସଂକ୍ଷେପରେ**

## ବଢ଼ିଲା ବିମାନ ଇନ୍ଧନ ଦର



**ନୂଆଦିଲ୍ଲୀ,୧।୭:** ଦେଶରେ କ୍ରମାଗତ ତୈଳ ଦର ବୃଦ୍ଧି ଯୋଗୁ ଏହାର ପ୍ରଭାବ ବର୍ତ୍ତମାନ ବିମାନ ଇନ୍ଧନ ଉପରେ ପଡିଛି। ଗୁରୁବାର ଏୟାର ଟର୍ବାଇନ୍ ଫୁଏଲ (ଏଟିଏଫ) ଦର ବୃଦ୍ଧି ପାଇଛି। ଫଳରେ ଦିଲ୍ଲୀ ବଜାରରେ ଏହାର ମୂଲ୍ୟ ୬୮ ହଜାର ୨୬୨ ଟଙ୍କା ପ୍ରତି କିଲୋ ଲିଟର ପିଛା ପହଞ୍ଚିଛି। ଯାହା କି ଚଳିତ ବର୍ଷ ଜାନୁଆରୀ ମାସ ତୁଳନାରେ ୩୦% ଅଧିକ ବୋଲି କୁହାଯାଉଛି। ଜାନୁଆରୀ ୨୦୨୧ରେ ଏହି ଜେଟ୍ ଫ୍ୟୁଏଲର ମୂଲ୍ୟ ୫୦ ହଜାର ୯୭୯ ଟଙ୍କା ରହିଥିଲା। ଦେଶର ପ୍ରମୁଖ ତୈଳ ବିତରଣ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ (ଆଇଓସିଏଲ) ର ସୂଚନା ଅନୁସାରେ ଗୁରୁବାର ଦିଲ୍ଲୀରେ ଏହି ଦର ୩.୬% ବୃଦ୍ଧି ଘଟିଛି। ଆନ୍ତର୍ଜାତିକ ସ୍ତରରେ ଦର ବୃଦ୍ଧି ପାଉଥିବା ଯୋଗୁ ଭରିତରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ୩.୬% ଦର ବଢ଼ିବା ଫଳରେ ଦିଲ୍ଲୀରେ ପ୍ରତି କିଲୋଲିଟର ପିଛା ୬୮, ୨୬୨.୩୫ ରେ ପହଞ୍ଚିଛି। ସେହିପରି କୋଲକାତାରେ ୩.୨୭% ବଢ଼ି ୭୨,୨୯୫.୨୪ଟଙ୍କାରେ ରହିଛି। ଅପରପକ୍ଷରେ ମୁମ୍ବାଇରେ ଏହା ୩.୭୭% ବୃଦ୍ଧି ପାଇ ୬୬,୪୮୨.୯୦ ଟଙ୍କା ରହିଥିବା ବେଳେ ଚେନ୍ନାଇରେ ମଧ ସମାନ ମୂଲ୍ୟ ରହିଥିବା ଆଇଓସିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୬ ମାସ ମଧରେ ଏହି ଇନ୍ଧନ ଦାମ୍ ୩୦% ବଢ଼ିଥିବା ଜଣାପଡିଛି। ଜାନୁଆରୀ ୧ରେ ଏହାର ମୂଲ୍ୟ ୫୦,୯୭୯ ଟଙ୍କା, ଫେବୃଆରୀ ୧ରେ -୫୩,୭୯୫ଟଙ୍କା, ମାର୍ଚ୍ଚ ମାସ ୧ ତାରିଖରେ ଏହା ୫୯,୪୦୦ ଟଙ୍କାକୁ ବୃଦ୍ଧି ପାଇଥିଲା। ସେହିପରି ଏପ୍ରିଲ୍ ୧ରେ ଏହା ୫୩,୭୯୫ଟଙ୍କା ଥିବା ବେଳେ ମେ ୧ରେ ଏହା କିଲୋଲିଟର ପ୍ରତି ୬୧,୬୯୦ ଟଙ୍କା ଥିଲା। ତେବେ ଜୁନ୍‌ରେ ଏହାର ମୂଲ୍ୟ ୬୪,୧୧୮ ଟଙ୍କା ଥିବା ବେଳେ ଜୁଲାଇ ମାସରେ ଏହା ପାଖାପାଖି ୫ ହଜାର ଟଙ୍କା ମହଙ୍ଗା ହୋଇଛି। ଏହାକୁ ନଜରରେ ରଖି ଆଗକୁ ବିମାନ ସେବା ମହଙ୍ଗା ହୋଇପାରେ ବୋଲି ଆଶଙ୍କା କରାଯାଉଛି।

**ନୂଆଦିଲ୍ଲୀ,୧।୭**

- ପେଟ୍ରୋଲିୟମ ଉତ୍ପାଦରୁ ୪.୫୧ ଲକ୍ଷ କୋଟି
- ଟିକସ ସଂଗ୍ରହ ୫୬% ବୃଦ୍ଧି



ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ୧୦୦ ଟଙ୍କା ଟପିଛି। ସରକାର ଇନ୍ଧନ ଉପରେ ବାରମ୍ବାର ଟିକସ ବଢ଼ାଇବା ଯୋଗୁ ଦର ଖସୁନାହିଁ। ତେଲ ଟିକସ ହ୍ରାସ ଲାଗି ଦାବି ହେଉଥିଲେ ମଧ ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ନିକଟରେ ଆସିଥିବା ଏକ ରିପୋର୍ଟ ମୁତାବକ, କରୋନା କାଳରେ କେନ୍ଦ୍ର ସରକାର ତେଲ ଟିକସରୁ ମାଲାମାଲ ହୋଇଛନ୍ତି। କରୋନା ମହାମାରୀ ସମୟରେ କେନ୍ଦ୍ର ସରକାର ପେଟ୍ରୋଲିୟମ ସାମଗ୍ରୀ ଉପରେ ସୀମା ଟିକସ ଏବଂ ଉତ୍ପାଦ ଟିକସ ବାବଦ ୪.୫୧ ଲକ୍ଷ କୋଟି ଟଙ୍କା ଆୟ କରିଛନ୍ତି। ଏହା ଗତବର୍ଷ ତୁଳନାରେ ୫୬% ଅଧିକ ବୋଲି ଆର୍‌ଟିଆଇ ତଥ୍ୟରୁ ସାମ୍ନାକୁ ଆସିଛି।

ରିପୋର୍ଟ ମୁତାବକ, ଆର୍ଥିକ ବର୍ଷ ୨୦୨୦-୨୧ରେ ପେଟ୍ରୋଲିୟମ ସାମଗ୍ରୀ ଆମଦାନୀରୁ ୩୭,୮୦୬ କୋଟି ଟଙ୍କାର ସୀମା ଶୁଳ୍କ ଆଦାୟ କରାଯାଇଛି। ଅପରପକ୍ଷରେ ଏହି ପ୍ରଡକ୍ଟଗୁଡ଼ିକର ମାନୁଫାକଚରିଂରେ କେନ୍ଦ୍ରୀୟ ଉତ୍ପାଦ ଟିକସ ବାବଦକୁ ୪.୧୩ ଲକ୍ଷ କୋଟି ଟଙ୍କା ସଂଗ୍ରହ କରାଯାଇଛି। ୨୦୧୯-୨୦ରେ ପେଟ୍ରୋଲିୟମ ଉତ୍ପାଦ ଆମଦାନୀ ବାବଦକୁ କେନ୍ଦ୍ର ସରକାର ୪୬ ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ କରିଥିଲେ। ସେହିଭଳି ଏହି ଅବଧିରେ କେନ୍ଦ୍ରୀୟ ଉତ୍ପାଦ ଟିକସ ବାବଦକୁ ୨.୪୨ ଲକ୍ଷ କୋଟି ଟଙ୍କା ଆଦାୟ କରାଯାଇଛି। ଏହି ଦୁଇ ବାବଦକୁ କେନ୍ଦ୍ର ସରକାର ମୋଟ ୨.୮୮ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ କରିଥିବା ଜଣାପଡ଼ିଛି।

ମଧ୍ୟପ୍ରଦେଶ ନିମଚ ଜିଲାର ଆର୍‌ଟିଆଇ କର୍ମୀ ଚନ୍ଦ୍ରଶେଖର ସରକାରଙ୍କୁ ଏହି ସୂଚନା ମାଗିଥିଲେ। ସେ ଅର୍ଥ ମନ୍ତ୍ରଣାଳୟ ଏବଂ ଡିଜିଏସ୍‌ଡିଏମ୍‌କୁ ଏ ସମ୍ପର୍କରେ ତଥ୍ୟ ମାଗିଥିଲେ। ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ଉପରେ ସରକାର ଟିକସ ଏବଂ ସେସ୍ କମାଇବା ପାଇଁ ବିଭିନ୍ନ ମହଲରୁ ଦାବି ଉଠୁଛି। କାରଣ ପେଟ୍ରୋଲ ଏବଂ ଡିଜେଲ ଦେଶର ବିଭିନ୍ନ ପ୍ରାନ୍ତରେ ୧୦୦ ଟପିଛି। ତେଲ ଟିକସ କମାଇ ଲୋକଙ୍କୁ ଆଶ୍ୱସ୍ତି ଦେବା ଲାଗି ବିଭିନ୍ନ ମହଲରୁ ଦାବି ହେଉଛି। ତେବେ କରୋନା କାଳରେ ମଧ ସରକାର ବୃହତ୍ ପରିମାଣର ଟିକସ ଲାଗୁ କରିବା ଫଳରେ ତେଲ ଟିକସରୁ ବୃହତ୍ ପରିମାଣର ଅର୍ଥ ଆଦାୟ କରିବାକୁ ସକ୍ଷମ ହୋଇଛନ୍ତି।

ଏହି ପରିପ୍ରେକ୍ଷୀରେ ଅର୍ଥନୀତିଜ୍ଞ ଜୟନ୍ତିଲାଲ ଭଣ୍ଡାରୀ କହିଛନ୍ତି, ପେଟ୍ରୋଲ ଏବଂ ଡିଜେଲ ଦରଦାମ ବଢ଼ିଲେ କେବଳ ସାଧାରଣ ଲୋକ ସମସ୍ୟା ସାମ୍ନା କରି ନ ଥାନ୍ତି। ସାରା ଦେଶର ଅର୍ଥ ବ୍ୟବସ୍ଥା ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥାଏ। ଲୋକମାନେ ବର୍ତ୍ତମାନ କରୋନା ମହାମାରୀ ସଙ୍କଟ ଦେଇ ଗତି କରୁଥିବା ବେଳେ ସରକାର ବାରମ୍ବାର ଟିକସ ବଢ଼ାଇ ଲୋକଙ୍କୁ ଚିନ୍ତାଗ୍ରସ୍ତ କରିଛନ୍ତି। ଅର୍ଥ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ମଧ ପଡୁଛି। ସରକାର ଟିକସ କମାଇ ଲୋକଙ୍କୁ ତେଲ ଦର ବୃଦ୍ଧିଜନିତ ସମସ୍ୟାରୁ ବାହାର କରିପାରିବେ ବୋଲି ଭଣ୍ଡାରୀ ମତ ପ୍ରକାଶ କରିଛନ୍ତି।

## ୬୬ତମ ଷ୍ଟେଟ୍ ବ୍ୟାଙ୍କ ଦିବସ ପାଳନ




**ଭୁବନେଶ୍ୱର,୧।୭**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଗୁରୁବାର ୬୬ ତମ ଷ୍ଟେଟ ବ୍ୟାଙ୍କ ଦିବସ ପାଳନ କରାଯାଇଛି। ଏହି ଅବସରରେ ସାରା ଓଡିଶାର ବିଭିନ୍ନ ସ୍ଥାନରେ ଏକ ହଜାରରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଛି। ସେହିଭଳି ସ୍ଥାନୀୟ ଡମଣା ସ୍ଥିତ ଶ୍ରୀ ଶ୍ରୀ ଆନନ୍ଦ ଆଶ୍ରମ ଏବଂ ଜିଜିପି କଲୋନୀ ସ୍ଥିତ ଏକ ଜରାଶ୍ରମକୁ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ରୁମା ଦେ'ଙ୍କ ଅଧକ୍ଷତାରେ ୧୫ ଦିନର ଖାଦ୍ୟ ସାମଗ୍ରୀ ଯଥା- ଚାଉଳ, ଡାଲି, ଖାଇବା ତେଲ, ଚୁଡା ଓ ଛତୁଆ ଆଦି ପ୍ରଦାନ କରାଯାଇଥିଲା। ଶ୍ରୀ ଶ୍ରୀ ଆନନ୍ଦ ଆଶ୍ରମ ପକ୍ଷରୁ ପ୍ରିୟବ୍ରତ ସାମଲ ଏବଂ ଜରାଶ୍ରମର ରମାନାଥ ନାୟକ ଏହି ସବୁ ଖାଦ୍ୟ ସାମଗ୍ରୀକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରୁ ଗ୍ରହଣ କରିଥିଲେ। ଏହି ଅବସରରେ ଏସ୍‌ବିଆଇର ମହାପ୍ରବନ୍ଧକ ଅଭୟ କିଶୋର ପାଣ୍ଡେ ଏବଂ ବିଜୟ କୁମାର କୁଜୁର ଉପସ୍ଥିତ ରହି ଉକ୍ତ କାର୍ଯ୍ୟକୁ ସୁଚାରୁ ରୁପେ ପରିଚାଳନା କରିଥିଲେ। ବ୍ୟାଙ୍କର ଏଭଳି ମହତ କାର୍ଯ୍ୟକ୍ରମକୁ ଉଭୟ ସଂସ୍ଥା ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଇଥିଲା।

## ଏଏସ୍‌ବିଏମ୍‌ରେ ବ୍ୟାଙ୍କିଙ୍ଗ୍ କନ୍‌କ୍ଲେଭ

**ଭୁବନେଶ୍ୱର,୧।୭**

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିକଟରେ 'ଭାରତୀୟ ବ୍ୟାଙ୍କିଙ୍ଗ୍ ସେବାର ବିକାଶଶୀଳ ରୂପ ରେଖ' ଶୀର୍ଷକ ଜାତୀୟ ଆଭାସି କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର କୁଳାଧକ୍ଷ ପ୍ରଫେସର (ଡଃ) ବିଶ୍ୱଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଭାରତବର୍ଷର ବ୍ୟାଙ୍କ ଶିଳ୍ପ କିଭଳି ମିଶ୍ରଣ ଜନିତ ସମସ୍ୟାରେ ସମ୍ମୁଖୀନ ହୋଇଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାକେଶ ଶର୍ମା, (ଆଇଡ଼ିବିଆଇ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ) ତାଙ୍କର ଉଦଘାଟନୀ ବକ୍ତବ୍ୟରେ ବ୍ୟାଙ୍କକୁ ଭାରତୀୟ ଅର୍ଥ ବ୍ୟବସ୍ଥାର ମାନଦଣ୍ଡ ତଥା ମେରୁଦଣ୍ଡ ଭାବେ ଅଭିହିତ କରି ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁନିତା ହାଣ୍ଡା ଯୋଗ ଦେଇ ଆଜିର ବିଷୟ ବସ୍ତୁ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ସମାଧାନର ନାନାଦି କୌଶଳର ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡଃ) କଲ୍ୟାଣ ଶଙ୍କର ରାୟ, ଷ୍ଟେଟ ବ୍ୟାଙ୍କ ଅଫ ହାଇଦ୍ରାବାଦର ପ୍ରାକ୍ତନ୍ ପରିଚାଳନା ନିର୍ଦ୍ଦେଶିକା ରେଣୁଚାଲୁ, ମୁରଲୀ ବୈଦ୍ୟନାଥନ୍, ଶ୍ରୀମୋହନ ଯାଦବ,(ଡଃ) ସଚ୍ଚିଦାନନ୍ଦ ସୋଗଲା ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏହି ଆଲୋଚନା ଚକ୍ରରେ ଦେଶର ବିଭିନ୍ନ ପ୍ରାନ୍ତରୁ ତଥା ବିଦେଶରୁ ୨୫୮ଜଣ ଶିକ୍ଷାବିତ୍, ବ୍ୟାଙ୍କ ଅଧିକାରୀ ତଥା ରିସର୍ଚ୍ଚ ସ୍କଲାର ଯୋଗଦାନ କରିଥିଲେ। ପ୍ରଫେସର (ଡଃ) ପଦ୍ମନାଭ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର (ଡଃ) ରୂପଶା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭.୨୫ କୋଟି ପଠାଇଛନ୍ତି ନୀରବଙ୍କ ଭଉଣୀ

**ନୂଆଦିଲ୍ଲୀ,୧।୭**

ନୀରବ ମୋଦିଙ୍କ ଭଉଣୀ ପୂର୍ବୀ ମୋଦି ଭାରତ ସରକାରଙ୍କୁ ୧୭.୨୫ କୋଟି ଟଙ୍କା ପଠାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସୂଚନା ମିଳିଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଋଣ ଠକେଇ ମାମଲାର ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବାକୁ ସେ ରାଜି ଅଛନ୍ତି। ତାଙ୍କ ନାମରେ କୌଣସି ଆପରାଧିକ ମାମଲା ନ କରିବା ସହ କ୍ଷମା ଦିଆଯାଇଛି। ପୂର୍ବୀ ବର୍ତ୍ତମାନ ଏଭଳି ବୃହତ୍ତ ପରିମାଣର ଅର୍ଥ ପଠାଇଥିବା ଜଣାପଡିଛି। ଜୁନ ୨୪ରେ ସେ ଇଡିକୁ କହିଥିଲେ ଯେ, ତାଙ୍କ ନାମରେ ଲଣ୍ଡନରେ ଏକ ବ୍ୟାଙ୍କ ଆକାଉଣ୍ଟ ନୀରବ ମୋଦି ଖୋଲିଥିଲେ। ମାତ୍ର ଆକାଉଣ୍ଟରେ ରହିଥିବା ଅର୍ଥ ତାଙ୍କର ନ ଥିଲା। ଏହି ଆକାଉଣ୍ଟରେ ରହିଥିବା ଅର୍ଥକୁ ସେ ଭାରତ ସରକାରଙ୍କ ଆକାଉଣ୍ଟକୁ ପଠାଇ ଦେଇଥିବା ଜଣାପଡିଛି।

## ୮୫୮ କୋଟିର ରାଜ୍ୟ ଜିଏସ୍‌ଟି ଆଦାୟ

**କଟକ,୧।୭**



ଚଳିତ ବର୍ଷ ଜୁନ୍ ମାସରେ ଓଡ଼ିଶା ୮୫୮.୮୩ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ଆଦାୟ କରିବାକୁ ସକ୍ଷମ ହୋଇଛି। ଏହା ୨୦୨୦ ଜୁନ୍‌ରେ ୭୫୯.୧୭କୋଟିଟଙ୍କା ସ୍ତରରେ ରହିଥିଲା। ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଜୁନ୍‌ରେ ରାଜ୍ୟ ଜିଏସ୍‌ଟି ଆଦାୟ ୧୩.୧୩% ବୃଦ୍ଧି ଘଟିଥିବା ବାଣିଜ୍ୟ କର ଓ ଜିଏସ୍‌ଟି କମିଶନରେଟ୍ ପକ୍ଷରୁ ଗୁରୁବାର ସୂଚନା ମିଳିଛି। ଚଳିତ ବର୍ଷ ଜୁନ୍ ମାସ ସୁଦ୍ଧା ରାଜ୍ୟ ଜିଏସ୍‌ଟିର ସଂଗ୍ରହ ୨୮୧୨.୯୩ କୋଟି ଟଙ୍କା ରହିଛି। ଗତ ଆର୍ଥିକ ବର୍ଷ ଜୁନ୍‌ରେ ଏହି ପରିମାଣ ୧୫୬୦.୨୦ କୋଟି ଟଙ୍କା ରହିଥିଲା। ଏ କ୍ଷେତ୍ରରେ ୮୦.୨୯% ଟଙ୍କା ଅଭିବୃଦ୍ଧି ଘଟିଛି। ୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କାରବାର ହାସଲ କରିଥିବା ଟିକସଦାତାଙ୍କ ଟିକସ ପଇଠରେ ବୃଦ୍ଧି ଏବଂ ଲୌହ ଇସ୍ପାତ କ୍ଷେତ୍ରରୁ ଟିକସ ସଂଗ୍ରହ ଉନ୍ନତ ହେବାରୁ ଏଭଳି ଅଭିବୃଦ୍ଧି ଦେଖାଯାଇଛି।

ଜିଏସ୍‌ଟି ପରିଷଦ ଦ୍ୱାରା ରିଟର୍ନ ପଇଠ ତାରିଖ ବୃଦ୍ଧି କରାଯାଇଥିଲେ ମଧ ୫ କୋଟି ଟଙ୍କାରୁ କମ୍ କାରବାର କରୁଥିବା ଟିକସଦାତା ଆଶାନୁରୂପ ରିଟର୍ନ ଦାଖଲ କରିବାକୁ ସକ୍ଷମ ହୋଇପାରି ନାହାନ୍ତି। ଏହା ସତ୍ତ୍ୱେ ମଧ ରାଜ୍ୟ ଜିଏସ୍‌ଟି ଆଦାୟ କ୍ଷେତ୍ରରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ସେହିଭଳି କେନ୍ଦ୍ରୀୟ ଜିଏସ୍‌ଟି(ସିଜିଏସ୍‌ଟି), ସମନ୍ୱିତ ଜିଏସ୍‌ଟି(ଆଇଜିଏସ୍‌ଟି) ଏବଂ ସେସ୍ ବାବଦରେ ଯଥାକ୍ରମେ ୭୪୩.୧୬ କୋଟି, ୮୪୨.୬୫ କୋଟି ଏବଂ ୫୫୫.୨୭ କୋଟି ଟଙ୍କା ସଂଗ୍ରହ ହେବା ଯୋଗୁ ମୋଟ ୨୯୯୯.୯୧ କୋଟି ଜିଏସ୍‌ଟି ଆଦାୟ ହୋଇଛି। ଗତବର୍ଷ ଜୁନ୍‌ରେ ଏହା ୨୬୯୩.୭୫ କୋଟି ଟଙ୍କା ରହିଥିଲା। ଏକ୍ଷେତ୍ରରେ ଅଭିବୃଦ୍ଧି ୧୧.୩୭% ରହିଛି। ୨୦୨୧ ଜୁନ୍ ସୁଦ୍ଧା ଜିଏସ୍‌ଟି ସଂଗ୍ରହର ମୋଟ ପରିମାଣ ୧୦,୦୪୬.୧୪ କୋଟି ଟଙ୍କା ରହିଛି। ଏହା ୨୦୨୦ ଜୁନ ସୁଦ୍ଧା ୫୧୯୨.୩୦ କୋଟି ଟଙ୍କା ରହିଥିଲା।

ପେଟ୍ରୋଲ ଏବଂ ମଦ ଉପରୁ ଜୁନ ମାସରେ ଭାଟ୍ ବାବଦ ୭୦୯.୩୨ କୋଟି ଟଙ୍କା ଆଦାୟ କରାଯାଇଛି। ପେଟ୍ରୋଲ ଜାତ ସାମଗ୍ରୀ ଉପରୁ ଭାଟ୍ ଆକାରରେ ୫୮୫ କୋଟି ଏବଂ ମଦ ଉପରୁ ୧୨୩ କୋଟି ଭାଟ୍ ଆସିଛି। ସମ୍ଭାବ୍ୟ ଟିକସ ଫାଙ୍କିକୁ ରୋକିବା ଏବଂ କ୍ଷେତ୍ରୀୟ ସତର୍କତାକୁ ଜୋର୍‌ଦାର କରିବାକୁ ରାଜ୍ୟ ବାଣିଜ୍ୟ କର ଓ ଜିଏସ୍‌ଟି ଆୟୁକ୍ତ ସୁଶୀଲ କୁମାର ଲୋହାନି ପରାମର୍ଶ ଦେଇଛନ୍ତି।

**ଫୁରସତ୍**

## ବଲିଉଡ୍‌କୁ ଫେରିଲେ ଶିଳ୍ପା




**ମୁମ୍ବାଇ:** ୧୩ ବର୍ଷ ପରେ ବଲିଉଡ୍‌କୁ ଫେରିଛନ୍ତି ଶିଳ୍ପା ସେଟ୍ଟୀ କୁନ୍ଦ୍ରା। ହଙ୍ଗାମାର ସ୍ୱିକେଲ୍ସ ହଙ୍ଗାମା-୨ରେ ସେ ନଜର ଆସିବେ। ଏହାର ଟ୍ରେଲର ଡିସ୍‌ନୀ ପ୍ଲସ୍ ହଟ୍‌ଷ୍ଟାରରେ ମୁକ୍ତିଲାଭ କରିଛି। ଏହି ଡ୍ରାମା-କମେଡିରେ ଶିଳ୍ପାଙ୍କ ସମେତ ପରେଶ ରାଓ୍ୱଲ, ମିଜାନ, ପ୍ରଣିତା ସୁବାଷ, ରାଜପାଲ ଯାଦବ, ଜନି ଲିବର, ଆଶୁତୋଷ ରାଣା ରହିଛନ୍ତି। ପ୍ରିୟଦର୍ଶନ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ଜୁଲାଇ ୨୩ରେ ଫିଲ୍ମଟି ମୁକ୍ତିଲାଭ କରିବ। ଟ୍ରେଲର ରିଲିଜ୍ ହେବା ପରେ ଦର୍ଶକଙ୍କ ମନରେ ଫିଲ୍ମକୁ ନେଇ ଉତ୍ସାହ ବଢି ଯାଇଛି। ଏଥିରେ ଶିଳ୍ପା ପରେଶଙ୍କ ସ୍ତ୍ରୀ ଭୂମିକାରେ ନଜର ଆସିଛନ୍ତି। 'ମେ ଖିଲାଡି, ତୁ ଅନାଡି' ଚଳଚ୍ଚିତ୍ରର ଗୀତ 'ଚୁରାକେ ଦିଲ୍ ମେରା..'ର ରିପ୍ରାଇଜ୍‌ରେ ଶିଳ୍ପା ନାଚୁଥିବା ଦେଖିବାକୁ ମିଳିଛି। ଫିଲ୍ମର ପୋଷ୍ଟର ଶେୟାର କରିବା ସହ ଶିଳ୍ପା ଏହାର ରିଲିଜ୍ ଡେଟ୍ ମଧ ଉଲ୍ଲେଖ କରିଥିଲେ। ଏଥିସହ ହଙ୍ଗାମା ୨ ମାଧମରେ ନିର୍ଦ୍ଦେଶକ ପ୍ରିୟଦର୍ଶନ ମଧ ୭ ବର୍ଷ ପରେ ବଲିଉଡ୍‌କୁ ଫେରିଛନ୍ତି।

## ଆକାଶରେ ଦୌଡୁଛି ଟ୍ରେନ୍

ଭୂମିଠୁ ଉଚ୍ଚରେ ବିଛାଯାଇଛି ଟ୍ରେନ୍ ଟ୍ରାକ୍। ମାଟିରେ ନୁହେଁ, ଆକାଶରେ ଦୌଡୁଛି ଟ୍ରେନ୍। ବିନା ଟ୍ରାଫିକ୍‌ରେ ଖୁବ୍ ଅଳ୍ପ ସମୟରେ ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳରେ ସୁରକ୍ଷିତ ଭାବେ ପହଞ୍ଚାଇ ଦେଉଛି। ସବୁବେଳେ କିଛି ନୂତନ ଉଦ୍ଭାବନ କରି ବିଶ୍ୱବାସୀଙ୍କୁ ଚମକାଇ ଦେଉଥିବା ଚାଇନା 'ଦି ସସ୍ପେନ୍‌ସନ' ଟେକ୍ନୋଲୋଜିର ଉପଯୋଗ କରି ନିର୍ମାଣ କରିଛି 'ସ୍କାଏ ଟ୍ରେନ୍'।



**ନୂଆଦିଲ୍ଲୀ:** ହାଇସ୍ପିଡ୍ ବୁଲେଟ୍ ଟ୍ରେନ୍ ନିର୍ମାଣ କରି ଚାଇନା ସୃଷ୍ଟି କରିଛି ସ୍ୱତନ୍ତ୍ର ପରିଚୟ। ଏଥିରେ ଏବେ ଯୋଡ଼ି ହୋଇଛି ଆଉ ଏକ ନୂଆ ଫର୍ଦ୍ଦ। ସ୍ୱୟଂଚାଳିତ 'ସ୍କାଏ ଟ୍ରେନ୍'କୁ ସଫଳତାର ସହ ଟ୍ରାକ୍‌ରେ ଗଡ଼ାଇ ଚାଇନା ନିଜ ନାମରେ ଆଉ ଏକ ରେକର୍ଡ ସୃଷ୍ଟି କରିଛି। 'ଅଲ୍ଟ ୧୪୭' ଏବଂ 'ଅଲ୍ଟ ୧୪୮' ନାମରେ ନାମିତ ଏହି ଦୁଇ ଟ୍ରେନ୍ ଭୂମିରେ ନୁହେଁ, ବରଂ ଭୂମିଠାରୁ ବହୁ ଉଚ୍ଚରେ ନିର୍ମିତ ହୋଇଥିବା ଟ୍ରାକ୍‌ରେ ଦୌଡ଼ିବ।

'ସ୍କାଏ ଟ୍ରେନ୍' ନିର୍ମାଣରେ ସମ୍ପୂର୍ଣ୍ଣ ଭାବେ ନୂତନ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରାଯାଇଛି। ଏହାର ନିର୍ମାଣ ଶୈଳୀ 'ଦି ସସ୍‌ପେନ୍ସନ' ରେଲୱେ ପ୍ରଣାଳୀ ଉପରେ ଆଧାରିତ। ଏଥିଲାଗି ସ୍ୱତନ୍ତ୍ର ରେଲୱେ ଟ୍ରାକ୍ ନିର୍ମାଣ କରାଯାଇଛି। ଟ୍ରେନ୍‌ଟି ଉକ୍ତ ଟ୍ରାକ୍‌ରେ ଓହଳି ରହି ଗତିକରିବ। ଭାରତୀୟ ଟ୍ରେନ୍ ତୁଳନାରେ ଅପେକ୍ଷାକୃତ ହାଲୁକା 'ସ୍କାଏ ଟ୍ରେନ୍'ରେ ଅତି ଦ୍ରୁତଗତିରେ ଯାତ୍ରୀ ପରିବହନ କରାଯାଇପାରୁଛି।

ଚାଇନାର ଜନବହୁଳ ଛୋଟ ସହରରେ ଯାତ୍ରୀ ପରିବହନ ସେବାକୁ ଆହୁରି ଉନ୍ନତମାନର କରିବାକୁ 'ସ୍କାଏ ଟ୍ରେନ୍' ଭଳି ଅତ୍ୟାଧୁନିକ ରେଳସେବାର ପରିକଳ୍ପନା କରାଯାଇଛି। ଟ୍ରେନ୍‌ର ବଗିଗୁଡ଼ିକୁ ଆକର୍ଷଣୀୟ କରିବାକୁ ପାଣ୍ଡା ଭଳି ରୂପ ଦିଆଯାଇଛି। ଫଳରେ ଏଥିରେ ଯାତ୍ରୀମାନେ ଯାତ୍ରା କରିବାକୁ ଆଗ୍ରହୀ ହେଉଛନ୍ତି। ସ୍କାଏ ଟ୍ରେନ୍ ନିର୍ମାଣରେ ୨.୧୮ ବିଲିୟନ ୟୁଆନ୍ ଖର୍ଚ୍ଚ ହୋଇଛି। ଘଣ୍ଟାପ୍ରତି ହାରାହାରି ୮୦ କି.ମି. ଦୂରତା ଅତିକ୍ରମ କରୁଥିବା ଏହି ଟ୍ରେନ୍‌ର ପରିବହନ କ୍ଷମତା ୨୦୦ ଜଣ।

'ସ୍କାଏ ଟ୍ରେନ୍' ନିର୍ମାଣକାରୀ କମ୍ପାନୀ 'ଝୋଙ୍ଗ୍‌ଟାଙ୍ଗ୍ ଏୟାର ରେଳ'ର ଡେପୁଟି ଜେନେରାଲ ଡାଇରେକ୍ଟର ଝୋଙ୍ଗ୍ ମିନ୍‌ଙ୍କ କହିବା କଥା, ଏହି ଟ୍ରେନର ଓଜନ ପାଖାପାଖି ୨.୫ ଟନ୍, ଯାହା ପାରମ୍ପରିକ ଟ୍ରେନ୍ ତୁଳନାରେ ଅଧା ଟନ୍ କମ୍। ଚେଙ୍ଗଡୁ ସହରରେ ଏହାର ପରୀକ୍ଷାମୂଳକ ଯାତ୍ରା ଶେଷ ହୋଇଛି। ଏହି ସମୟରେ ଟ୍ରେନ୍‌ର ସର୍ବାଧିକ ଗତି ଘଣ୍ଟା ପ୍ରତି ୮୦ କି.ମି. ରେକର୍ଡ କରାଯାଇଥିଲା। ବିନା ଡ୍ରାଇଭରରେ ଏବଂ ବ୍ୟାଟେରି ସହାୟତାରେ ସ୍ୱୟଂଚାଳିତ ପଦ୍ଧତିରେ ଏହାର ପରୀକ୍ଷଣ ସଫଳ ହୋଇଛି। ଚାଇନାରେ ଚଳାଚଳ କରୁଥିବା ଟ୍ରେନ୍ ତୁଳନାରେ ଏହାର ଦେୟ ସାମାନ୍ୟ ଅଧିକ ବୋଲି ଝୋଙ୍ଗ୍ ସୂଚନା ଦେଇଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
(ଢେଙ୍କାନାଳ)
9999268493, 7310635591
Whatsapp No.: 9953557897

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ



ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୂଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବିବାହ ପୂର୍ବରୁ ଆତ୍ମରକ୍ଷା କୌଶଳ



**ବେଙ୍ଗାଲୁରୁ:** କୌଣସି ବିବାହ ଉତ୍ସବରେ ଯୋଗଦେବାକୁ ଯାଇଛନ୍ତି, ଆଉ ସେଠାରେ କନ୍ୟାଜଣକ ବେଦିରେ ବସିବା ବଦଳରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ଛିଡ଼ା ହୋଇଛି। ବିବାହ ଦିନ କନ୍ୟାକୁ ଏଭଳି ରୂପରେ ଦେଖିବେ ବୋଲି କେହି ଭାବି ନ ଥିବେ। କିନ୍ତୁ ଏମିତି ଏକ ଘଟଣା ଘଟିଛି ତାମିଲନାଡୁରେ।

ତାମିଲନାଡୁର ଥିରକୁର ଗାଁର ୨୨ ବର୍ଷୀୟା ପି. ନିଶାଙ୍କର ବିବାହକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା। ବିବାହ ଦିନ ସେ କନ୍ୟା ବେଶରେ ଅସ୍ତ୍ରଶସ୍ତ୍ର ଧରି ବିଭିନ୍ନ ପାରମ୍ପରିକ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ବେଦି ଉପରକୁ ଯିବା ପୂର୍ବରୁ ସେ ପ୍ରଥମେ ଅତିଥିମାନଙ୍କୁ ଏସବୁ କୌଶଳ ପ୍ରଦର୍ଶନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ଆୟୋଜନ କରିଥିଲେ। ଆଉ ତାଙ୍କର ଏଭଳି କଳା ଦେଖି ପ୍ରଥମେ ଅତିଥିମାନେ ତ ଆଶ୍ଚର୍ଯ୍ୟ ହୋଇଥିଲେ ଏହା ସହିତ ସ୍ଥାନୀୟ ଲୋକେ ମଧ ଏସବୁ ଦେଖିବା ପାଇଁ ଅତ୍ୟନ୍ତ ଆଗ୍ରହ ଦେଖାଇଥିଲେ। ନିଶା ପିଲାବେଳରୁ ଏସବୁ କୌଶଳ ଶିକ୍ଷା କରିଥିଲେ। ଏଥିପାଇଁ ତାଙ୍କୁ ପରିବାରରୁ ମଧ ସହଯୋଗ ମିଳିଥିଲା। ତେଣୁ ସେ ଶିକ୍ଷା କରିଥିବା ସମସ୍ତ ଆତ୍ମରକ୍ଷା କୌଶଳକୁ ବିବାହ ଦିନ ହିଁ ପ୍ରଦର୍ଶନ କରିବାକୁ ସ୍ଥିର କରିଥିଲେ। ଏହି କୌଶଳ ପ୍ରଦର୍ଶନ ପରେ ହିଁ ନିଶା ବିବାହ ବେଦିକୁ ଯାଇଥିଲେ। ବିବାହ ଦିନ ଏପରି ଏକ ପ୍ରଦର୍ଶନ ନିମନ୍ତେ ନିଶା ଓ ତାଙ୍କ ସ୍ୱାମୀ ମିଶି ସ୍ୱତନ୍ତ୍ର ପ୍ରସ୍ତୁତି କରିଥିଲେ। ତାଙ୍କ ମତରେ ପ୍ରତ୍ୟେକ ମହିଳା ନିଜର ଆତ୍ମରକ୍ଷା ନିମନ୍ତେ ଏଭଳି କୌଶଳ ସବୁ ଶିକ୍ଷା କରିବା ଉଚିତ। ଏହି କୌଶଳ ଶିକ୍ଷା କରିବା ଫଳରେ ସ୍ୱାସ୍ଥ୍ୟ ରକ୍ଷା ହେବା ସହିତ ମହିଳାମାନେ ସବୁ ସମୟରେ ନିଜକୁ ନିଜେ ସୁରକ୍ଷା ଦେଇପାରିବେ। ତେଣୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ସେ ଏଭଳିଭାବେ କନ୍ୟା ବେଶରେ ସବୁ ଅଳଙ୍କାର ଓ ଶାଢ଼ି ପିନ୍ଧି ସଜ ହେବା ପରେ ପ୍ରଦର୍ଶନ କରିଥିଲେ।

## ୫ ଲକ୍ଷ ଟଙ୍କାର ସୁନା ମାସ୍କ

**କାନପୁର:** କରୋନା ମହାମାରୀଠାରୁ ରକ୍ଷା ପାଇଁ ମାସ୍କ ପିନ୍ଧିବା ଜରୁରୀ। ଏବେ ଏହି ମାସ୍କକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି ଉତ୍ତରପ୍ରଦେଶ କାନପୁରର ମନୋଜ ସେନଗାର ବା ମନୋଜଆନନ୍ଦ ମହାରାଜ। ଗୋଲଡେନ୍ ବାବା ଭାବେ ବେଶ୍ ପରିଚିତ ମନୋଜ ଏବେ ସୁନାରେ ଏକ ମାସ୍କ ତିଆରି କରିଛନ୍ତି। ଏହାର ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବ ବୋଲି ସେ କହିଛନ୍ତି। ତାଙ୍କ ମତରେ କରୋନାର ଦ୍ୱିତୀୟ ଲହର ବହୁ ଭୟଙ୍କର। ଏହାପରେ ବି କେତେଜଣ ମାସ୍କ ପିନ୍ଧୁ ନ ଥିବା ଦେଖାଯାଇଛି। ହେଲେ ସେ ଯେଉଁ ସୁନାର ମାସ୍କ ତିଆରି କରିଛନ୍ତି ତାହା ଟ୍ରିପିଲ କୋଟେଡ୍ ଅର୍ଥାତ ଏଥିରେ ୩ଟି ସ୍ତରରେ ସୁନାର ଲେୟର ରହିଛି। ଏହା ୩ ବର୍ଷ ପର୍ଯ୍ୟନ୍ତ ସେମିତି ରହିବ ବୋଲି ସେ କହିଛନ୍ତି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱ. କୁନ୍‌ମୁନ୍ ପ୍ରହରାଜ
Former Senior Vice President, Yes Bank, South Delhi
ଆବିର୍ଭାବ- ୨୫.୦୧.୧୯୮୧
ତିରୋଧାନ- ୧୩.୦୬.୨୦୨୦
ଚାହୁଁ ଚାହୁଁ ତା.୦୨.୦୭.୨୦୨୧କୁ ବର୍ଷେ ବିତିଗଲା। ତୁମେ ଆମମାନଙ୍କୁ ଶୋକସାଗରରେ ଭସାଇ ଦେଇ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ- ସ୍ୱାମୀ- ରାଜୀବ, ଝିଅ- ମେଘଲା, ପୁଅ- ଅଭିରାମ, ଶାଶୁ, ଶଶୁର, ନଣନ୍ଦ, ନଣନ୍ଦେଇ, ଭଣଜା ଓ ପରିବାର ବର୍ଗ, ବାପା- ଦେବେନ୍ଦ୍ର କୁମାର ପ୍ରହରାଜ, କକେଇମାନେ, ଖୁଡ଼ିମାନେ, ପିଉସା, ପିଉସୀମାନେ, ସ୍ନେହୀ ଭାଇ ଭଉଣୀମାନେ। ମୋନାଲିସା, ପ୍ରଦ୍ୟୁମ୍ନ, ମାନସୀ, ସୁକାନ୍ତ, ସାଇ, ଆର୍ଯ୍ୟନ ଓ ଆଦ୍ୟାଂଶ ଏବଂ ସମସ୍ତ ଆତ୍ମୀୟସ୍ୱଜନ।
ଧ-୨୦୯୯୬

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱ. ଲକ୍ଷ୍ମୀଚରଣ ସାହୁ
ହିଲ୍‌ପାଟଣା, ୩ୟ ଲାଇନ୍, ବ୍ରହ୍ମପୁର
ଆବିର୍ଭାବ: ୦୧।୦୭।୧୯୪୬
ତିରୋଧାନ: ୨୫।୦୭।୨୦୧୯
ଆପଣଙ୍କ ଅସମୟିକ ବିୟୋଗରେ ଆମ୍ଭେ ମର୍ମାହତ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ଉଷାରାଣୀ, ପୁଅ: ସଞ୍ଜୟ, ବୋହୂ: ସୋନାଲି, ସାନପୁଅ: ସନ୍ଦିପ, ଝିଅ: ସସ୍ମିତା, ଜ୍ୱାଇଁ: ଚଗଲା, ନାତୁଣୀ: ଆନି ଏବଂ ପିହୁ
ଧ-୨୦୯୯୦

ଧରିତ୍ରୀ
DHARITRI
ଶୁକ୍ରବାର, ୨ ଜୁଲାଇ, ୨୦୨୧



**ଆମେରିକୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟ ହେଉଛନ୍ତି ସିମୋନ୍ ଆରିଏନ୍ ବାଇଲ୍ସ। ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ସମୁଦାୟ ୩୦ ପଦକ ବିଜୟୀ ହୋଇଛନ୍ତି। ଫଳରେ ସେ ବିଶ୍ୱର ତୃତୀୟ ସର୍ବାଧିକ ପଦକ ହାସଲକାରୀ ମହିଳା ଜିମ୍ନାଷ୍ଟ ବିବେଚିତ ହେଉଛନ୍ତି...**

# ଅପ୍ରତିଦ୍ୱନ୍ଦ୍ୱୀ ବାଇଲ୍ସ

ଆମେରିକାର ଷ୍ଟାର୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟ ସିମୋନ୍ ଆରିଏନ୍ ବାଇଲ୍ସଙ୍କ ବିଶ୍ୱ ଖ୍ୟାତି ଦ୍ୱିଗୁଣିତ ହୋଇଛି। ୟୁର୍ଚେଙ୍କୋ ଡବଲ ପାଇକ୍ ଭୋଲ୍ଟ ଭଳି ଏକ ପୁରୁଷପ୍ରଧାନ ଇଭେଣ୍ଟରେ ସେ ହାସଲ କରିଛନ୍ତି ଅପୂର୍ବ ସଫଳତା। ଏହି ଡବଲ ପାଇକ୍ ଭୋଲ୍ଟକୁ କେବଳ ପୁରୁଷ ଜିମ୍ନାଷ୍ଟମାନେ ସମ୍ପାଦନ କରୁଥିଲେ। ଏହି ଧାରାକୁ ଭାଙ୍ଗିଦେଇଛନ୍ତି ୨୪ ବର୍ଷୀୟ ବାଇଲ୍ସ। ଗତ ମେ ୩୦ରେ ଆମେରିକାର ଇଣ୍ଡିଆନାପଲିସ୍‌ଠାରେ ୟୁଏସ୍ କ୍ଲାସିକ୍ ଜିମ୍ନାଷ୍ଟିକ୍ସ ଆୟୋଜିତ ହୋଇଥିଲା। ଏଠାରେ ସେ ଏହି ବିରଳ ସଫଳତା ପାଇ ଜଣେ ସର୍ବକାଳୀନ ଶ୍ରେଷ୍ଠ ଜିମ୍ନାଷ୍ଟ ଭାବେ ମର୍ଯ୍ୟାଦା ହାସଲ କରିଛନ୍ତି। ଏହି ଡବଲ ପାଇକ୍ ଭୋଲ୍ଟକୁ ସେ ଏଭଳି ନିଖୁଣ ଢଙ୍ଗରେ ପ୍ରଦର୍ଶନ କଲେ, ଯାହାବଳରେ ସେ ସର୍ବାଧିକ ୧୬,୧୦୦ ପଏଣ୍ଟ ସ୍କୋର କରିଥିଲେ। ଉକ୍ତ ପଏଣ୍ଟ ସେ ରିଓ ଅଲିମ୍ପିକ୍‌ରେ ପାଇଥିବା ପଏଣ୍ଟଠାରୁ ଅଧିକ। ବାଲାନ୍ସ ବିମ୍, ଫ୍ଲୋର ଏକ୍ସରସାଇଜ୍ ଏବଂ ଭୋଲ୍ଟ ଇଭେଣ୍ଟରେ ସେ ସର୍ବାଧିକ ପଏଣ୍ଟ ଅର୍ଜନ କରିବା ସହ ସମୁଦାୟ ୫୮, ୪୦୦ ପଏଣ୍ଟ ପାଇ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଏହି କ୍ଲାସିକ୍‌ରେ ଟୋକିଓ ଅଲିମ୍ପିକ୍ସରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖି ଆମେରିକାର ସଂଖ୍ୟାଧିକ ବରିଷ୍ଠ ମହିଳା ଜିମ୍ନାଷ୍ଟ ଅଂଶ ଗ୍ରହଣ କରିଥିଲେ।

**ପ୍ରଦର୍ଶନ:** ସେ ଦ୍ରୁତ ବେଗରେ ରନ୍‌ୱେରେ ଆସି ଶରୀରକୁ ଶୂନ୍ୟରେ ବୃତ୍ତାକାର ପୂର୍ବକ ଦୁଇଥର ଘୂର୍ଣ୍ଣନ କରି ସ୍ପ୍ରିଙ୍ଗ୍ ବୋର୍ଡରେ ଠିଆ ହେଲେ ଏବଂ ପରେ ପରେ ଏକ ବେକ୍ ହେଣ୍ଡସ୍ପ୍ରିଙ୍ଗ୍ ଜରିଆରେ ଭୋଲ୍ଟ ସ୍ଥାନରେ ଲ୍ୟାଣ୍ଡ କଲେ। ଏହାକୁ ସେ ଦୁଇଥର ବେକ୍ ଫ୍ଲିପ୍ କରି ଶେଷ କରିଥିଲେ। ଏହି ମୁହୂର୍ତ୍ତରେ ବାଇଲ୍ସଙ୍କ ଲ୍ୟାଣ୍ଡିଂ ଉଚ୍ଚକୋଟୀର ରହିଥିଲା। ଆଗାମୀ ଜୁଲାଇରେ ଟେକ୍ସାସ୍ ରାଜ୍ୟର ଫୋର୍ଟ ୱର୍ଥଠାରେ ଆୟୋଜନ ହେବ ଯୁକ୍ତରାଷ୍ଟ୍ର ଜାତୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍। ଟୋକିଓ ଅଲିମ୍ପିକ୍ସ ଜିମ୍ନାଷ୍ଟିକ୍ ପାଇଁ ବାଇଲ୍ସ ଯୋଗ୍ୟତା ହାସଲ କରିଛନ୍ତି। ତେବେ ଆମେରିକା ଜିମ୍ନାଷ୍ଟିକ୍ସ ଦଳରେ ଅନ୍ୟ କେଉଁମାନେ ସାମିଲ ହେବେ ତାହା ସ୍ପଷ୍ଟ ହୋଇନାହିଁ। ବାଇଲ୍ସଙ୍କ ସାଥୀ ଜିମ୍ନାଷ୍ଟ ଜର୍ଡାନ୍ ଚାଇଲ୍ସ ମୋଟ ୫୭, ୧୦୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏଣୁ ଚାଇଲ୍ସ ଅଲିମ୍ପିକ୍ସ ସୁଯୋଗ ପାଇବା ସମ୍ଭାବନା ସୃଷ୍ଟି ହୋଇଛି। ୪ଟି ଯାକ ଇଭେଣ୍ଟର ଶ୍ରେଷ୍ଠ ୪ଜଣଙ୍କ ଭିତରେ ଚାଇଲ୍ସ ଅଛନ୍ତି। କାଇଲା ଡିସେଲୋ ତୃତୀୟ ସ୍ଥାନ ପାଇଥିଲେ। ୨୦୦୫ ବିଶ୍ୱ ଅଲ ଏରାଉଣ୍ଡ ଚାମ୍ପିୟନ ତଥା ୨୦୦୮ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଚେଲ୍‌ସୀ ମେମେଲ ୯ ବର୍ଷ ପରେ ପ୍ରତିଯୋଗିତାକୁ ଫେରିଥିଲେ ଏବଂ ଭୋଲ୍ଟ ଇଭେଣ୍ଟରେ ସଫଳତା ପାଇ ଆନନ୍ଦ ପ୍ରକାଶ କରିଥିଲେ। ସେ ଏହି ଇଭେଣ୍ଟରେ ୧୩, ୭୫୦ ପଏଣ୍ଟ ସ୍କୋର କରିଥିଲେ। ୟୁର୍ଚେଙ୍କୋ ଡବଲ୍ ପାଇକ୍ ଭୋଲ୍ଟକୁ ପ୍ରତିଷ୍ଠା କରିଥିଲେ ତତ୍କାଳୀନ ସୋଭିଏଟ୍ ୟୁନିୟନ୍‌ର ବିଶ୍ୱ ବିଖ୍ୟାତ୍ ଜିମ୍ନାଷ୍ଟ ନାତାଲିଆ ୟୁର୍ଚେଙ୍କୋ। ୧୯୮୨ ମସିହା ଜିମ୍ନାଷ୍ଟିକ୍ସ ବିଶ୍ୱକପ୍‌ରେ ୟୁର୍ଚେଙ୍କୋ ଏହି ଇତିହାସ ରଚିଥିଲେ। କ୍ରୋଏସିଆ ରାଜଧାନୀ ଜାଗ୍ରେଭ୍‌ଠାରେ ଏହି ବିଶ୍ୱକପ୍ ଅନୁଷ୍ଠିତ ହୋଇଥିଲା।

**ଆଧିପତ୍ୟ**

୧୪ ମାର୍ଚ୍ଚ ୧୯୯୭ରେ ଜନ୍ମିତ ବାଇଲ୍ସ ଜଣେ ଆମେରିକୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟ। ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ସମୁଦାୟ ୩୦ ପଦକ ବିଜୟୀ ହୋଇଛନ୍ତି। ସେଥିରେ ଅଧିକାଂଶ ହେଉଛି ସ୍ୱର୍ଣ୍ଣ ପଦକ। ବିଶ୍ୱରେ ସେ ତୃତୀୟ ସର୍ବାଧିକ ପଦକ ହାସଲକାରୀ ମହିଳା ଜିମ୍ନାଷ୍ଟ। ଶୀର୍ଷରେ ଅଛନ୍ତି ବେଲାରୁଷର ଭିଟାଲୀ ସେର୍ବୋ, ତାଙ୍କ ପଦକ ସଂଖ୍ୟା ୩୩। ଦ୍ୱିତୀୟରେ ରୁଷିଆର ଲରିସା ଲାଟିନିନା, ତାଙ୍କ ପଦକ ସଂଖ୍ୟା ହେଲା ୩୨। ବାଇଲ୍ସଙ୍କୁ ସର୍ବକାଳୀନ ଶ୍ରେଷ୍ଠ ଜିମ୍ନାଷ୍ଟ ବୋଲି ଅନେକ ବିଶେଷଜ୍ଞ ବିଚାର କରନ୍ତି। ସାମ୍ପ୍ରତିକ ମହିଳା ଜିମ୍ନାଷ୍ଟିକ୍ସରେ ତାଙ୍କ ସମକକ୍ଷ କେହି ନାହାନ୍ତି। ତେଣୁ ସେ ଅପ୍ରତିଦ୍ୱନ୍ଦ୍ୱୀ। ଆମେରିକାର ଓହିଓ ରାଜ୍ୟର କଲମ୍ବସ୍‌ରେ ସେ ଜନ୍ମ ହୋଇଥିଲେ। ତାଙ୍କର ତିନି ଭାଇ ଭଉଣୀ। ଆଡ୍ରିଆ, ଆସଲେ ଓ ତେଭିନ୍। ୨୦୧୨ ମସିହାରେ ଜିମ୍ନାଷ୍ଟିକ୍‌କୁ ନେଇ ତାଙ୍କ ଅଭିଳାଷ ବଢ଼ିଥିଲା। ଅଭ୍ୟାସ ସମୟ ବଢ଼ାଇବା ଲାଗି ସେ ସରକାରୀ ସ୍କୁଲ ବଦଳରେ ହୋମ୍ ସ୍କୁଲ ବ୍ୟବସ୍ଥାକୁ ବାଛିଥିଲେ। ସେତେବେଳେ ସେ ସପ୍ତାହରେ ୨୦ ଘଣ୍ଟା ଅଭ୍ୟାସ କରୁଥିଲେ। ହୋମ୍ ସ୍କୁଲରେ ରହିବା ପରେ ଅଭ୍ୟାସ ସମୟ ୩୨ ଘଣ୍ଟାକୁ ଲମ୍ବିଥିଲା। ୨୦୧୫, ଜୁଲାଇ ୨୯ରୁ ସେ ପେସାଗତ ଜିମ୍ନାଷ୍ଟିକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିଆସୁଛନ୍ତି। ୨୦୧୮ ଜାନୁୟାରୀରେ ଏମ୍‌ବିଏ ଶିକ୍ଷା ପାଇଁ ଏକ ଅନ୍‌ଲାଇନ୍ କଲେଜରେ ନାମ ଲେଖାଇଥିଲେ ବାଇଲ୍ସ। ବିଶ୍ୱ କଳାତ୍ମକ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ର ୪ ଜଣ ହେଉଛନ୍ତି ର୍‍ୟାଙ୍କିଙ୍ଗ୍ ଜିମ୍ନାଷ୍ଟ। ଯୁକ୍ତରାଷ୍ଟ୍ରର ବାଇଲ୍ସ, ରୁଷିଆର ଶ୍ୱେତଲାନା ଖର୍କିନା, ରୋମାନିଆର ଜୀନା ଗୋଗିଏନ୍ ଓ ସୋଭିଏଟ୍ ୟୁନିୟନ୍‌ର ଲରିସା ଲାଟିନିନା। ବିଶ୍ୱର ଚାରିଆଡ଼େ ଜିମ୍ନାଷ୍ଟିକ୍ସର ଲୋକପ୍ରିୟତା ରହିଛି। ପ୍ରତ୍ୟେକ ଚାରି ବର୍ଷ ଅନ୍ତରରେ ହେଉଥିବା ଅଲିମ୍ପିକ୍ସ ଗେମ୍ସରେ ଦେଖିବାକୁ ମିଳେ ଅତ୍ୟନ୍ତ ହାଇ ଭୋଲ୍ଟେଜ୍ ଜିମ୍ନାଷ୍ଟିକ୍ସ ଏବଂ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ। ଏହାକୁ ବିଶ୍ୱର କୋଣ ଅନୁକୋଣେ ଲକ୍ଷ ଲକ୍ଷ ଲୋକ ଉପଭୋଗ କରନ୍ତି। ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଯାଦୁକରୀ ଜିମ୍ନାଷ୍ଟିକ୍ସ ଦେଖିବାକୁ ମିଳିବ ନିଶ୍ଚିତ। ଜିମ୍ନାଷ୍ଟିକ୍ ମୌଳିକତଃ ଏକ ଶାରୀରିକ ପ୍ରଦର୍ଶନ କ୍ରୀଡ଼ା। ଶରୀରର ଅଙ୍ଗଗୁଡ଼ିକୁ ନିୟମାନୁସାରେ ଏକ ଲୟରେ ସଞ୍ଚାଳନା କରିବା ସହ ଏହାକୁ ଶେଷ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରଖିବାକୁ ପଡ଼େ ଜିମ୍ନାଷ୍ଟିକ୍‌ରେ। ଅନେକେ ଅତି ସାଧାରଣ ପରିବାରରୁ ଆସି କିମ୍ବଦନ୍ତୀ ଜିମ୍ନାଷ୍ଟ ହୋଇପାରିଛନ୍ତି। ଆମେରିକା, ରୋମାନିଆ, ରୁଷିଆ, ଚାଇନା ପ୍ରଭୃତି ଦେଶରେ ଜିମ୍ନାଷ୍ଟିକ୍ କ୍ରୀଡ଼ାର ବହୁଳ ପ୍ରସାର ରହିଛି। ଏହିସବୁ ଦେଶର ସର୍ବକାଳୀନ ଶ୍ରେଷ୍ଠମାନେ ବିଶ୍ୱ ପାଇଁ ଜଣେ ଜଣେ ଆଲୋକ ବର୍ତ୍ତିକା।

**–ସ୍ୱାଗତ ସମ୍ପଦ**
ଶ୍ରୀ ଗୌର କୁଟୀର, ବଡ଼ବଜାର, ବାରିପଦା



ସିମୋନ୍ ଆରିଏନ୍ ବାଇଲ୍ସ

# ମହିଳା ସ୍ପିନ୍ ସେନ୍‌ସେସନ

**ଇଂଲଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟରେ ପଦାର୍ପଣ କରି ମହିଳା ଅଫ୍ ସ୍ପିନର ସ୍ନେହ ରାଣା ଦମ୍‌ଦାର ପ୍ରଦର୍ଶନ କରି ଚର୍ଚ୍ଚିତ ହୋଇଛନ୍ତି। ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରି ସେ ଦୀର୍ଘ ୫ ବର୍ଷ ପରେ ଭାରତୀୟ ଦଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି...**

ଭାରତର ଆଉ ଜଣେ ମହିଳା ସ୍ପିନର ଏବେ ନିଜ ପ୍ରଦର୍ଶନ ବଳରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବ୍ରିଷ୍ଟଲରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ତାଙ୍କ ଦମ୍‌ଦାର ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ ଫଲୋଅନ ହୋଇଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରିବା ସହ ମୁକାବିଲା ଡ୍ର ରଖିବାରେ ସମର୍ଥ ହୋଇଥିଲା। ଏହି ମହିଳା ସ୍ପିନ୍ ଅଲରାଉଣ୍ଡର ହେଉଛନ୍ତି ଡେରାଡୁନ୍‌ର ମହିଳା ଅଫ୍ ସ୍ପିନର ସ୍ନେହ ରାଣା। ଏହି ଟେଷ୍ଟରେ ପଦାର୍ପଣ କରି ଭାରତର ସଙ୍କଟମୋଚକ ସାବ୍ୟସ୍ତ ହୋଇଛନ୍ତି। ଟେଷ୍ଟରେ ପଦାର୍ପଣ କରିଥିଲେ ମଧ୍ୟ ସେ ୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ଦିନିକିଆ ଓ ଟି୨୦ ଫର୍ମାଟରେ ପ୍ରଥମଥର ପାଇଁ ଭାରତ ତରଫରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ହାସଲ କରିଥିଲେ।

ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ଏକଦା ୨ ଉଇକେଟ ହରାଇ ୨୩୦ ରନ କରି ବେଶ୍ ଦୃଢ଼ ସ୍ଥିତିରେ ଥିଲା। ଏହାପରେ ରାଣା ୭୭ ରନ ଦେଇ ୩ ଉଇକେଟ ଅକ୍ତିଆର କରିବା ସହ ଇଂଲଣ୍ଡକୁ ଝଟ୍‌କା ଦେଇଥିଲେ। ଦୀର୍ଘ ୭ ବର୍ଷ ପରେ ଭାରତୀୟ ମହିଳା ଦଳ ଟେଷ୍ଟ ଖେଳିବାର ସୁଯୋଗ ହାସଲ କରିଛି। ୨୭ ବର୍ଷୀୟା ରାଣାଙ୍କ ଏହି ପ୍ରଦର୍ଶନ ଭାରତ ପାଇଁ ସୁଯୋଗ ସୃଷ୍ଟି କରିଛି। ଦୁଇମାସ ତଳେ ସେ ତାଙ୍କ ପିତାଙ୍କୁ ହରାଇଥିଲେ। ଏହି ପ୍ରଦର୍ଶନକୁ ସେ ତାଙ୍କ ପିତାଙ୍କୁ ଉତ୍ସର୍ଗ କରିଛନ୍ତି। ଭାରତୀୟ ଦଳ ଘୋଷଣା ବେଳକୁ ପିତାଙ୍କ ସ୍ୱର୍ଗବାସ ହୋଇସାରିଥିଲା। ମୋର ଏହି ପ୍ରଦର୍ଶନ ତାଙ୍କୁ ଉତ୍ସର୍ଗ କରୁଛି ବୋଲି ସେ କହିଛନ୍ତି। ଇଂଲଣ୍ଡ ପ୍ରଥମ ଇନିଂସକୁ ୩୯୬/୯ରେ ଘୋଷଣା କରିଥିବାବେଳେ ରାଣା ୧୩୧ ରନ ବିନିମୟରେ ୪ ଉଇକେଟ ହାସଲ କରିଥିଲେ। ଏହାପରେ ଫଲୋଅନ ହୋଇ ପରାଜୟ ଦ୍ୱାରରେ ରହିଥିଲା। ତେବେ ସ୍ନେହ ଅପରାଜିତ ୮୦ ଓ ତାନିୟା ଭାଟିଆ ଅପରାଜିତ ୪୪ ରନକରି ମ୍ୟାଚ୍‌କୁ ଡ୍ର ରଖିବା ସହ ଭାରତକୁ ପରାଜୟରୁ ରକ୍ଷା କରିଥିଲେ। କେବଳ ସେତିକି ନୁହଁ ଇଂଲଣ୍ଡ ହାତରୁ ବିଜୟ ଛଡାଇ ନେଇଥିଲେ। ୫ ବର୍ଷ ପରେ ଭାରତୀୟ ଦଳକୁ ରାଣା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଘରୋଇ କ୍ରିକେଟରେ କ୍ରମାଗତ ଭଲ ପ୍ରଦର୍ଶନ କରିବା ଫଳରେ ଚୟନକର୍ତ୍ତାମାନେ ପ୍ରଭାବିତ ହୋଇଥିଲେ। ଇଞ୍ଜୁରି କାରଣରୁ କ୍ରିକେଟରୁ ଗୋଟିଏ ବର୍ଷ ଦୂରେଇ ରହିଥିଲି। ଅଧିନାୟିକା ମିଥାଲି ରାଜ ଓ କୋଚ୍ ରମେଶ ପାୱାରଙ୍କ ପରାମର୍ଶ କ୍ରମେ ଆମେ ରଣନୀତି ପ୍ରସ୍ତୁତ କରିଥିଲୁ ଓ ସେହି ଅନୁସାରେ ଖେଳିଥିଲୁ। ଜଣେ ଖେଳାଳି ହାର ନ ମାନି ତା'ର ପ୍ରୟାସ ଜାରି ରଖିବା ଉଚିତ ବୋଲି ସେ କହିଛନ୍ତି। ଦୀର୍ଘବର୍ଷ ପରେ ପ୍ରତ୍ୟାବର୍ତ୍ତନରେ ରାଣାଙ୍କ ଏହି ସଫଳତା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଦିନିକିଆ ଫର୍ମାଟ୍‌ରେ ରେଲୱେ ତରଫରୁ ଖେଳି ସେ ସର୍ବାଧିକ ଉଇକେଟ ହାସଲ କରିଥିଲେ। ଏହା ପୂର୍ବରୁ ରାଣା ଭାରତ ପାଇଁ ମୋଟ ୧୨ଟି ମ୍ୟାଚ୍ ଖେଳିଥିଲେ। ସେ ୭ଟି ଦିନିକିଆ ଓ ୫ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଦିନିକିଆରେ ସେ ୭ଟି ଓ ଟି୨୦ରେ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ଇଂଲଣ୍ଡ ବିପକ୍ଷରେ ଭାରତ ଏବେ ୩ଟି ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ଦୁଇଟି ସୀମିତ ଓଭର ସିରିଜରେ ସେ ଭାରତୀୟ ବୋଲିଂର ମୁଖ୍ୟ ଅସ୍ତ୍ର ହେବେ। ରେଲୱେର ଏହି ପୂର୍ବତନ ଅଧିନାୟିକା ଭାରତ ବି' ଦଳର ମଧ୍ୟ ନେତୃତ୍ୱ ନେଇଛନ୍ତି। ଭାରତ ଏ' ଦଳ ତରଫରୁ ମଧ୍ୟ ସେ ବିଭିନ୍ନ ସିରିଜରେ ପ୍ରତିନିଧିତ୍ୱ କରିଛନ୍ତି। ଏବେ ୩ଟି ଫର୍ମାଟରେ ରାଣା ଭଲ ପ୍ରଦର୍ଶନ କରିବାର ଦକ୍ଷତା ରଖୁଛନ୍ତି ବୋଲି ପ୍ରମାଣ କରିଛନ୍ତି।



ସ୍ନେହ ରାଣା

# ତୃତୀୟ ରାଉଣ୍ଡରେ ଜେଭରେଭ

**ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ**

ୱିମ୍ବଲଡନ, ୧।୭

ଜର୍ମାନୀର ଆଲେକଜାଣ୍ଡର ଜେଭରେଭ ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡରେ ସେ ଆମେରିକାର ଟେନ୍ୟାସ ସାଣ୍ଡଗ୍ରୀନ୍‌ଙ୍କୁ ୭-୫, ୬-୩, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ସେହିପରି କ୍ରିଷ୍ଟିଆନ ଗାରିନ ୭-୬(୭/୩), ୬-୨, ୨-୬, ୭-୬(୭/୫) ସେଟ୍‌ରେ ମାକ୍ସ ପୋଲମାନ୍ସଙ୍କୁ ପରାସ୍ତ କରିଛନ୍ତି। ମାଟେଓ ବେରେଟେନି ୬-୩, ୬-୪, ୭-୬(୭/୪) ସେଟ୍‌ରେ ବୋଟିକ୍ ଭାନ୍ ଡି ଜାଣ୍ଡସ୍କୁଲ୍ପଙ୍କୁ ହରାଇ ଥିବାବେଳେ ଜେମ୍ସ ଡକ୍‌ୱର୍ଥ ୭-୫, ୬-୭(୪/୭), ୬-୩, ୬-୨ ସେଟ୍‌ରେ ସାମ୍ କ୍ୱେରିଙ୍କୁ ହରାଇ ବିଦାୟ ପଥ ଦେଖାଇଛନ୍ତି। କାମେରନ ନୋରି ୬-୩, ୬-୧, ୬-୨ ସେଟ୍‌ରେ ଆଲେକ୍ସ ବୋଲ୍ଟଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟ ଏକ ମ୍ୟାଚରେ ଅଲ୍‌ଜାଜ ୬-୧, ୬-୦, ୬-୨ ସେଟ୍‌ରେ ୟୋଶିହିତୋ ନିଶିଓକାଙ୍କୁ ପରାସ୍ତ କରିଛନ୍ତି।

## ବାର୍ଟି, ସିନିକୋଭା ବିଜୟୀ

ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟି, ଚେକ୍ ରିପବ୍ଲିକ୍‌ର କ୍ୟାଟରିନା ସିନିକୋଭା ପ୍ରମୁଖ ବିଜୟ ହାସଲ କରିଛନ୍ତି। ବାର୍ଟି ୬-୪, ୬-୩ ସେଟ୍‌ରେ ଆନା ବ୍ଲିଙ୍କୋଭାଙ୍କୁ ହରାଇଥିବାବେଳେ ସିନିକୋଭା ୪-୬, ୬-୨, ୬-୨ ସେଟ୍‌ରେ କୋକୋ ଭାଣ୍ଡେୱେଘଙ୍କୁ ପରାସ୍ତ କରିଛନ୍ତି। କ୍ରିଷ୍ଟିନା ପ୍ଲିସ୍‌କୋଭାଙ୍କୁ ଅଭିଯାନ ଶେଷ କରିଛନ୍ତି ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭା। ସେ ୬-୩, ୬-୩ ସେଟ୍‌ରେ ବିଜୟୀ ହେବାସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଏଲିନା ସ୍ୱିତୋଲିନାଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ମାଗ୍‌ଦା ଲିନେଟି। ଅନ୍ୟଏକ ମ୍ୟାଚରେ ଆନାସ୍ତାସିଜା ସେଭାସୋଭା ୧-୬, ୬-୪, ୬-୩ ସେଟ୍‌ରେ ମାର୍ତା କୋଷ୍ଟ୍ୟୁକଙ୍କୁ ହରାଇ ଦେଇଛନ୍ତି। ବାର୍ବରା କ୍ରେଜିକୋଭା ୭-୫, ୬-୪ ସେଟ୍‌ରେ ଆନ୍ଦ୍ରିଆ ପେଟ୍‌କୋଭିଚ୍, ଶେଲ୍‌ବି ରୋଜର୍ସ ୭-୫, ୬-୪ ସେଟ୍‌ରେ ମାରିଆ ସାକାରି, କାରୋଲିନା ମୁଚୋଭା ୬-୩, ୫-୭, ୬-୩ ସେଟ୍‌ରେ କାମିଲା ଜର୍ଜି, ପାଉଲା ବଡୋସା ୬-୪, ୬-୧ ସେଟ୍‌ରେ ୟୁଲିଆ ପୁଟିନସେଭାଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଇଂଲଣ୍ଡ ସିରିଜ ବିଜୟୀ

**ଟନଟନ, ୧।୭:** ଭାରତ ବିପକ୍ଷ ଦ୍ୱିତୀୟ ମହିଳା ଦିନିକିଆ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ବିଜୟ ହାସଲ କରିଛି। ୧୫ଟି ବଲ ବାକି ରଖି ୫ ଉଇକେଟରେ ବିଜୟ ହାସଲ କରିବା ସହ ଇଂଲଣ୍ଡ ମହିଳା ଦଳ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇଛି। ୩୪ ରନ ବ୍ୟୟ କରି ମୂଲ୍ୟବାନ ୫ ଉଇକେଟ ହାସଲ କରିଥିବା ଇଂଲଣ୍ଡ ଦ୍ରୁତ ବୋଲର କେଟ୍ କ୍ରସ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୨୨୧ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ୪୭.୩ ଓଭରରେ ୫ ଉଇକେଟ ହରାଇ ୨୨୫ ରନକରି ବିଜୟୀ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର:** ଭାରତ ୫୦ ଓଭରରେ ୨୨୧ (ମିଥାଲି- ୫୯, ଶେଫାଳୀ- ୪୪, କେଟ୍ କ୍ରସ୍- ୫/୩୪, ଏକ୍ଲେଷ୍ଟୋନ- ୩/୩୩, ସ୍କିଭର- ୧/୨୭)। ଇଂଲଣ୍ଡ ୪୭.୩ ଓଭରରେ ୨୨୫/୫(ଡଙ୍କଲି- ୭୩*, ଲରେନ- ୪୨, ବ୍ରଣ୍ଟ- ୩୩*, ଜୋନ୍ସ- ୨୮, ପୁନମ୍- ୨/୬୩, ଝୁଲଣ- ୧/ ୩୯, ଶିଖା- ୧/୩୪, ସ୍ନେହ ରାଣା- ୧/୪୩)।

# କାଭେଣ୍ଡିସ୍ ଜିତିଲେ ଷ୍ଟେଜ୍-୬



**ପ୍ୟାରିସ, ୧।୭:** ବ୍ରିଟେନର ମାର୍କ କାଭେଣ୍ଡିସ୍ ଟୁର୍ ଡି' ଫ୍ରାନ୍ସର ସାଇକେଲ ରେସ୍‌ର ୬ଷ୍ଠ ଷ୍ଟେଜ୍ ଜିତିଛନ୍ତି। ଫଳରେ ବେଲଜିୟମର ଏଡି ମର୍କକ୍ସଙ୍କ ସର୍ବକାଳୀନ ରେକର୍ଡ ୩୪ଠାରୁ ସେ ଆଉ ମାତ୍ର ଦୁଇଟି ବିଜୟ ପଛରେ ରହିଛନ୍ତି। ଚେଟେରକ୍ସଠାରେ ସବୁବେଳେ ତାଙ୍କ ପ୍ରଦର୍ଶନ ଭଲ ରହିଛି। ଏହା ପୂର୍ବରୁ ସେ ଏହି ରୁଟ୍‌ରେ ୨୦୦୮ ଓ ୨୦୧୧ ପରେ ପୁଣି ୨୦୨୧ରେ ଷ୍ଟେଜ୍ ବିଜେତା ହୋଇପାରିଛନ୍ତି। ମାଥ୍ୟୁ ଭାନ୍ ଡର ପୋଏଲ୍ ୟେଲୋ ଜର୍ସି ବଜାୟ ରଖିଛନ୍ତି। ଟୁର୍ସଠାରୁ ଚେଟେରକ୍ସ ୧୬୦.୬ କିଲୋମିଟର ଦୂରତାକୁ ୩ ଘଣ୍ଟା ୧୭ ମିନିଟ୍ ଓ ୩୬ ସେକେଣ୍ଡରେ ଶେଷ କରିଥିଲେ। ତାଙ୍କ ପଛକୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଦୁଇ ରାଇଡର ଜସ୍ପର ଫିଲିପସେନ୍ ଓ ନାସେର ବେହାନୀ ରହିଥିଲେ। ଚତୁର୍ଥରୁ ୧୦ମ ସ୍ଥାନ ଯଥାକ୍ରମେ ଆର୍ନଡ ଡେମାରେ, ପିଟର ସାଗନ, ସେସ୍ ବୋଲ୍, ଟିମ୍ ମର୍ଲିଆର, ଆଉଟ୍ ଭାନ୍ ଆଏର୍ଟ, ମାଇକେଲ ମାଥ୍ୟୁସ୍ ଓ ମ୍ୟାଡ୍ସ ପେଡରସନ ରହିଥିଲେ। ଆୟର୍ଲାଣ୍ଡ ସ୍ପ୍ରିଣ୍ଟର ସାମ ବେନେଟ ଆଘାତପ୍ରାପ୍ତ ହେବାରୁ ଡେସିଉନିକ୍-କ୍ୱିକ୍‌ଷ୍ଟେପ୍ ଟିମ୍‌ରେ ଶେଷ ମୁହୂର୍ତ୍ତରେ କାଭେଣ୍ଡିସଙ୍କୁ ନିଆଯାଇଥିଲା। ଟିମ୍ ମ୍ୟାନେଜର ପ୍ୟାଟ୍ରିକ୍ ଲେଫିଭେର ତାଙ୍କ ଉପରେ ଯେଉଁ ଭରସା ରଖିଥିଲେ ତାହା ଯଥାର୍ଥ ବୋଲି ପ୍ରମାଣ କରି ଦେଖାଇଛନ୍ତି। ଦୀର୍ଘ ଦିନ ଧରି ଅସୁସ୍ଥ ରହିବା ପରେ ତାଙ୍କ କ୍ୟାରିୟର ପ୍ରତି ବିପଦ ଦେଖା ଦେଇଥିଲା। ମାତ୍ର ସେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିପାରିଛନ୍ତି।

# ମ୍ୟାଚ ଫିକ୍ସିଂ: ହାୟତ, ଅହମଦ ୮ ବର୍ଷ ବାସନ୍ଦ

**ଦୁବାଇ, ୧।୭ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଗୁରୁବାର ୟୁଏଇର ଦୁଇ ଖେଳାଳି ଅମିର ହାୟତ ଓ ଆସଫାକ୍ ଅହମଦଙ୍କୁ ୮ ବର୍ଷ ପାଇଁ ବାସନ୍ଦ କରିଛି। ୨୦୧୯ରେ ୟୁଏଇରେ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ କ୍ୱାଲିଫାୟର ଚାଲିଥିବାବେଳେ ଏହି ଦୁଇଜଣ ଜଣେ ଭାରତୀୟ ବୁକିଙ୍କଠାରୁ ଲାଞ୍ଚ ନେଇ ମ୍ୟାଚ ଫିକ୍ସିଂ କରିବାକୁ ଚେଷ୍ଟା କରିଥିଲେ। ଆଇସିସିର ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ପାକିସ୍ତାନରେ ଜନ୍ମିତ ଉଭୟ କ୍ରିକେଟରଙ୍କ ବିରୋଧରେ ପିଛିଲା ୨୦୨୦ ସେପ୍ଟେମ୍ବର ୧୩ରୁ ବାସନ୍ଦ ଦଣ୍ଡ ଲାଗୁ କରିଛି, ଯେଉଁଦିନ କି ସେମାନଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା। ହାୟତ ହେଉଛନ୍ତି ଜଣେ ମିଡିୟମ ପେସ୍ ବୋଲର ଏବଂ ଅହମ୍ମଦ ହେଉଛନ୍ତି ଜଣେ ବ୍ୟାଟ୍ସମ୍ୟାନ। ଦୁହେଁ ଭାରତୀୟ ବୁକିଙ୍କଠାରୁ ୧୫,୦୦୦ ଏଇଦି (ୟୁନାଇଟେଡ ଆରବ ଏମିରେଟ୍ସ ଦିରାମ, ହାରାହାରି ୪୦୮୩ ଆମେରିକୀୟ ଡଲାର) ଉତ୍କୋଚ ନେଇଥିଲେ। ଚାର୍ଜଶିଟ୍‌ରେ ବୁକିଙ୍କ ନାମ 'ମିଷ୍ଟର ୱାଇ' ଉଲ୍ଲେଖ କରାଯାଇଛି।

# ଦ୍ୱିତୀୟ ରାଉଣ୍ଡରେ ସାନିଆ-ବେଥାନି

**ଲଣ୍ଡନ, ୧।୭:** ଚଳିତ ୱିମ୍ବଲଡନ ଟୁର୍ନାମେଣ୍ଟରେ ଭାରତୀୟ ଅଭିଜ୍ଞ ମହିଳା ଟେନିସ ତାରକା ସାନିଆ ମିର୍ଜା ଓ ତାଙ୍କ ଆମେରିକୀୟ ପାର୍ଟନର ବେଥାନି ମାଟେକ- ସାଣ୍ଡ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ଡବଲ୍ସ ଇଭେଣ୍ଟର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଅଣସିଡ୍ ଏହି ଇଣ୍ଡୋ ଆମେରିକୀୟ ଯୋଡି ୭-୫, ୬-୩ ସେଟ୍‌ରେ ଷଷ୍ଠ ସିଡ୍ ଡେଜେର କ୍ରଜିକ ଓ ଚିଲିର ଆଲେକ୍ସା ଗୌରାଚିଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ବିଜୟୀ ହେବାକୁ ସାନିଆ ଓ ବେଥାନିଙ୍କୁ ଏକ ଘଣ୍ଟା ୨୭ ମିନିଟ ସମୟ ଆବଶ୍ୟକ ହୋଇଥିଲା।

ଅନ୍ୟତମ ଭାରତୀୟ ମହିଳା ଖେଳାଳି ଅଙ୍କିତା ରାଇନା ଓ ତାଙ୍କ ଆମେରିକା ପାର୍ଟନର ଲରେନ ଡେଭିସ୍ ପ୍ରଥମ ରାଉଣ୍ଡରେ ୧୪ତମ ସିଡ୍ ଯୋଡି ଆମେରିକାର ଏସିଆ ମହମ୍ମଦ ଓ ଜେସିକା ପେଗୁଲାଙ୍କୁ ଭେଟିବେ। ଅଙ୍କିତା ତୃତୀୟଥର ପାଇଁ କୌଣସି ମେଜର ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି।



ବେଥାନି ମାଟେକ- ସାଣ୍ଡ୍ସଙ୍କ ସହ ସାନିଆ ମିର୍ଜା।

# ବିଶ୍ୱ ରେକର୍ଡ ସହ ଝାଝାରିଆଙ୍କୁ ଟୋକିଓ ଟିକେଟ

**ନୂଆଦିଲ୍ଲୀ, ୧।୭ (ପି.ଟି.):** ଭାରତର ବିଶିଷ୍ଟ ପାରାଲିମ୍ପିଆନ ଜାଭେଲିନ ଥ୍ରୋୟର ଦେବେନ୍ଦ୍ର ଝାଝାରିଆ ପୁଣି ବିଶ୍ୱ ରେକର୍ଡ ପ୍ରତିଷ୍ଠା ସହ ଟୋକିଓ ଗେମ୍ସ ଯୋଗ୍ୟତା ପାଇଛନ୍ତି। ଏହି ୪୦ ବର୍ଷୀୟ ପାରାଆଥ୍‌ଲେଟ ପୂର୍ବରୁ ପାରାଲିମ୍ପିକ୍ସରେ ପୁରୁଷ ଏଫ୍-୪୬ କାଟେଗୋରିରେ ଦୁଇଟି ସ୍ୱର୍ଣ୍ଣ ଜିତିସାରିଛନ୍ତି। ବୁଧବାର ଏଠାରେ ଏକ ଜାତୀୟ ସିଲେକ୍ସନ ଟ୍ରାଏଲ୍‌ରେ ସେ ୬୫.୭୧ ମିଟର ଜାଭେଲିନ୍ ଫିଙ୍ଗି ନିଜ ଦ୍ୱାରା ପ୍ରତିଷ୍ଠା ବିଶ୍ୱ ରେକର୍ଡକୁ ଭଙ୍ଗ କରିବା ସହ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେ ୨୦୧୬ ରିଓ ଗେମ୍ସରେ ୬୩. ୯୭ ମିଟର ସହ ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ। ଟୋକିଓ ପାରାଲିମ୍ପିକ୍ସ ଅଗଷ୍ଟ ୨୪ରୁ ଆରମ୍ଭ ହେବ। ଝାଝାରିଆଙ୍କର ଏହା ହେବ ତୃତୀୟ ପାରାଲିମ୍ପିକ୍ସ। ସେ ୨୦୦୪ ଏଥେନ୍ସ ପାରାଲିମ୍ପିକ୍‌ରେ ୬୨.୧୫ ମିଟର ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିଲେ।

# ଜାବିରଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

କୋଚି, ୧।୭(ପି.ଟି.)

ଭାରତୀୟ ନେଭିର ତାରକା ଆଥଲେଟ୍ ଏମ୍.ପି. ଜାବିର ଟୋକିଓ ଅଲିମ୍ପିକ୍ସର ୪୦୦ ମିଟର ହର୍ଡଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପଟିଆଲାରେ ନିକଟରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ୪୯.୭୮ ସେକେଣ୍ଡ ସମୟ ନେବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ଅଲିମ୍ପିକ୍ସ ଯୋଗ୍ୟତା ଟାଇମିଂ ହୋଇ ନ ଥିଲେ ହେଁ ବିଶ୍ୱ ର୍‍ୟାଙ୍କିଙ୍ଗ୍ କୋଟାରେ ଜାବିରଙ୍କୁ ଟୋକିଓ ଟିକେଟ ମିଳିଛି। ଟାଇମିଂ ଅନୁସାରେ ଆଥଲେଟ୍‌ମାନେ ଯୋଗ୍ୟତା ଅର୍ଜନ କରିବାପରେ ଆହୁରି ୧୪ଟି ସ୍ଥାନ ଖାଲି ପଡ଼ିଥିଲା। ୨୫ ବର୍ଷୀୟ ନାଭାଲ ସେଲର କେରଳର ମାଲାପୁରମ ବାସିନ୍ଦା। ୱାର୍ଲ୍ଡ ଆଥଲେଟିକ୍ସ ରୋଡ୍ ଟୁ ଅଲିମ୍ପିକ୍ସ ର୍‍ୟାଙ୍କିଙ୍ଗ୍‌ରେ ସେ ୩୪ତମ ସ୍ଥାନରେ ରହିଛନ୍ତି। ମୋଟ ୪୦ ଆଥଲେଟ୍ ଅଲିମ୍ପିକ୍ସର ୪୦୦ ମିଟର ହର୍ଡଲ୍ସରେ ଭାଗନେବେ। ଭାରତର ପ୍ରଥମ ପୁରୁଷ ଆଥଲେଟ୍‌ଭାବେ ଜାବିର ଅଲିମ୍ପିକ୍ସର ୪୦୦ ମିଟର ହର୍ଡଲ୍ସରେ ଅଂଶଗ୍ରହଣ କରିବେ। କେରଳର କିମ୍ବଦନ୍ତୀ ଆଥଲେଟ୍ ପି.ଟି. ଉଷା ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ୪୦୦ ମିଟର ହର୍ଡଲ୍ସରେ ଭାଗ ନେଇଥିଲେ। ତେଣୁ କେରଳର ଦ୍ୱିତୀୟ ଆଥଲେଟ୍‌ଭାବେ ଏହି ଇଭେଣ୍ଟରେ ଜାବିର ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଜାବିର ଭାରତୀୟ ନେଭି ପକ୍ଷରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରି ସଫଳତା ପାଇଛନ୍ତି।

# ଦର୍ଶକ ଅନୁମତିକୁ ନେଇ ଅନିଶ୍ଚିତତା

**ଟୋକିଓ, ୧।୭ (ଏପି):** ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବାଲାଗି ଆଉ ମାତ୍ର ୩ ସପ୍ତାହ ବାକି ରହିଥିବା ବେଳେ ଭେନ୍ୟୁଗୁଡ଼ିକରେ ଦର୍ଶକଙ୍କୁ ଅନୁମତି ଦିଆଯିବା ନେଇ ଏପର୍ଯ୍ୟନ୍ତ ସୁଦ୍ଧା ଅନିଶ୍ଚିତତା ଜାରି ରହିଛି। ଟୋକିଓ ସହରରେ କରୋନା ସଂକ୍ରମଣ କ୍ରମାଗତ ବୃଦ୍ଧି ଏହାର ମୁଖ୍ୟ କାରଣ। କେବଳ ବୁଧବାର ୬୭୩ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଡେଲ୍‌ଟା ଭାରିଆଣ୍ଟ ଯୋଗୁ ସଂକ୍ରମଣ ଦ୍ରୁତବେଗରେ ବୃଦ୍ଧି ପାଉଛି। ବର୍ତ୍ତମାନର ପରିସ୍ଥିତି ଜଟିଳ ବୋଲି ଟୋକିଓ ମେଟ୍ରୋପଲିଟାନ ସରକାରଙ୍କ ଜଣେ ଡାକ୍ତରୀ ପରାମର୍ଶଦାତା ମିତ୍‌ସୁଓ କାକୁ କହିଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ୟୋଶିଦେ ସୁଗା କହିଛନ୍ତି, ଲୋକମାନଙ୍କ ନିରାପତ୍ତା ଓ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବିନା ଦର୍ଶକରେ ଗେମ୍ସ ଆୟୋଜନର ସମ୍ଭାବନା ସେ ଦେଖିପାରୁଛନ୍ତି। ଆସନ୍ତା ସପ୍ତାହରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସୁଗା ସୂଚନା ଦେଇଛନ୍ତି।

TOKYO 2020
ଆଉ ୨୨ ଦିନ



ଏମ୍.ପି. ଜାବିର

www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଜୁଲାଇ ୨/୨୦୨୧ Sambalpur, Friday, July 2/ 2021

# ଅଭିମନ୍ୟୁ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର

**ନୂଆଦିଲ୍ଲୀ, ୧୭**

ଭାରତୀୟ ବଂଶୋଦ୍ଭବ ଆମେରିକାର ଅଭିମନ୍ୟୁ ମିଶ୍ର ବିଶ୍ୱର ସର୍ବକନିଷ୍ଠ ଚେସ୍ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ହଙ୍ଗେରୀର ବୁଦାପେଷ୍ଟଠାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ତୃତୀୟ ଗ୍ରାଣ୍ଡମାଷ୍ଟର ନର୍ମ ପୂରଣ ସହ ସେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ନ୍ୟୁ ଜର୍ସିରେ ରହୁଥିବା ୧୨ ବର୍ଷୀୟ ଅଭିମନ୍ୟୁ ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଁ ଆବଶ୍ୟକ ୨୫୦୦ ୟେଲୋ ରେଟିଂ ମାଇଲଖୁଣ୍ଟ ମଧ୍ୟ ସ୍ପର୍ଶ କରି ସାରିଛନ୍ତି। ଏ କ୍ଷେତ୍ରରେ ଅଭିମନ୍ୟୁ ରୁଷିଆ ଗ୍ରାଣ୍ଡମାଷ୍ଟର ସର୍ଗି କାର୍ଜାକିନ୍ଙ୍କ ରେକର୍ଡ ଭାଙ୍ଗିଛନ୍ତି। ୨୦୧୬ ୱାର୍ଲ୍ଡ ଚାମ୍ପିୟନ ଚ୍ୟାଲେଞ୍ଜର କାର୍ଜାକିନ୍ ୨୦୦୨ ଅଗଷ୍ଟ ୧୨ରେ ୧୨ ବର୍ଷ ୭ ମାସର ହୋଇଥିବାବେଳେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରି ୧୯ ବର୍ଷ ଧରି ରେକର୍ଡର ଅଧିକାରୀ ଥିଲେ। ୨୦୦୯ ଫେବୃୟାରୀ ୫ରେ ଜନ୍ମିତ ଅଭିମନ୍ୟୁ ୧୨ ବର୍ଷ ୪ ମାସ ୨୫ ଦିନର ହୋଇଥିବାବେଳେ ବିଶ୍ୱର ଏହି ସର୍ବୋଚ୍ଚ ଚେସ୍ ଟାଇଟଲ ହାସଲ କରିଛନ୍ତି। ବୁଦାପେଷ୍ଟରେ ଗତ କିଛିମାସ ଧରି ରହିଥିବା ଅଭିମନ୍ୟୁ କ୍ରମାଗତ ଟୁର୍ନାମେଣ୍ଟମାନ ଖେଳି ଗ୍ରାଣ୍ଡମାଷ୍ଟର ହେବାରେ ରେକର୍ଡ କରିଛନ୍ତି।



ଅଭିମନ୍ୟୁ ମିଶ୍ର

ପାଖାପାଖି ୨୦ ବର୍ଷର ରେକର୍ଡ ଭାଙ୍ଗିଥିବାରୁ ସାମାନ୍ୟ ଦୁଃଖିତ ହୋଇଥିଲେ ହେଁ ଅଭିମନ୍ୟୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି କାର୍ଜାକିନ୍। ରେକର୍ଡ ଦିନେ ନା ଦିନେ ଭାଙ୍ଗିବ ବୋଲି ଜାଣିଥିଲି। ତେବେ ଶୀଘ୍ର ହେଉ କି ବିଳମ୍ବରେ କେହି ଜଣେ ଭାରତୀୟ ଏହି ରେକର୍ଡ ଭାଙ୍ଗିବ ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି କାର୍ଜାକିନ।

ଅଭିମନ୍ୟୁ ୧୩ ଥର ବିଶ୍ୱ ଚେସ୍ ଚାମ୍ପିୟନ ଗ୍ରାଣ୍ଡମାଷ୍ଟର ଗ୍ୟାରୀ କାସ୍ପାରୋଭଙ୍କଠାରୁ ଟ୍ରେନିଂ ନେଇଥିଲେ। ଚେସ୍ ଡଟ୍ କମ୍ ରିପୋର୍ଟ ଅନୁସାରେ ୨୦୧୯ ନଭେମ୍ବରରେ ୧୦ ବର୍ଷ ୯ ମାସ ୩ ଦିନର ହୋଇଥିବାବେଳେ ଅଭିମନ୍ୟୁ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ ହାସଲ କରିଥିଲେ। ଏହା ମଧ୍ୟ ଏକ ରେକର୍ଡ ଥିଲା। ଅଭିମନ୍ୟୁଙ୍କ କୋଚ୍ ଗ୍ରାଣ୍ଡମାଷ୍ଟର ଅରୁଣ ପ୍ରସାଦ ମଧ୍ୟ ନିଜ ପ୍ରିୟ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିବା ପଛରେ ତାଙ୍କ ବାପାଙ୍କ ଅବଦାନ କିଛି କମ୍ ନୁହେଁ। ସେ ଏଥିପାଇଁ ଅନେକ କିଛି ତ୍ୟାଗ କରିଛନ୍ତି। ବ୍ୟକ୍ତିଗତଭାବେ ଏହା ମୋ ପାଇଁ ସବୁଠାରୁ ବଡ଼ ସଫଳତା ବୋଲି ଅରୁଣ ପ୍ରସାଦ କହିଛନ୍ତି। ଚେସ୍ ଇତିହାସ ଦେଖିବାକୁ ଗଲେ କେବଳ ୫ ଜଣ ଖେଳାଳି ନିଜ ୧୩ତମ ଜନ୍ମଦିନ ପାଳିବା ପୂର୍ବରୁ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଗ୍ରାଣ୍ଡମାଷ୍ଟର ଗୁକେଶ ଡି. ମଧ୍ୟ କାର୍ଜାକିନ୍ଙ୍କ ରେକର୍ଡ ଭାଙ୍ଗିବାର ନିକଟତର ହୋଇଥିଲେ। ସେ ୧୨ ବର୍ଷ ୭ ମାସ ୧୭ ଦିନର ହୋଇଥିବାବେଳେ ଏହି ସଫଳତା ପାଇଥିଲେ। ଯାହାକି କାର୍ଜାକିନଙ୍କ ରେକର୍ଡଠାରୁ ସେ ୧୭ ଦିନ ଅଧିକ ସମୟ ନେଇଥିଲେ।

### ବିଶ୍ୱର ୧୦ ସର୍ବକନିଷ୍ଠ ଚେସ୍ ଗ୍ରାଣ୍ଡମାଷ୍ଟର


| ଖେଳାଳି | ଦେଶ | ବୟସ |
|---|---|---|
| ଅଭିମନ୍ୟୁ ମିଶ୍ର | ଆମେରିକା | ୧୨ ବର୍ଷ ୪ ମାସ ୨୫ ଦିନ |
| ସର୍ଗି କାର୍ଜାକିନ୍ | ରୁଷିଆ | ୧୨ ବର୍ଷ ୭ ମାସ |
| ଗୁକେଶ ଡୋମାରାଜୁ | ଭାରତ | ୧୨ ବର୍ଷ ୭ ମାସ ୧୭ ଦିନ |
| ଜାଭୋଖିର ସିଣ୍ଡାରୋଭ | ଉଜ୍‌ବେକିସ୍ତାନ | ୧୨ ବର୍ଷ ୧୦ ମାସ ୫ ଦିନ |
| ପ୍ରଜ୍ଞାନନ୍ଦ ରମେଶବାବୁ | ଭାରତ | ୧୨ ବର୍ଷ ୧୦ ମାସ ୧୩ ଦିନ |
| ନୋଦିର୍ବେକ ଅବଦୁସାଟୋରୋଭ | ଉଜ୍‌ବେକିସ୍ତାନ | ୧୩ ବର୍ଷ ୧ ମାସ ୧୧ ଦିନ |
| ପରିମାର୍ଜନ ନେଗି | ଭାରତ | ୧୩ ବର୍ଷ ୪ ମାସ ୨୨ ଦିନ |
| ମ୍ୟାଗ୍ନସ କାର୍ଲସେନ | ନରୱେ | ୧୩ ବର୍ଷ ୪ ମାସ ୨୭ ଦିନ |
| ୱେଇ ୟି | ଚାଇନା | ୧୩ ବର୍ଷ ୮ ମାସ ୨୩ ଦିନ |
| ରୌନକ ସାଧୱାନି | ଭାରତ | ୧୩ ବର୍ଷ ୯ ମାସ ୨୮ ଦିନ |

# ଅର୍ଜୁନ ପାଇଁ ପଦ୍ମିନୀଙ୍କ ନାମ ସୁପାରିସ


ପଦ୍ମିନୀ ରାଉତ

**ଚେନ୍ନାଇ, ୧୭(ପି.ଟି.)**

ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ସମ୍ମାନଜନକ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ବର୍ତ୍ତମାନ ବିଶ୍ୱ ରାପିଡ୍ ଚେସ୍ ଚାମ୍ପିୟନ କୋନେରୁ ହମ୍ପିଙ୍କ ନାମ ସୁପାରିସ କରିଥିବାବେଳେ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ପଦ୍ମିନୀ ରାଉତଙ୍କ ସମେତ ଅନ୍ୟ ୬ଜଣଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରିଛି। ୩୪ ବର୍ଷୀୟା ହମ୍ପି ବର୍ତ୍ତମାନ ବିଶ୍ୱର ୩ ନମ୍ବର ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି। ସେ ଆସନ୍ତା ବର୍ଷ ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୨୦ ଅନ୍‌ଲାଇନ୍ ଚେସ୍ ଅଲିମ୍ପିଆଡ୍ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟା ଥିଲେ। ହମ୍ପି ପୂର୍ବରୁ ଅର୍ଜୁନ ପୁରସ୍କାର ଓ ପଦ୍ମଶ୍ରୀ ଜିତିସାରିଛନ୍ତି। ଅର୍ଜୁନ ପୁରସ୍କାର ପାଇଁ ପଦ୍ମିନୀଙ୍କ ବ୍ୟତୀତ ସୁପାରିସ ହୋଇଥିବା ଅନ୍ୟ ଖେଳାଳିମାନେ ହେଲେ ଭିଦିତ୍ ଗୁଜରାଠୀ, ବି. ଅଧିବନ, ଏସ୍.ପି. ସେଥୁରମଣ, ଏମ୍.ଆର୍. ଲଳିତବାବୁ ଓ ଭକ୍ତି କୁଲକର୍ନୀ। ଗତବର୍ଷ ଅନ୍‌ଲାଇନ୍ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ଦଳର ଅଧିନାୟକତ୍ୱ କରିଥିଲେ ଗୁଜରାଠୀ। ଏହାଛଡ଼ା ବିଶିଷ୍ଟ କୋଚ୍ ଅଭିଜିତ୍ କୁନ୍ତେଙ୍କ ନାମ ମେଜର ଧ୍ୟାନଚାନ୍ଦ ପୁରସ୍କାର ପାଇଁ ସୁପାରିସ ହୋଇଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

## ଆଦର୍ଶ ବିଦ୍ୟାଳୟରେ ବନମହୋତ୍ସବ ପାଳିତ

ମଦନପୁର,(ଡି.ଏନ.ଏ.): କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଆଦର୍ଶ ବିଦ୍ୟାଳୟଠାରେ ୭୨ତମ ବନମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ମ.ରାମପୁର ବନାଞ୍ଚଳ ଅଧିକାରୀ ଅସିତ୍ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ରାଜେଶ ଧଙ୍ଗଡାମାଝି ଯୋଗଦେଇଥିଲେ। ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତୁଷାରକାନ୍ତ ମହାପାତ୍ର ବୃକ୍ଷ ହିଁ ଜୀବନ ଓ ଆମେ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇବା ଉଚିତ୍ ବୋଲି କହିଥିଲେ। ବନାଞ୍ଚଳ ଅଧିକାରୀ ଦାଶ ବୃକ୍ଷର ଆବଶ୍ୟକତା ବିଷୟରେ ଶିକ୍ଷକବୃନ୍ଦ ତଥା ମଦନପୁର ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଫରେଷ୍ଟର ଲବ ପଣ୍ଡା, ବନରକ୍ଷୀ ସନ୍ତୋଷ ଦଳପତି, ପ୍ରଦୀପ କୁମାର ସାହୁ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଶବଦାହ କେନ୍ଦ୍ର ନିର୍ମାଣ ନେଇ ଆଲୋଚନା

କେସିଙ୍ଗା, ୧।୭ (ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସିକୁ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଗୁରୁବାର ଗସ୍ତ କରିଥିଲେ। ଅପରାହ୍ନରେ ଶକ୍ତିମନ୍ତ୍ରୀ ଏନ୍ଏସି ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କ ସହିତ ଆଲୋଚନା କରିଥିଲେ। କେସିଙ୍ଗାର ବଦାନ୍ୟ ବ୍ୟକ୍ତି ଆସନ୍ତା ୧୦ ଦିନ ମଧ୍ୟରେ ମାଗଣାରେ ଜମି ଦାନକଲେ ଶବଦାହ କେନ୍ଦ୍ର ସ୍ଥାନାନ୍ତରିତ କରାଯିବ, ନଚେତ ଷ୍ଟାଡିୟମ ପାର୍ଶ୍ୱରେ ହିଁ ନିର୍ମାଣ ହେବ ବୋଲି ଆଲୋଚନା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ଏନ୍ଏସିର ସଦଭାବନା ସଭାଗୃହ ଚାଲିଥିବା ମହିଳା ଗୋଷ୍ଠୀଙ୍କ ତାଲିମକେନ୍ଦ୍ର ପରିଦର୍ଶନ କରିଥିଲେ। କେସିଙ୍ଗା ଷ୍ଟାଡିୟମ ପଶ୍ଚିମ ଦିଗରେ ଶବଦାହ କେନ୍ଦ୍ରକୁ ନେଇ ଗତ କିଛିଦିନ ବିରୋଧ ହୋଇଥିଲା।

### ଚାଷୀ ସମସ୍ୟା ନେଇ ରାସ୍ତାରୋକୋ

ବାଉଁଶୁଣୀ/ମନମୁଣ୍ଡା, ୧।୭(ଡି.ଏନ.ଏ.): ରବି ଧାନର ଅଭାବୀ ବିକ୍ରିକୁ ନେଇ ଗୁରୁବାର ଭାଜପା ପକ୍ଷରୁ ମନମୁଣ୍ଡାଠାରେ ଦୁଇ ଘଣ୍ଟା ଧରି ରାସ୍ତାରୋକୋ କରାଯାଇଥିଲା। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ବୌଦ୍ଧ ଜିଲାରେ ଚଳିତ ରବି ଧାନ ବିକ୍ରି ପାଇଁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ମଣ୍ଡଗୁଡିକରେ ଧାନ ପଡି କେଉଁ ଚାଷୀର ଧାନ ଗଜା ହୋଇଗଲାଣି ତ କାହାର ଟୋକନ ରଦ୍ଦ ହୋଇଗଲାଣି। ଜିଲା ପ୍ରଶାସନ ରବି ଧାନ କ୍ରୟ ପାଇଁ କୌଣସି ସୁବନ୍ଦୋବସ୍ତ କରି ନ ଥିବା ହେତୁ ଚାଷୀ ଅଭାବି ବିକ୍ରିର ସମ୍ମୁଖୀନ ହେଉଛି। ଏହାର ପ୍ରତିବାଦରେ ମନମୁଣ୍ଡା ଛକରେ ରାସ୍ତା ଅବରୋଧ ଯୋଗୁ ୫୭ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। ଜିଲା ସଭାପତି ବିପ୍ରଚରଣ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ, ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ସତ୍ୟାନନ୍ଦ ପାଣ୍ଡେ, କୃଷକ ମୋର୍ଚ୍ଚା ସଭାପତି ରବୀନ୍ଦ୍ର କୁମାର ଦେଓ, ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ଅନୀଲ ପ୍ରଧାନ ଉପସ୍ଥିତ ଥିଲେ। ଶୁକ୍ରବାର ବୌଦ୍ଧଠାରେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଜିଲା ଭାଜପା ସଭାପତି କହିଛନ୍ତି।

### କୃଷକ ସଙ୍ଗଠନର ନୂତନ କର୍ମକର୍ତ୍ତା

ଅତାବିରା,୧।୭ (ଡି.ଏନ.ଏ): ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖାର ନୂତନ କର୍ମକର୍ତ୍ତା ମନୋନିତ କରାଯାଇଛି। ଏହି ଅବସରରେ ବରାହଗୋଡାରେ ପୂର୍ବତନ ସଭାପତି ହାରାଧନ ପ୍ରଧାନଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଷଡାନନ ଭୋଇ ସଭାପତି, ଲୋକେଶ୍ୱର ପ୍ରଧାନ ସମ୍ପାଦକ, ଦୈତାରୀ ଭୋଇ କୋଷାଧକ୍ଷ, ସନାତନ ପ୍ରଧାନ ଉପସଭାପତି, ହୃଷିକେଶ ପ୍ରଧାନ ସହ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଦୀପକ ପ୍ରଧାନ, ଶ୍ରୀମନ୍ତ ବାରିକ କାର୍ଯ୍ୟକାରୀ କମିଟି ସଦସ୍ୟ ଥିବାବେଳେ ଗୌରଚନ୍ଦ୍ର ଖମାରୀ, ବୃଷଭାନୁ ସାହୁ, ଭିଖାରୀ ଚରଣ ବାରିକ, ବସନ୍ତ ବାରିକ, ନାରାୟଣ ସାହୁଙ୍କୁ ଉପଦେଷ୍ଟା ଅଛନ୍ତି।

### ଜାତୀୟ ଡାକ୍ତର ଦିବସ ପାଳିତ

ଜାମଟିକ୍ରା,୧।୭ (ଡି.ଏନ.ଏ): ଅତାବିରା ଜେସିଆଇ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରବିନାରାୟଣ ମିଶ୍ରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନୀତ କରାଯାଇଥିଲା। ସଞ୍ଜୀବ ପରିଜା, ସାମାଜିକ କର୍ମୀ ରମେଶ ଅଗ୍ରୱାଲ, ଡା. ଲିଜା ବିଶି, ସୁଧାଂଶୁ ପଧାନ, ରାଜେନ୍ଦ୍ର ମେହେର, ହୀରାଲାଲ ମେହେର ଉପସ୍ଥିତ ଥିଲେ। ଜେସିଆଇର ସଭାପତି ଅମୃତ କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଡା. ରବିନାରାୟଣ ମିଶ୍ର ଏକ ନିମ୍ବ ଚାରାରୋପଣ କରିଥିଲେ।

### ଗଞ୍ଜେଇ ଚୋରା ଚାଲାଣ, ଜଣେ ଗିରଫ

ସୋନପୁର,୧।୭(ନି.ପ୍ର.): ସୋନପୁର ଟାଉନ ପୋଲିସ ତେଲନଦୀ ବ୍ରିଜ୍ ନିକଟରେ ଚଢାଉ କରି ସାଢେ ୭କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ବୌଦ୍ଧ ଜିଲା କମିରା ଗ୍ରାମର ହିତେଶ ଦାସ(୨୭)ଙ୍କୁ ଗିରଫ କରାଯାଇଛି। ହିତେଶ ବୌଦ୍ଧ ଜିଲା ଶଗଡା ଅଞ୍ଚଳରୁ ଗଞ୍ଜେଇ କିଣି ଏକ ନମ୍ବର ବିହୀନ ସ୍କୁଟିରେ ସୁବର୍ଣ୍ଣପୁର ଜିଲା କୁତମେଣ୍ଡାକୁ ବିକ୍ରି କରିବା ଉଦ୍ଦେଶ୍ୟରେ ଯାଉଥିଲେ।

# ତୁଟିନି ସମସ୍ୟା, ଚାଲିଛି ଆନ୍ଦୋଳନ

ବରଗଡ଼ ଅଫିସ୍/ ସରଣ୍ଡା/ଅତାବିରା,୧।୭

ବରଗଡ଼ ଜିଲା ଅତାବିରାରେ ବୁଧବାରଠାରୁ ଚାଲିଥିବା ଆନ୍ଦୋଳନକୁ ସମର୍ଥନ ବଢ଼ିବାରେ ଲାଗିଛି। ଗୁରୁବାର ଚାଷୀଙ୍କ ଧାରଣାରେ ଅତାବିରା ଓକିଲ ସଂଘ ସଭାପତି ଉନ୍ନିକ୍ରିଷ୍ଣନ ନାୟାର, ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ମିଳନ ସେଠ, ବଜରଙ୍ଗ ଦଳର ଜିଲା ସହ ସଂଯୋଜକ ପରମେଶ୍ୱର ପଟେଲ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ସେହିପରି ଧାନ ଉଠାଣ ଦାବିରେ ଜିଲା କିଷାନ କ୍ଷେତ ମଜଦୁର କଂଗ୍ରେସ ପକ୍ଷରୁ ଜିଲା ଯୋଗାଣ କାର୍ଯ୍ୟାଳୟ ଆଗରେ ଦିନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ଜିଲା କିଷାନ କ୍ଷେତ ମଜଦୁର କଂଗ୍ରେସର ସଭାପତି ଦୟାସାଗର ମେଣ୍ଡଲିଙ୍କ ନେତୃତ୍ୱରେ ହୋଇଥିବା ଧାରଣାରେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ନିପନ ଦାଶ, ଯୁଗଳ ପ୍ରସାଦ ସିଂ, ସରୋଜ ମହାପାତ୍ର, ବରଗଡ଼ ବ୍ଲକ କଂଗ୍ରେସ ସଭାପତି ଅନନ୍ତ ତାଣ୍ଡି, ଭେଡ଼େନ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡା, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତି ପ୍ରମୁଖ ସାମିଲ ଥିଲେ। ଅନୁରୂପ ଭାବେ ଭାଜପା ପକ୍ଷରୁ ବିକାଶ ହସ୍ପିଟାଲ ଛକରେ ଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରି ଧାନ ଉଠାଣ ଦାବି କରାଯାଇଥିଲା। ଏଥିରେ ଦଳର ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ, ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଜିଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀକାନ୍ତ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।



ଜିଲା ଯୋଗାଣ କାର୍ଯ୍ୟାଳୟ ଆଗରେ କଂଗ୍ରେସର ଧାରଣା।

## ଧାନ ସଂଗ୍ରହ, ଶିକ୍ଷାକୁ ପ୍ରାଥମିକତା

ବରଗଡ଼ ଅଫିସ୍,୧।୭



ମୋନିଷା ବାନାର୍ଜୀ, ଜିଲାପାଳ।

ବରଗଡ଼ ଜିଲାରେ ଧାନ ସଂଗ୍ରହ ଏକ ପ୍ରମୁଖ ପ୍ରସଙ୍ଗ ଭାବେ ରହି ଆସିଛି। ଫଳରେ ସମସ୍ତଙ୍କ ସହଯୋଗରେ ଚାଷୀଭାଇମାନେ କିଭଳି ସହଜରେ ଧାନ ବିକି ପାରିବେ ତାକୁ ପ୍ରାଥମିକତା ଦିଆଯିବ। ବରଗଡ଼ର ନୂତନ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମୋନିଷା ବାନାର୍ଜୀ ଏହା କହିଛନ୍ତି। ଏକ କୃଷି ପ୍ରାଧାନ୍ୟ ଜିଲା ହୋଇଥିବାରୁ ଏହାକୁ ମଧ୍ୟ ଗୁରୁତ୍ୱ ଦିଆଯିବ ଏବଂ ଅଣଧାନ ଚାଷ ପ୍ରାଥମିକତାରେ ରହିଛି ବୋଲି ଜିଲାପାଳ କହିଛନ୍ତି। ଜିଲାପାଳ ବାନାର୍ଜୀ ଆହୁରି କହିଥିଲେ, କୋଭିଡ୍-୧୯ର ତୃତୀୟ ଲହର ଆଶଙ୍କା ରହିଛି। ଏଥିପ୍ରତି ଜଗି ରହି ପଦକ୍ଷେପ ନିଆଯିବ। ଶିକ୍ଷାକ୍ଷେତ୍ରକୁ ପ୍ରାଥମିକତା ଦିଆଯିବ ଏବଂ ଏଥିରେ ୫-ଟିକୁ ଗୁରୁତ୍ୱ ଦିଆଯିବ। ଲୋକଙ୍କ ନିକଟରେ ସମସ୍ତ ସରକାରୀ ଯୋଜନା ପହଞ୍ଚାଇବା, ସରକାରୀ ସେବା ପାଇବାରୁ ଲୋକେ ଯେଭଳି ହଇରାଣ ହରକତ ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ବାନାର୍ଜୀ କହିଥିଲେ।

## ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲା କିଷାନ କଂଗ୍ରେସ



କିଷାନ କଂଗ୍ରେସ ପକ୍ଷରୁ ବଲାଙ୍ଗୀର ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ବଲାଙ୍ଗୀର ଅଫିସ, ୧।୭

ରାଜ୍ୟ ସରକାର ଜୁନ ୩୦ ସୁଦ୍ଧା ଚାଷୀଙ୍କ ସମସ୍ତ ଧାନକିଣି ନେବା ପ୍ରତିଶ୍ରୁତି ଫେଲ ମାରିଛି। ଏହାର ପ୍ରତିବାଦ କରି କିଷାନ କଂଗ୍ରେସ ପକ୍ଷରୁ ୫ଦଫା ଦାବି ନେଇ ଗୁରୁବାର ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। କିଷାନ କଂଗ୍ରେସ ଚାଷୀଙ୍କ ସମସ୍ୟାକୁ ଜିଲା ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିବା ସହ ଜୁନ ୨୮ ସୁଦ୍ଧା ଧାନ କିଣା ନହେଲେ ୨୯ରେ ଆନ୍ଦୋଳନର ଚେତାବନୀ ଦେଇଥିଲା। କିନ୍ତୁ ୨୮ ତାରିଖରେ ଜିଲା ଯୋଗାଣ ଅଧିକାରୀ ସମସ୍ତ ବକେୟା ଧାନ କିଣିବା ପାଇଁ କିଷାନ କଂଗ୍ରେସକୁ ଦୁଇଦିନର ମହଲତ ମାଗିଥିଲେ। କିଷାନ କଂଗ୍ରେସ ଅନୁରୋଧ ମୁତାବକ ଦୁଇ ଦିନ ପାଇଁ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ଧାନ କିଣା ନହେଲେ ପୁଣି ଆନ୍ଦୋଳନର ଧମକ ଦେଇଥିଲା। ଆଜି ସୁଦ୍ଧା ଅନେକ ଚାଷୀଙ୍କ ଧାନ କିଣା ବାକି ରହିଥିବାବେଳେ ଧାନ କିଣାକୁ ନେଇ ଉଭୟ ସରକାର ଓ ବିଭାଗୀୟ ପ୍ରତିଶ୍ରୁତି ଫେଲ ମାରିଥିବାରୁ କିଷାନ କଂଗ୍ରେସ ବାଧହୋଇ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲା। କିଷାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଚାଷୀ ନେତା ଝସକେତନ ମିଶ୍ର, ସରୋଜ ରଥ, ପପୁ ପାତ୍ର, ଲଳିତ ପଟେଲ, ଗୋପବନ୍ଧୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ବିସ୍ଥାପିତଙ୍କ ଦାବି ସମାଧାନ ଦିଗରେ ଗୁରୁତ୍ୱ ଦିଅ

ବଲାଙ୍ଗୀର ଅଫିସ, ୧।୭



ବିଧାୟକ ନରସିଂହ ମିଶ୍ର ଲୋୟର ସୁକ୍ତେଲ ପ୍ରକଳ୍ପ ଉପରେ ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

- ଲୋୟର ସୁକତେଲ ପ୍ରକଳ୍ପକୁ ନେଇ ବିଧାୟକଙ୍କ ସମୀକ୍ଷା ବୈଠକ
- ବୈଠକରେ ଯୋଗଦେଲେ ଜିଲାପାଳ, ପ୍ରକଳ୍ପ ଅଧିକାରୀ

ଲୋୟର ସୁକତେଲ ଜଳସେଚନପ୍ରକଳ୍ପର ଅଗ୍ରଗତି, ବିସ୍ଥାପନ, କ୍ଷତିପୂରଣକୁ ନେଇ ବଲାଙ୍ଗୀର ସର୍କିଟ ହାଉସଠାରେ ବିଧାୟକ ନରସିଂହ ମିଶ୍ର ଜିଲାପାଳ ଚଞ୍ଚଳ ରାଣା, ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ନିରଞ୍ଜନ ରାଉତ୍, ପ୍ରକଳ୍ପ ଥଇଥାନ ଓ ପୁନର୍ବାସ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ର, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣଙ୍କ ସହ ଆଲୋଚନା କରିଥଲେ। ଗୁରୁବାର ଅନୁଷ୍ଠିତ ବୈଠକରେ ପ୍ରକଳ୍ପ ଅଞ୍ଚଳର ଲୋକେ ଯେପରି ଠିକ୍ ହିସାବରେ କ୍ଷତିପୂରଣ ପାଇ ଶାନ୍ତିପୂର୍ଣ୍ଣ ଭାବେ ବିସ୍ଥାପିତ ହୋଇପାରିବେ ସେ ଉପରେ ଆଲୋଚନା ହୋଇଥିଲା। ବିସ୍ଥାପନ ପୂର୍ବରୁ ପ୍ରକଳ୍ପ ପ୍ରଭାବିତଙ୍କ ଯାହାସବୁ ଆପତ୍ତି ଅଭିଯୋଗ ରହିଥିଲା ତାକୁ ଗୁରୁତର ସହ ସମାଧାନ କରିବାକୁ ହେବ। ବିସ୍ଥାପନ ପୂର୍ବରୁ ସବୁ ଅଭିଯୋଗଗୁଡିକର ସଠିକ୍ ଶୁଣାଣି କରି ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ପ୍ରଦାନ କରିବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ବିସ୍ଥାପନ ଏକ ସମ୍ବେଦନଶୀଳ ପ୍ରକଳ୍ପ ହୋଇଥିବାରୁ ପ୍ରକଳ୍ପ ଅଗ୍ରଗତି ସମ୍ବନ୍ଧୀୟ କାର୍ଯ୍ୟକ୍ରମଗୁଡିକର ଠିକ୍ ସୂଚନା ତାଙ୍କୁ ପ୍ରକଳ୍ପ ଅଧିକାରୀମାନେ ପ୍ରଦାନ କରିବାକୁ ସେ କହିଥିଲେ। ପ୍ରକଳ୍ପକୁ ନେଇ ପୂର୍ବ ବୈଠକରେ ଯାହାସବୁ ନିଷ୍ପତ୍ତି ନିଆଯାଇଥିଲା ସେସବୁ ଉପରେ ଅଧିକାରୀମାନେ ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ ବୋଲି ବିଧାୟକ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଏଥିସହ ଖୁଣ୍ଟପାଲି, ବଡତେଲେନପାଲି ଏବଂ ଆଖପାଖ ଅଞ୍ଚଳରୁ ଆସୁଥିବା ଅଭିଯୋଗଗୁଡିକୁ ସହୃଦୟତାର ସହ ଶୁଣି ତାର ସମାଧାନ କରିବାକୁ କହିଥିଲେ। ପ୍ରକଳ୍ପ ସମ୍ବନ୍ଧୀୟ ଅଗ୍ରଗତି ସମ୍ପର୍କରେ ବିଧାୟକ ମିଶ୍ରଙ୍କୁ ତୁରନ୍ତ ସୂଚନା ଦେବାକୁ ଜିଲାପାଳ ରାଣା ପ୍ରକଳ୍ପ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବଲାଙ୍ଗୀର ପୌରାଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଏବଂ ପୌରଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ସହରର ପରିମଳ ବ୍ୟବସ୍ଥା ଶୀଘ୍ର ସୁଧାର ଆଣିବାକୁ ବିଧାୟକ ମିଶ୍ର ପୌର ଅଧିକାରୀ ଦୀପକୁ ନିର୍ଦ୍ଦେଶ ଦେଇଥିଲେ।

## ଲୋୟର ସୁକ୍ତେଲ ପ୍ରକଳ୍ପ ଉପରେ ଆକ୍ସନ କମିଟିର ବୈଠକ

ବଲାଙ୍ଗୀର ଅଫିସ, ୧।୭

ବଲାଙ୍ଗୀର ଆକ୍ସନ କମିଟି କାର୍ଯ୍ୟାଳୟରେ ବୁଧବାର ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଲୋୟର ସୁକ୍ତେଲ ଜଳସେଚନ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରକଳ୍ପର ଅଗ୍ରଗତି ଏବଂ ବିସ୍ଥାପିତ ଲୋକେ କିପରି ଉଚିତ୍ କ୍ଷତିପୂରଣ ପାଇ ସମ୍ମାନର ସହ ବିସ୍ଥାପିତ ହେବେ ଏବଂ ଠିକ୍ ଭାବେ ଥଇଥାନ ହୋଇପାରିବେ ତାକୁ ଅଗ୍ରାଧିକାର ଦେବା ପାଇଁ ପ୍ରଶାସନ ଓ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା। ବୈଠକରେ ପ୍ରକଳ୍ପ ନିର୍ମାଣ ଦିଗରେ ସହଯୋଗ କରିଥିବାରୁ ଏମପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ନରସିଂହ ମିଶ୍ର, ଡ ମୁକେଶ ମହାଲିଙ୍ଗ ଓ ସନ୍ତୋଷ ସିଂ ସାଲୁଜାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ବୈଠକରେ ଉପସଭାପତି ମୁନା ପଟ୍ଟନାୟକ, ଗିରିଶ ସିଂଦେଓ, ମଗନଲାଲ ଅଗ୍ରୱାଲ, ବିକ୍ରମାନନ୍ଦ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀ ମାରଣ ନୀତି ବିରୋଧରେ ଧାରଣା

ସୋନପୁର,୧।୭(ନି.ପ୍ର.)

ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ଓ କିଷାନ କଂଗ୍ରେସ ପକ୍ଷରୁ ଗୁରୁବାର ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସମସ୍ତ ପଞ୍ଜିକୃତ ଚାଷୀଙ୍କଠାରୁ ବଳକା ଧାନ କିଣିବା, ଲାପ୍ସ ଟୋକନ ପୁନଃ କାର୍ଯ୍ୟକ୍ଷମ କରିବା, ରାଜ୍ୟ ସରକାର ପ୍ରତି ଧାନ କୁଇଣ୍ଟାଲରେ ଚାଷୀଙ୍କୁ ୫୦୦ଟଙ୍କା ବୋନସ ଦେବା ଆଦି ଦାବିରେ ଏହି ଆନ୍ଦୋଳନ ହୋଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡା, ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, କିଷାନ କଂଗ୍ରେସ ସଭାପତି ନରେନ୍ଦ୍ର ପଣ୍ଡା, ଜିଲା ଯୁବ କଂଗ୍ରେସ କମିଟି ସଭାପତି ପ୍ରିୟବ୍ରତ ସାହୁ, ଶେଷଦେବ ମେହେର, ସୂର୍ଯ୍ୟକାନ୍ତି ବାଗ ଓ ରାଜେନ୍ଦ୍ର ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

## ଧାନକିଣା ବନ୍ଦ, ପ୍ରତିବାଦରେ ରାସ୍ତାରୋକୋ



୨୬ ନଂ ଜାତୀୟ ରାଜପଥର ରୁଗୁଡିଖାଲଠାରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସୋନପୁର/ଅମରପାଲି/ ଲୋଇସିଂହା,୧।୭(ନି.ପ୍ର./ଡି.ଏନ.ଏ.)

ଚାଷୀ ରବିଋତୁ ଧାନ ବିକ୍ରି ପାରି ନଥିବା ବେଳେ ରାଜ୍ୟ ସରକାର ଜୁନ୍ ୩୦ରୁ ଧାନକିଣା ବନ୍ଦ କରିଛନ୍ତି। ସୁବର୍ଣ୍ଣପୁର ଜିଲା ଭାଜପା ପକ୍ଷରୁ ଡୁଙ୍ଗୁରିପାଲି ବ୍ଲକ ଚେରୁପାଲିଠାରେ ଗୁରୁବାର ରାସ୍ତାରୋକୋ କରାଯାଇଥିଲା। ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ, ଅଶୋକ ପୂଜାରୀ, ରୁଦ୍ର ମହଲା, କୃଷକ ମୋର୍ଚ୍ଚା ଜିଲା ସଭାପତି ଶିବରାଜ ବେହେରା ଆନ୍ଦୋଳନରେ ସାମିଲ ହୋଇଥିଲେ। ବୀରମହାରାଜପୁର ରାସ୍ତାକୁ ଯୁଜିବି ନିକଟରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀଙ୍କ ନେତୃତ୍ୱରେ ଆୟୋଜିତ ରାସ୍ତାରୋକୋରେ କିଶୋର ହୋତା, ବ୍ଲକ ଅଧକ୍ଷ ସନ୍ତୋଷ କୁମାର ଭୋଇ, ନଳିନୀ ପଣ୍ଡା, ରୋହିଣି ଡାଙ୍ଗ, ମଣ୍ଡଳ ସଭାପତି ହରିହର ପାତ୍ର, ଆଦିତ୍ୟ ପୁରୋହିତ ଯୋଗଦେଇଥିଲେ। ଲୋଇସିଂହା ଥାନା ରୁଗୁଡିଖାଲଠାରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ବିଧାୟକ ମୁକେଶ ମହାଲିଙ୍ଗ, ଜିଲା ସଭାପତି ଶିବାଜୀ ମହାନ୍ତି, ଲକ୍ଷ୍ମଣ ବାଗ, ମାଧାବ ସାଏ, ସଭାପତି ଉମେଶ ପଟେଲ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତିର ସମାଲୋଚନା କରିଥିଲେ।

## ‘ଚାଷୀଙ୍କ ସମସ୍ୟାର ସମାଧାନକୁ ଗୁରୁତ୍ୱ’

ସୋନପୁର,୧।୭(ନି.ପ୍ର.)



ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେ।

ସୁବର୍ଣ୍ଣପୁରର ୩୦ତମ ଜିଲାପାଳଭାବେ ଅବୋଲି ସୁନିଲ ନରଓ୍ୱଣେ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନରଓ୍ୱଣେ ଏହା ପୂର୍ବରୁ ରାଉରକେଲାର ଅତିରିକ୍ତ ଜିଲାପାଳଭାବେ କାର୍ଯ୍ୟ କରୁଥିଲେ। ଅନୌପଚାରିକ ଆଲୋଚନା ସମୟରେ ପ୍ରଥମ ଥର ଜିଲାପାଳ ଦାୟିତ୍ୱ ଗ୍ରହଣ କରିଥିବା ନରଓ୍ୱଣେ କହିଥିଲେ ସୁବର୍ଣ୍ଣପୁର ଏକ କୃଷି ପ୍ରଧାନ ଜିଲା। ଖରିଫ ଓ ରବିରେ ଅଧିକ ଧାନ ଉତ୍ପାଦନ ହୋଇଥାଏ। ତେଣୁ ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ଏଥିସହ ଗରିବ, ନିଷ୍ପେସିତ ଲୋକମାନେ କିଭଳି ସରକାରଙ୍କ ଜନହିତକର ଯୋଜନାଗୁଡିକର ଲାଭ ପାଇବେ ତାହା ସୁନିଶ୍ଚିତ କରିବାକୁ ଦୃଷ୍ଟି ଦେବେ। ବିଜୁଳି, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ପଦକ୍ଷେପ ନେବେ। ମନ୍ଦିର ମାଳିନୀ, ସଂସ୍କୃତି ସମ୍ପନ୍ନ ଏହି ଜିଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ। ବୟନଶିଳ୍ପ ପାଇଁ ବିଶେଷ ଭାବେ ନାମ କରିଥିବା ଜିଲାର ବୁଣାକାରଙ୍କ ସମସ୍ୟାର ସମାଧାନ ସହ ଦେଶ ବିଦେଶରେ ପାଟାଶାଢୀର ପ୍ରଚାର ପ୍ରସାର ପାଇଁ ଦୃଷ୍ଟି ଦେବେ ବୋଲି ନୂତନ ଜିଲାପାଳ କହିଛନ୍ତି। ଜିଲାର ପ୍ରଶାସନିକ ଅଧିକାରୀ, ବିଭିନ୍ନ ଗଣ ସଂଗଠନ ପକ୍ଷରୁ ନୂତନ ଜିଲାପାଳଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟରେ ଯୋଗଦେବା ପରେ ନୂତନ ଜିଲାପାଳ ଜିଲା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ନିର୍ମାଣାଧୀନ ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହିତ କୋଭିଡ୍ ସ୍ଥିତିର ସମୀକ୍ଷା କରିଥିଲେ।

## ଛଟେଇ କମ୍ପ୍ୟୁଟର ଶିକ୍ଷକଙ୍କ ଜିଲାପାଳଙ୍କୁ ଦାବିପତ୍ର

ଲୋଇସିଂହା,୧।୭(ଡି.ଏନ.ଏ)

ପୁନଃ ନିଯୁକ୍ତି ଦାବିରେ ଗୁରୁବାର ବଲାଙ୍ଗୀର ଜିଲା ହାଇସ୍କୁଲ ଛଟେଇ କମ୍ପ୍ୟୁଟର ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କୁ ୪ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଜ୍ୟୋର୍ତିମୟ ମିଶ୍ର, ସମ୍ପାଦକ କ୍ଷେତ୍ରମୋହନ ମିଶ୍ରଙ୍କ ନେତୃତ୍ୱରେ ୧୨ ଜଣିଆ ପ୍ରତିନିଧି ଜିଲାପାଳ ଚଞ୍ଚଳ ରାଣାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। କୋଭିଡ ସମୟରେ ଗରିବ ଛାତ୍ରୀଛାତ୍ରଙ୍କ ପାଖରେ ଅନଲାଇନ ଶିକ୍ଷା ପହଞ୍ଚଇବା ନିମନ୍ତେ ଦୀର୍ଘ ୫ ବର୍ଷ ଧରି ଆଇସିଟି ଯୋଜନାରେ କାର୍ଯ୍ୟ କରି ଆସୁଥିବା ଜିଲାର ୧୩୮ ଶିକ୍ଷକ ଓ ଓଡିଶାରୁ ୪ ହଜାର ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ଚାଲିଥିବା ୟୁଟ୍ୟୁବ ଲାଇଭ କ୍ଲାସ ତଥା ଶିକ୍ଷା ଦର୍ପଣ କାର୍ଯ୍ୟକ୍ରମ, ଇ-ପାଠଶାଳାରେ ଛଟେଇ ଶିକ୍ଷକଙ୍କୁ ପଢାଇବା ନିମନ୍ତେ ସାମିଲ କରି ଆଇସିଟି ଯୋଜନାକୁ କାର୍ଯ୍ୟକାରୀ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଛଟେଇ କମ୍ପ୍ୟୁଟର ଶିକ୍ଷକ ସଂଘ କର୍ମକର୍ତ୍ତା।

## ଦୂଷିତ ପାଣି ବ୍ୟବହାର କରୁଛନ୍ତି ୪୦ ପରିବାର

ବୌଦ୍ଧ/ତଳଗାଁ,୧।୭ (ସ୍ୱ.ପ୍ର./ଡି.ଏନ.ଏ.)

### ହରଭଙ୍ଗା ବ୍ଲକ ଡାକପଦର ଗ୍ରାମ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଉପାନ୍ତ ତଳଗାଁ ପଞ୍ଚାୟତ ବଣପାହାଡ ଘେରା ହୋଇଥିବା ବେଳେ ପାନୀୟ ଜଳ ମୁଖ୍ୟ ସମସ୍ୟା ହୋଇଛି। ଏହି ପଞ୍ଚାୟତର ଡାକପଦର ଗ୍ରାମରେ ନଳକୂପ ନ ଥିବାରୁ ଲୋକେ ବିଶୁଦ୍ଧ ପାଣି ମୁନ୍ଦେ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁର ହରିଜନ ସାହିରେ ରହୁଥିବା ୪୦ ପରିବାର ଖୋଲାକୂଅର ଦୂଷିତ ପାଣି ବ୍ୟବହାର କରି ଅନେକ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି।

ସରକାର ଗ୍ରାମାଞ୍ଚଳର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ଡାକପଦର ଗ୍ରାମର ସ୍ଥିତି ଦେଖିଲେ ଏଠି ସରକାରଙ୍କ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିଛି ତାହା ସହଜରେ ଅନୁମେୟ। ଖୋଲା କୂଅର ପାଣି ଲୋକେ ପିଇବା ପାଣି ଭାବେ ବ୍ୟବହାର କରୁଥିବା ବେଳେ ସେହିଠାରେ ଗାଧୁଆ ଠାରୁ ଆରମ୍ଭ କରି ଲୁଗା ସଫା ପର୍ଯ୍ୟନ୍ତ କରୁଛନ୍ତି। ଦଉଡି ସାହାଯ୍ୟରେ କୂଅରୁ ପାଣି କାଢିଥାନ୍ତି। ନଳକୂପ ନ ଥିବାରୁ ଖୋଲା କୂଅ ଏକମାତ୍ର ଭରସା ପାଲଟିଛି। ପାଣି ସମସ୍ୟା ଦୂର ପାଇଁ ଦୀର୍ଘ ବର୍ଷ ହେବ ପ୍ରଶାସନ ନିକଟରେ ହାରି ଗୁହାରି କରି ଆସୁଥିଲେ ମଧ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖାଲି ଯେ ହରିଜନ ସାହିରେ ପାଣି ସମସ୍ୟା ଦେଖାଦେଇଛି ତାହା ନୁହେଁ ଗ୍ରାମର ୩୦ ଆଦିବାସୀ ପରିବାର ମଧ ନଳକୂପ ନ ଥିବାରୁ ଖୋଲା କୂଅ ଓ ନାଳ ପାଣି ବ୍ୟବହାର କରିବାକୁ ଏକରକମ ବାଧ ହେଉଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଯଥାଶୀଘ୍ର ନଳକୂପ ବସାଇବାକୁ ଦାବି ହେଉଛି।



ଖୋଲାକୂଅ ନିକଟରେ ସାହିର ମହିଳାମାନେ।

## ନଦୀତୁଠରୁ ମୃତ ଶିଶୁ ଭ୍ରୁଣ ଜବତ

ବେହେରା,(ଡି.ଏନ.ଏ.): କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ପର୍ଲା ଗ୍ରାମର ନଦୀ ତୁଠରୁ ଗୋଟିଏ ମୃତ ଶିଶୁ ଭ୍ରୁଣକୁ ଧର୍ମଗଡ ପୋଲିସ ଜବତ କରିଛି। ଗୁରୁବାର ସକାଳୁ ଲୋକେ ଶୌଚ ପାଇଁ ନଦୀକୁ ଯାଉଥିବା ବେଳେ ମୃତ ଶିଶୁ ଭ୍ରୁଣକୁ ଦେଖି ଧର୍ମଗଡ ପୋଲିସକୁ ଜଣାଇଥିଲେ। ଧର୍ମଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶିଶୁକୁ କେହି ବାଲି ଘୋଡାଇ ଦେଇଥିବାରୁ ଧର୍ମଗଡ ମାଜିଷ୍ଟ୍ରେଟଙ୍କୁ ଜଣାଇ ଦିଆଯାଇଥିଲା। ଧର୍ମଗଡ ତହସିଲଦାର ହରେକୃଷ୍ଣ ବରିହା ପହଞ୍ଚି ସାଇଣ୍ଟିଫିକ ଟିମ ସହାୟତାରେ ମୃତଶିଶୁ ଭ୍ରୁଣକୁ ଉଦ୍ଧାର କରାଯାଇ ତଦନ୍ତ କରାଯାଇଥିଲା। ବ୍ୟବଚ୍ଛେଦ କରାଯାଇ ଶବ ସତ୍କାର କରାଗଲା । ପ୍ରାଥମିକ ତଦନ୍ତରୁ ଅବାଞ୍ଛିତ ମାତୃତ୍ୱ ଏଡାଇବା ପାଇଁ କିମ୍ବା ଲୋକଲଜ୍ୟା ପାଇଁ କୁମାରୀ ମାତୃତ୍ୱ କାରଣରୁ କେହି ଜଣେ ଏପରି କରିଥାଇ ପାରେ ବୋଲି ପୋଲିସ ସନ୍ଦେହ କରୁଛି।

**ସଂକ୍ଷେପରେ**

### ବିଧାୟକଙ୍କ ବିଜୁ ପଟ୍ଟନାୟକ ଉଦ୍ୟାନ ପରିଦର୍ଶନ

ଖଡିଆଳ,୧।୭ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳଠାରେ ୬ ଏକର ଜମିରେ ପାର୍କ ନିର୍ମିତ ହୋଇଥିବା ବେଳେ ଆବଶ୍ୟକ ଉନ୍ନତିକରଣ ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ବରାଦ ହୋଇଛି। ଏହି ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଡକାଯାଇଛି। ବୁଧବାର ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଉଦ୍ୟାନ ପରିଦର୍ଶନ କରିଛନ୍ତି। ଏହାର ଆବଶ୍ୟକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ନିର୍ମାଣ କାର୍ଯ୍ୟ ନେଇ ବିଭାଗ ପକ୍ଷରୁ ୪୨ ଲକ୍ଷ ୫୩ ହଜାର ୨୦୭ ଟଙ୍କା ଅର୍ଥ ବରାଦ ହୋଇଛି। ପାର୍କ ନିର୍ମାଣ ନେଇ ଆବଶ୍ୟକ ଥିବା ସରକାରୀ ଜମି ମଧ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ବିଭାଗ ପକ୍ଷରୁ ହସ୍ତାନ୍ତର ନେଇ ପଦକ୍ଷେପ ଆରମ୍ଭ ହୋଇଛି। ଏନଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଯନ୍ତ୍ରୀ ତାମ୍ରଧ୍ୱଜ ମାଝି ପ୍ରମୁଖ ଯୋଗଦେଇଥିଲେ। ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ପକ୍ଷରୁ ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ବର୍ତ୍ତମାନ ଏନଏସି ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଉଦ୍ୟାନର ପାଚେରି ନିର୍ମାଣ ନେଇ ଚତୁର୍ଦ୍ଦଶ ଅର୍ଥ କମିଶନ ୨୦ ଲକ୍ଷ ଟଙ୍କା ବ୍ୟୟ କରିଥିବା ବିଭାଗ ପକ୍ଷରୁ ଜଣାପଡ଼ିଛି।

### ଉନ୍ନତମାନର ଶ୍ମଶାନ ନିର୍ମାଣ ନେଇ ଅର୍ଥ ବରାଦ

ଖଡିଆଳ,୧।୭(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଗୋଟିଏ ଲେଖାଏଁ ଉନ୍ନତମାନର ଶ୍ମଶାନ ନିର୍ମାଣ ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ବରାଦ ହୋଇଛି। ଖଡିଆଳ ଗୁଡେଲବନ୍ଧଠାରେ ଥିବା ଶ୍ମଶାନ ଉନ୍ନତିକରଣ ପାଇଁ ୫୫ ଲକ୍ଷ ୮୩ ହଜାର ୨୦୦ ଟଙ୍କା ବରାଦ ହୋଇଛି। ଏହା ଖଡିଆଳ ସହରର ସର୍ବପୁରାତନ ଶ୍ମଶାନ। ଏଠାରେ ଖଡିଆଳର ଅନେକ ଲୋକ ଦାହ ସଂସ୍କାର ପାଇଁ ବ୍ୟବହାର କରଥାନ୍ତି। ଏହାର ଉନ୍ନତିକରଣ ଜରୁରୀ ହୋଇପଡିଛି। ଏହି ଶ୍ମଶାନର ଉନ୍ନୟନ କାର୍ଯ୍ୟକୁ ଟେଣ୍ଡର ଯୋଗେ ଆହ୍ୱାନ କରାଯାଇଛି। ବୁଧବାର ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ପରିଦର୍ଶନ କରିଛନ୍ତି। ଖଡିଆଳ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଯନ୍ତ୍ରୀ ତାମ୍ରଧ୍ୱଜ ମାଝି ପ୍ରମୁଖ ଯୋଗଦେଇଥିଲେ ।

### ବିଡିଓଙ୍କ କଣ୍ଡାନୀଗୁମା ପରିଦର୍ଶନ

ଖଡିଆଳ,୧।୭(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ ରାଣୀମୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ କଣ୍ଡାନୀଗୁମାକୁ ଖଡିଆଳ ବିଡିଓ ନାରାୟଣ ସାହୁ ବୁଧବାର ପରିଦର୍ଶନ କରିଛନ୍ତି। କଣ୍ଡାନୀଗୁମା ଗ୍ରାମର ୩ଜଣ ବୃଦ୍ଧା ଜିତୁ ମାଝି, ଖୁଟକୁ ମାଝି ଓ ଚାନ୍ଦୋ ମାଝିଙ୍କୁ ବାର୍ଦ୍ଧକ୍ୟ ଭତ୍ତାରେ ସାମିଲ କରିଛନ୍ତି। ଗାଁରେ ଥିବା ସୋଲାର ପାଣି ପମ୍ପକୁ ଠିକ କରି ପାନୀୟ ଜଳର ବ୍ୟବସ୍ଥା କରାଇଛନ୍ତି। ସେହିପରି ଏହି ଗାଁରେ ଥିବା ବିଜୁଳି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଛନ୍ତି। ସରକାରୀ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ଚୟନ କରି ଆଗାମୀ ଦିନରେ ସାମିଲ କରିବା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ବାର୍ଦ୍ଧକ୍ୟ ଭତ୍ତା, ଜାତୀୟ ପରିବାର କଲ୍ୟାଣ ଯୋଜନା ଏବଂ ପ୍ରବୃତ୍ତି ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବେ ବୋଲି ବିଡିଓ ପ୍ରକାଶ କରିଛନ୍ତି। ବିଡିଓଙ୍କ ଗସ୍ତ ଅବସରରେ ସରପଞ୍ଚ ଜାନକୀ ମାଝି, ସମିତି ସଭ୍ୟ ଚିତମାନ ମାଝି ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୀଷ୍ମରାଜ ମେହେର ଯୋଗଦେଇଥିଲେ ।

### ବୁରୋମାଲରେ ବନମହୋତ୍ସବ

ଖପ୍ରାଖୋଲ,୧।୭(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବନାଞ୍ଚଳ ଅଧୀନ ବୁରୋମାଲ ହନୁପାଲି ସ୍କୁଲ ପରିସରରେ ବନ ସୁରକ୍ଷା ସମିତି ଏବଂ ଜଙ୍ଗଲ ବିଭାଗର ମିଳିତ ଆନୁକୂଲ୍ୟରେ ୭୨ତମ ବନମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବନପାଳ ପ୍ରିୟବ୍ରତ ମହାକୁଡଙ୍କ ଅଧକ୍ଷତାରେ ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଶ୍ରୀବତ୍ସ କୁମୁରା, ସମ୍ମାନିତ ଅତିଥି ଧଣ୍ଡାମୁଣ୍ଡା ବନପାଳ ପିଙ୍କୁ ଭୋଇ , ରେଙ୍ଗାଲି ବନପାଳ ସୁନ୍ଦର କାଲସାଏ, ଖପ୍ରାଖୋଲ ବନପାଳ ଡିଳେଶ୍ୱର ହୋତା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବନରକ୍ଷୀ ହିତେଶ ମାଝୀ, ସଞ୍ଜୀବ ପଧାନ, ମହେନ୍ଦ୍ର କାଲସାଏ, ପଦ୍ମା ମୁଣ୍ଡା, ଡିଇଓ ଯଶୋବନ୍ତ ସାହୁ ପ୍ରମୁଖ ବନ କର୍ମଚାରୀ, ବନସୁରକ୍ଷା ସମିତି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ୨୫ % ପିଲାଙ୍କୁ ମିଳୁଛି ସୁବିଧା, ୭୫ % ବଞ୍ଚିତ

**ନୂଆପଡ଼ା ଅଫିସ,୧।୭**


ଜିଲା ଶିକ୍ଷା ଅଧିକାରୀ ଏବଂ ନୂଆପଡା ବ୍ଲକ ଶିକ୍ଷା ଅଧିକାରୀ ସୂଚନା ଦେଉଛନ୍ତି।

କରୋନା ମହାମାରୀ ଯୋଗୁ ପ୍ରାୟ ୨ ବର୍ଷ ହେବ ଜିଲାର ସମସ୍ତ ବିଦ୍ୟାଳୟ ବନ୍ଦ ପଡିରହିଛି। ଛାତ୍ରୀଛାତ୍ରମାନେ ପାଠପଢା ଭୁଲିବାରେ ବସିଲେଣି। ଏବେ ରାଜ୍ୟ ସରକାର ଅନଲାଇନରେ ୟୁଟ୍ୟୁବ ଭର୍ଚୁଆଲ ଓ ଟିଭିର ଦୁରଦର୍ଶନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବାକୁ ଉଦ୍ୟମ କରିଛନ୍ତି। ଜିଲାର ଅନେକ ଅପହଞ୍ଚ ଇଲାକାରେ ମୋବାଇଲ ସେବା ପହଞ୍ଚି ପାରୁ ନ ଥିବା ବେଳେ ଗରିବ ଛାତ୍ରୀଛାତ୍ରଙ୍କ ପାଖରେ ସ୍ମାର୍ଟଫୋନ ଉପଲବ୍ଧ ନାହିଁ। ଫଳରେ ହାଜାର ହଜାର ଛାତ୍ରୀଛାତ୍ର ଅନଲାଇନ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏକ ଅଭିନବ ପ୍ରୟାସ କରି ଶିକ୍ଷା ସମ୍ପୃକ୍ତି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଅନଲାଇନରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କୁ ଘରକୁ ଯାଇ ଶିକ୍ଷକଶିକ୍ଷୟିତ୍ରୀମାନେ ପାଠ ପଢାଇବେ ବୋଲି ନୂଆପଡା ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଏବଂ ନୂଆପଡା ବ୍ଲକ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ସୂଚନା ଦେଇଛନ୍ତି। ଜିଲାରେ କେବଳ ୨୫ % ପିଲା ଲାଭ ପାଇପାରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ଶିକ୍ଷା ବିଭାଗ ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଏଥିରେ ଶତ ପ୍ରତିଶତ ପିଲାଙ୍କ ପାଖକୁ ଶିକ୍ଷକମାନେ ଯାଇ ଶିକ୍ଷାଦାନ ପହଞ୍ଚାଇବାକୁ ଉଦ୍ୟମ କରିଛନ୍ତି। ଜିଲାରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୮୮୮ଟି ବିଦ୍ୟାଳୟ ରହିଥିବା ବେଳେ ୮୧ ହଜାର ୩୨୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେହିପରି ୧୪୫ଟି ହାଇସ୍କୁଲରେ ୨୭ ହଜାର ୮୨୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ସର୍ଭେ କାମ ଆରମ୍ଭ କରାଯାଉଛି। ଏଥିରେ ସ୍ମାର୍ଟ ଫୋନ, ଟିଭି ଭଳି ସମସ୍ତ ସୁବିଧାରୁ ବଞ୍ଚିତ ଛାତ୍ରୀଛାତ୍ର ତାଲିକା ପ୍ରସ୍ତୁତ ହେଉଛି। ଛାତ୍ରୀଛାତ୍ରଙ୍କ ଘରକୁ ଘର ଯାଇ ଶିକ୍ଷକ, ଶିକ୍ଷୟିତ୍ରୀ ପାଠ ପଢାଇବେ। ଗାଁର ବିଭିନ୍ନ ପଡାରେ ଅଧିକ ପିଲା ରହିଥିଲେ ୧୦ ରୁ ୧୫ ଜଣ ପିଲାଙ୍କୁ ନେଇ କୋଭିଡ୍ ନିୟମ ପାଳନ କରି ଶିକ୍ଷାଦାନ କରାଯିବ। ଏଥିରେ ପୂର୍ବାହ୍ନ ୧୦ଟା ୪୫ରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ମାସ୍କ ପିନ୍ଧିବା ସହ ସାନିଟାଇଜର ବ୍ୟବହାର କରି ପାଠ ପଢିବେ। ଅନ୍ୟପକ୍ଷେ ଜିଲାର ପ୍ରତ୍ୟେକ ଶିକ୍ଷକଶିକ୍ଷୟିତ୍ରୀ ୨୦ରୁ୨୫ଜଣ ଛାତ୍ରୀଛାତ୍ରଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଛନ୍ତି। ସେମାନେ ତାଙ୍କ ଘରକୁ ଯାଇ ଟାସ୍କ ଦେବା ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମକୁ ବିଇଓ, ଏବିଇଓ, ସିଆରସିସିମାନେ ଅନୁଧ୍ୟାନ କରିବେ। କୌଣସି ପରିସ୍ଥିତିରେ ହଠାତ୍ କରୋନା ସଂକ୍ରମଣ ବଢିଲେ କାର୍ଯ୍ୟକ୍ରମକୁ ସ୍ଥଗିତ କରାଯିବ ବୋଲି ଡିଇଓ ମିଶ୍ର ସୂଚନା ଦେଇଛନ୍ତି। ସଦର ବିଇଓ ମହାନନ୍ଦ, ଜିଲା ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ ଭୋଇ ଓ କିଶୋର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

**ଜିଲାରେ ଅନଲାଇନ ଶିକ୍ଷା**
- ଶିକ୍ଷା ସମ୍ପୃକ୍ତି କାର୍ଯ୍ୟକ୍ରମ ଆରମ୍ଭ
- କୋଭିଡ୍ ନିୟମ ପାଳନ କରି ପାଠପଢ଼ା

# କ୍ୟାନସର ପୀଡ଼ିତଙ୍କ ଚିକିତ୍ସାରେ ଅର୍ଥ ବାଧକ


କ୍ୟାନ୍‌ସର ରୋଗରେ ପୀଡ଼ିତ ରୋମାଞ୍ଚଳଙ୍କ ସହ ତାଙ୍କ ମା'।

**କୋକସରା,୧।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ଗ୍ରାମର ଶ୍ରୀପତି ମାଝି ଓ ବାସନ୍ତି ମାଝିଙ୍କ ପୁଅ ରୋମାଞ୍ଚଳ (୬)। ବର୍ଷେ ହେବ ରୋମାଞ୍ଚଳ କ୍ୟାନସର ରୋଗରେ ପୀଡ଼ିତ। ଅର୍ଥଭାବ ଯୋଗୁ ଚିକିତ୍ସା କରା ନ ଯିବାରୁ ଏବେ ସେ ବିଛଣାରେ ପଡିରହିଛନ୍ତି। ରୋମାଞ୍ଚଳଙ୍କ ଚିକିତ୍ସା ପାଇଁ ପରିବାର ଲୋକେ ପ୍ରଥମେ ନବରଙ୍ଗପୁର ଡାକ୍ତରଖାନା ପରେ ଭୁବନେଶ୍ୱର ସମ୍ ହସ୍ପିଟାଲ, ଏମ୍ସ ଓ କଟକ ଆଚାର୍ଯ୍ୟ ହରିହର ମେଡିକାଲକୁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ରୋମାଞ୍ଚଳଙ୍କୁ ୩ ଥର ଅସ୍ତ୍ରୋପଚାର କରାଯାଇଥିଲେ ବି ଚିକିତ୍ସାରେ କୌଣସି ଉନ୍ନତି ହେଉ ନ ଥିବା ପରିବାର ଲୋକେ କହିଛନ୍ତି। ପୁଅର ଚିକିତ୍ସା ପାଇଁ ପରିବାରବର୍ଗ ଜମି ବାଡି, ସୁନା ଗହଣା ଯାହାଥିଲା ବିକ୍ରି କରି ଏବେ ସର୍ବଶାନ୍ତ। ବାପା ଶ୍ରୀପତି ଜଣେ ରାଜମିସ୍ତ୍ରୀ ହୋଇଥିବା ବେଳେ ଯାହା ରୋଜଗାର କରନ୍ତି ସେଥିରେ ଘର ଚଳିବା କଷ୍ଟକର ହୋଇପଡୁଛି। ପ୍ରାୟ ୩ ମାସରୁ ଉର୍ଦ୍ଧ୍ୱ ସମୟ ଡାକ୍ତରଖାନାରେ ରହି ଅର୍ଥଭାବରୁ ପୁଅର ଚିକିତ୍ସା କରାଇ ନ ପାରି ଏବେ ଘରେ ଆଣି ରଖିଛନ୍ତି। ଦିନକୁ ଦିନ ରୋମାଞ୍ଚଳଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି । ପରିବାରରେ ସ୍ୱାସ୍ଥ୍ୟ ବୀମା କାର୍ଡ ରହିଥିଲେ ବି ରୋମାଞ୍ଚଳଙ୍କ ନାଁ ନ ଥିବା ଯୋଗୁ ତାହା କାମରେ ଆସି ନ ଥିବା ମା' କହିଛନ୍ତି। ଏବେ କେବଳ ପୁଅର ଚିକିତ୍ସା ପାଇଁ ସରକାରୀ ସହାୟତା ପାଇଁ ପରିବାର ଲୋକେ ଗୁହାରି କରିଛନ୍ତି। ଏ ନେଇ କୋକସରା ବିଡିଓ ମନୀଷା ଦାସଙ୍କୁ ପଚାରିବାରୁ ଆବଶ୍ୟକ କାଗଜପତ୍ର ସଂଗ୍ରହ କରି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ପାଇଁ ଜିଲା କାର୍ଯ୍ୟାଳୟକୁ ପଠେଇ ଦେବୁ। ଚିକିତ୍ସା ପାଇଁ ମଧ ଆମେ ମେଡିକାଲ ଟିମ୍‌କୁ ଜଣାଇଦେବୁ ବୋଲି କହିଛନ୍ତି।

# କେନାଲ ମରାମତି, ପାଣି ସୁପରିଚାଳନା ନେଇ ଆଲୋଚନା


କନିଷ୍ଠ ଯନ୍ତ୍ରୀଙ୍କୁ ଭେଟିବାକୁ ଆସିଥିବା ଭାଜପା କର୍ମକର୍ତ୍ତା।

**କୋକସରା,୧।୭(ଡି.ଏନ.ଏ.)**

**ସମାଧାନ ନ ହେଲେ ଆନ୍ଦୋଳନ ହେବ: ଭାଜପା**

କଳାହାଣ୍ଡି ଜିଲା କୋକସରା ବ୍ଲକ କ୍ଷୁଦ୍ର ଜଳସେଚନ ଓ ଅଣୁ ବିଭାଗ ଅଧୀନ ବେହେରା ଡ୍ୟାମରୁ ଶେଷମୁଣ୍ଡ ଯାଏ କେନାଲ ମରାମତି ସହ ଚାଷ ଜମିକୁ କିଭଳି ପାଣି ସୁପରିଚାଳନା ହେବ ଓ ଚାଷୀ ପାଣି ପାଇପାରିବେ ସେ ନେଇ ଗୁରୁବାର ଆଲୋଚନା କରିବା ସହ ଶୀଘ୍ର ମରାମତି କରିବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଭାଜପା ପକ୍ଷରୁ ଆନ୍ଦୋଳନ କରିବାକୁ ମଧ ଚେତାବନୀ ଦିଆଯାଇଛି।

ସୂଚନା ଯେ, ବେହେରା ଡ୍ୟାମରୁ ବ୍ଲକର ଡୁଡୁକାଠେଙ୍ଗା, ମହିମା, ଟେମରା, କାଉଡୋଲା ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷ ଜମି ଜଳସେଚିତ ହୋଇଥାଏ। ଖରିଫ ଋତୁରେ ୨ ହଜାର ଓ ରବି ଋତୁରେ ୫୦୦ ହେକ୍ଟର ଚାଷ ଜମିକୁ ଏହି ଡ୍ୟାମରୁ ପାଣି ଯୋଗାଣ ହୋଇଥାଏ। ଗତ ୨ ବର୍ଷ ହେବ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଡ୍ୟାମରୁ ବାହାରି ଥିବା କେନାଲ ମରାମତି ଓ ପରିଚାଳନା ତ୍ରୁଟି ଯୋଗୁ ଚାଷୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ୨ ବର୍ଷ ହେବ କୋକସରା କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ମଧ କୋକସରା କାର୍ଯ୍ୟାଳୟରେ ନିୟମିତ ରହୁନାହାନ୍ତି। ଫଳରେ ପାଣି ପଞ୍ଚାୟତ କମିଟି ସଦସ୍ୟମାନେ ସମସ୍ୟା ଜଣାଇ ପାରୁ ନ ଥିବା ନେଇ ଅଭିଯୋଗ କରିଛନ୍ତି। ଭାଜପା କୋକସରା ବ୍ଲକ ପକ୍ଷରୁ କୋକସରା ମଣ୍ଡଳ ସଭାପତି ତ୍ରିନାଥ ବାଗ, ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ସମ୍ପାଦକ ମଧୁବନ ପାତ୍ର, ମଣ୍ଡଳ ପ୍ରଭାରୀ ଗରୁଡ଼ଧ୍ୱଜ ମାଝିଙ୍କ ସମେତ ଭାଜପା କର୍ମୀ ଉପସ୍ଥିତ ଥିଲେ। ଏ ନେଇ କୋକସରା କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ବିନ୍ଦୁସାଗର ପଣ୍ଡାଙ୍କୁ ପଚାରିବାରୁ ଗତବର୍ଷ କୋଭିଡ୍ ସମୟରୁ କୌଣସି ଅନୁଦାନ ମରାମତି ପାଇଁ ଆସୁ ନାହିଁ। ଏଣୁ କେନାଲ ମରାମତି ହେବାରେ ଅସୁବିଧା ଦେଖାହେଇଛି। ବିଭାଗ ପକ୍ଷରୁ ନିର୍ବାହୀ ଯନ୍ତ୍ରୀଙ୍କୁ ଏ ନେଇ ଜଣାଯାଇଛି, ଅନୁଦାନ ଆସିଲେ କେନାଲ ମରାମତି ହେବ ବୋଲି କହିଛନ୍ତି ।

## ବନ ମହୋତ୍ସବ ପାଳିତ

**ଗୋଲାମୁଣ୍ଡା,୧।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ କେଗାଁ ବନାଞ୍ଚଳ ପକ୍ଷରୁ ଗୋଲାମୁଣ୍ଡା ଫରେଷ୍ଟ ସେକ୍ସନରେ ଗୁରୁବାର ଗୋଲାମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟଠାରେ ସପ୍ତାହ ବନ ମହୋତ୍ସବ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ, ତହସିଲଦାର ସର୍ବେଶ୍ୱର ଜାଲ, ଗୋଲାମୁଣ୍ଡା ଜୋନ୍ ଜିଲା ପରିଷଦ ସଭ୍ୟ ବୃଷଭ ନାଏକ, ଗୋଲାମୁଣ୍ଡା ସରପଞ୍ଚଙ୍କ ପ୍ରତିନିଧି ସାଉଲ ମଙ୍ଗରାଜ, କେଗାଁ ରେଞ୍ଜର କେଶବ ମାଝି, ଗୋଲାମୁଣ୍ଡା ଫରେଷ୍ଟର ରମେଶ ପଣ୍ଡା ଓ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

**ଗୋଲାମୁଣ୍ଡା, ୧।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ମହାଲିଙ୍ଗଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଶିଷ୍ଟ ସାମାଜିକ କର୍ମୀ ତଥା ଆଇନଜୀବୀ ଧର୍ମେନ୍ଦ୍ର ନାଏକ, ସାମାଜିକ କର୍ମୀ ଗୋବିନ୍ଦ ସାହୁ, ଅଞ୍ଚଳ ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧକ୍ଷ ଓ ଅନ୍ୟାନ୍ୟ ଜଣାଶୁଣା ବ୍ୟକ୍ତି ତଥା ଜନସାଧାରଣ ଉପସ୍ଥିତ ଥିଲେ।

# ଶିକ୍ଷା ସମ୍ପୃକ୍ତି କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ନୂଆପଡ଼ା ଅଫିସ,୧।୭**

ନୂଆପଡା ଜିଲା ସଦର ବିଜ୍ଞାପିତ ଅଞ୍ଚଳ ପରିଷଦ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ୱାର୍ଡ ନଂ. ୮ ସାଲେଭଟା ପରିଚୟ ଗୃହ, ଅସ୍ଥାୟୀ ଶିକ୍ଷା କେନ୍ଦ୍ରଠାରେ ଗୁରୁବାର ଅନଲାଇନ ପାଠ ପଢାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ପାଇଁ କୈନ୍ଦ୍ରିକ, ଶୈକ୍ଷିକ ଶିକ୍ଷା ସମ୍ପୃକ୍ତି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ସମ୍ମାନିତ ଅତିଥି, ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ କୁମାର ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ଚୈତେରାମ ନାଏକ, ଯୌବନ ନାଏକ, ଜିତେନ୍ଦ୍ରୀୟ ଖମାରୀ, କିଶୋର ଚନ୍ଦ୍ର ପ୍ରଧାନ, ଅହିଂସା ରଞ୍ଜନ ପଟ୍ଟନାୟକ, ଧର୍ମେନ୍ଦ୍ର ଚୌହାନ ପ୍ରମୁଖ ଅନ୍ୟତମ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଅନଲାଇନ ପାଠପଢା ସହଜରେ ଉପଲବ୍ଧ କରିବା ପାଇଁ ୟୁଟ୍ୟୁବ ଚ୍ୟାନାଲ-ସମଗ୍ର ଶିକ୍ଷା ନୂଆପଡା ଲୋକାର୍ପଣ କରିଛନ୍ତି। ଶିକ୍ଷା ସମ୍ପୃକ୍ତି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନେ ଅନଲାଇନ ପାଠ ପଢିବା ସହିତ ଅନଲାଇନ ପାଠପଢାରେ ବଞ୍ଚିତ ପିଲାମାନେ ଗୋଷ୍ଠୀ ଅସ୍ଥାୟୀ ଶିକ୍ଷା କେନ୍ଦ୍ରରେ କୋଭିଡ୍ ନିୟମ ପାଳନ କରି ୧୦ରୁ ୧୫ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଗାଁପଡାରେ ଥିବା ସୁରକ୍ଷିତ ସ୍ଥାନରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଶିକ୍ଷାର ବ୍ୟବସ୍ଥା ହୋଇଛି। ଗୁରୁବାରଠାରୁ ଜିଲାର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଗାଁରେ ପାଠପଢା ଆରମ୍ଭ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ରାଜେଶ୍ୱରୀ ପାଢୀ, ସୁବ୍ରତା ଦାସ, ସରସ୍ୱତୀ ଶବର, କ୍ରିଷ୍ଣା କନ୍ଦ, ବିଜୟ ଲକ୍ଷ୍ମୀ, ସସ୍ମିତା ଗଡନାୟକ, ଭାଗ୍ୟଶ୍ରୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# କିଷାନ କଂଗ୍ରେସ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର


ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ନୂଆପଡ଼ା ଅଫିସ,୧।୭**

ନୂଆପଡା ଜିଲାରେ ଚଳିତ ରବିଋତୁରେ ଧାନ ବିକ୍ରି ପାଇଁ ଚାଷୀ ମଣ୍ଡିରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଗୁରୁବାର କିଷାନ କଂଗ୍ରେସ ଏବଂ ଜିଲା କଂଗ୍ରେସ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ୫ଦଫା ସମ୍ବଳିତ ଦାବିପତ୍ର ଜିଲା ଯୋଗାଣ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀଙ୍କୁ ପ୍ରଦାନ କରାଯାଇଛି। ଜିଲାରେ ରବି ଫସଲ ଅମଳ ସରି ମଣ୍ଡି ବନ୍ଦ ହୋଇଗଲାଣି। ହେଲେ ଚାଷୀ ଏ ପର୍ଯ୍ୟନ୍ତ ଧାନ ବିକ୍ରି କରି ପାରିନାହାନ୍ତି। ଅଧିକାଂଶ ଚାଷୀଙ୍କ ଧାନ ମଣ୍ଡିରେ ପଡି ରହିଥିବାରୁ ଗୁରୁବାର ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝି ଓ ଜିଲା କିଷାନ କଂଗ୍ରେସ ସଭାପତି ଦେବେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଯୋଗାଣ ଅଧିକାରୀଙ୍କଠାରେ ଦାବି ଉପସ୍ଥାପନ କରିଥିଲେ। ରବି ଫସଲର ବଳକା ଧାନ କିଣାଯାଉ, ଲାପ୍ସ ଟୋକନଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରାଯାଉ, ୫ ଶହ ଟଙ୍କା କୁଣ୍ଟାଲ ପ୍ରତି ରବି ଫସଲ ପାଇଁ ବୋନସ ରାଶି ପ୍ରଦାନ କରାଯାଉ, ଧାନ କିଣା ପ୍ରକ୍ରିୟା ରବିଧାନ ସରିବା ପର୍ଯ୍ୟନ୍ତ ଚାଲୁ ରଖିବା, ଧାନର ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରତି କୁଣ୍ଟାଲ କରାଯାଉ ବୋଲି ଦାବି କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଜିଲା କଂଗ୍ରେସ କମିଟି ସଭାପତି ମାଝି, ଜିଲା କିଷାନ କଂଗ୍ରେସ ସଭାପତି ସାହୁଙ୍କ ସମେତ ନୂଆପଡା ବ୍ଲକ ସଭାପତି ଜଗଦୀଶ ସାହୁ, କୋମନା ବ୍ଲକ ସଭାପତି କୈଳାସ ଚନ୍ଦ୍ର ବାଗ, ବରିଷ୍ଠ କଂଗ୍ରେସ ନେତା ଦେବଦତ ଦିକ୍ଷୀତ, ସୁରଜ କୁଲଦୀପ, ଲକି ଚନ୍ଦ୍ରକାର ଏବଂ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ମଣ୍ଡି ସମସ୍ୟା ନେଇ ଜାତୀୟ ରାଜପଥ ଅବରୋଧ

**ନୂଆପଡ଼ା ଅଫିସ,୧।୭**


ତରବୋଡଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଛି।

ନୂଆପଡା ଜିଲାରେ ଧାନ ମଣ୍ଡିର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ନୂଆପଡା ଭାଜପା ପକ୍ଷରୁ ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପାଢୀଙ୍କ ନେତୃତ୍ୱରେ ତରବୋଡଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଗୁରୁବାର ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଦୀର୍ଘ ୨ ଘଣ୍ଟ ଅବରୋଧ କରାଯାଇଥିଲା। ଫଳରେ ଯାନବାହନ ଚଳାଚଳ ବନ୍ଦ ରହି ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଥିଲା। ଦୁଇ ଘଣ୍ଟା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଭାଜପା ଜିଲା ସଭାପତି ସୁବ୍ରତ ଠାକୁର, ଭାଜପା ଜିଲା କିଷାନ ମୋର୍ଚ୍ଚା ସଭାପତି ଗୋବର୍ଦ୍ଧନ ସାହୁ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ମନିଜର ଆର୍ଯ୍ୟ, ଛବି ଲୋଚନ ସାହୁ, ଭଗତ ସିଂ, ଘାସିରାମ ସତନାମି, ନେତ୍ରାନନ୍ଦ ମନହିରା, ଜଗଦିଶ ହାତି, ମୁରଲି ସୁନା ପ୍ରମୁଖ ଭାଜପା କର୍ମୀ ଓ ଚାଷୀମାନେ ଉପସ୍ଥିତ ଥିଲେ।

**ଭାଜପା ପକ୍ଷରୁ ବିକ୍ଷୋଭ, ରାସ୍ତାରୋକୋ**

# ମଣ୍ଡିରେ ପଡ଼ିଥିବା ଧାନକୁ ଶୀଘ୍ର ଉଠାଣ ଦାବି


ଭାଜପା ପକ୍ଷରୁ ଜୁନାଗଡରେ ରାସ୍ତାରୋକୋ କରାଯାଇଛି।

**ଜୁନାଗଡ, ୧।୭ (ଡି.ଏନ.ଏ.)**

ମଣ୍ଡିରେ ପଡିଥିବା ଧାନକୁ ଶୀଘ୍ର ଉଠାଣ ଦାବି ନେଇ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଗୁରୁବାର ଜୁନାଗଡ ସହର ହାତୀନଦୀ ପୋଲ ୨୬ ନଂ. ଜାତୀୟ ରାଜପଥ ଉପରେ ପୂର୍ବାହ୍ନ ୧୦ଟାରୁ ୧୧ଟା ଯାଏଁ ୧ ଘଣ୍ଟା ରାସ୍ତାରୋକୋ କରାଯାଇଥିଲା। ପଞ୍ଜୀକୃତ ସମସ୍ତ ଚାଷୀ ଓ ଅକାମୀ ଟୋକନର ଧାନ ଶୀଘ୍ର ଉଠାଇବା ଦାବି କରାଯାଇଥିଲା। ଏହାସହ ରାଜ୍ୟ ସରକାରଙ୍କ କୃଷିମାରଣ ନିତୀ ଉପରେ ବିଭିନ୍ନ ସ୍ଲୋଗାନ ଦେଇ କର୍ମକର୍ତ୍ତା ବର୍ଷିଥିଲେ। ଜିଲା କୃଷକ ମୋର୍ଚ୍ଚା ସଭାପତି ବସନ୍ତ ପୁରୋହିତଙ୍କ ନେତୃତ୍ୱରେ ରାସ୍ତାରୋକୋରେ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ପରିଷଦ ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ, ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେର, ଜିଲା ସାଧାରଣ ସମ୍ପାଦକ ସୁଧିର ପଟ୍ଟଯୋଷୀ, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ବିଧାୟକ ପ୍ରାର୍ଥୀ ମନୋଜ ମେହେର, ଜିଲା ପରିଷଦ ସଭ୍ୟା କାଞ୍ଚନ ବାଗ, ଜୁନାଗଡ ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ନଗର ସଭାପତି ଶିବରାମ ରାଉତ, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟ ନାରାୟଣ ପଣ୍ଡା, ରାଜ୍ୟ ସଂଯୋଜକ (ମେକ୍ ଇନ ଇଣ୍ଡିଆ) ହିମାଂଶୁ ପଣ୍ଡା, ରାଜ୍ୟ କୃଷକ ମୋର୍ଚ୍ଚା ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଅପ୍ରେଶ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ରାସ୍ତାରୋକୋ ଯୋଗୁ ଯାନବାହନ ଚଳାଚଳ ବନ୍ଦ ରହିଥିଲା।